# ଧରିତ୍ରୀ
DHARITRI

୨୦୨୦

ବାଲେଶ୍ୱର, ବୁଧବାର, ଜାନୁୟାରୀ ୧/୨୦୨୦ (୨୦ ପୃଷ୍ଠା) | Balasore, Wednesday, January 1/2020 | ★★★★

୪୬ଶ ଭାଗ ୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





# ପ୍ରଶଂସକ ଦେଲେ ଚେତାବନୀ



# ଶାହରୁଖ୍‌ଙ୍କ ଫିଲ୍ମ ଦେଖିବାକୁ ଫ୍ୟାନ୍‌ଙ୍କ ଡିମାଣ୍ଡ

**ମୁମ୍ବାଇ:** ବଲିଉଡ୍‌କୁ ବାଦ୍ ଦେଇ ମନୋରଞ୍ଜନ କଥା ଚିନ୍ତା ବି କରିହେବ ନାହିଁ। ଭାରତୀୟ ଦର୍ଶକମାନେ ହିନ୍ଦୀ ସିନେମା ଓ ବଲିଉଡ୍ ତାରକାଙ୍କୁ ନିଜ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଦେଇଛନ୍ତି। ଆଉ ଯେତେବେଳେ ବଲିଉଡ୍ ବାଦ୍‌ଶାହ ଶାହରୁଖ୍ ଖାନଙ୍କ କଥା ଆସେ, ତାଙ୍କ ଫ୍ୟାନ୍-ଫଲୋଅରଙ୍କ କଥା ତ ସମସ୍ତେ ଜାଣନ୍ତି। ତେବେ ଦୀର୍ଘଦିନ ହେଲା ଶାହରୁଖ୍‌ଙ୍କୁ କୌଣସି ଭଲ ଫିଲ୍ମରେ ଦେଖିବାକୁ ମିଳିନି। ଶେଷଥର ସେ ଆନନ୍ଦ ଏଲ୍ ରାୟଙ୍କ ଫିଲ୍ମ 'ଜିରୋ'ରେ ନଜରକୁ ଆସିଥିଲେ। ତାଙ୍କ ଅପୋଜିଟ୍‌ରେ କ୍ୟାଟ୍ରିନା କୈଫ୍ ଓ ଅନୁଷ୍କା ଶର୍ମାଙ୍କୁ ଫିଲ୍ମରେ ଦେଖିବାକୁ ମିଳିଥିଲା। ଫିଲ୍ମଟି ବକ୍ସଅଫିସ୍‌ରେ ବିଶେଷ ସଫଳତା ପାଇ ନ ଥିଲା। ଏହାପରେ ଶାହରୁଖ୍ ଫିଲ୍ମରୁ ବ୍ରେକ୍ ନେଇଯାଇଛନ୍ତି। ଏନେଇ ଫ୍ୟାନ୍‌ମାନେ ଖୁବ୍ ଅଭିମାନ କରିବା ସହ ଶାହରୁଖ୍‌ଙ୍କ ଆଗାମୀ ଫିଲ୍ମ ବିଷୟରେ ପ୍ରଶ୍ନ କରିବାରେ ଲାଗିଛନ୍ତି। ଦୀର୍ଘ ଦିନ ହେଲା ଶାହରୁଖ୍‌ଙ୍କ ଫ୍ୟାନ୍‌ମାନେ ତାଙ୍କ ଫିଲ୍ମ ଦେଖିବାକୁ ଅପେକ୍ଷା କରି ରହିଛନ୍ତି। ନଭେମ୍ବର ୨ରେ ଶାହରୁଖ୍‌ଙ୍କ ଜନ୍ମଦିନ ଅବସରରେ ତାଙ୍କର ଆଗାମୀ ଫିଲ୍ମର ଘୋଷଣା ହେବା ନେଇ ଫ୍ୟାନ୍‌ମାନେ ଆଶାବାଦୀ ଥିଲେ। ହେଲେ ବର୍ଷ ଶେଷ ସୁଦ୍ଧା ମଧ୍ୟ କୌଣସି ଅପ୍‌ଡେଟ୍ ନ ମିଳିବାରୁ ସୋସିଆଲ୍ ମିଡିଆରେ ହ୍ୟାଶ୍-ଟ୍ୟାଗ୍ ସହ ଶାହରୁଖ୍‌ଙ୍କୁ ପୁଣି ଫିଲ୍ମ କରିବାକୁ ଦାବି କରାଯାଉଛି। ଖୁବ୍‌ଶୀଘ୍ର ନିଜ ଆଗାମୀ ଫିଲ୍ମ ବିଷୟରେ ଶାହରୁଖ୍ ଘୋଷଣା କରନ୍ତୁ ବୋଲି ଫ୍ୟାନ୍‌ମାନେ ଡିମାଣ୍ଡ ରଖିଛନ୍ତି। ଏନେଇ ଜଣେ ୟୁଜର ଲେଖିଛନ୍ତି, "ବହୁତ ହେଇଗଲା ଖାନ୍ ସାହେବ, ଜିରୋ ପରେ କୌଣସି ଫିଲ୍ମ ଦେଖିନାହିଁ କାରଣ କିଛି ଏକ୍ସାଇଟ୍‌ମେଣ୍ଟ ହିଁ ରହୁନାହିଁ। ଏବେ ଆପଣଙ୍କୁ ଗୁଡ୍ ନ୍ୟୁଜ୍ ଦେବାକୁ ପଡ଼ିବ। ଆପଣ 'ଧୂମ' ଫିଲ୍ମ ସାଇନ୍ କରନ୍ତୁ ବା ନିର୍ଦ୍ଦେଶକ ଏଟଲୀଙ୍କ ଆଗାମୀ ଫିଲ୍ମ, ଦୟାକରନ୍ତୁ। ଆପଣ ହେଉଛନ୍ତି ଇଣ୍ଡଷ୍ଟ୍ରିର ଚାର୍ମ।" ଶାହରୁଖ୍ ପୁଣି ଫିଲ୍ମ କରନ୍ତୁ ବୋଲି ଅନୁରୋଧ ଓ ଦାବି ନେଇ ତାଙ୍କ ଫ୍ୟାନ୍‌ମାନେ ସୋସିଆଲ ମିଡିଆରେ ଅଭିଯାନ ଚଲାଇଛନ୍ତି। ଏହାରି ଭିତରେ ଅନେକ ଫ୍ୟାନ୍‌ଙ୍କ ଅନୁରୋଧ ସହ ରାଗ ଓ ଅଭିମାନ ମଧ୍ୟ ଦେଖିବାକୁ ମିଳିଛି। ଏପରି କି, ଜାନୁୟାରୀ ୧ ସୁଦ୍ଧା ଶାହରୁଖ୍ ଯଦି ନିଜ ଆଗାମୀ ଫିଲ୍ମ ଘୋଷଣା ନ କରନ୍ତି, ତେବେ ଜଣେ ଫ୍ୟାନ୍ ଆତ୍ମହତ୍ୟା କରିବେ ବୋଲି ମଧ୍ୟ ଚେତାବନୀ ଦେଇଥିବା ଦେଖିବାକୁ ମିଳିଥିଲା। ପରେ ଫ୍ୟାନ୍ ଜଣକ ନିଜ ଭୁଲ୍ ବୁଝିପାରି ସୋସିଆଲ ମିଡିଆ ପୋଷ୍ଟଟିକୁ ଡିଲିଟ୍ କରିଦେଇଥିଲେ। ଏସବୁ ଦେଖିବା ପରେ ଶାହରୁଖ୍ ବେଶି ଦିନ ପର୍ଯ୍ୟନ୍ତ ନିଜ ଫ୍ୟାନ୍‌ମାନଙ୍କୁ ନିରାଶ କରି ରଖିବେନି ବୋଲି ଆଶା କରାଯାଉଛି।

# ଶାର୍ଟ ଗାର୍ଡେନ

**ସାନ୍‌ଫ୍ରାନ୍ସିସ୍‌କୋ:** ସାଧାରଣତଃ ବଗିଚା କହିଲେ ଆମେ ବୁଝୁ ଏପରି ଏକ ସ୍ଥାନ, ଯେଉଁଠି ପ୍ରକୃତିକୁ ନିକଟରୁ ଆଖି ପୂରେଇ ଦେଖିହେବ। ଭଳିକି ଭଳି ଫୁଲଫଳ ଗଛର ସମ୍ଭାର, ଚଢ଼େଇଙ୍କ କଳରବ ଭିତରେ ମାନସିକ ଚାପରୁ ଦୂରେଇ ରହିବା ପାଇଁ ଆଜିକାର ବ୍ୟସ୍ତ ବହୁଳ ସମୟରେ ସମସ୍ତେ ଘର ପାଖରେ ଚାହିଁଥାନ୍ତି ଏକ ବଗିଚା। ହେଲେ ଏଣିକି ବଗିଚାକୁ ଶାର୍ଟ ଭଳି ପିନ୍ଧାଯାଇପାରିବ। କଥାଟା ନିହାତି ଭାବେ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ଏପରି ନିଆରା ବଗିଚା ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି ଦକ୍ଷିଣ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅରୁସିଆକ୍ ଗାବ୍ରିୟଲନ୍। ଏହି ବଗିଚାକୁ ପୃଥିବୀର ପ୍ରଥମ ଶାର୍ଟ ଗାର୍ଡେନ ବୋଲି କୁହାଯାଉଛି। ଗାବ୍ରିୟଲନ କହିଛନ୍ତି, ନିଜର ଖାଦ୍ୟ ନିଜେ ଉତ୍ପାଦନ କରିବା ଉଚିତ। ତାଙ୍କ ଦ୍ୱାରା ପ୍ରସ୍ତୁତ ଶାର୍ଟ ଗାର୍ଡେନରେ ଅଦ୍ୟାବଧି ୨୨ ପ୍ରକାର ପରିବା ଚାଷ କରାଯାଇସାରିଲାଣି। ସେଥିରେ କୋବି, ଗାଜର, ଷ୍ଟ୍ରବେରୀ, ଚିନାବାଦାମ ରହିଛି। ଅନ୍ୟପଟେ ଏକାସଙ୍ଗରେ ଗଛ ବଢ଼ିବା ପରେ ଶାର୍ଟଟି ରଙ୍ଗବେରଙ୍ଗ ହୋଇ ବେଶ୍ ସୁନ୍ଦର ଦେଖାଯାଉଛି। ଫ୍ରାନ୍ସର ପ୍ରସିଦ୍ଧ ଉଦ୍ଭିଦ ବିଜ୍ଞାନୀ ପେଟ୍ରିକ୍ ବ୍ଲାକଙ୍କ ଜୈବ ଉଦ୍ୟାନ ପ୍ରୋଜେକ୍ଟରୁ ଗାବ୍ରିୟଲନ୍ ବେଶ୍ ପ୍ରଭାବିତ ହୋଇଛନ୍ତି। ସୀମିତ ଜମି ଉପରେ କରାଯାଇଥିବା ବ୍ଲାକ୍‌ଙ୍କ ଜୈବ ଉଦ୍ୟାନ ବେଶ ଚର୍ଚ୍ଚା ସାଉଁଟିଥିଲା। ଶାର୍ଟ ଗାର୍ଡେନରେ ସ୍ୱତନ୍ତ୍ର ଧରଣର ଆସ୍ତରଣ ବ୍ୟବହାର କରାଯାଇଛି। ଏଥିରେ ମଞ୍ଜି ଲାଗିରହୁଛି। ବାୟୁମଣ୍ଡଳର ଜଳୀୟବାଷ୍ପ ଏବଂ ଶରୀରର ସ୍ୱେଦରୁ ୨ସପ୍ତାହ ପରେ ଏଥିରୁ ଆପେ ଆପେ ବୀଜ ଅଙ୍କୁରିତ ହେଉଛି। ଗାବ୍ରିୟଲନ୍ ଆହୁରି ମଧ୍ୟ କହିଛନ୍ତି, ଅଧିକ ପରିବା ଫଳିଲେ ଶାର୍ଟର ଓଜନ ବଢ଼ିଯାଉଛି। ଫଳରେ ଏହାକୁ ପିନ୍ଧିଥିବା ବ୍ୟକ୍ତିଙ୍କ ସମସ୍ୟା ବଢ଼ିବା ଆଶଙ୍କା ରହିଛି। ଏପରି ବଗିଚା ଯଦିଓ ଖାଦ୍ୟର ଆବଶ୍ୟକତା ପୂରଣ କରିପାରିବ ନାହିଁ, ତଥାପି ଏହି ଅଭିନବ ଉଦ୍ୟାନ ବିଷୟରେ ଲୋକମାନେ ଭାବିବା ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ପୃଥିବୀବାସୀ ଭୟଙ୍କର ଜଳସଙ୍କଟର ସମ୍ମୁଖୀନ ହେବେ। ସେତେବେଳେ ଏପରି ଗାର୍ଡେନ କାମରେ ଆସିବ। ଏଥିରେ ମଣିଷ ଶରୀରର ବର୍ଜ୍ୟ ଯଥା ମଳମୂତ୍ର ବ୍ୟବହାର କରାଯାଉଛି। ମୂତ୍ର ବ୍ୟବହୃତ ହେଉଥିବାରୁ ସାମାନ୍ୟ ଗନ୍ଧ ହେଉଛି। ଏଥିରେ ସୁଧାର ଆଣିବାକୁ ଗବେଷଣା ଜାରି ରହିଛି।



## ସୋଲାର୍ ପାୱାରଚାଳିତ ଅଟୋ

# ଥରେ ଚାର୍ଜ ହେଲେ ୨୦୦ କି.ମି.




**ଉନା:** ହିମାଚଳପ୍ରଦେଶର ମଣ୍ଡିସ୍ଥିତ ଆଇଆଇଟିର ଗବେଷକ ବିପିନ ଧିମାନ ୮୦୦ ୱାଟର ଏକ ସୋଲାର ପାୱାରଚାଳିତ ଅଟୋ ନିର୍ମାଣ କରିଛନ୍ତି। ଥରେ ଚାର୍ଜ ହେଲେ ଏହା ୨୦୦ କିଲୋମିଟର ଯାଇପାରୁଛି। ଏହାର ବେଗ ଘଣ୍ଟାପ୍ରତି ରହୁଛି ୪୫ କିଲୋମିଟର । ପାଗ ଖରାପ ରହିଲେ ଏହି ଅଟୋ ବିଦ୍ୟୁତରେ ବି ଚାର୍ଜ ହୋଇପାରିବ। ଶବ୍ଦ ଓ ବାୟୁ ପ୍ରଦୂଷଣରୁ ମୁକ୍ତି ଦେବା ଲକ୍ଷ୍ୟ ନେଇ ଏହାକୁ ନିର୍ମାଣ କରିଛନ୍ତି ବୋଲି କୁହନ୍ତି ଧିମାନ। ଅଟୋ ବ୍ୟବସାୟକୁ ଶସ୍ତା ଓ ପ୍ରଦୂଷଣ ମୁକ୍ତ ରଖିବା ଲାଗି ଆଇଆଇଟି ମଣ୍ଡିକୁ ଏଭଳି ଅଟୋ ନିର୍ମାଣ କରିବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ଆଇଆଇଟି ଏହି ପ୍ରସ୍ତାବକୁ ଗ୍ରହଣ କରି ଅଟୋ ନିର୍ମାଣ କରିବା ଲାଗି ବିପିନଙ୍କୁ ଦାୟିତ୍ୱ ପ୍ରଦାନ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲା। ସରକାର ମଧ୍ୟ ଆର୍ଥିକ ସହଯୋଗ କରିଛନ୍ତି। ବିପିନ ଏହି ଦାୟିତ୍ୱ ନେଇ ଦୁଇ ବର୍ଷ ମଧ୍ୟରେ ଏଭଳି ଅଟୋ ନିର୍ମାଣ କରିଛନ୍ତି। ଏଥିରେ ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବଜାର ଦର ରହିବ ଅଢେଇ ଲକ୍ଷ ରହିବ ବୋଲି କୁହାଯାଇଛି। ବିପିନଙ୍କ ଘର ଉନା ଜିଲା ବସୋଲି ଗାଁରେ। ତାଙ୍କ ପିତା ଅଟୋ ସ୍ପେୟାରପାର୍ଟ୍ସ ବ୍ୟବସାୟ କରନ୍ତି। ଏଥିପାଇଁ ଗାଡି ପ୍ରତି ତାଙ୍କର ଆକର୍ଷଣ ବଢିଥିଲା। ଏବେ ବିପିନ ଅଟୋମୋବାଇଲ ଇଞ୍ଜିନିୟରିଂରେ ସଫଳତା ପାଇପରିଛନ୍ତି। ଭବିଷ୍ୟତରେ ସେ ସୋଲାର ଅଟୋ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ସାଇକେଲ ଚଳାଇ ହସ୍ପିଟାଲ ଗଲେ ଜିଲାପାଳ



**ହାଇଦ୍ରାବାଦ୍:** ନିଜାମ୍‌ବାଦର ଜିଲାପାଳ ନାରାୟଣ ରେଡ୍ଡୀଙ୍କ ସକାଳୁଆ ହସ୍ପିଟାଲ ଗସ୍ତକୁ ନେଇ ଏବେ ସବୁଠି ଚର୍ଚ୍ଚା। ୨୪ ଡିସେମ୍ବରରେ ଦାୟିତ୍ୱ ଗ୍ରହଣ କରିବାର ୩ ଦିନ ପରେ ଜିଲାପାଳ ଜିଲା ସରକାରୀ ହସ୍ପିଟାଲର ଅବସ୍ଥା ଦେଖିବାକୁ ବାହାରି ଯାଇଥିଲେ। ସାଙ୍ଗରେ ନ ଥିଲେ କର୍ମଚାରୀ କି ନ ଥିଲା ଗାଡି। ସାଇକେଲରେ ଯାଇଥିଲେ ଜିଲାପାଳ। ମୁଣ୍ଡରେ ଧଳା ଟୋପି ଓ ସାଧାରଣ ପୋଷାକ ପିନ୍ଧି ସାଇକେଲ ଚଲାଇ ସକାଳ ୮ଟାରେ ପହଞ୍ଚିଥିଲେ ହସ୍ପିଟାଲରେ। ପରେ ସେ ଓପିଡି ସମେତ ବିଭିନ୍ନ ୱାର୍ଡରେ ରୋଗୀମାନଙ୍କ ସହ କଥା ହୋଇଥିଲେ। ୱାଟର ପ୍ଲାଣ୍ଟର ଅବସ୍ଥା ଦେଖିଥିଲେ। ମେଡିସିନ୍ ଷ୍ଟୋର୍‌ରେ ମେଡିସିନ୍‌ର ସ୍ଥିତି ମଧ୍ୟ ପରଖିଥିଲେ। ଜିଲାପାଳ ହସ୍ପିଟାଲରେ ପହଞ୍ଚିବା ଖବର ପାଇ ହସ୍ପିଟାଲ ଅଧୀକ୍ଷକ ଡା. ରାମୁଲ ବି ସେଠାରେ ପହଞ୍ଚିଥିଲେ। ପରେ ଅନୁପସ୍ଥିତ ଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ ନୋଟିସ ଜାରି କରିବା ଲାଗି ଜିଲାପାଳ ଡା. ରମୁଲଙ୍କୁ କହିଥିଲେ। ଏହି ହସ୍ପିଟାଲ ଦେଶର ଉଚ୍ଚମାନର ହସ୍ପିଟାଲଗୁଡିକ ମଧ୍ୟରେ ୧୭ ତମ ସ୍ଥାନରେ ରହିଛି। ଏହା ମଧ୍ୟ ନିଜାମବାଦ ଜିଲାର ବଡ଼ ହସ୍ପିଟାଲ। ଏଠାକୁ ଏହି ଜିଲା ସମେତ ପାଖ ଜିଲାରୁ ରୋଗୀମାନେ ଚିକିତ୍ସା ପାଇଁ ଆସିଥାନ୍ତି। ଜିଲାପାଳଙ୍କ ହସ୍ପିଟାଲ ଗସ୍ତର ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ବିଶ୍ୱର ଉଚ୍ଚତମ ବ୍ରିଜ୍ ଟାୱାର

**ବେଜିଂ:** ଚାଇନାର ଦକ୍ଷିଣ - ପଶ୍ଚିମ ଗିୟାଝୋଇ ପ୍ରାନ୍ତରେ ଥିବା ପିଙ୍ଗ୍‌ଟାଙ୍ଗ୍ ବ୍ରିଜ୍ ଟାୱାରକୁ ମଙ୍ଗଳବାର ଲୋକାର୍ପିତ କରାଯାଇଛି। ଦୁଇ ପାହାଡ଼ ମଧ୍ୟରେ ଥିବା ଏହି ୨୧୩୫ ମିଟର ଲମ୍ବ ବ୍ରିଜ୍ କାଓଡୁ ନଦୀର ୩୩୨ ମିଟର ଉପରେ ନିର୍ମିତ ହୋଇଛି। ଏହାର ଉଚ୍ଚତା ୧୧୦ ମହଲା କୋଠା ସହିତ ସମାନ ବୋଲି କୁହାଯାଉଛି। ୨୦୧୬ଠାରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏଥିରେ ୧୫ଶହ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ଉପରେ ଯାନବାହନ ଘଣ୍ଟାପ୍ରତି ୮୦ କିମି ବେଗରେ ଯାଇପାରିବ। ବ୍ରିଜ୍ ୩ଟି ଟାୱାର ଉପରେ ନିର୍ମିତ ହୋଇଛି। ପିଙ୍ଗ୍‌ଟାଙ୍ଗ୍ ଏବଂ ଲୁଓଡିଆନ୍ ଅଞ୍ଚଳ ମଧ୍ୟରେ ଏହାଦ୍ୱାରା ଯୋଗାଯୋଗ କରାଯାଇପାରିବ। ଏହାଦ୍ୱାରା ଏହି ଅଞ୍ଚଳରେ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି କୁହାଯାଉଛି।



## ମଲାଇକା ଅରୋରା



**ମୁମ୍ବାଇ:** ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ସ୍ୱାଗତ କରିବାକୁ ସମସ୍ତେ ମାତିଛନ୍ତି। ଏଥିପାଇଁ ଗାଁରୁ ସହର ଚଳଚଞ୍ଚଳ ହୋଇପଡ଼ିଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବଲିଉଡ୍ ସେଲିବ୍ରିଟି ନୂଆବର୍ଷକୁ ପାଳିବା ପାଇଁ ନିଜ ନିଜ ପସନ୍ଦର ସ୍ଥାନ ଚୟନ କରିସାରିଛନ୍ତି। ଇତିମଧ୍ୟରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ବଲିଉଡ୍ ଷ୍ଟାଇଲ୍ ଦିବା ମଲାଇକା ଅରୋରା, ଭଉଣୀ ଅମୃତା ଓ କିଛି ସାଙ୍ଗଙ୍କ ସହ ଗୋଆରେ ପହଞ୍ଚିଛନ୍ତି। ପହଞ୍ଚିବା ମାତ୍ରେ ଦୁଇ ଭଉଣୀ ପାର୍ଟି ଆରମ୍ଭ କରିଦେଇଛନ୍ତି। ଏନେଇ ଅମୃତା ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି। ଏଥିସହ ସେ କ୍ୟାପଶନ୍‌ରେ ଲେଖିଛନ୍ତି 'ଗୋଆ ଟାଇମ୍ସ' ଯେଉଁଥିରେ ଅମୃତା ଓ ତାଙ୍କ ସ୍ୱାମୀ, ଭଉଣୀ ମଲାଇକା ଓ କିଛି ସାଙ୍ଗ ଏନ୍‌ଜୟ କରୁଥିବା ଦେଖିବାକୁ ମିଳିଛି। ଏହି ଫଟୋରେ ମଲାଇକା ବେଶ୍ ସୁନ୍ଦର ଦେଖାଯାଉଛନ୍ତି। ଗୋଆର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ସେଲିବ୍ରେଶନ ଲାଗି ଗୋଆରେ ମଲାଇକା

# ମନ୍ଦିର ସମ୍ମୁଖରେ ରହିଛି ମଶାଲ ଧରିଥିବା ମୂଷା



**ଟୋକିଓ:** ପୃଥିବୀର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଢ଼ଙ୍ଗରେ ନୂଆବର୍ଷ ପାଳିତ ହୋଇଥାଏ। ଚଳିତ ୨୦୨୦ ବର୍ଷ ପାଳନ ପାଇଁ ଜାପାନରେ ଏକ ମନ୍ଦିର ସମ୍ମୁଖରେ ହାତରେ ମଶାଲ ଧରିଥିବା ମୂଷାର ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଜାପାନରେ ଲୋକଙ୍କ ବିଶ୍ୱାସ ମୂଷା ହେଉଛି ୨୦୨୦ ବର୍ଷ ପାଇଁ ରାଶି ଚିହ୍ନ। ପଶ୍ଚିମ ଜାପାନର ମିସାଟୋ ସହରରେ ନିର୍ମିତ ହୋଇଥିବା ଏହି ମୂଷା ପ୍ରତିମୂର୍ତ୍ତିର ଉଚ୍ଚତା ୩ ମିଟର। ଏହାର ନିର୍ମାଣ ପାଇଁ ଏକ ମାସ ଲାଗିଛି। ଏହାକୁ ତତ୍‌ସୁମିଜୁ ଶ୍ରାଇନ୍ ବାହାରେ ନିର୍ମିତ ହୋଇଛି। ଏହାକୁ ଫେବୃୟାରୀ ଶେଷପର୍ଯ୍ୟନ୍ତ ଏଠାରେ ରଖାଯିବ ବୋଲି ତତ୍‌ସୁମିଜୁ ଶ୍ରାଇନ୍ ପକ୍ଷରୁ କିମିୟୋ ମସୁଇ ସୂଚନା ଦେଇଛନ୍ତି।

# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ଜାନୁୟାରୀ ୧/୨୦୨୦ | Balasore, Wednesday, January 1/2020 | ପୃଷ୍ଠା-୧




## ଗୋଟିଏ ଘଣ୍ଟାରେ ଚାରି ଲକ୍ଷ ଲାଇକ୍

ଅଭିନେତ୍ରୀ ଦିଶା ପଟାନୀ ସୋସିଆଲ ମିଡିଆରେ ବୋଲ୍ଡ ଫଟୋ ଶେୟାର କରିବା ପରେ ତାହା ଏକ ଘଣ୍ଟା ମଧ୍ୟରେ ଚାରି ଲକ୍ଷରୁ ଅଧିକ ଲାଇକ୍ ମିଳିଛି।

୦୨ ୧୭

## ଆର୍ମିରେ ଯୋଗଦେଲେ ପେରେରା

ଶ୍ରୀଲଙ୍କା କ୍ରିକେଟ ଅଲ୍‌ରାଉଣ୍ଡର ଥିସାରା ପେରେରା ଶ୍ରୀଲଙ୍କା ଆର୍ମିରେ ଜଣେ 'ମେଜର' ଭାବେ ଯୋଗ ଦେଇଛନ୍ତି।






**ଆଜିର ସମ୍ପାଦକୀୟ**

**୨୦୨୦**

# ନବବର୍ଷ ପାଳିବେନି ନବୀନ

- ଭିଶୋଇଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମର୍ମାହତ
- ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସ ନ ଆସିବାକୁ ଅନୁରୋଧ
- ସମବେଦନା ଜଣାଇଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୩୧ ।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଶୋଇ ବିଖ୍ୟାତ ପ୍ରକାଶକ ତଥା ଆଲ୍‌ଫ୍ରେଡ୍ ଏ ନଫ୍‌'ର ସମ୍ପାଦକ ସନି ମେହେଟାଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ନବୀନ କହିଛନ୍ତି ଯେ ଭିଶୋଇଙ୍କ ବିୟୋଗରେ ସେ ଅତ୍ୟନ୍ତ ମର୍ମାହତ। ସନି ବିଶ୍ୱରେ ଜଣେ ସର୍ବୋତ୍ତମ ସମ୍ପାଦକ ଏବଂ ଅତି ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ବୋଲି ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି। ଭିଶୋଇଙ୍କ ବିୟୋଗରେ ନବୀନ ଶୋକ ପାଳନ କରୁଛନ୍ତି। ଏଥିପାଇଁ ବୁଧବାର ନବବର୍ଷ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ପାଇଁ ନବୀନ ନିବାସ ନ ଆସିବାକୁ ଶୁଭେଚ୍ଛୁମାନଙ୍କୁ ସେ ☞ପୃଷ୍ଠା-୨


Taste the difference! Vencobb Fresh CHICKEN

31.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 86 | 140 | 150 |
| DKL | 88 | 142 | 152 |
| BDK | 83 | 136 | 146 |
| BLS | 82 | 135 | 145 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply

Issued in the Interest of Consumers




ଶ୍ରୀକ୍ଷେତ୍ରରେ ବିଦାୟୀ ବର୍ଷର ଶେଷ ସୂର୍ଯ୍ୟାସ୍ତ।



ନୂଆବର୍ଷ ୨୦୨୦ର ଅବ୍ୟବହିତ ପୂର୍ବରୁ ଶ୍ରୀମନ୍ଦିର ଓ ପାର୍ଶ୍ୱବର୍ତ୍ତୀ ଇଲାକା ନବବଧୂ ବେଶରେ ସଜେଇ ହୋଇଛି। **(ରିପୋର୍ଟ ଓ ଫଟୋ: ପୃଷ୍ଠା-୧୪)**

# ଦକ୍ଷତାବିହୀନ ୫ କର୍ମଚାରୀଙ୍କୁ ପ୍ରାକ୍ ଅବସର ନୋଟିସ୍

ଛତ୍ରପୁର,୩୧।୧୨(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି କାର୍ଯ୍ୟକ୍ରମର ମାନଦଣ୍ଡରେ ପ୍ରଶାସନିକ କାର୍ଯ୍ୟ ନିର୍ବାହ କରିବା ବାଧ୍ୟତାମୂଳକ ରହିଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜିଲାର ଦକ୍ଷତାବିହୀନ ୫ ସରକାରୀ କର୍ମଚାରୀଙ୍କୁ ପ୍ରାକ୍ ଅବସର ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉଚ୍ଚସ୍ତରୀୟ ବୈଠକରେ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା ଅନୁଧ୍ୟାନ କରାଯାଇଥିଲା। ଏହାପରେ ମଙ୍ଗଳବାର ଏପରି ନିଷ୍ପତ୍ତି ଜିଲାପାଳ ନେଇଛନ୍ତି। କବିସୂର୍ଯ୍ୟନଗର ତହସିଲ କାର୍ଯ୍ୟାଳୟର ଉପବିଭାଗୀୟ ଅଧିକାରୀ କେ. ଜଗନ୍ନାଥ ରେଡ୍ଡୀ, ବେଗୁନିଆପଡା ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ବରିଷ୍ଠ କିରାଣି ସ୍ନେହପ୍ରଭା ପଟ୍ଟନାୟକ, ବୁଗୁଡା ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଲକ୍ଷ୍ମଣ କୁମାର ବେହେରା ଓ ପ୍ରଦୀପ କୁମାର ବେହେରା ଏବଂ ଜଗନ୍ନାଥପ୍ରସାଦ ତହସିଲ କାର୍ଯ୍ୟାଳୟର ସହାୟକ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ସେମାନଙ୍କର କାର୍ଯ୍ୟକାଳ ସମାପ୍ତ ପୂର୍ବରୁ ପ୍ରାକ୍ ଅବସର ପ୍ରଦାନ କରିବା ପାଇଁ ଜିଲାପାଳଙ୍କ ପକ୍ଷରୁ ୩ମାସିଆ ନୋଟିସ୍ ଜାରି କରାଯାଇଛି। ନୋଟିସ୍ ଅବଧି ସମାପ୍ତି ପରେ ଏମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବ। ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପାଇଁ ପ୍ରଣୟନ କରାଯାଇଥିବା ଚାକିରି ସର୍ତ୍ତାବଳୀ ମୁତାବକ ଏମାନଙ୍କର ଅବସର କାର୍ଯ୍ୟକାରୀ କରାଯିବ। ଗଞ୍ଜାମ ଜିଲାରେ ଏପରି ଘଟଣା ପ୍ରଥମ ବୋଲି ଜଣାପଡିଛି।

**୫-ଟି ଛାଟ**

**ରାଜେନ୍ଦ୍ର କଲେଜ ଏକ ହେରିଟେଜ୍ ଅନୁଷ୍ଠାନ: ମୁଖ୍ୟମନ୍ତ୍ରୀ**

## ୫୦ କୋଟି ଟଙ୍କାର ଅନୁଦାନ ଘୋଷଣା

୫

### ନ୍ୟାଶନାଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପାଇପ୍‌ଲାଇନର ଶୁଭାରମ୍ଭ କଲେ ସୀତାରାମନ

# ଖର୍ଚ୍ଚ ହେବ ୧୦୨ ଲକ୍ଷ କୋଟି

- **ଆଗାମୀ ୫ ବର୍ଷରେ ବିନିଯୋଗ ହେବ ପାଣ୍ଠି**
- **୫ ଟ୍ରିଲିୟନ ଡଲାର ଅର୍ଥନୀତି ଆଧାରରେ ଯୋଜନା**
- **ଶକ୍ତି କ୍ଷେତ୍ର ଲାଗି ୨୫ ଲକ୍ଷ କୋଟି, ରାଜପଥରେ ୨୦ ଲକ୍ଷ କୋଟି**
- **ରେଳପଥରେ ୧୪ ଲକ୍ଷ କୋଟିର ଯୋଜନା**

ନୂଆଦିଲ୍ଲୀ,୩୧।୧୨

ଦେଶର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପରେ କେନ୍ଦ୍ର ସରକାର ୧୦୦ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିବେ। ମଙ୍ଗଳବାର କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ ୧୦୨ ଲକ୍ଷ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହାକୁ ନ୍ୟାଶନାଲ ଇନ୍‌ଫ୍ରାଷ୍ଟ୍ରକଚର ପାଇପଲାଇନ(ଏନ୍‌ଆଇପି) ଅଧୀନରେ ଆରମ୍ଭ କରାଯାଇଛି। ୨୦୨୫ ସୁଦ୍ଧା ଦେଶର ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାରରେ ରୂପାନ୍ତରିତ କରିବା ଦିଗରେ ଏଭଳି ପଦକ୍ଷେପ ସହାୟତା କରିବ ବୋଲି ସୀତାରାମନ ଏହି ଅବସରରେ ସୂଚନା ଦେଇଛନ୍ତି।

ସୀତାରାମନ କହିଛନ୍ତି ଯେ, ଏହି ପ୍ରକଳ୍ପଗୁଡିକୁ ଆଗାମୀ ୫ ବର୍ଷରେ କାର୍ଯ୍ୟାନ୍ୱୟନ କରାଯିବ। ଭିତ୍ତିଭୂମି କ୍ଷେତ୍ରକୁ ଅଗ୍ରାଧିକାର ସ୍ୱରୂପ କେନ୍ଦ୍ର ସରକାର ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସ୍ୱାଧୀନତା ଦିବସ ଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିତ୍ତିଭୂମିରେ ୧୦୦ ଲକ୍ଷ କୋଟି ନିବେଶ ନେଇ କହିଥିଲେ। ଏହା ପରେ ଏଥିଲାଗି ଗଠିତ ଟାସ୍କଫୋର୍ସ ୧୦୨ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ନେଇ ପ୍ରକ୍ରିୟା ଆରମ୍ଭ କରିଥିଲା। ୪ ମାସ ମଧ୍ୟରେ ୭୦ ଅଂଶୀଦାରଙ୍କଠାରୁ ଏ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ସରକାର ପରାମର୍ଶ ଗ୍ରହଣ କରିଥିବା ସୀତାରାମନ ମତ ଦେଇଛନ୍ତି।



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ।

ଏହି ଆଧାରରେ ଅତିରିକ୍ତ ୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଯୋଡି ହେବ ବୋଲି ସେ ମତ ରଖିଛନ୍ତି। ଗତ ୬ ବର୍ଷ ମଧ୍ୟରେ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ୫୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇଛି। ଆଗକୁ ଆସିବାକୁ ଥିବା ପ୍ରକଳ୍ପ ମଧ୍ୟରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ୩୯% କାର୍ଯ୍ୟକ୍ରମ ହାତକୁ ନିଆଯିବ। ବଳକା ୨୨% ଘରୋଇ କ୍ଷେତ୍ର ଦ୍ୱାରା ହେବ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି। ପ୍ରକଳ୍ପଗୁଡିକ ଶକ୍ତି, ରେଳ, ସହର ବିକାଶ, ଜଳସେଚନ, ମୋବିଲିଟି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ହେବ। ଶକ୍ତି କ୍ଷେତ୍ର ଲାଗି ଆଗାମୀ ଦିନରେ ୨୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯିବ। ରାଜପଥ ଲାଗି ୨୦ ଲକ୍ଷ କୋଟି ଏବଂ ପ୍ରାୟ ୧୪ ଲକ୍ଷ କୋଟି ରେଳପଥର ବିକାଶ ଦିଗରେ ଖର୍ଚ୍ଚ କରାଯିବ। ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ର, ରେଳ ସହର ବିକାଶ, ଜଳସେଚନ, ଡିଜିଟାଲ ଭଳି ଅନ୍ୟ କ୍ଷେତ୍ରକୁ ସରକାର ପ୍ରାଥମିକତା ଦେଉଥିବା ସେ ମତ ରଖିଛନ୍ତି।

# ଭଡ଼ା ବଢ଼ାଇଲା ରେଳୱେ

ନୂଆଦିଲ୍ଲୀ,୩୧।୧୨- ଭାରତୀୟ ରେଳପଥ ପକ୍ଷରୁ ନୂଆ ବର୍ଷରେ ଯାତ୍ରୀ ଭଡା ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ରେଳପଥର ସମସ୍ତ ନେଟୱର୍କରେ ଏହାକୁ ଜାନୁୟାରୀ ପହିଲାରୁ କାର୍ଯ୍ୟକାରୀ ହେବ। ସବର୍ବାନ ଟ୍ରେନଗୁଡିକ ଲାଗି ଭଡା ବୃଦ୍ଧି କରାଯାଇ ନ ଥିବା ଜଣାପଡିଛି। ସବର୍ବାନ ଫେୟାର ଅପରିବର୍ତ୍ତିତ ରହିଥିବା ବେଳେ ସାଧାରଣ ଅଣଏସି ଏବଂ ଅଣସବର୍ବାନ ରେଳଯାତ୍ରୀ ଭଡା କିମି ପିଛା ୧ ପଇସା ବୃଦ୍ଧି ଘଟିଛି। ମେଲ ଏବଂ ଏକ୍ସପ୍ରେସ ଅଣ ଏସି ଟ୍ରେନଗୁଡିକରେ କିମି ପିଛା ୨ ପଇସା ଭଡା ବଢିଛି। ଏସି ଶ୍ରେଣୀ ଲାଗି କିମି ପିଛା ୪ ପଇସା ଭଡା ବୃଦ୍ଧି ହୋଇଛି। ଶତାବ୍ଦୀ, ରାଜଧାନୀ ଏବଂ ଦୁରନ୍ତୋ ଭଳି ପ୍ରିମିୟମ ଟ୍ରେନଗୁଡିକ ଲାଗି ☞ପୃଷ୍ଠା-୨





ନବବର୍ଷ - ୨୦୨୦ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି। ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା। ରାଜ୍ୟକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରିରଖିବାକୁ ମୁଁ ଆହ୍ୱାନ ଜଣାଉଛି।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା




ନୂଆ ବର୍ଷ ୨୦୨୦ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାକୁ ଏକ ସମୃଦ୍ଧ ଓ ସଶକ୍ତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ସମସ୍ତଙ୍କ ସହଯୋଗ କାମନା କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା




ନୂଆବର୍ଷ ୨୦୨୦ର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ନୂଆବର୍ଷ ସମସ୍ତଙ୍କ ଜୀବନରେ ହର୍ଷ, ଉଲ୍ଲାସ, ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ। ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟ ରୂପେ ଗଢ଼ିତୋଳିବାରେ ନିଷ୍ଠାପର ଉଦ୍ୟମ କରିବା ପାଇଁ ସମସ୍ତଙ୍କୁ ସାମର୍ଥ୍ୟ ଦେବାକୁ ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-77

15001/13/0110/1920

**ଆଜିର ମନ୍ତବ୍ୟ** ୧୩୦ କୋଟି ଭାରତୀୟଙ୍କୁ ହିନ୍ଦୁ ବିବେଚନା କରି ସେଭଳି ବ୍ୟବହାର କରିବାର ଗୈରିକ ମାନସିକତା ଦେଶ ପାଇଁ ମଙ୍ଗଳ ନୁହେଁ। **–ମାୟାବତୀ, ବିଏସ୍‌ପି ସୁପ୍ରିମୋ**

**କିଛି ତଥ୍ୟ** ୨୦୧୯–୨୦ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧୯.୧ ବିଲିୟନ ବୃଦ୍ଧି ଘଟିଛି। **– ରିଜର୍ଭ ବ୍ୟାଙ୍କ**



## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ..........................


ଭାରତୀ
ପରିବାରବର୍ଗ


ଶାନ୍ତିଲତା
ପରିବାରବର୍ଗ


ଶତାବ୍ଦୀ ସରିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଗୋଟିଏ ଘଣ୍ଟାରେ ଚାରି ଲକ୍ଷ ଲାଇକ୍‌



ମୁମ୍ବାଇ, ୩୧।୧୨: ଅଭିନେତ୍ରୀ ତଥା ଟାଇଗର ଶ୍ରଫ୍‌ଙ୍କ କଥିତ ପ୍ରେମିକା ଦିଶା ପଟାନୀ ସୋସିଆଲ ମିଡିଆରେ ଖୁବ୍‌ ସକ୍ରିୟ। ଗୋଟିଏ ପରେ ଗୋଟିଏ ବୋଲ୍ଡ ଓ ସୁନ୍ଦର ଫଟୋ ଶେୟାର କରି ସେ ଦର୍ଶକଙ୍କୁ ବାନ୍ଧି ରଖିଥିବା କୁହାଯାଏ। ଏବେ ତାଙ୍କ ନୂଆବର୍ଷ ଛୁଟି କାଟିବା ସମୟର ଗୋଟିଏ ଫଟୋ ଚର୍ଚ୍ଚାରେ। ମାତ୍ର ଏକ ଘଣ୍ଟାରେ ଚାରି ଲକ୍ଷରୁ ଅଧିକ ଲୋକେ ଫଟୋଟିକୁ ପସନ୍ଦ କରିଥିବା ଦେଖାଯାଇଛି। ଏଥିସହ ମନ୍‌ଷ୍ଟର(ରାକ୍ଷସ) ପୋଷାକରେ ବେଶ ସୁନ୍ଦର ଦିଶୁଥିବା ଅନେକେ କହୁଛନ୍ତି। ଦିଶାଙ୍କ କାମ ବିଷୟରେ ଯଦି କଥା ହେବା ତେବେ ସେ ଶେଷ ଥରପାଇଁ ସଲମାନ୍‌ ଖାନ୍‌ଙ୍କ 'ଭାରତ' ଚଳଚ୍ଚିତ୍ରରେ ନଜର ଆସିଥିଲେ। ୨୦୨୦ ପାଇଁ ତାଙ୍କ ହାତରେ ରହିଛି ଅନେକ ଫିଲ୍ମ। ବର୍ତ୍ତମାନ ସେ ଫିଲ୍ମ 'ମଲଙ୍ଗ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ତାଙ୍କ ନାୟକ ସାଜିବେ ଆଦିତ୍ୟ ରୟ କପୁର। ଏହାପରେ ସେ 'କେଟିନା', 'ରାଧେ'ରେ ନଜର ଆସିବେ।

# ପୂର୍ବତନ ଏମ୍‌ପି ଏ.ଭି.ସ୍ୱାମୀଙ୍କ ପରଲୋକ

ନୂଆପଡ଼ା ଅଫିସ/ ଖରିଆରରୋଡ, ୩୧।୧୨

ସାଧାରଣ ଲୋକଙ୍କ ସହ ମିଶି କାମ କରୁଥିବା ତଥା ସମସ୍ତଙ୍କ ନିକଟତର ମାଟିର ମଣିଷ ରୂପେ ପରିଚିତ ଥିବା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏ.ଭି. ସ୍ୱାମୀ (ଆଲାଜାଙ୍ଗୀ ବିଶ୍ୱନାଥ ସ୍ୱାମୀ) ଆଉ ନାହାନ୍ତି। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟାରେ ନୂଆପଡ଼ା ଜିଲା ଖରିଆରରୋଡସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ବଡ଼ ଝିଅ ସୁମତି ଏବଂ ଜ୍ୱାଇଁ କମଳେଶ, ପୁଅ ସୁରେଶ, ବୋହୂ ଶ୍ରୀଲେଖା ଏବଂ ତିନି ନାତି ଉପସ୍ଥିତ ଥିଲେ। ସ୍ୱାମୀ ୧୯୨୯ ଜୁଲାଇ ୧୮ରେ ନବରଙ୍ଗପୁରଠାରେ ଜନ୍ମ ଗ୍ରହଣ କରିଥିଲେ। ବମ୍ବେରେ କେମିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ କରି ଜୀବନର ଅର୍ଦ୍ଧାଧିକ ସମୟ ସମାଜସେବାରେ ବ୍ରତୀ ରହିଥିଲେ। ଏକଦା ସ୍ୱର୍ଗୀୟ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନିକଟତର ହୋଇ ଜଣେ ପ୍ରଥମ ବେସରକାରୀ ବିଡିଓ ଭାବରେ ସେ ସରକାରୀ ଦାୟିତ୍ୱ ତୁଲାଇଥିଲେ। ପରେ ଜୀବନର ଦ୍ୱିତୀୟ ପର୍ଯ୍ୟାୟରେ ୧୯୮୫ରେ ନୂଆପଡା ଜିଲା ଖରିଆରରୋଡ ସହରରେ ରହି ସେଠାକାର ଦଳିତ, ନିଷ୍ପେଷିତ ବର୍ଗର ଲୋକଙ୍କୁ ସେବା ଯୋଗାଇବାକୁ 'ବିଶ୍ୱାସ' ନାମକ ଏକ ବେସରକାରୀ ସଂସ୍ଥା ଆରମ୍ଭ କରି ସମାଜସେବା କରିଚାଲିଥିଲେ। ୨୦୧୨ରେ ତାଙ୍କର ସମାଜସେବାକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭାକୁ ମନୋନୀତ ହୋଇଥିଲେ। ଏପ୍ରିଲ ୨୦୧୮ପର୍ଯ୍ୟନ୍ତ ତାଙ୍କର ଦାୟିତ୍ୱ ରହିଥିଲା। ତେବେ ତାଙ୍କ ବିୟୋଗରେ ସମଗ୍ର ନୂଆପଡାବାସୀ ମର୍ମାହତ ହୋଇପଡିଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟାବେଳେ ନିଜ ଫାର୍ମ ହାଉସରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।



# ବାପ ମାଡ଼ରେ ପୁଅ ମୃତ

ରାଇଘର,୩୧।୧୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗଞ୍ଜାପାରା ପଞ୍ଚାୟତ ଚରଡିହି ଗ୍ରାମରେ ସୋମବାର ରାତିରେ ବାପା ମାଡରେ ପୁଅର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଧନସିଂ ଗଣ୍ଡ(୨୮)। ଚରଡିହି ଗ୍ରାମର ପଦୁ ଗଣ୍ଡ (୭୫) ଓ ପୁଅ ଧନସିଂ (୨୮)ଙ୍କ ମଧ୍ୟରେ ଅନେକ ସମୟରେ ବଚସା ହୋଇଥାଏ। ଅମଳ ଧାନ ଧନସିଂ ବିକ୍ରି କରିଥିବାରୁ ସୋମବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ହଠାତ ଧନସିଂ ରାଗିଯାଇ ପଦୁଙ୍କୁ ମାଡ ମାରିଥିଲା। ରାତିରେ ଧନସିଂ ଶୋଇଥିବା ଅବସ୍ଥାରେ ପଦୁ ଧାନକୁଟା ମୁଶଳରେ ପୁଅର ମୁହଁକୁ ମାରିଥିଲେ। ଘଟଣାସ୍ଥଳରେ ଧନସିଂଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ରାଇଘର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପଦୁଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ରାଇଘର ଥାନାରେ ନଂ. ୧୪୨/୧୯ରେ ମାମଲା ରୁଜୁ ହୋଇଛି। ଏସଆଇ ଏସ. ଅଗସ୍ତି ଘଟଣାର ତଦନ୍ତ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭଡା ବଢ଼ାଇଲା..

ମଧ୍ୟ ଯାତ୍ରୀ ଭଡା ବଢାଯାଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ଦିଲ୍ଲୀ–କଲିକତା ମଧ୍ୟରେ ଚାଲୁଥିବା ରାଜଧାନୀ ଏକ୍ସପ୍ରେସର କିମି ପିଛା ଭଡା ୪ ପଇସା ବୃଦ୍ଧି ଘଟିଛି। ଏଥି ପାଇଁ ଯାତ୍ରୀ ପ୍ରାୟ ୫୮ ଟଙ୍କା ଅଧିକ ଦେବାକୁ ହେବ। ଏହାବାଦ ସଂରକ୍ଷଣ ଏବଂ ସୁପରଫାଷ୍ଟ ଚାର୍ଜରେ କୌଣସି ବୃଦ୍ଧି କରାଯାଇନାହିଁ। ବୁକ୍ ହୋଇ ସାରିଥିବା ଟିକେଟରେ ଦର ବୃଦ୍ଧି ଲାଗୁ ହେବ ନାହିଁ ବୋଲି ରେଳପଥ ପ୍ରକାଶ କରିଛି।

### ନବବର୍ଷ ପାଳିବେନି...

ଅନୁରୋଧ କରିଛନ୍ତି। ସନି ମେହେଟ୍ଟାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଶୋକପ୍ରକାଶ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କୁ ଟେଲିଫୋନ୍ କରି ସମବେଦନା ଜଣାଇଛନ୍ତି। ସେହିପରି ସନିଙ୍କ ବିୟୋଗରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଶୋକ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ନୂଆ ବରଷର ପହିଲି ଦିନରେ ଚନ୍ଦ୍ର ଏକାଦଶ ସ୍ଥାନରେ ଅର୍ଥ ଓ ସମ୍ମାନ ପ୍ରଦାନ କରିବେ। ନୂଆ ନୂଆ ଯୋଜନା ମାଧ୍ୟମରେ ବ୍ୟବସାୟରେ ଶାଖା ପ୍ରଶାଖା ଖୋଲିବାର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରର ଅସଜଡା ପରିସ୍ଥିତି କେତେକାଂଶରେ ଆପଣଙ୍କ ମାନସିକ ସ୍ତରକୁ ଶିଥିଳ କରିପାରେ। ବନ୍ଧୁ ମିଳନ ସଙ୍ଗକୁ ଭ୍ରମଣ ସକାଶେ ମନ ବଳାଇପାରନ୍ତି।

**ବୃଷ** ଭାଗ୍ୟସ୍ଥାନରେ ଶୁକ୍ର ଆପଣଙ୍କ ପରିଜନ ସହ ଯାତ୍ରା, ସୁସ୍ୱାଦୁ ଭୋଜନାଦି ପ୍ରଦାନ କରି ଆନନ୍ଦ ଦାନ କରିବେ। ଅଫିସରେ ଭଲ ସମ୍ପର୍କ ଥିବା ବନ୍ଧୁମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ନିକଟରୁ ଦୂରେଇ ରହିଲା ଭଳି ଅନୁଭବ କରିପାରନ୍ତି। ବ୍ୟବସାୟ, ଅର୍ଥ ସମ୍ପର୍କୀୟ କଥା, ପାରିବାରିକ କ୍ଷେତ୍ରରେ ସୁଖ ହେତୁ ଏକ ପ୍ରକାର ଆତ୍ମତୃପ୍ତି ଲାଭ କରିବେ ।

**ମିଥୁନ** ଆପଣଙ୍କ ରାଶିକୁ ଏକାଧିକ ଗ୍ରହ ଅବଲୋକନ କରୁଥିବାରୁ ଆପଣଙ୍କୁ ସାମଗ୍ରିକ ସୁଖ, ସମ୍ମାନ, ଅର୍ଥ, ଓ ମିଷ୍ଟାନାଦି ପ୍ରାପ୍ତ କରାଇବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେଇ ଖୁସୀ ରହିବେ। ସମସ୍ୟା ମଧ୍ୟରେ ଅଟକି ରହିଯାଇଥିବା କାର୍ଯ୍ୟଗୁଡିକ ତ୍ୱରାନ୍ୱିତ କରିବା ସକାଶେ ଆଲୋଚନା କରିପାରନ୍ତି।

**କର୍କଟ** ରାଶ୍ୟାଧିପ ଚନ୍ଦ୍ର ଅଷ୍ଟମରେ ଅବସ୍ଥାନ କରୁଥିବାରୁ ଦେହ ଓ ମନ ଏକ ସରଳ ରେଖାରେ ଗତି କରିପାରିବେ ନାହିଁ। ଅଣ୍ଡାଜନିତ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଘଟିବାର ଆଶଙ୍କା ରହିଛି। ସଭାସମିତିରେ ଆଲୋଚନା, ସାଙ୍ଗଠନିକ ପ୍ରକ୍ରିୟା, ପ୍ରଶାସନିକ ତତ୍ପରତା, ଆନୁଷ୍ଠାନିକ କ୍ଷେତ୍ରରେ ଲୋକ ସମ୍ପର୍କ ଅକ୍ଷୁଣ୍ଣ ରହିବ।

**ସିଂହ** ଆଜିର ଗ୍ରହସ୍ଥିତି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ରହିଥିବାରୁ ଯେମିତି ଯାହା ମନ କରିବେ କୌଣସି କଥା ଅପୂର୍ଣ୍ଣ ରହିବ ନାହିଁ। କର୍ମକ୍ଷେତ୍ରରେ ଉନ୍ନତ ଚିନ୍ତା ଓ ସୁପରିକଳ୍ପିତ ଯୋଜନାକୁ ବାସ୍ତବମୁଖୀ କରାଇବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ଭାବିଚିନ୍ତି କାମ କରିବା ସହ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡିପାରନ୍ତି।

**କନ୍ୟା** ଆଜି କେନ୍ଦ୍ରସ୍ଥାନରେ ଗ୍ରହମାନେ ଆପଣଙ୍କୁ ବନ୍ଧୁଙ୍କ ବଦାନ୍ୟତା, ସହକର୍ମୀଙ୍କ ସହଯୋଗ ମନୋବୃତ୍ତି ଓ ପାରିବାରିକ ସହାନୁଭୂତି ମାଧ୍ୟମରେ ହର୍ଷୋତ୍‌ଫୁଲ୍ଲ କରାଇବେ। ଅବଶ୍ୟ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିବ କିନ୍ତୁ ବନ୍ଧୁ ମେଳରେ ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ବାଣିଜ୍ୟ କ୍ଷେତ୍ରରେ ଆଶାନୁଯାୟୀ ଅର୍ଥ ପ୍ରାପ୍ତି ହୋଇପାରେ।

**ତୁଳା** ନବମଭାବକୁ ଗ୍ରହଙ୍କ ଦୃଷ୍ଟିର ସୁପ୍ରଭାବରୁ ପଦସ୍ଥ ବ୍ୟକ୍ତିଙ୍କ ପରାମର୍ଶରେ ନୂଆ ନୂଆ ଯୋଜନାର ଖସଡା ପ୍ରସ୍ତୁତ କରିପାରନ୍ତି। ପରିବାରରେ ମଙ୍ଗଳଙ୍କ କୁପ୍ରଭାବରେ କଠୋର ବାକ୍ୟାଳାପ ସଙ୍ଗକୁ ସନ୍ଦେହ ଓ ଭୁଲ୍ ବୁଝାମଣା ପରିସ୍ଥିତିକୁ ସଙ୍ଗିନ କରିପାରେ। ଆନୁଷ୍ଠାନିକ କାମରେ କିମ୍ବା କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବିଛା** ସ୍ୱଗୃହୀ ରାଶ୍ୟାଧିପଙ୍କ ସୁପ୍ରଭାବରେ ଦେହ ଓ ମନ ସୁସ୍ଥ ରହିବ। ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କ ନିବିଡ ହେବ, ଯାହାକି ଆପଣଙ୍କ କାମକୁ ସାହାଯ୍ୟ କରିପାରେ। କୌଣସି ନୂତନ କର୍ମାରମ୍ଭରୁ ଦିନଟିରେ କାର୍ଯ୍ୟବ୍ୟସ୍ତତା ବଢିଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରତ୍ୟୁଷ ଯାତ୍ରା, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇବେ।

**ଧନୁ** ରାଶିରେ ଗ୍ରହଣର କୁପ୍ରଭାବଜନିତ ସ୍ୱାସ୍ଥ୍ୟ ସାମାନ୍ୟ ଗଡ୍‌ବଡ୍ ହେବା ସଙ୍ଗକୁ ମାନସିକ ଅସ୍ଥିରତା ଦେଖାଦେବ ତଥାପି କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ସମ୍ପର୍କୀୟମାନଙ୍କ ସଦ୍‌ଭାବ ଊଣା ହେବନାହିଁ। ଉତ୍ତମ ବୁଝାମଣାରେ ଉନ୍ନତି ଘଟିବା ସଙ୍ଗକୁ ପରିବାରରେ ସୁଖ, ଶାନ୍ତି ଫେରି ଆସିବ। ସାମାଜିକ ସ୍ତରରେ କାର୍ଯ୍ୟଦକ୍ଷତାକୁ ନେଇ ବନ୍ଧୁ ପ୍ରଶଂସା କରିପାରନ୍ତି।

**ମକର** ନୂଆ ବରଷରୁ ରାଶିରେ ବିଳାସକାରକ ଶୁକ୍ର ରାଶିରେ ଅବସ୍ଥାନ କରି ସାମଗ୍ରିକ ସୁଖ, ସମ୍ମାନ ସହ ଦୀର୍ଘଦିନର ଅଭିଳାଷ ପୂରଣ କରିବେ। ଆର୍ଥିକ ପରିସ୍ଥିତିକୁ ସୁଧାରି ନେବା ସକାଶେ ବିଭିନ୍ନ ପ୍ରକାରର ଯୋଜନା ପ୍ରସ୍ତୁତ କରିବେ। ସ୍ଥାନ ପରିବର୍ତ୍ତନର ଦୁଶ୍ଚିନ୍ତା ସଙ୍ଗକୁ ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗ ସୁସମ୍ପର୍କ ବ୍ୟାହତ ହୋଇପାରେ।

**କୁମ୍ଭ** ବ୍ୟୟଭାବରେ ଶୁକ୍ର ଆପଣଙ୍କୁ ବିଳାସବ୍ୟସନ ମଧ୍ୟରେ ବୁଡାଇ ରଖିବା ସହ ମାନସିକ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରେ। ଷଷ୍ଠାଧିପ ରାଶିରେ ରହିଥିବାରୁ ଅର୍ଥାଭାବ, ଋଣଭାର ବୃଦ୍ଧି, ପରୋକ୍ଷ ଶତ୍ରୁତା ଓ କାର୍ଯ୍ୟହାନି ଜନିତ ବ୍ୟସ୍ତତା ବଢିଯାଇପାରେ। ଅବଶ୍ୟ ସଙ୍ଗୀତ ସମାରୋହ, ବନ୍ଧୁମିଳନ ଭିତରେ ଭୋଜିଭାତର ସୁଯୋଗ ପାଇପାରନ୍ତି।

**ମୀନ** ଦଶମ କେନ୍ଦ୍ରସ୍ଥ ଗ୍ରହମାନଙ୍କ ପ୍ରଭାବରେ କର୍ମଜଞ୍ଜାଳର ପରିସର କ୍ରମଶଃ ବୃଦ୍ଧିପାଉଥିବା କାରଣରୁ ମାନସିକ ଅସ୍ଥିରତା ପରିଲକ୍ଷିତ ହେବ। ଚେଷ୍ଟା କରୁଥିବା କାମରେ ଅଗ୍ରଗତି ସଙ୍ଗକୁ ପାରିବାରିକ ସମର୍ଥନରୁ ସାମାଜିକ ଆତ୍ମତୃପ୍ତି ପାଇବେ। ପଦସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟର ପ୍ରତିଶ୍ରୁତି ହାସଲ କରି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଆଶାୟୀ ହୋଇପାରନ୍ତି।

ଆଜି ଇଂରାଜୀ ନୂତନ ବର୍ଷ–୨୦୨୦ ମସିହାର ପ୍ରଥମ ଦିବସ, ପୌଷ ଶୁକ୍ଳ ଷଷ୍ଠୀ ବୁଧବାର, ରାଶିନକ୍ଷତ୍ର–ପୂର୍ବଭାଦ୍ରପଦ/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ସଡକ ସୁରକ୍ଷା ସପ୍ତାହ ଆରମ୍ଭ, କର୍କଟ ରାଶିର ଘାତବାର, ଶରଣ, ସକାଳ ଘ.୭।୫୧ମି. ଗତେ ଘ.୮।୩୫ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୩୨ମି. ଗତେ ଘ.୧୧।୫୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧।୫୦ମି. ଗତେ ଘ.୧।୧୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




### BRIDE WANTED

38 ବର୍ଷୀୟ ପିଲା ପାଇଁ ଚାକିରି କରିଥିବା ବିଧବା ସ୍ତ୍ରୀ, ବିବାହ କରିବା ପାଇଁ ଚାହୁଁଥିଲେ। 7653970770. D-15960

ଜାତି ବଣିଆ +2 ପାତ୍ର ପାଇଁ ପାତ୍ରୀ ଆବଶ୍ୟକ। 6371271462. D-15961

Eligible Hindu bride required for prospective groom. Caste-no-bar. Mob: 9438649952. D-15965

Now Matrimonial ads. only on Wednesday & Sunday Book 1 Get 1 FREE

### GROOM WANTED

Chamhara bride Engineer 33+, Lecturer 36, Teacher 40 (caste-no-bar)-7873374269. D-68640

Beautiful brahmin (Divorcee) girl 1992/ 5'4", B.Tech, Bhubaneswar, "VAISNABI" 9238578590. D-68531

45 ବର୍ଷ ଝିଅ Govt. Collegeରେ Laboratory Assistant ଭାବରେ କାର୍ଯ୍ୟରତ। ଇଚ୍ଛୁକ ଥିବା ବରପାତ୍ର ଯୋଗାଯୋଗ: 9078166327. D-68809

ନୟାଗଡ଼ ବାସିନ୍ଦା ଏକମାତ୍ର ଝିଅ (୨୫ବର୍ଷ) ଓଡ଼ିଆ ଭଣ୍ଡାରି ଜାତି, ମଧ୍ୟବିତ୍ତ ପରିବାର ପାଇଁ ପୁଅ ଖୋଜୁଛୁ। ମୋ: ୮୮୨୦୪୬୫୨୨୫। D-15957

ଜାତିବନ୍ଧନ ନାହିଁ। 34,5.4,M.Sc B.Ed, Govt. Teacher ମାସିକ ଆୟ 38,000/- ପାଇଁ ଅବିବାହିତ, ଘରଜ୍ୱାଇଁ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-15958

Beautiful girl 26years/ 5'5", Vaishya Baniya (Goldsmith), M.Tech, pursuing PHD (IIIT Mumbai), 9826365037, 8770438014. D-15921




### SALE

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68943

Installment available developed gharabari boundary housing plot Ranga Bazar- 650/-, 9348012510. D-68460

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3K.m well developed demarcated plot sqft. 650/-, 9348063060. D-68464

New Duplex, 3BHK sale at Gudia Pokhari, Bhubaneswar with all amenities plan approved bank finance available 7077598070. D-68919

Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952. D-68451

ଭୁବନେଶ୍ୱର କଟଣ1ଗେଟ୍‌,୦1ରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843. D-68462

ଭୁବନେଶ୍ୱର Sum Hospital, IIIT, NALCO ଗୋଠପାଟଣା ନିକଟସ୍ଥ କାଟେଣୀ Zeeschoolରେ ଘରବାରି, Boundary Patta plot-550/-, 9777553622. D-68461

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463

New Year Dhamaka: Discount Rs.100/- available @ landmark Ph-2, Sundarpada. It offers ready to move 2 & 3 BHK flat with huge open space, club, garden, jugging track @ 2800 per sqft. 9938569014, 9861433014. D-16001

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Construct your building as per your terms and condition. Contact: 9937064680. D-27284

**If you want to construct your building on or before Sripanchami. You will get borewell with pumset free of cost. Cost of construction rate varies from @1400/- to @ 1700/- per sqft. Call to: 9777251369.** D-67272




Space for commercial Bank/ Corporate/ Companies/ Institution, Damana square near Max Show room per sqft. Rs.50 for 1st, 2nd and 3rd floor welfurnished, lift, Power back up available. 8249083968, 7978414100. D-15593

Single room, attach bath, Kitchen, Lewis road, Bhubaneswar, rent- 5000/-, 9337524451. D-67271

Independent house 1600sqft. 3BHK with Pujaghar, Garrage borewell at Jagamara-Khandagiri, rent- Rs. 13500/-, Mob: 8585088850. D-15934

Well furnished Single room/ One BHK for small Family/ Girl, at District Centre, Chandrasekharpur, near Khadiniketan for rent, 9937409615. D-62310




India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784




Rejuvenate and ayurvedic full body massage by smart therapist. 9114402304. D-68904

Sai herbal spa refresh your body with smart, expert therapist. 7608062524. D-68937

Full body herbal massage with refreshment expert therapist. 7381239385, 06742540855. D-68938

Experience full body massage with us (expert). Call: 7377048581, 06742597822. D-68939

Herbal full body massage by smart / expert therapist. Contact: 8338067247. D-68940

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68941

Refresh your mind and soul with best therapy at Orchid Salon/Spa. 9937287222. D-68739

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68742

Ayurvedic full body massage ladies and gents. Contact: 9861064981. D-68743




3000 ଟଙ୍କାରେ ନିଜର LED Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-15939

### AFFIDAVIT

By virtue of affidavit, I Mahammad Happiz have changed my name to Abdul Hafiz. Hence I will be known as Abdul Hafiz. D-15999

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

KHIMJI®
Jewellers since 1936
HAPPY NEW YEAR
2020

YEARS OF EXCELLENCE
TRUPTI GROUP
1970-2020

TVS

RAJ ELECTRONICS

EeVe
Ride into the Future

[X]pose
ADVERTISING
HAPPY NEW YEAR
2020

printlink

ପ୍ରିୟ ପାଠିକା/ପାଠକ,
ବିଜ୍ଞାପନଦାତା, ବିତରକ, ହକରଭାଇ ଓ
ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର
ତରଫରୁ ନବବର୍ଷ-୨୦୨୦ର ଅନେକ ଶୁଭେଚ୍ଛା।
ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ
ଉତ୍ତମ ସ୍ୱାସ୍ଥ୍ୟ, ଶାନ୍ତି ଓ ସମୃଦ୍ଧି ପାଇଁ
ଆଶୀର୍ବାଦ କରନ୍ତୁ।

ADITYA HYUNDAI

2020
HAPPY NEW YEAR
from
SA INFOSYS
New is the year, new are the hopes, new is the resolution,
new are the spirits, and new are my warm wishes
just for you.

V-GUARD
2020
Happy New Year
Team V-Guard
Electric Water Heaters

GUPTA DISTRIBUTORS
No.1 Retail Chain Stores
Symbol of Trust
Odisha's most trusted Electronics, Home Appliances & Digital Products Dealer Since 1972

HAPPY NEW YEAR – 2020
LIC
भारतीय जीवन बीमा निगम
LIFE INSURANCE CORPORATION OF INDIA
HELP US TO SETTLE YOUR POLICY PAEMENTS PROMPTLY
Submit your Bank Account details in
NEFT Mandate form at any LIC Branch

Happy New Year - 2020
Lets the New year to be Glorious
one that Rewards all your Future
Endeavours with Success.
Bobcat
On New Year 2020 Presenting
Bobcat B900 Backhoe Loader.
Doosan Bobcat Ind. Pvt. Ltd., Odisha
Email: s.sahu@doosan.com, Mob: 9938136548

SAI
International
Residential School

ASBM UNIVERSITY

Bharat advertisers
PRINT MEDIA, EVENTS & OOH MEDIA
HAPPY
NEW YEAR
2020

Alishan
of MEN by MEN for MEN
Wish all
a Happy & Prosperous
New Year - 2020
Janpath, Bhubaneswar

Wish you a Happy New Year
2020
May this New Year illuminate your life
& bless you with Prosperity and Joy.
ODM
EDUCATIONAL GROUP
Changing your Tomorrow
Infocity Road, Patia, Bhubaneswar-24
Email: info@odmps.org, Website: www.odmps.org
Toll Free: 18001202316

CHANDI BHANDAR®
Happy New Year
2020

School-to-Career
TSG gurukul
A symbol of Holistic Development
Wish you may the New Year
Start with Fresh Joys and a life
filled with peace.
Happy New Year - 2020
444, Gothapatana, Bhubaneswar
Ph: 9438782020

ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ ନିଶ୍ଚୟ। କିନ୍ତୁ ତା'ସହିତ ତାକୁ ମଧ୍ୟ ବିଶ୍ୱ–ଐକ୍ୟ ଓ ବିଶ୍ୱ–ସଙ୍ଗତି ଆଣିବା ଦିଗରେ ତତ୍ପର ହେବାକୁ ପଡିବ। ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। କିନ୍ତୁ ତା'ସଙ୍ଗେ ସଙ୍ଗେ ତାକୁ ତା'ର ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ବଢାଇ ଚାଲିବାକୁ ହେବ। ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। –ଶ୍ରୀଅରବିନ୍ଦ

# ୨୦୨୦

ପିଲାବେଳେ ଶୁଣିଥିଲୁ 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି'। ହେଲେ ଭାରତରେ ଏବେ ଏହିଭଳି ପଦ ଗାଇବାକୁ କ୍ୱଚିତ୍ ଲୋକ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାର ଦୃଷ୍ଟାନ୍ତ ସରକାରୀ ତଥ୍ୟ ଓ ଉଚ୍ଚ ପଦବୀରେ ଥିବା ଲୋକଙ୍କ ବକ୍ତବ୍ୟରୁ ପ୍ରମାଣ ମିଳୁଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବ ସମୟକୁ ଦେଖିଲେ ସର୍ବଦା ଦେଶପ୍ରେମ, ବିକାଶ ଓ ଅଗ୍ରଗତିର ଧ୍ୱନି ଦେଇ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲା। ନିର୍ବାଚନ ସରିବା ପରେ ବାସ୍ତବ ପରିସ୍ଥିତି ବୁଝାପଡ଼ିଛି।

ଗତ ୬ ମାସ ହେବ ଦେଶରେ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ନିଯୁକ୍ତି କମିବା, ଔଦ୍ୟୋଗିକ ପ୍ରଗତିରେ ବାଧା ଉପୁଜିବା, ଅଭିବୃଦ୍ଧି ହ୍ରାସ ପାଇବା, ଲୋକଙ୍କ ହାତରେ ଟଙ୍କା ନ ଥିବାରୁ ବଜାର ବ୍ୟବସ୍ଥା ସ୍ଥାଣୁ ପାଲଟିଯାଇଛି। ଏହା ସତ୍ତ୍ୱେ ବର୍ତ୍ତମାନର ଶାସକଙ୍କୁ ଏସବୁ ବ୍ୟସ୍ତ କରୁନାହିଁ। ଯେତେବେଳେ ଦେଶର ଆର୍ଥିକ ଦୁର୍ଦ୍ଦିନ ନେଇ ଚାରିଆଡୁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପଡ଼ିଲା, ସେଥିରୁ ନଜର ହଟାଇବା ପାଇଁ ପ୍ରୟୋଗ କରାଗଲା ଏନ୍ଆରସି–ସିଏଏ–ଏନ୍‌ପିଆର୍। ଭାରତୀୟ ଯୁବପିଢ଼ି ଚାକିରି ପାଇଁ ଯେତେବେଳେ ସରକାରଙ୍କୁ ଦାୟୀ କଲେ, କୃଷକ ନିଜର ହକ୍ ପାଇବା ପାଇଁ ବିକ୍ଷୋଭ କରିବା ହେଉ ବା ନାରୀ ନିର୍ଯାତନା ବଢ଼ି ଚାଲିବା ଭଳି ପ୍ରତ୍ୟେକଟି ନକାରାତ୍ମକ ଘଟଣାକୁ ପ୍ରତିହତ କରିବା ନିମନ୍ତେ ସତେ ଯେପରି ପୂର୍ବ ନିର୍ଦ୍ଧାରିତ ଯୋଜନା କରାଗଲା। ଭାରତର କେତେକ ଅଞ୍ଚଳରେ ଲୋକଙ୍କ ସ୍ଥାୟିତ୍ୱ ନେଇ ନାଗରିକତ୍ୱ ପ୍ରମାଣ ଦେବା ସକାଶେ ଅନେକେ କାଗଜପତ୍ର ଯୋଗାଡ଼ କରିବାରେ ବ୍ୟସ୍ତ ରହିବା ଏବଂ ଆହୁରି ଅନେକେ ବିକ୍ଷୋଭରେ ସାମିଲ ହୋଇଯିବାରୁ ଅଧିକାଂଶଙ୍କ ମନରୁ ଆର୍ଥିକ ସମସ୍ୟା ବସ୍ତୁତଃ ଦୂରେଇବାକୁ ଲାଗିଲା। ଦେଶପ୍ରେମ ଜଗାଇ ପ୍ରତ୍ୟେକ ନାଗରିକଙ୍କୁ ଭୋଟରରେ ପରିଣତ କରିବାର ଯେଉଁ ଦୁର୍ବାର ପ୍ରୟାସ ଚାଲିଛି, ତା'ର ପ୍ରତିଫଳନ ଧନଜୀବନ ନଷ୍ଟରେ ରୂପାନ୍ତରିତ ହୋଇଛି। ଏଭଳି ସନ୍ଧିକ୍ଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରୀ ସମ୍ପତ୍ତି ନଷ୍ଟ ନ କରିବାକୁ ଆହ୍ୱାନ ଦେଇଛନ୍ତି। ଯୁବପିଢ଼ି ଅରାଜକତାରେ ବିଶ୍ୱାସ କରେ ନାହିଁ ଓ ସର୍ବଦା ଶାନ୍ତି ଚାହେଁ ବୋଲି ମୋଦି ମତ ଦେବା ଉଲ୍ଲେଖନୀୟ କଥା। କିନ୍ତୁ ଏକ ଭିନ୍ନ ଧରଣର ଆଲୋଚନା ସୋସିଆଲ ମିଡିଆରେ ପ୍ରକାଶ ପାଉଛି। ପ୍ରଧାନମନ୍ତ୍ରୀ ଲୋକଙ୍କୁ ସର୍ବସାଧାରଣ ସମ୍ପତ୍ତି ନଷ୍ଟ ନ କରିବାକୁ କହୁଥିଲେ ମଧ୍ୟ ବାସ୍ତବରେ ଏହି ସରକାର ସମୟରେ ସମ୍ବିଧାନ, ସିବିଆଇ, ଇଡି, ଆର୍‌ବିଆଇ ଭଳି ସ୍ୱାଧୀନ ସଂସ୍ଥା ମୂଳୁ ଧ୍ୱଂସ ହୋଇ ସାରିଲେଣି। ବାସ୍ତବତାକୁ ସମସ୍ତେ ହୃଦୟଙ୍ଗମ କରିପାରି ନ ଥାଆନ୍ତି। ମନୁଷ୍ୟକୃତ ବଡ଼ ବିପଦ ଦେଖାଦେଲେ ଓ ତାହାକୁ ପ୍ରତ୍ୟକ୍ଷ ଅନୁଭବ କରୁଥିବା ବ୍ୟକ୍ତି ଜାଣିପାରିଥାଆନ୍ତି। ବଞ୍ଚିବା ପାଇଁ ଅହରହ ସଂଗ୍ରାମ କରୁଥିବା ବ୍ୟକ୍ତି କଦାପି ବ୍ୟବସ୍ଥା ଭିତରକୁ ପ୍ରବେଶ କରିବାକୁ ଚାହିଁ ନ ଥାଏ। ଯେତେବେଳେ ଗୋଟେ 'ଘୋ' ସୃଷ୍ଟି ହୁଏ ଏବଂ ସରକାର କିଛି ଭୁଲ କରୁଛନ୍ତି ବୋଲି ହୃଦ୍‌ବୋଧ ହୁଏ, ସେତେବେଳେ ସାଧାରଣ ଲୋକ ସଜାଗ ହୋଇ ନିଜର ଅଧିକାର ମାଗିଥାଆନ୍ତି। ଅବଶ୍ୟ ଯେଉଁମାନେ ସରକାରଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଉଛନ୍ତି, ସେମାନଙ୍କୁ ଦେଶପ୍ରେମୀ କୁହାଯାଉଛି। ବିରୋଧ କରୁଥିବା ବ୍ୟକ୍ତି ଦେଶଦ୍ରୋହ ଆଖ୍ୟା ପାଉଛନ୍ତି। ଫଳରେ ବ୍ୟବସ୍ଥା ବିରୋଧୀ ହେବାକୁ ଅନେକେ ଡରିଲେଣି। କିନ୍ତୁ ଏଠି ମନେରଖିବାକୁ ହେବ ଯେ, ଦେଶର ଅର୍ଥ ସରକାର ନୁହେଁ।

୨୦୧୯ ସାଧାରଣ ନିର୍ବାଚନ ଓ ପ୍ରତିବାଦର ବର୍ଷ ଭାବେ ତା'ର ସ୍ମୃତି ଛାଡ଼ିଗଲା। ଶାସନ, ପ୍ରଶାସନ ଏବଂ ବ୍ୟବସ୍ଥା ଭିତରେ ଓ ବାହାରେ ଥିବା ଲୋକମାନେ ବାସ୍ତବତା କ'ଣ ବୁଝିବାକୁ ଆରମ୍ଭ କରୁଛନ୍ତି। ବିଗତ ବର୍ଷ ଅନ୍ଧକାର ଏବଂ ବିପଦର ବର୍ଷ ଭାବେ ମନେରହିବ। ତେବେ ନୂଆବର୍ଷ–୨୦୨୦ରେ ସେହି ପୁରୁଣା ଜିନିଷ ଘଣ୍ଟା ନ ଯିବ ବୋଲି ସମସ୍ତେ ଆଶା କରିବା। ଦେଶର ସ୍ୱାର୍ଥକୁ ସର୍ବାଗ୍ରେ ରଖିବା ଲାଗି ଉପର ସ୍ତରରେ ଥିବା ବ୍ୟକ୍ତିମାନେ ଉଦ୍ୟମ କରିବା ଆବଶ୍ୟକ। ଯୁବପିଢ଼ିଙ୍କ ପାଇଁ ବରିଷ୍ଠ ବର୍ଗ ତ୍ୟାଗ କରିବାକୁ ଚାହିଁବା ଦରକାର। ୨୦୨୦ ଦେଶ ପାଇଁ କିଭଳି ଏକ ଭିଜନ୍‌ର ବର୍ଷ ହୋଇପାରିବ ଓ ସକାରାତ୍ମକ ହାୱା ବହିବ, ସେହି ଦିଗରେ ସମ୍ମିଳିତ ଉଦ୍ୟମ ଲୋଡ଼ା। ନାଗରିକଙ୍କୁ ଭାଙ୍ଗି ନୁହେଁ, ସେମାନଙ୍କୁ ଗଢ଼ିବାର ପ୍ରୟାସ ହେଲେ ଦେଶ ବାସ୍ତବ ବିକାଶ ପଥରେ ଆଗେଇ ଯିବ। ସେଥିପାଇଁ ସରକାରୀ ତଥ୍ୟ କିମ୍ବା ଭାଷଣରେ ଜଣାଇବା ଦରକାର ନୁହେଁ। ଏଥିସହିତ ମନେରଖିବାକୁ ହେବ ଯେ ୨୦୨୦ କେବଳ ଏକ ନବବର୍ଷ ନୁହେଁ, ଏହା ଏକ ନୂତନ ଦଶନ୍ଧିର ଶୁଭାରମ୍ଭ। ଏହି ଅନ୍ଧକାରମୟ ସମୟରେ ଆମର ପାଠିକାପାଠକ, ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କର ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ପାଇଁ ପ୍ରାର୍ଥନା କରୁଛୁ।

## ଚିରନ୍ତନୀ

କେବଳ ଏଥି ନାଚଇ ଶୂନ୍ୟ
ପରାଣ ତହିଁ ରହଇ ଲାଖି,
ଯେତେ ମୁଁ ଚାହେଁ ଜୋଛନା ପଥେ
ତୃପତି ମୋର ନ ମାନେ ଆଖି।
ଏ ଦେଶ କାହୁଁ ଚିହ୍ନିଲ ତୁମେ
ସଦା ଯେ ତୁମେ ନିଜକୁ ଭୁଲି ?
କହ ଗୋ କାହୁଁ ଆସିଲ ଏଥି
ଚରଣ ତଳେ ଫୁଟାଇ ଫୁଲ।
କପାଳେ ତବ ଶିଶିର ତୁମେ
ନୟନେ ଲାଗେ ସ୍ୱପନ ରାଶି,
ନିଜନ ଏହି ମଉନ ଦେଶେ
କହ ଗୋ କାହୁଁ ଅଇଲ ଭାସି।
(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | | | | 0 | E | | | 9 | | | | |
| 2 | C | 0 | | A | 3 | 9 | | | | | 6 | | | |
| | | | D | 6 | | | | | | 5 | | 3 | | 4 |
| 6 | | | | | | | A | D | | E | | | | 1 |
| | | 7 | B | | | | | C | | | A | | 0 | D |
| E | 0 | 5 | 1 | | | | | 9 | 4 | | | | 7 | |
| | | | | 9 | | | | | | 6 | | | 4 | 0 |
| 7 | | 9 | | 2 | 8 | D | | | | | | | | |
| | | 1 | 4 | | | 3 | C | | A | | | B | | |
| | | | 6 | | | 7 | | | 0 | B | D | | | |
| | 1 | D | | 3 | C | | 0 | | 5 | | | 4 | | B |
| | | C | | | | | | | 1 | 0 | | | E | |
| | | | | | 7 | E | | | | 2 | | | | |
| | 3 | | A | B | | | 7 | 1 | | | | | | 5 |
| | 8 | | | D | 9 | 5 | 4 | | | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 8 | 7 | C | E | 4 | 3 | 9 | A | 2 | 6 | 5 | B | D | 1 |
| 3 | 6 | 9 | 5 | 7 | A | B | D | E | 1 | 8 | 0 | 2 | 4 | C |
| 1 | E | 2 | 3 | D | 6 | 5 | 8 | C | 4 | B | 7 | 0 | A | 9 |
| 4 | B | C | 1 | 8 | 9 | 0 | 2 | 6 | A | 3 | D | E | 7 | 5 |
| A | D | 5 | 0 | B | 2 | 7 | 4 | 1 | C | E | 9 | 6 | 8 | 3 |
| 6 | 5 | D | 9 | 4 | 3 | 8 | C | 7 | B | 0 | 2 | A | 1 | E |
| 2 | C | E | 7 | 0 | D | 9 | 5 | B | 8 | 1 | A | 3 | 6 | 4 |
| 9 | 0 | 1 | 8 | A | C | E | 6 | D | 3 | 7 | 4 | 5 | B | 2 |
| 8 | 4 | B | E | 1 | 5 | 2 | A | 3 | 9 | D | 6 | C | 0 | 7 |
| 7 | 3 | A | 2 | 6 | B | 1 | 0 | 4 | E | 5 | C | D | 9 | 8 |
| 5 | 7 | 8 | A | 9 | E | C | 1 | 0 | 6 | 2 | B | 4 | 3 | D |
| B | 1 | 4 | 6 | 2 | 8 | A | 7 | 5 | D | C | 3 | 9 | E | 0 |
| C | 9 | 3 | 4 | 5 | 0 | D | B | 8 | 7 | A | E | 1 | 2 | 6 |
| E | A | 6 | D | C | 1 | 4 | 3 | 2 | 0 | 9 | 8 | 7 | 5 | B |
| D | 2 | 0 | B | 3 | 7 | 6 | E | 9 | 5 | 4 | 1 | 8 | C | A |

ଗତକାଲିର ଉତ୍ତର

# ପ୍ଲାଷ୍ଟିକ୍ ଦିଅ, ଟଙ୍କା ନିଅ



ସୌମ୍ୟା ପରିଡ଼ା

ପିଲାଦିନେ ବର୍ଷେ ଦୁଇ ବର୍ଷ ଓଡ଼ିଶୀ ନାଚ ଶିଖୁଥିଲି। ଘରଠୁ ତିନି କିଲୋମିଟର ସାଇକେଲ୍‌ରେ ଯିବାକୁ ପଡୁଥିଲା। ସପ୍ତାହକୁ ବୋଉ ପାଖରୁ ପାଞ୍ଚ ଟଙ୍କା ମିଳୁଥିଲା। ଅଧିକାଂଶ ସମୟରେ ସେ ପାଞ୍ଚ ଟଙ୍କିଆ ନୋଟ୍‌ଟା ମୋର ମୃଦୁପାନୀୟ ପିଇବାରେ ସରୁଥିଲା। ସେତେବେଳେ ମୃଦୁପାନୀୟ ପିଇସାରି କାଚବୋତଲଟା ଫେରେଇଲେ ପାଞ୍ଚଟଙ୍କା ଆଉ ନ ଫେରାଇବା ଦରଟି ସାତଟଙ୍କା ପାଖାପାଖି ଥିଲା। ତେଣୁ ନିହାତି ଦରକାର ନ ଥିଲେ ଲୋକମାନେ ବୋତଲ ସହ କିଣୁ ନ ଥିଲେ। ଆଉ କିଣିଲେ ବି ପୁଣିଥରେ ଦୋକାନରେ ଫେରେଇବାକୁ ସାଇତି ରଖୁଥିଲେ। ସେ ପୁରୁଣା ବୋତଲଗୁଡ଼ିକ ସଫାହୋଇ ପୁଣିଥରେ ବ୍ୟବହୃତ ହେଉଥିଲା। ଦରକାର ବେଳେ ରିସାଇକ୍ଲିଂ କରାଯାଉଥିଲା। ମୃଦୁପାନୀୟ ପିଇ ଦେହ ଅସୁସ୍ଥ ହେଉ ପଛେ, ହେଲେ ତା'ର ପ୍ୟାକିଂକୁ ନେଇ ପରିବେଶ ଖରାପ ହେଉ ନ ଥିଲା। ହେଲେ ଯହୁଁ ଯହୁଁ ବଡ଼ ହେଲୁ, କାଚର ଜାଗା ପ୍ଲାଷ୍ଟିକ୍ ନେଇ ଚାଲିଲା। ନାଲି, ନୀଳ, ହଳଦିଆ ରଙ୍ଗବେରଙ୍ଗର ଡବା, ବୋତଲ, ନିତିଦିନିଆ ବ୍ୟବହାର୍ଯ୍ୟ ଜିନିଷ ଦେଖି ଆମେ ଖୁସିରେ ନାଚିଲୁ। ପରିସ୍ଥିତି ନେଡ଼ିଗୁଡ଼ କହୁଣିକୁ ବୋହିଗଲା ପରେ ପ୍ଲାଷ୍ଟିକ୍, ପଲିଥିନ୍ ବନ୍ଦ ହେବା ଜରୁରୀ ବୋଲି ଆମକୁ ଲାଗିଲା।

ଏବେ କେନ୍ଦ୍ର ସରକାର ହୁଅନ୍ତୁ କି ରାଜ୍ୟ ସରକାର, ପଲିଥିନ୍ ବନ୍ଦ କର କହୁଛନ୍ତି। ହେଲେ ପଲିଥିନ୍ ବନ୍ଦ ନାଁରେ ଗରିବ ପରିବାବିକାଳି, ଛୋଟମୋଟ ଦୋକାନୀଙ୍କ ଉପରେ ଚଢ଼ାଉକରି ଫାଇନ୍ ଆଦାୟ କରୁଛନ୍ତି। ପରେ ପୁଣି ସେସବୁ ବନ୍ଦ। ସଚେତନତା କାର୍ଯ୍ୟକ୍ରମ ନୁହେଁ ତ ବରଂ ଇଭେଣ୍ଟ ପ୍ଲାନିଂ। ଆଜି ଗଛକଥା କହିବୁ, କାଲି ପାଣିକଥା କହିବୁ, ତହିଁଆର ଦିନ ପଲିଥିନ୍ ବନ୍ଦକଥା କହିବୁ, ତା'ପର ଦିନ ପୁଣି ଟ୍ରାଫିକ୍ ନିୟମକଥା କହିବୁ। ଆଉ ଏମିତି ଗୋଟିଏ ପରେ ଗୋଟିଏ ଯୋଜନା ଆରମ୍ଭ ହେଉଥିବ, ତା' ବାଟରେ ସିଏ ହଜିଯାଉଥିବ। ତେଣୁ ଲମ୍ବା ଚାଲିଲେ ସିନା ବହୁକଥା ଭାବିବାକୁ ପଡ଼ିବ। କିହୋ ଯଦି ପଲିଥିନ୍‌ମୁକ୍ତ ଭାରତ କି ଓଡ଼ିଶା କରିବାର ଅଛି ତା'ହେଲେ ସବୁବେଳେ ଲୋକାଭିମୁଖୀ ଯୋଜନା କରୁନ! ଅନ୍ତଃରାଷ୍ଟ୍ରୀୟ କମ୍ପାନୀକୁ, ବଡ଼ବଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଠିକାକାମ ଦେଇ, ନିଜ କାମର ତର୍ଜମା କରିବା ଦାୟିତ୍ୱ ତାଙ୍କ ହାତରେ ଟେକିଦେବା ବନ୍ଦ କରିବାକୁ ପଡ଼ିବ। ରାସ୍ତାକଡ଼ର ଛୋଟ ଠେଲାଦୋକାନୀ ପାଖରୁ ଫାଇନ୍ ଆଦାୟ କରିବା ପୂର୍ବରୁ ବଡ଼ ଦୋକାନ ଓ ମଲ୍‌ଗୁଡ଼ିକର ହଜାର ହଜାର ସଂଖ୍ୟକ ଚିପ୍‌ସ, ଚକୋଲେଟ୍, ବିସ୍କୁଟ୍ ପ୍ୟାକେଟ୍ ସହ ଘରର ଆସବାବ ଜିନିଷରେ ସାମିଲ ପ୍ଲାଷ୍ଟିକ୍, ପଲିଥିନ୍ ବିଷୟରେ ଭାବିବାକୁ ପଡ଼ିବ।

ବିଭିନ୍ନ କମ୍ପାନୀ ଦାବି କରିପାରନ୍ତି ଯେ, ସେମାନେ ବ୍ୟବହାର କରୁଥିବା ପଲିଥିନ୍ ପ୍ୟାକେଟ୍ ସବୁ ରିସାଇକ୍ଲିଂ ଉପଯୋଗୀ। ହେଲେ ପ୍ରକୃତରେ କ'ଣ ସେଗୁଡ଼ିକ ରିସାଇକ୍ଲିଂ ଜାଗାରେ ପହଞ୍ଚିପାରେ! ଆଉ ଯଦି ପହଞ୍ଚେ, କେତେ ପ୍ରତିଶତ ପହଞ୍ଚେ ତା'ର ହିସାବ କିଏ ରିଖିଛି? ସେମିତି ଦିନକୁ ଲକ୍ଷଲକ୍ଷ ସଂଖ୍ୟକ ପିଇବା ପାଣିବୋତଲ ବିକ୍ରିହୁଏ। କମ୍ପାନୀମାନେ ବି ନିଜ ଦୋଷ ଛଡ଼େଇବାକୁ ହେଉ କି ବିକ୍ରିର ମାତ୍ରା ବଢ଼େଇବାକୁ ହେଉ, ସମୟେ ସମୟେ ବିଭିନ୍ନ ଖବରକାଗଜ ଓ ଟେଲିଭିଜନ ବିଜ୍ଞାପନ ଜରିଆରେ ତାଙ୍କ ପାଣିବୋତଲଟି କିଣିବା ପରିବେଶ ପ୍ରଦୂଷଣ ଶ୍ରେଣୀ ଅନ୍ତର୍ଭୁକ୍ତ ନୁହେଁ ବୋଲି ସୂଚାନ୍ତି। ହେଲେ ପ୍ରକୃତରେ କେତେ ପ୍ରତିଶତ ପାଣିବୋତଲ ରିସାଇକ୍ଲିଂ ଯାଏ ପହଞ୍ଚେ? ପ୍ରତିଦିନ ଲକ୍ଷଲକ୍ଷ ସଂଖ୍ୟକ ଚିପ୍‌ସ ପ୍ୟାକେଟ୍, ମୃଦୁପାନୀୟ, ପାଣି ଓ ଜୁସ୍ ବୋତଲ ସେମିତି ପଡ଼ିରହେ। ଆଉ ପଡ଼ିଥିବା ଜାଗାରୁ ମ୍ୟୁନିସିପାଲିଟି ଗାଡ଼ି, ଆଉ ସେଠୁ ଅଧିକାଂଶ ସମୟରେ ନଦୀ, ନାଳ, ଡ୍ରେନେଜ୍ ଜାଗାକୁ ଜାମ୍ କରିବା କାମ କରେ ସିନା ହେଲେ ରିସାଇକ୍ଲିଂ ଜାଗା ଯାଏ ପହଞ୍ଚିପାରେ ନାହିଁ। ଏପରିକି ଦେଶର କମର୍ସିଆଲ୍ କ୍ୟାପିଟାଲ୍ ମୁମ୍ବାଇରେ ବି ପ୍ରତିବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହେବାରେ ଏହି ପଲିଥିନ୍ ଓ ପ୍ଲାଷ୍ଟିକ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଏ।

ତେବେ କଥା ଉଠୁଛି ଯଦି ସରକାର ସତରେ ସଚେତନ ତା'ହେଲେ କ'ଣ ଏ ଅବସ୍ଥାରେ ସୁଧାର ଆସିପାରିବନି? ଆଗରୁ ମୃଦୁପାନୀୟ ପିଇ କାଚବୋତଲ ଫେରାଇଲେ ଦୋକାନୀଙ୍କଠୁ ଯେମିତି କିଛି ଟଙ୍କା ଫେରସ୍ତ ମିଳୁଥିଲା, ଏବେ ସେମିତି କିଛି କରାଯାଉ। ଫଳରେ ଲୋକମାନେ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦକରିବା ଆରମ୍ଭ କରିବେ। ହୋଇଥାଉ ପଛେ ଅତି କମ୍ ପଇସା ହେଲେ ସେଇ ବାହାନାରେ ଲକ୍ଷ ଲକ୍ଷ, କୋଟି କୋଟି କ୍ଷୀର ପ୍ୟାକେଟ୍, ନୁଡୁଲ୍‌ସ ପ୍ୟାକେଟ୍, ପାଣି ବୋତଲ ରିସାଇକ୍ଲିଂ ଜାଗାରେ ପହଞ୍ଚିପାରିବ। ଦିଲ୍ଲୀରେ କେଜ୍‌ରିୱାଲ୍ ମହିଳାଙ୍କ ପାଇଁ ମାଗଣା ବସ୍ ସେବା ଯୋଜନା କରି ସେମାନଙ୍କୁ ପବ୍ଲିକ ଟ୍ରାନ୍ସପୋର୍ଟ ପ୍ରତି ଆଗ୍ରହୀ କରିବା ଭଳି ସାରାଦେଶରେ କିଛି ଲୋକାଭିମୁଖୀ ଯୋଜନା କରିବାକୁ ପଡ଼ିବ। ପ୍ରଦୂଷଣ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ନାଁରେ କୋଟି କୋଟି ଟଙ୍କା ସାରିବା ଅପେକ୍ଷା କିଛି ଅର୍ଥ ବ୍ୟୟରେ ଏମିତି ଯୋଜନା ହାତକୁ ନେବାକୁ ପଡ଼ିବ, ଯାହାଦ୍ୱାରା ମୂଳରୁ ହିଁ ଏଥିନେଇ ସଚେତନତା ସୃଷ୍ଟି କରାଯାଇପାରିବ। ସମୟ ନଷ୍ଟ ନ କରି ସାଧାରଣ ଲୋକଙ୍କୁ ସେମାନଙ୍କ କର୍ତ୍ତବ୍ୟ ପ୍ରତି ଅବଗତ କରାଯାଇପାରିବ। ଯଦି ପ୍ରତି ଗଳିରେ ବ୍ୟାଙ୍କ୍‌ଟିଏ ଏଟିଏମ୍ ଖୋଲିପାରୁଛି, ପାଣିବୋତଲ ବିକ୍ରି କରାଯାଇପାରୁଛି, ତା'ହେଲେ ପ୍ରତି ଜାଗାରୁ ଦୈନନ୍ଦିନ ଜୀବନରେ ବ୍ୟବହୃତ ପଲିଥିନ୍, ପ୍ଲାଷ୍ଟିକ୍ କାହିଁକି ଆଦାୟ କରାଯାଇପାରିବ ନାହିଁ। ଯଦି ପ୍ଲାଷ୍ଟିକ୍ ପାଣିବୋତଲ ଦେଶର କୋଣଅନୁକୋଣରେ ପହଞ୍ଚିପାରୁଛି, ତା'ହେଲେ ସରକାର ବି ସେମିତି କିଛି ଯୋଜନା ବିଷୟରେ ଭାବିବା କଥା, ଯାହାଦ୍ୱାରା ପ୍ରତି ଗାଁଗଣ୍ଡା, ସହର, ଗଳିକନ୍ଦିରେ ମାଗଣାରେ ପିଇବା ପାଣି ମିଳିପାରିବ। ଅଧିକାଂଶ ବଡ଼ବଡ଼ କମ୍ପାନୀ ବିଭିନ୍ନ ହେରାଫେରି କରି ସିଏସ୍‌ଆର୍ ଫଣ୍ଡ ନାଁରେ ରାଜନୈତିକ ଦଳ, ସ୍ଥାନୀୟ ଦଲାଲଙ୍କୁ ମାଲାମାଲ୍ କରିବା ଅପେକ୍ଷା ଏମିତି ପଦକ୍ଷେପ ନେବା ହଜାରେ ଗୁଣରେ ଭଲ। ହୋଇଥାଉ ପଛେ ଦଶ ପଇସା ହେଲେ ସେଇ ବାହାନାରେ ଲକ୍ଷ ଲକ୍ଷ, କୋଟି କୋଟି କ୍ଷୀର ପାଉଚ୍, ଚକୋଲେଟ୍ ର୍‍ୟାପର୍, ପ୍ଲାଷ୍ଟିକ୍ ପାଣିବୋତଲ ରିସାଇକ୍ଲିଂ ଜାଗାରେ ପହଞ୍ଚିପାରିବ। ଲୋକମାନେ ବି ବଡ଼ ଆଗ୍ରହର ସହ ବଦଳେଇବା ପାଇଁ ପୁରୁଣା ଖବରକାଗଜ ପରି ତାକୁ ସାଇତି ରଖିବେ। ସେମିତି କନା ବ୍ୟାଗ୍ ବ୍ୟବହାର ସପକ୍ଷରେ ପ୍ରଚାର ହେବ, ହେଲେ ପ୍ରଚାର ଜାଗାରେ ଯେଉଁ ମଞ୍ଚ ହେବ ତା' ପଛପଟେ ଗଦାଗଦା ପ୍ଲାଷ୍ଟିକ୍ ହୋର୍ଡ଼ିଙ୍ଗ୍ ଲାଗିବ। ଅନ୍ତଃରାଷ୍ଟ୍ରୀୟ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ସରକାରଙ୍କ ସହ ମିଶି ବଡ଼ବଡ଼ ହୋଟେଲ୍‌ରେ ଲୋକଦେଖାଣିଆ କର୍ମଶାଳା ହେବ। ବର୍ଷକ ଭିତରେ ଆମେ ଏତିକି କାର୍ଯ୍ୟକ୍ରମ କଲୁ, ଆଉ ଏତିକି ଲୋକଙ୍କୁ ସଚେତନ କଲୁ। ହୋଇଥାଉ ପଛେ ସେଇଟା କେବଳ ନେଟ୍‌ୱର୍କିଂ ପାଇଁ ସାଧାରଣ ଭୋଜି। ତଳସ୍ତରରେ କାମ କରୁଥିବା ଲୋକଙ୍କୁ ଏଥିରେ କ୍ୱଚିତ୍ ସାମିଲ୍ କରାଯାଏ। ହେଲେ ବିଦେଶୀ ନାଗରିକଙ୍କ ମଧ୍ୟରୁ ଜଣେ ବା ଦୁଇ ଜଣଙ୍କୁ ମଞ୍ଚରେ ବସାଇ କର୍ମଶାଳାକୁ ଅନ୍ତର୍ଜାତୀୟ ମାନ୍ୟତା ଦିଆଯାଏ।

ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁ ପାଖିପାଖି ସାତ ଶହ ପ୍ରଜାତିର ଜୀବଜନ୍ତୁ ତଥା ପାଣିରେ ରହୁଥିବା ଜୀବ ଏବେ ସଙ୍କଟରେ। ଯଦି ପ୍ଲାଷ୍ଟିକ୍ ବ୍ୟବହାର ଓ ପ୍ରଦୂଷଣକୁ ଠିକ୍ ଭାବରେ ତଦାରଖ କରା ନ ଗଲା, ଠିକ୍ ଭାବେ ରୋକା ନ ଗଲା, ତେବେ ୨୦୨୫ବେଳକୁ ସମୁଦ୍ରରେ ପ୍ରତି ତିନି ଟନ୍ ମାଛ ପିଛା ଏକ ଟନ୍ ପ୍ଲାଷ୍ଟିକ୍ ଥିବ। ପରିବେଶରେ ଅସନ୍ତୁଳନ ଏବେଠୁ ଦେଖାଗଲାଣି। ଖରା, ବର୍ଷା, ଶୀତ ଆଉ ଠିକ୍ ସମୟରେ ହେଉନାହିଁ। ଡିସେମ୍ବର ମାସରେ ବି ଅସହ୍ୟ ଗରମ ସାଙ୍ଗକୁ ବେଳେବେଳେ ବର୍ଷା ହେଉଛି। ଏସବୁର ଏବେ ଆରମ୍ଭ ମାତ୍ର। ହେଲେ ବେଳ ଥାଉ ଥାଉ ଏହାକୁ ରୋକା ନ ଗଲେ ପୃଥିବୀପୃଷ୍ଠରୁ ଦିନେ ଯେ ଜୀବଜନ୍ତୁ ଲୋପ ପାଇବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ମୁମ୍ବାଇ, ମୋ–୯୩୩୮୫୬୬୫୮୭,
saumya.consultant@gmail.com

# ମୁଆଁ ଖାଇବାକୁ ମନ



ସଂଗ୍ରାମ କେଶରୀ ପୃଷ୍ଟି

ମୁଆଁ ପ୍ରସଙ୍ଗରେ ମନେ ପଡ଼ିଯାଏ, ପିଲାଦିନେ ଶୁଣିଥିବା ଗୋଟିଏ ପଦ, ଯାହାର କି ତିନି ପ୍ରକାରର ଅର୍ଥ ବାହାରିଥାଏ। ତାହା ହେଲା ମା' ମୁଁ ଆଁ କରିଛି। ମାମୁ ଆଁ କରିଛି। ମା' ମୁଆଁ କରିଛି। ଗୁଡ଼ ଓ ଖଇ ପାଗରେ ତିଆରି ମୁଆଁ ଖାଲି ଲୋଭନୀୟ ନୁହେଁ, ସ୍ୱାଦିଷ୍ଟ ମଧ୍ୟ। ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟ ଭାବରେ ଏହାର ସ୍ଥାନ ସ୍ୱତନ୍ତ୍ର। ଏହାର ନାଁ ଶୁଣିଲେ ପାଟିରୁ ଗଡ଼ିଆସେ ଲାଳ। ମୁଆଁ କଥା ଭାବିଲା ମାତ୍ରକେ ମାମୁଘରର ଚିତ୍ର ତାଜା ହୋଇଉଠେ। ଆଇମା' କେତେ ସୁନ୍ଦର ଭାବରେ ଏହା ତିଆରି ନ କରନ୍ତି ସତେ! ଭଲ ଧାନ ଦେଖି ତାକୁ ପାଗ କରିବେ। ମାଟିଚୁଲି ଉପରେ ହାଣ୍ଡି ବସେଇ ସେଥିରେ ବାଲି ଦେଇ ଖଡିକାରେ ଖଇ ଭାଜିବେ। ତା'ପରେ ରନ୍ଧାଗୁଡ଼କୁ ଗରମ କରି ତାହା ଯେତେବେଳେ ଅଠାଳିଆ ପାଗ ଧରିବ, ସେଥିରେ ଭଜା ପାତି ନଡିଆ, ଜୁଆଣି ଓ ଖଇ ପକାଇ ଘାଣ୍ଟିବେ। ଗୁଡ଼ ଖଇ ସବୁକୁ ଭିଡ଼ି ଧରିବ। ବଦଳିଯିବ ତା' ରଙ୍ଗ। ଅଠା କାରଣରୁ ମେଞ୍ଚା ମେଞ୍ଚା ହୋଇଯିବ। ପରସ୍ପରକୁ ଭିଡି ଧରିଥିବ ଖଇ। ସେଥିରୁ ଟେଳାଏ ଧରି ଖାଇବାରେ ଆଃ କି ଆନନ୍ଦ। କେବେ କେବେ ପିଲାମାନଙ୍କ ଫରମାଇସରେ ଆଇମା' ତାକୁ ଗୋଲ ଗୋଲ କରି ଲଡୁର ଆକାର ଦେଇଥାନ୍ତି।

ମାଆ ଯେତେବେଳେ ମାମୁଘର ଯାଆନ୍ତି ଫେରିଲା ବେଳେ ଯାହା ତାଙ୍କ ସାଥିରେ ଥାଏ, ତାହା ହେଉଛି ମୁଆଁ ଭାର। କିଛି ମିଠା ଓ କଦଳୀ ସହିତ ମୁଆଁ ବଣ୍ଟାଯାଏ ସାହିପଡ଼ିଶାଙ୍କୁ। କଂସାଭର୍ତ୍ତି ମୁଆଁ ପାଇଲା ପରେ ଅଜଣା ଲୋକ ବି ଜାଣିଯାଏ ଯେ, ଏହା ଆସିଛି ଝିଅର ବାପଘରୁ। ବିବାହ–ବ୍ରତ, ପୁଣ୍ୟ ପରବ ବେଳେ ମାମୁଘରୁ ଆସୁଥିବା ମୁଆଁଭାରକୁ ପବିତ୍ରତାର ପ୍ରତୀକ ଭାବରେ ବିବେଚନା କରାଯାଏ। ଏତଦ୍‌ବ୍ୟତୀତ ପ୍ରତିଟି ପୂଜାପାଠ ସମୟରେ ଭୋଗ ପାଇଁ ଆଗ ଖୋଜାପଡ଼େ ମୁଆଁ।

ଓଡ଼ିଆଙ୍କ ପାରମ୍ପରିକ ପର୍ବପର୍ବାଣି ମଧ୍ୟରେ ଏକ ଉଲ୍ଲେଖନୀୟ ପର୍ବ ହେଉଛି ଧନୁସଂକ୍ରାନ୍ତି। ଧନୁ ବା ସୌର ପୌଷ ମାସର ପ୍ରଥମ ଦିନକୁ ଧନୁ ସଂକ୍ରାନ୍ତି ଭାବରେ ପାଳନ କରାଯାଏ। ଏହିଦିନ ମୁଆଁକୁ ଠାକୁରଙ୍କ ପାଖରେ ଭୋଗ ଲଗାଯିବାର ପରମ୍ପରା ରହିଛି। ଧନୁସଂକ୍ରାନ୍ତି ଦିନଠାରୁ ଶ୍ରୀଜଗନ୍ନାଥଙ୍କ ପହିଲି ଭୋଗ ଆରମ୍ଭହୋଇ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ। ପୌଷ ମାସରେ ଧାନ ଅମଳ ହୁଏ। ନୂଆ ଧାନର ଖଇରେ ଉଖୁଡା ବା ମୁଆଁ ପ୍ରସ୍ତୁତ କରିବା ହେଉଛି ଓଡ଼ିଆ ଚଳଣିର ବିଶେଷତ୍ୱ। ମୁଆଁ ଭୋଗ ପାଇଁ ଧନୁସଂକ୍ରାନ୍ତିର ପ୍ରସିଦ୍ଧି ରହିଛି। ଏ ମାସରେ ଧନୁମୁଆଁ ଖାଇବା ଏକ ସାମାଜିକ ପରମ୍ପରା ମଧ୍ୟ। ତେଣୁ ଏହା ପାଇଁ ଥାଏ ବର୍ଷଯାକର ଅପେକ୍ଷା।

ଧନୁମୁଆଁକୁ ନେଇ ଏକ ରୋଚକ ପ୍ରସଙ୍ଗ ଶୁଣିବାକୁ ମିଳିଥାଏ। ନୟାଗଡ଼ ରାଜା ପ୍ରତିବର୍ଷ ପୌଷ ମାସରେ ତାଙ୍କ ଦରବାରର କର୍ମଚାରୀଙ୍କ ପାଇଁ ଧନୁମୁଆଁ ପଠାଇଥାନ୍ତି। କିନ୍ତୁ ଥରେ ଏଥିରେ ଘଟିଲା ବ୍ୟତିକ୍ରମ। ଧନୁମୁଆଁ ଆସିଲା ନାହିଁ। ଏଣୁ ରାଜଦରବାରର ହାସ୍ୟରସିକ କବି ଯଦୁମଣି ଦୁଃଖ ଓ ଅଭିମାନର ସହିତ ରାଜାଙ୍କ ପାଖକୁ ଖଣ୍ଡେ ଚିଟାଉ ଲେଖି ପଠାଇଲେ। ସେଥିରେ ଲେଖାଥିଲା– ''ଧନୁମାସ ହେଲା ହନୁ ନ ଚଳିଲା କହିବାକୁ ବଡ ଲାଜ। ମୁଁ ଆଁ କରିଅଛି ମୁଆଁ ଖାଇବାକୁ ଆଜ୍ଞା ହେଉ ମହାରାଜ।'' ରାଜା ଏ ଚିଠି ପାଇଲା ପରେ ନିଜ ଭୁଲ ସମ୍ପର୍କରେ ଅବଗତ ହେଲେ ଓ ତୁରନ୍ତ ରାଜ ମୁଆଁ ପଠାଇବାର ବ୍ୟବସ୍ଥା କଲେ।

ମୁଆଁ ଖାଲି ଗୁଡ଼ରେ ନୁହେଁ ଚିନିରେ ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ତେବେ ଦେଶୀ ଗୁଡ଼ରେ ତିଆରି ମୁଆଁର ସ୍ୱାଦ ଓ ବାସ୍ନା ଥାଏ ନିଆରା। ମୁଆଁ ବା ଉଖୁଡ଼ାକୁ ଗୋଲ ଗୋଲ କରି ଲଡୁ ପ୍ରସ୍ତୁତ କରାଯାଉଥିବା ବେଳେ ତାକୁ ଦେଉଳ ଆକୃତି ଦିଆଯାଇ ଜୁଗାର ବୋଲି କୁହାଯାଏ। ତେବେ ଓଡ଼ିଆ ଘରର ଓଷା ବ୍ରତ, ପୂଜାପାଠ ପରି କାର୍ଯ୍ୟକ୍ରମରେ ଥାଳିରେ ମୁଆଁକୁ ଜୁଗାର ଆକୃତି ଦିଆଯାଇ ଦେବଦେବୀଙ୍କ ପାଖରେ ସମର୍ପଣ କରାଯାଏ।

ପଶ୍ଚିମ ଓଡ଼ିଶାର ଏକ ଅନନ୍ୟ ପର୍ବ ହେଉଛି ଜୁଗାର ଯାତ୍ରା। ଏହାର ମୂଳଉତ୍ସ ହେଉଛି ମୁଆଁ। ୫ କିଲୋଗ୍ରାମ୍ ଖଇ ଓ ଗୁଡ଼ରେ ପ୍ରସ୍ତୁତ ଜୁଗାର ବିଶେଷ ଭାବରେ ପ୍ରଚଳିତ ହେଉଥିବା ବେଳେ ସ୍ଥାନ–କାଳ ବିଶେଷରେ ଏହି ଜୁଗାରର ଉଚ୍ଚତା ହୋଇଥାଏ ୬ ଫୁଟରୁ ୧୫ ଫୁଟ୍। ମାନସିକ ପୂରଣ ପରେ ମାନସିକଧାରୀ ଭକ୍ତି ଓ ବିଶ୍ୱାସର ସହିତ ମା' କାଳୀଙ୍କ ପାଖରେ ଜୁଗାର ସମର୍ପଣ କରିଥାନ୍ତି। ଭକ୍ତମାନଙ୍କର ଜୁଗାର ସବୁକୁ ପାରମ୍ପରିକ ଲୋକବାଦ୍ୟର ତାଳେ ତାଳେ ପଟୁଆରରେ ଅଣାଯାଇ ମା'ଙ୍କୁ ସମର୍ପଣ କରିବାର ବିଧି ହିଁ ଜୁଗାର ଯାତ୍ରା ଭାବରେ ସୁପରିଚିତ। ଜୁଗାର ସବୁର ଆକର୍ଷଣୀୟ ପରିପାଟୀ ବେଶ୍ ଦର୍ଶନୀୟ। ନିର୍ମାଣଶୈଳୀ ଦୃଷ୍ଟିରୁ ଜୁଗାର ସବୁ ଭିନ୍ନ ଭିନ୍ନ ନାମରେ ନାମିତ। ତନ୍ମଧ୍ୟରୁ ଗଡୁ ଜୁଗାର, ହଂସ ଜୁଗାର, ଧିଣ୍ଡା ଜୁଗାର, ଖୁଲା ଜୁଗାର, ଜୁଲି ଜୁଗାର ଓ ପଦ୍ମ ଜୁଗାର ଅନ୍ୟତମ। ଏଥିରୁ ହିଁ ଓଡ଼ିଆଙ୍କ କଳାନୈପୁଣ୍ୟର ପରିଚୟ ମିଳିଥାଏ। ଏହି ଜୁଗାର ଯାତ୍ରା ପ୍ରଥମେ ବରଗଡ଼ ଜିଲା ଘେଁସ ବ୍ଲକ କୁଚିପାଲି ଗାଁରେ ୧୮୮୫ ମସିହାରେ ଆରମ୍ଭ ହୋଇଥିବାର ଜଣାଯାଏ।

ମୁଆଁ ବା ଉଖୁଡ଼ାର ଆଦର ସବୁବେଳେ ରହିଛି ଓ ରହିବ। କୋରାଖଇ ଭାବରେ ଭୁବନେଶ୍ୱରରେ ଏହାର ପ୍ରସିଦ୍ଧି ଥିବାବେଳେ ବ୍ରହ୍ମପୁରରେ ସ୍ୱତନ୍ତ୍ର ଧରଣର ମୁଆଁ ପ୍ରସ୍ତୁତ କରାଯାଉଛି। ପୌଷ୍ଟିକତତ୍ତ୍ୱ କାରଣରୁ ଏହା ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ଖାଇବାକୁ ଦିଆଯାଉଛି। ମାତ୍ର ଦୁଃଖର ବିଷୟ ଫାଷ୍ଟଫୁଡ୍ ଖାଦ୍ୟର ପ୍ରାବଲ୍ୟ ଭିତରେ ଧୀରେ ଧୀରେ ହଜିଯିବାକୁ ବସିଲାଣି ଏହି ପାରମ୍ପରିକ ଖାଦ୍ୟ। ଆଇ ମା'ଙ୍କ ମୁଆଁ ତିଆରି କୌଶଳକୁ କ୍ରମଶଃ ଭୁଲିଗଲେଣି ପରବର୍ତ୍ତୀ ପିଢି। ଗାଁରୁ ମାଟିଚୁଲି, ମାଟିହାଣ୍ଡି ଉଭାନ ହୋଇଯାଉଥିବା ବେଳେ ମୁଆଁର ସ୍ଥିତିକୁ ନେଇ ସନ୍ଦେହ ଜାତ ହେଉଛି।

ମୋ–୯୪୩୭୫୪୭୧୪୬

## ଏଇ ଭାରତରେ

'ଜୟ ଜବାନ, ଜୟ କିଷାନ' ସ୍ଲୋଗାନ୍‌ର ଗଭୀରତାକୁ ମର୍ମେ ମର୍ମେ ହୃଦୟଙ୍ଗମ କରିଛନ୍ତି ରାଜସ୍ଥାନର କୃଷକ ବବ୍‌ଲୁ ଚୌଧୁରୀ। ଏହାର ଗୁରୁତ୍ୱକୁ ସେ ସାଧାରଣରେ ପ୍ରତିପାଦିତ କରିଛନ୍ତି। କ୍ରମାଗତ ଭାବେ ଚାଷରେ କ୍ଷତି ସହି ଆସୁଥିଲେ ବି ବବ୍‌ଲୁ ଏଥର ପିଆଜ ଚାଷରୁ ଲାଭ କରି ଗରିବଙ୍କୁ ପିଆଜ ମାଗଣାରେ ଦେବା ସହ ଓ ଗୋଶାଳାକୁ ଲକ୍ଷାଧିକ ଟଙ୍କା ଦାନ କରିଛନ୍ତି। ଦେଶରେ ପିଆଜ ଦର ଆକାଶଛୁଆଁ ହୋଇଥିବାବେଳେ ପିଆଜ ବିକି ସେ ୩ ଲକ୍ଷ ଟଙ୍କା ଗୋଶାଳାକୁ ଦାନ କରିଛନ୍ତି। କେବଳ ଏତିକି ନୁହେଁ, ମସ୍ତାବାଦ ଗାଁର ଏହି କୃଷକ ଗରିବଙ୍କୁ ୫୦ କିଲୋ ପିଆଜ ମଧ୍ୟ ମାଗଣାରେ ବାଣ୍ଟିଛନ୍ତି। ପୂର୍ବ ବର୍ଷ ପିଆଜ ଉତ୍ପାଦନ ଭଲ ରହିଥିଲା ଓ କେଜି ପିଛା ୧ରୁ ୨ ଟଙ୍କା ଭାଉରେ ବିକିବାକୁ ପଡିଥିଲା। ଏମିତି ପରିସ୍ଥିତି ହୋଇଥିଲା ଯେ, ଚାଷୀମାନେ ରାସ୍ତାରେ ପିଆଜ ଫିଙ୍ଗି ଦେଇଥିଲେ। କ୍ଷତି ସହି ବହୁ ଚାଷୀ ପିଆଜ ଚାଷ ଛାଡି ଦେଇଥିବାବେଳେ ବବ୍‌ଲୁ କିନ୍ତୁ ଭାଙ୍ଗିପଡ଼ି ନ ଥିଲେ। ସବୁ ବର୍ଷ ସମାନ ଯାଏ ନାହିଁ। ସେ ଏ ବର୍ଷ ପିଆଜ ଚାଷ କରି ଭଲ ଅମଳ ସହ ଭଲ ଲାଭ କରିଛନ୍ତି। ଏହା ମାଧ୍ୟମରେ 'ଚାଷୀ କେବେ ହାରେନା' ଏହି ବାର୍ତ୍ତା ଦେବା ସହ ଲାଭ ଟଙ୍କାରୁ ଗୋଶାଳାକୁ ଦାନ କରି ଏବେ ଚର୍ଚ୍ଚାରେ ରହିଛନ୍ତି ବବ୍‌ଲୁ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ରାମଗଡ଼ ମଣ୍ଡିର ବ୍ୟବସାୟୀ ଜିତେନ୍ଦ୍ର ସୋନି ଓ ସୌରଭ କାଲରା ମଧ୍ୟ ଗୋଶାଳାକୁ ୨ ଲକ୍ଷ ଟଙ୍କା ଦାନ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଜାନୁୟାରୀ ୧୯୯୫

- ଭାରତ ସମେତ ୮୫ଟି ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ରକୁ ନେଇ ଗଠିତ ବିଶ୍ୱବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁ.ଟି.ଓ.) ଆଜିଠାରୁ ଆନୁଷ୍ଠାନିକ ଭାବେ କାର୍ଯ୍ୟ ଆରମ୍ଭ କରୁଛି।
- ନାରାୟଣ ଦତ୍ତ ତିୱାରୀ ଉତ୍ତରପ୍ରଦେଶ କଂଗ୍ରେସ (ଇ) କମିଟି ସଭାପତି ପଦରୁ ଇସ୍ତଫା ଦେଇଛନ୍ତି।
- ବଂଶଧାରା ନଦୀ ଉପରେ ନିର୍ମାଣ କରାଯାଇଥିବା ନେରୋଡି ଜଳଭଣ୍ଡାରରୁ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଶତକଡା ୫୦ ଭାଗ ଲେଖାଏ ଜଳ ବ୍ୟବହାର କରିବେ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ସମୟୋପଯୋଗୀ ଦିଗ୍‌ଦର୍ଶନ

ମହାଶୟ,

ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୀର୍ଘ ୪୬ ବର୍ଷର ଧରିତ୍ରୀ ଆଜି ଓଡ଼ିଶାର ଏକ ସଫଳ ଗଣମାଧ୍ୟମର ଭୂମିକା ନିର୍ବାହ କରି ବେଶ୍ ଜନାଦୃତ ହୋଇପାରିଛି। ନିରପେକ୍ଷ, ସତ୍ୟ ଖବର ପରିବେଷଣ କରିବା, ସମୟୋପଯୋଗୀ ଦିଗ୍‌ଦର୍ଶନ ଦେବା, ଅନ୍ୟାୟ ଅନୀତିର ଦୃଢ଼ ସମାଲୋଚନା କରିବାରେ ନିର୍ଭୀକତା ଏହାର ବିଶେଷତ୍ୱ। ୨୪।୧୦।୨୦୧୯ ସମ୍ପାଦକୀୟ 'କଷ୍ଟ ସମୟ'ରେ ସରକାରୀ ଲଲିପପ୍ ଏକ ସୁନ୍ଦର ଦୃଷ୍ଟାନ୍ତ। ନୀତିହୀନ ରାଜନୈତିକ ଦଳଗୁଡ଼ିକ ଦେଶବାସୀଙ୍କୁ ବିଭିନ୍ନ ପ୍ରଲୋଭନ ମାଧ୍ୟମରେ ପ୍ରଲୁବ୍ଧ କରି ଭୋଟ ହାତେଇବା ଏକ ସାଧାରଣ କାର୍ଯ୍ୟରେ ପରିଣତ ହୋଇଛି। ସରକାର ଗଠନ ହେବା ପରେ ନାଗରିକମାନେ ଗୌଣ ହୋଇ ପଡୁଛନ୍ତି। ଆଉ ନେତାମାନେ ମାଲାମାଲ ହୋଇ ନିଜର କର୍ତ୍ତବ୍ୟ ଭୁଲିଯାଉଛନ୍ତି। ବର୍ତ୍ତମାନ ନାଗରିକମାନଙ୍କର ଆର୍ଥିକ ସ୍ୱଚ୍ଛଳତା ପାଇଁ ବିନା ସରକାରୀ ସାହାଯ୍ୟରେ ନିଜର ବୁଦ୍ଧିବିବେକ ଓ ଶ୍ରମବଳରେ ସ୍ୱାବଲମ୍ବୀ ହେବାକୁ ପଡିବ। ଧରିତ୍ରୀର ଏଭଳି ଦିଗ୍‌ଦର୍ଶନ ଅତ୍ୟନ୍ତ ପ୍ରଶଂସନୀୟ।

ଲକ୍ଷ୍ମୀଧର ଦାସ, ବିଜୟମଣ୍ଡପ ସାହି, ଓଡଗାଁ, ନୟାଗଡ଼

### ପିଆଜ ଦର ବୃଦ୍ଧି

ଗତ କିଛିଦିନ ହେବ ପିଆଜ ଦରବୃଦ୍ଧି ନେଇ ହୋହଲ୍ଲା ଚାଲିଛି। ଖାଲି ପିଆଜ ଦର ବଢିଛି ନା ଅନ୍ୟାନ୍ୟ ପନିପରିବା, ତେଲ, ମସଲା ସବୁ ଦର ବଢୁଛି। ଡାଲି ବି ବଢୁଛି। କଖାରୁ ଏବେ କିଲୋ ୪୦ ଟଙ୍କାରେ ବିକ୍ରି ହେଉଛି। ଆଳୁ ୨୮ ଟଙ୍କା ହେଲାଣି। ପିଆଜ ୨, ୪ ମାସ ନ ଖାଇଲେ କ'ଣ କ୍ଷତି ହୋଇଯିବ ? ଆମ ଭଳି ହଜାର ହଜାର ପରିବାର ଜୀବନସାରା ପିଆଜ ଖାଉନାହୁଁ। ଖାଲି ଆଲୋଚନାରେ ବସୁଛନ୍ତି। ମାନସିକତାରେ ପରିବର୍ତ୍ତନ କଥା କହୁଛନ୍ତି। ସମୁଦ୍ର ଫୁଲୁଛି। ୨୦୫୦ ବେଳକୁ ବୁଡିଯିବ ଇତ୍ୟାଦି ବୈଜ୍ଞାନିକମାନେ କହୁଛନ୍ତି। ଏହାର ସମାଧାନ ତ କହୁନାହାନ୍ତି। ସମାଧାନ ମଣିଷ ପାଖରେ ଅଛି। ଯେ ପର୍ଯ୍ୟନ୍ତ ଜୀବହତ୍ୟା ବନ୍ଦ ନ କରିଛନ୍ତି ସେ ପର୍ଯ୍ୟନ୍ତ ସମାଧାନର ବାଟ ନାହିଁ। ଏ ଜୀବହତ୍ୟା ବିଷୟରେ ମଣିଷକୁ ସଚେତନ କରାଯାଉ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)




# ଆଜିଠୁ ୪ ଦିନ ବର୍ଷା

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)

■ ୨, ୩ରେ ବଜ୍ରପାତ ଆଶଙ୍କା
■ ଅନୁଗୋଳ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ

ନୂଆବର୍ଷ ଆରମ୍ଭରେ ଭିଜିବ ଓଡ଼ିଶା। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ନୂଆବର୍ଷର ପ୍ରଥମ ଦିନରେ ବରଗଡ଼, ନୂଆପଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ବୌଦ୍ଧ, ସୁବର୍ଣ୍ଣପୁର, ମୟୂରଭଞ୍ଜ ଆଦି ୧୦ ଜିଲାରେ କୁଆପଥର ବର୍ଷା ହେବାର ଆଶଙ୍କା ରହିଛି। ସେପଟେ ୨ ଓ ୩ ତାରିଖ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସହ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ତେଣୁ ଏହି ଦୁଇଦିନ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ୨ ତାରିଖରେ ରାଜ୍ୟର କିଛି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ଆଶଙ୍କା ରହିଛି। ସେହିଭଳି ୩ରେ ଉପକୂଳ ଓଡ଼ିଶା, ମୟୂରଭଞ୍ଜ ଓ ରାଜ୍ୟର ଆଉ କେତେକ ଅଞ୍ଚଳରେ ବର୍ଷା ହେବ। ଉପକୂଳ ଓଡ଼ିଶା, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, କେନ୍ଦୁଝର, ଗଜପତି, ରାୟଗଡ଼ା ଓ କନ୍ଧମାଳ ଜିଲାରେ ବଜ୍ରପାତ ହେବ। ଏହିସବୁ ଜିଲାକୁ ୩ ତାରିଖ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୪ରେ ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଆଦି ୧୧ ଜିଲାରେ ସ୍ୱଳ୍ପ ପରିମାଣର ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ହେବା ଦୃଷ୍ଟିରୁ ତାପମାତ୍ରା ବଢ଼ିବ। ଫଳରେ ଶୀତ କମିବ। ବର୍ଷା ଛାଡ଼ିଲା ପରେ ପୁଣି ଶୀତ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଚାଷୀମାନଙ୍କ ଫସଲର ସୁରକ୍ଷା ପାଇଁ ପଦକ୍ଷେପ ନେବା ଲାଗି ଜିଲାପାଳମାନଙ୍କୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅମଳ ହୋଇଥିବା ଧାନକୁ ଚାଷୀମାନେ ସୁରକ୍ଷିତ ସ୍ଥାନକୁ ନେବା ସହିତ ବର୍ଷା ଦାଉରୁ ରକ୍ଷା କରିବା ଲାଗି ଏହାକୁ ଘୋଡ଼ାଇ ରଖିବା ପାଇଁ କୁହାଯାଇଛି। ମଣ୍ଡିଗୁଡ଼ିକରେ ଧାନ ଯେପରି ବର୍ଷାରେ ଓଦା ନ ହୁଏ ସେଥିପାଇଁ ବିହିତ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପଟେ ସାରା ରାଜ୍ୟରେ ଶୀତ ଲହରି ଜାରି ରହିଛି। ପ୍ରବଳ ଶୀତ ସାଙ୍ଗକୁ କୋହଲା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ରାତିରେ ଥଣ୍ଡାର ପ୍ରକୋପ ଏତେ ଅଧିକ ରହୁଛି ଯେ, ଲୋକେ ବାହାରକୁ ଆସିବା ପାଇଁ ଡରୁଛନ୍ତି। ମଙ୍ଗଳବାର ୧୫ଟି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ସର୍ବନିମ୍ନ ୫ ଡିଗ୍ରୀ ସହ ଅନୁଗୋଳ ସବୁଠାରୁ ଥଣ୍ଡା ସହର ପାଲଟିଛି। ଏହାପରେ ସୋନପୁର ୫.୬ ଡିଗ୍ରୀ, କେନ୍ଦୁଝର ୬.୨, ଦାରିଙ୍ଗବାଡ଼ି ୬, ଫୁଲବାଣୀ ୬.୫, ଟିଟିଲାଗଡ଼ ଓ ଝାରସୁଗୁଡ଼ାରେ ୮, ତାଳଚେର ଓ ସମ୍ବଲପୁରରେ ୮.୬, ସୁନ୍ଦରଗଡ଼ ଓ କଟକରେ ୯, ବାଲେଶ୍ୱର ୯.୪, ହୀରାକୁଦ, ବାରିପଦାରେ ୯.୬, ଭୁବନେଶ୍ୱରରେ ୯.୮ ଏବଂ ଭବାନୀପାଟଣାରେ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ରାଜେନ୍ଦ୍ର କଲେଜ ଏକ ହେରିଟେଜ୍ ଅନୁଷ୍ଠାନ: ମୁଖ୍ୟମନ୍ତ୍ରୀ

# ୫୦କୋଟି ଟଙ୍କାର ଅନୁଦାନ ଘୋଷଣା

ବଲାଙ୍ଗୀର ଅଫିସ, ୩୧।୧୨

ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ଲାଟିନମ୍ ଜୁବିଲି ସମାରୋହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଲେଜର ଭିତ୍ତିଭୂମି ବିକାଶ ଲାଗି ୫୦କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। କଲେଜର ପ୍ରଶାସନିକ ଭବନ ନିର୍ମାଣ ଓ ଭିତ୍ତିଭୂମି ବିକାଶ ଏବଂ ବିଜ୍ଞାନ ଓ ବୈଷୟିକ ଶିକ୍ଷାର ଉନ୍ନତି ସକାଶେ ଏହି ପାଣ୍ଠି ବିନିଯୋଗ ହେବ। ଉଦ୍‌ଯାପନୀ ସମାରୋହରେ ସମ୍ମାନିତ ଅତିଥିଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟବକ୍ତା ଭାବେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ, ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀ ଅଧ୍ୟକ୍ଷ ଅରୁଣ ଷଡଙ୍ଗୀ, ଜିଲାପାଳ ଅରିନ୍ଦମ ଡାକୁଆ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ମଞ୍ଚାସୀନ ଥିଲେ। ରାଜେନ୍ଦ୍ର କଲେଜ ଆଲୁମ୍‌ନି ଆସୋସିଏଶନ୍ ସଭାପତି ଲଳିତ କୁମାର ନାୟକ ସଭାରେ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଆଲୁମ୍‌ନି ସମ୍ପାଦକ ଅରବିନ୍ଦ ଦାସଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସଙ୍ଗୀତ ଶିକ୍ଷାନୁଷ୍ଠାନ ପଞ୍ଚମ


ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ଉଦ୍‌ଯାପନୀ ସଭାରେ ମଞ୍ଚାସୀନ (ବାମ)ରୁ ଆଲୁମ୍‌ନି ଆସୋସିଏଶନ୍ ସଭାପତି ଲଳିତ କୁମାର ନାୟକ, ଜିଲାପାଳ ଅରିନ୍ଦମ ଡାକୁଆ, ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀ ଅଧ୍ୟକ୍ଷ ଅରୁଣ ଷଡଙ୍ଗୀ, ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଓ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା।

■ ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ଉଦ୍‌ଯାପିତ

ଏବଂ ରାଜେନ୍ଦ୍ର କଲେଜ ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ।

ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ, ରାଜେନ୍ଦ୍ର କଲେଜ ଗତ ୭୫ ବର୍ଷ ଧରି ଓଡ଼ିଶାର ପଶ୍ଚିମ ପ୍ରାନ୍ତରେ ଶିକ୍ଷାର ପ୍ରସାର ଦିଗରେ ଐତିହାସିକ ଭୂମିକା ନିର୍ବାହ କରିଛି। ଏହି ଶିକ୍ଷାନୁଷ୍ଠାନ ଏବେ ରାଜ୍ୟର ଏକ ହେରିଟେଜ୍ ଅନୁଷ୍ଠାନ। ଉକ୍ତ କଲେଜ ବହୁ ପ୍ରତିଭାବାନ୍ ଛାତ୍ରୀଛାତ୍ର ସୃଷ୍ଟି କରିଛି ଏବଂ ସେମାନେ ରାଜ୍ୟ ଓ ଦେଶର ଗୌରବ ବଢ଼ାଇଛନ୍ତି। ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଇଛି ଓ ଏହା ଆଗାମୀ ଦିନରେ ଶିକ୍ଷାର ପ୍ରସାର କରିବା ଦିଗରେ ଆହୁରି ବଳିଷ୍ଠ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ଏହି ଅବସରରେ କଲେଜ ଭିତ୍ତିଭୂମିର ବିକାଶ ଓ ପ୍ରଶାସନିକ କୋଠା ତିଆରି ପାଇଁ ୨୫ କୋଟି ଏବଂ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ଭିତ୍ତିଭୂମି ଉନ୍ନତି ସକାଶେ ୨୫କୋଟି ଏହିପରି ସମୁଦାୟ ୫୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ। ରାଜେନ୍ଦ୍ର କଲେଜ ପ୍ରତିଷ୍ଠାତା ତତ୍କାଳୀନ ମହାରାଜା ଓ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ବଳିଷ୍ଠ ଅବଦାନକୁ ମୁଖ୍ୟମନ୍ତ୍ରୀ ଭୂୟସୀ ପ୍ରଶଂସା କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ସଭାରେ ସମ୍ମାନିତ ଅତିଥି ମୁଖ୍ୟଶାସନ ସଚିବ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ରାଜେନ୍ଦ୍ର କଲେଜ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଥିଲେ। ଅନ୍ୟତମ ଛାତ୍ର ତଥା ଅତିଥି ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀ ଅଧ୍ୟକ୍ଷ ଷଡଙ୍ଗୀ ତାଙ୍କ ବକ୍ତବ୍ୟରେ ଏହି କଲେଜ ଏବେ ୩ଟି ପିଢ଼ିକୁ ଶିକ୍ଷାଦାନ ଦେଇସାରିଛି। ଏବେ ପୁରାତନ ଛାତ୍ରମାନଙ୍କ ଋଣ ପରିଶୋଧ କରିବା ବେଳ ଆସିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ସିଂଦେଓ ତାଙ୍କ ବକ୍ତବ୍ୟରେ ରାଜେନ୍ଦ୍ର କଲେଜ ପ୍ରତିଷ୍ଠା ପାଇଁ ତାଙ୍କ ପିତା ତଥା ତତ୍କାଳୀନ ମହାରାଜ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ବିଭିନ୍ନ କାର୍ଯ୍ୟର ଅବତାରଣା କରିଥିଲେ। ମୁଖ୍ୟବକ୍ତା ବିଧାୟକ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ରାଜେନ୍ଦ୍ର କଲେଜର ୫୦ ବର୍ଷର ଉତ୍ସବରେ ଅତିଥି ଭାବେ ଯୋଗଦେଇଥିବାର ସ୍ମୃତିକୁ ମନେପକାଇ ଏହି କଲେଜକୁ ଏକ ମହାନ ବିଶ୍ୱବିଦ୍ୟାଳୟରେ ତିଆରି କରିବାରେ ପୁରାତନ ଛାତ୍ରଙ୍କ ଭୂମିକା ରହୁ ବୋଲି କହିଥିଲେ। ସମ୍ମାନିତ ଅତିଥି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ରାଜେନ୍ଦ୍ର କଲେଜର ଗୌରବ ଗାଥା କହି ବିଶ୍ୱବିଦ୍ୟାଳୟ ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଇତ୍ୟବସରରେ ରାଜେନ୍ଦ୍ର କଲେଜର ପ୍ରତିଭାବାନ୍ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର, ୧୯୯୦ ମସିହା ବେଜିଂ ଏସିଆଡ କ୍ରୀଡାରେ ରୌପ୍ୟ ପଦକ ଜିତିଥିବା ଧାବିକା ପ୍ରଣତୀ ମିଶ୍ର, ଏହି କଲେଜ ଛାତ୍ର ତଥା ମୁଖ୍ୟଶାସନ ସଚିବ ତ୍ରିପାଠୀ ଏବଂ ପୋଲିସ ଅଧିକାରୀ ଷଡଙ୍ଗୀଙ୍କୁ ମୁଖମନ୍ତ୍ରୀ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା ମଞ୍ଚାସୀନ ଥିଲେ।

## ବିଜେଡି ପ୍ରତିଷ୍ଠା ଦିବସରେ ବିନା ହେଲ୍‌ମେଟରେ ବାଇକ୍ ରାଲି

# ୨୫ ଜଣଙ୍କ ନାମରେ ଚାଲାଣ କାଟିଲା ପୋଲିସ

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ):** ବିଜେଡି ପ୍ରତିଷ୍ଠା ଦିବସରେ ବିନା ହେଲ୍‌ମେଟରେ ବାଇକ ରାଲି ମହଙ୍ଗା ପଡ଼ିଛି। କମିଶନରେଟ ପୋଲିସ ସିସିଟିଭି ଫୁଟେଜକୁ ଯାଞ୍ଚ କରି ପ୍ରାଥମିକ ପର୍ଯ୍ୟାୟରେ ୨୫ଜଣ ବାଇକ ଚାଳକଙ୍କ ଉପରେ ଜରିମାନା କରିଛି। ୧ହଜାର ଟଙ୍କା ହିସାବରେ ମୋଟ ୨୫ହଜାର ଟଙ୍କାର ଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି। ଗତ ୨୬ ତାରିଖ ବିଜେଡି ପ୍ରତିଷ୍ଠା ଦିବସରେ ଶତାଧିକ ନେତା ଓ କର୍ମୀ ବାଇକ ରାଲିରେ ସହର ପରିକ୍ରମା କରିଥିଲେ। ବାଇକ ଚାଳକମାନେ ବିନା ହେଲ୍‌ମେଟରେ ରାଜଧାନୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ପୋଷ୍ଟକୁ ଅତିକ୍ରମ କରିଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏହା ନଜରକୁ ଆସିବା ପରେ କେତେଜଣ ବ୍ୟକ୍ତି ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଗତ ୨୮ ତାରିଖରେ ଟୁଇଟ କରି ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ତେବେ ବିଜେଡିର ଉକ୍ତ ରାଲିରେ ଶହ ଶହ ବ୍ୟକ୍ତି ବିନା ହେଲ୍‌ମେଟରେ ବାଇକ୍ ଚଳାଉଥିବାବେଳେ ଅଳ୍ପ ସଂଖ୍ୟକ ଚାଳକଙ୍କ ନାଁରେ କାହିଁକି ଚାଲାଣ କରାଯାଇଛି ବୋଲି ସୋସିଆଲ ମିଡିଆରେ ଅନେକେ ପ୍ରଶ୍ନ ଉଠାଇଛନ୍ତି।

BABA POLY CLINIC
NEAR CENTRAL BANK, ASTAL, NAYA BAZAR, BHADRAK, ଯୋଗାଯୋଗ : 9778959141 / 9090785866

| | |
|---|---|
| DR. SABINA KAZI (Cuttack) | (ବରିଷ୍ଠ ମହିଳା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ଗୁରୁବାର ୧୧ଟାରୁ ଦିବା ୨ଟା |
| DR. MANAS RANJAN PUHAN (BBSR) | (ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ଶୁକ୍ରବାର ସକାଳ ୮ଟାରୁ ଦିବା ୧ଘଟିକା |
| DR. DIPTI BEHERA | (ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ଦିନ ୧୨ଟା ରୁ ୧ଟା |
| DR. L.K. DAS (Cuttack) | (ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ସପ୍ତାହ ଶନି, ରବି, ସୋମ ଏବଂ ମଙ୍ଗଳବାର (ସକାଳ ୧୦-୧ଟା) |
| DR. DEBAKANTA MISHRA (BBSR) | (ପେଟ ଓ ଲିଭର ବିଶେଷଜ୍ଞ), ପରାମର୍ଶ ସମୟ:ପ୍ରତ୍ୟେକ ମାସ ୨ୟ ଓ ୪ର୍ଥ ରବିବାର (ସକାଳ ୧୦-୧ଟା) |
| DR. AJIT KUMAR KAR (Cuttack) | (ଅସ୍ଥି ଶଲ୍ୟ ବିଷେଶଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ବୁଧବାର ସକାଳ ୧ଟା ରୁ ୨ଟା |


## ଭିଜିଲାନ୍ସ ଜାଲରେ ଡିଆର୍‌ଡିଏର ମୁଖ୍ୟ କିରାଣି

**ଭବାନୀପାଟଣା, ୩୧।୧୨ (ଡି.ଏନ.ଏ):** କଳାହାଣ୍ଡି ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ (ଡିଆର୍‌ଡିଏ)ର ମୁଖ୍ୟ କିରାଣୀ ହରପ୍ରସାଦ ଆଚାରୀ ଭିଜିଲାନ୍ସ ଜାଲରେ ପଡିଛନ୍ତି। କଳାହାଣ୍ଡି ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ କିରାଣୀ ଆଚାରୀଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ କଳାହାଣ୍ଡି ଜିଲା ଭିଜିଲାନ୍ସ ବିଭାଗ ପକ୍ଷରୁ ମୁଖ୍ୟକିରାଣୀ ଆଚାରୀଙ୍କ ଭବାନୀପାଟଣାସ୍ଥିତ ରାମନଗରପଡ଼ା ଓ ମନ୍ଦାର ବଗିଚାପଡ଼ାରେ ଥିବା ବାସଗୃହ ସହିତ କାର୍ଯ୍ୟାଳୟରେ ଭିଜିଲାନ୍ସ ଅଧିକାରୀମାନେ ଏକସଙ୍ଗରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ରାମନଗରପଡ଼ାରେ ଆଚାରୀଙ୍କ ଏକ ୩ ମହଲା ବିଶିଷ୍ଟ କୋଠାଘର ରହିଥିବା ଜଣାପଡିଛି ।

# ସବୁ ବଡ଼ ସହରରେ ସୁରକ୍ଷା କଡ଼ାକଡି: ଡିଜିପି

କଟକ ଅଫିସ, ୩୧।୧୨

୨୦୨୦ରେ ଓଡ଼ିଶା ପୋଲିସ ଲୋକଙ୍କ ସହ ବନ୍ଧୁତ୍ୱ ସହକାରେ ନିଜ କାର୍ଯ୍ୟ କରିବ। ବିଶେଷକରି ନୂତନ ବର୍ଷରେ ପୋଲିସ ପକ୍ଷରୁ ଟେକ୍ନୋଲୋଜି ଓ ମହିଳା ଫ୍ରେଣ୍ଡ୍‌ଲି ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଡିଜିପି ଅଭୟ ମଙ୍ଗଳବାର ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭୟ ଓଡିଶାବାସୀଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ୨୦୨୦ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି, ନିରାପତ୍ତା ଓ ସମୃଦ୍ଧିର ବର୍ଷ ହେଉ ବୋଲି ଶୁଭକାମନା କରିଥିଲେ। ଓଡ଼ିଶାବାସୀ ପୋଲିସକୁ ସହଯୋଗ କରିଥିବାରୁ ଏହି ଅବସରରେ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପୂର୍ବ ବର୍ଷ ଭଳି ୨୦୨୦ରେ ମଧ୍ୟ ରାଜ୍ୟ ସରକାରଙ୍କ ୫-ଟି ଏବଂ ମୋ' ସରକାର କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ପୋଲିସ ପ୍ରତିବଦ୍ଧ ବୋଲି ସେ କହିଥିଲେ।


ଖବରଦାତା ସମ୍ମିଳନୀରେ ଡିଜିପି ଅଭୟ ସୂଚନା ଦେଉଛନ୍ତି।

### ପୁରୀରେ ସ୍ୱତନ୍ତ୍ର ବ୍ୟବସ୍ଥା

ନୂତନ ବର୍ଷ ପାଳନ ଅବସରରେ ଆଇନଶୃଙ୍ଖଳାକୁ ଆଖିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମୁଖ୍ୟତଃ ନୂତନ ବର୍ଷରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଗି ପୁରୀରେ ପ୍ରବଳ ଭିଡ଼ ହୋଇଥାଏ। ଏଥିପାଇଁ ପୁରୀରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସଶସ୍ତ୍ର ବାହିନୀ ସହ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଓ ବ୍ରହ୍ମପୁର ଭଳି ବଡ ବଡ ସହରରେ ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିବା ଡିଜିପି ପ୍ରକାଶ କରିଛନ୍ତି।







## ୫ ଆଇପିଏସ୍ ଅଧିକାରୀଙ୍କୁ ନୂଆ ପଦ, ନୂଆ ଦାୟିତ୍ୱ

# ଅତିରିକ୍ତ ପୋଲିସ କମିଶନର ହେଲେ ଅନୁପ ସାହୁ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ): ପଦୋନ୍ନତି ପାଇଥିବା ୫ ଆଇପିଏସ୍ ଅଫିସରଙ୍କୁ ନୂଆ ପଦ ମିଳିଛି। କ୍ରାଇମ୍‌ବ୍ରାଞ୍ଚ ଏଡିଜି ଥିବା ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ସନ୍ତୋଷ କୁମାର ଉପାଧ୍ୟାୟଙ୍କୁ ଜେଲ ବିଭାଗର ଡିଜି ଭାବେ ନିଯୁକ୍ତି ମିଳିଛି। ଲ ଆଣ୍ଡ୍ ଅର୍ଡର ଦାୟିତ୍ୱରେ ଥିବା ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ଆର.ପି. କୋଚେଙ୍କୁ ଏଡିଜି ଏଏସ୍‌ଏପି (ସ୍ପେଶାଲ ଆର୍ମ ପୋଲିସ)କୁ ବଦଳି କରାଯାଇଛି। ଆଇଜି ପର୍ସୋନେଲ୍‌ରେ ଥିବା ୧୯୯୫ ବ୍ୟାଚର ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସହ ଲ ଆଣ୍ଡ ଅର୍ଡର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଏସ୍‌ଏପିରେ ଥିବା ୨୦୦୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ୱାଇ.କୋୟଲଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇ ଆଇଜି ପ୍ରୋଭିଜନିଂ ଭାବେ ନିଯୁକ୍ତି ମିଳିଛି। ସେହିଭଳି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁଙ୍କୁ ଡିଆଇଜି ର୍‍ୟାଙ୍କ୍‌କୁ ପଦୋନ୍ନତି ଦିଆଯାଇଥିବାବେଳେ କମିଶନରେଟ ପୋଲିସରେ ଅତିରିକ୍ତ ପୋଲିସ କମିଶନର ଭାବେ ନୂଆ ନିଯୁକ୍ତି ମିଳିଛି। ଏହାସହ ନୂଆ ଡିସିପ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ ବୋଲି ଭୁବନେଶ୍ୱରର ଡିସିପି ଦାୟିତ୍ୱରେ ରହିବେ ଗୃହ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

### କାର୍‌କୁ ଧକ୍କା ଦେଲା ଟ୍ରକ, ଜଣେ ମୃତ

କୋଲିମାଟି, ୩୧।୧୨(ଡି.ଏନ.ଏ.)- କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନରେ ଥିବା ୨୦ ନଂ ଜାତୀୟ ରାଜପଥ ଜଳିନଣ୍ଡା ଛକ ନିକଟରେ ମଙ୍ଗଳବାର ରାତି ୮ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଗୁରୁତର ଅଛନ୍ତି। କାର୍‌କୁ ଏକ ଅଜଣା ଟ୍ରକ ଧକ୍କା ଦେବା ଫଳରେ କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସେମାନେ ରାଉରକେଲାରୁ ପୁରୀ ଯାତ୍ରା କରୁଥିଲେ। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଛନ୍ତି। ଖବର ଲେଖା ହେବା ବେଳକୁ ମୃତକଙ୍କ ପରିଚୟ ମିଳିପାରିନାହିଁ।

### ଜେସିବି ସହ ଡ୍ରାଇଭରଙ୍କୁ ଅପହରଣ: ଥାନାରେ ମାମଲା

ତେଲକୋଇ, ୩୧।୧୨(ଡି.ଏନ.ଏ.)- ତେଲକୋଇ ବ୍ଲକ ଅଧୀନ ଗୋଲାବନ୍ଧ ଛକ ଠାରୁ ଜଗମୋହନପୁର ୩ କି.ମି. ରାସ୍ତା ନିର୍ମାଣ ପିଡବ୍ଲ୍ୟୁଡି ଅଧୀନରେ କାର୍ଯ୍ୟ ଚାଲିଛି । ତେବେ ଗତ ରବିବାର ମଧରାତ୍ରରେ କେତେକ ଦୁର୍ବୃତ୍ତ ଆସି ଜେସିବି ମେଶିନ (ନଂ-ଓଡି ୨୮ଏ-୧୭୦୮ ) ସହ ଡ୍ରାଇଭରଙ୍କୁ ଅପହରଣ କରିନେଇଯାଇଥିବା ଅଭିଯୋଗ ହୋଇଛି। ଠିକାଦାର ତପନ କୁମାର ସାହୁ ଏନେଇ ତେଲକୋଇ ଥାନାରେ ସୋମବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୯୭/୧୯) ରୁଜୁ କରି ସଦର ଥାନାର ସହାୟତା ନେଇଛନ୍ତି। । ଦୁର୍ବୃତ୍ତମାନେ ୧୧ହଜାର ଟଙ୍କା ନେଇଯାଇଥିବା ବେଳେ ୧୧ଟି ମୋବାଇଲ ତୁରୁମୁଙ୍ଗା ଅଞ୍ଚଳରେ ଛାଡି ଚାଲିଯାଇଥିବା ଦର୍ଶାଇଛନ୍ତି ।

### କାଠ ବୋଝେଇ ଅଟୋ ଜବତ

ଚମ୍ପୁଆ, ୩୧।୧୨(ଡି.ଏନ.ଏ.)- ଚମ୍ପୁଆ ବନ ବିଭାଗର ହାତୀ ସ୍କ୍ୱାଡମାନଙ୍କ ଦ୍ୱାରା ଚମ୍ପୁଆ ରେଞ୍ଜର ପତଳାଠାରେ ଏକ ଶାଗୁଆନ କାଠ ବୋଝେଇ ଅଟୋ ଜବତ କରାଯାଇଛି। ସୂଚନା ଅନୁସାରେ ଚମ୍ପୁଆ ଅଞ୍ଚଳରେ ହାତୀ ପାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ମୋବାଇଲ ସ୍କ୍ୱାଡମାନେ ହାତୀ ଗତିବିଧି ଉପରେ ନଜର ରଖିବା ପାଇଁ ପାଟ୍ରୋଲିଂ କରୁଥିବା ସମୟରେ ପତଳା ଅଞ୍ଚଳରୁ ଚମ୍ପୁଆ ଆସୁଥିବା ଏକ ଅଟୋକୁ ଅଟକାଇଥିଲେ। ଉକ୍ତ ଅଟୋରେ ପ୍ରାୟ ୨୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଶାଗୁଆନ କାଠ ରହିଥିବା ଜଣାପଡିଥିଲା।

# ପ୍ରଦୂଷଣ ସୂଚନା ପାଇଁ ଆଉ ୫ କେନ୍ଦ୍ର ହେବ

କେନ୍ଦୁଝର,୩୧।୧୨(ସ୍ୱ.ପ୍ର.)

**କେନ୍ଦୁଝର ଜିଲା**

ଖଣି ଓ ଶିଳ୍ପ ସମୃଦ୍ଧ କେନ୍ଦୁଝର ଜିଲାରେ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଅସନ୍ତୋଷ ବଢୁଛି । ପ୍ରଦୂଷଣ ରୋକିବା ପାଇଁ ନୀତିନିୟମ ଓ ଆଇନକାନୁନ ଥିଲେ ହେଁ ସେସବୁ ପାଳନ ହେଉନାହିଁ । ଏହାର ତଦାରଖ କରୁଥିବା ସରକାରୀ ସଂସ୍ଥାମାନେ ମଧ ଏହାକୁ ଆଖି ବୁଜି ଦେଉଛନ୍ତି। ଫଳରେ ପ୍ରଦୂଷଣ କେନ୍ଦୁଝର ଜିଲା ପାଇଁ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଜିଲାର ପ୍ରଗତିରେ ବାଧକ ସୃଷ୍ଟି କରିବାକୁ ଯାଉଛି। ଏପରି କି ବାୟୁ ପ୍ରଦୂଷଣ ମାତ୍ରା ମାପିବା ପାଇଁ କୌଣସି ବ୍ୟବସ୍ଥା ନାହିଁ କିମ୍ବା କର୍ମଚାରୀ ନାହାନ୍ତି। କେନ୍ଦୁଝର ଜିଲାରେ ବାୟୁ ପ୍ରଦୂଷଣର ମାତ୍ରା ଜାଣିବା ପାଇଁ ଆଉ ୫ଗୋଟି ସ୍ଥାନରେ ସ୍ୱତନ୍ତ୍ର ବାୟୁ ପ୍ରଦୂଷଣ ମାପକ ଯନ୍ତ୍ର ପ୍ରକଳ୍ପ ସ୍ଥାପନ ହେବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଜଣାପଡିଛି। କେନ୍ଦୁଝର ଜିଲାରେ ଏବେ ୭ଟି ସ୍ଥାନରେ ଏଭଳି କେନ୍ଦ୍ର ସ୍ଥାପନ ହୋଇଥିବା କୁହାଯାଇଛି । ଜାତୀୟ ପରିବେଶ ଯାନ୍ତ୍ରିକ ଗବେଷଣା ସଂସ୍ଥା ବା ନେରିର ନିର୍ଦ୍ଦେଶକ୍ରମେ ୨୦୨୦ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଆଉ ୫ଟି କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ଜଣାପଡିଛି। ବର୍ତ୍ତମାନ ସମୟରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ଟାଟା ଷ୍ଟିଲ ପକ୍ଷରୁ ଯୋଡା ଇଷ୍ଟ ନିକଟରେ, ଓଡିଶା ଖଣି ନିଗମ ତରଫରୁ ଭଦ୍ରାସାହିଠାରେ, କାରୋ ନଦୀ ନିକଟରେ ସେଲ୍ ପକ୍ଷରୁ, ବାମେବାରୀଠାରେ ମେସର୍ସ ସିରାଜୁଦ୍ଦିନ କମ୍ପାନୀ ତରଫରୁ, ଜୁରୁଡିଠାରେ ଏସେଲ ମାଇନିଂ ପକ୍ଷରୁ, ବଡବିଲଠାରେ କେଜେଏସ ଆଲୁୱାଲିଆ ତରଫରୁ ଓ ଗୁଆଲିର ଏନଏଚ୍‌ଠାରେ ଆର.ପି. ସାଓ ଖଣି ପକ୍ଷରୁ ଏହି ମାପକ ଯନ୍ତ୍ର ସ୍ଥାପନ କରାଯାଇଛି। ପ୍ରତ୍ୟେକ କ୍ୟୁବିକ ମିଟରରେ ୧୦୦ ମାଇକ୍ରୋଗ୍ରାମ କ୍ୟୁବିକ ମିଟର ଧୂଳିରୁ ଅଧିକ ରହିଲେ ଏହାର ପ୍ରତିକାର ପାଇଁ ପଦକ୍ଷେପ ନେବା ପାଇଁ କୁହାଯାଇଛି। ଏବେ କେନ୍ଦୁଝର ସହର, ବାଂଶପାଳ-ଶୁଆକାଟୀ ରାସ୍ତା, ନୟାଗଡ, ବିଲେଇପଦା, ନାଲଦା ରୋଡରେ ଏହି ପ୍ରକଳ୍ପ ହେବା ନେଇ ପ୍ରସ୍ତାବ ରହିଛି । ପ୍ରକାଶ ଯେ କେନ୍ଦୁଝର ଜିଲାରେ ଏହି ପ୍ରଦୂଷଣର ମାତ୍ରା ଯଥେଷ୍ଟ ଅଧିକ ଥିବାବେଳେ ଏହା ଦ୍ୱାରା ସାଧାରଣ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡୁଛି । ପ୍ରଦୂଷଣ ରୋକିବା ପାଇଁ ଖଣି ରାସ୍ତାରେ ଆବଶ୍ୟକ ଜଳସିଞ୍ଚନ,ବ୍ୟାପକ ବୃକ୍ଷରୋପଣ ଏବଂ ଧୂଳିଧୂଆଁରୁ ପରିବେଶକୁ ରକ୍ଷା କରିବା ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ପଦକ୍ଷେପ ନିଆଯିବ ବୋଲି ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ବେହେରା କହିଛନ୍ତି । ବିଶେଷ କରି ଖଣିଜ ପରିବହନ ସମୟରେ ତାର୍ପୋଲିନ ଘୋଡାଇ ନେବା, ବିଭିନ୍ନ ସ୍ଥାନର ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତଗୁଡିକୁ ମରାମତି କରି ପରିବେଶ ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ନେବାକୁ ଉପସ୍ଥିତ ଖଣି ଲିଜ୍‌ଧାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ଭାଜିଲି ଝାଇଁ**
**ବାଟଘର କଲି ତୋହରି ପାଇଁ**
**ଦିନେ ପଚାରିଲୁ ନାହିଁ ।**

ନିକଟବର୍ତ୍ତୀ ସ୍ଥାନରେ ସମ୍ପର୍କ ସ୍ଥାପନର ବିପରୀତ ପ୍ରତିକ୍ରିୟା। ବାଟଘର ଦେଇ ସାଇର ଓ ବାହାର ଲୋକ ଯିବା ଆସିବା କରନ୍ତି। ମନର ମାନସୀ କାଳେ ଆସିବ ତାକୁ ଟିକିଏ ଦେଖିବା ଲାଗି ବାଟଘର କଲା, ତଥାପି ଆଶା ନିରାଶାରେ ରହିଗଲା । ଫଳସ୍ୱରୂପ ମନରେ ଖେଦଭାବ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚରିବୁଲି ଖାଉଥା**
**ମୋର ହୋଇ ପଡ଼ିଥା ।**

ପତିବ୍ରତା ନାରୀ ନିଜ ଗୁଣ ଓ ଆଚରଣ ବଳରେ ସମାଜରେ ବହୁ ପ୍ରଶଂସିତ ହୋଇଥାନ୍ତି। ଲଜ୍ଜାଶୀଳା ଗୁଣ ନାରୀର ଶ୍ରେଷ୍ଠ ଭୂଷଣ ହୋଇଥିବା ସ୍ଥଳେ କେତେକ ମହିଳା ପରକୀୟା ପ୍ରୀତି ପ୍ରତି ମନ ବଳାଇଥାନ୍ତି। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରି ବ୍ୟଭିଚାରିଣୀ ନାରୀକୁ ପ୍ରଶ୍ରୟ ଦେଉଥିବା ଅପଦାର୍ଥ ସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଫାର୍ମାସିଷ୍ଟଙ୍କ ଦ୍ୱାରା ଚାଲିଛି ଚିକିତ୍ସାଳୟ

ତେଲକୋଇ, ୩୧।୧୨(ଡି.ଏନ.ଏ.)



ସିରିଗିଡାର ଅବହେଳିତ ଚିକିତ୍ସାଳୟ।

ତେଲକୋଇ ବ୍ଲକ ଅନ୍ତର୍ଗତ ସିରିଗିଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା। ଜଣେ ଫାର୍ମାଶିଷ୍ଟଙ୍କ ଦ୍ୱାରା ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର। ଦୀର୍ଘ ଦିନରୁ ଡାକ୍ତର ଅଭାବ ଯୋଗୁ ୫ଟି ପଞ୍ଚାୟତର ୪୮ଟି ଗ୍ରାମବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି। ବହୁ ଛାତ୍ରୀଛାତ୍ର ଏବଂ ଗାଁ ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରି ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ସରପଞ୍ଚ ଜିଙ୍ଗପାଟ ପିଙ୍ଗୁଆ ବିଭିନ୍ନ ସମୟରେ ଜିଲାପାଳଙ୍କ ଜନଶୁଣାଣିରେ ଡାକ୍ତର ନିଯୁକ୍ତି ଦାବି କରି ବିଫଳ ହୋଇଛନ୍ତି। ରାଜ୍ୟ ସରକାର ୫ଟି ଯୋଜନାରେ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର ଦେଇଥିବା ବେଳେ ଏହି ଆଦିବାସୀ ବହୁଳ ଅଞ୍ଚଳରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ସିରିଗିଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଫାର୍ମାଶିଷ୍ଟଙ୍କୁ ପଚାରିବାରୁ ସେ କହିଲେ ଯେ ବର୍ତ୍ତମାନ ସୁଦ୍ଧା କୌଣସି ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଏସମ୍ପର୍କରେ ସିଡିଏମଓ ଅଶୋକ ଦାସଙ୍କୁ ପଚାରିବାରୁ ୯୫ ଜଣ ଡାକ୍ତରଙ୍କ ଅଭାବ ଅଛି। ତେବେ ସ୍ୱତନ୍ତ୍ର ଭାବେ ଜଣେ ଡାକ୍ତରଙ୍କୁ ଏକ ମାସ ମଧରେ ଦାୟିତ୍ୱ ଦିଆଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ବିଷାକ୍ତ ମଦ ପିଇ ମୃତ୍ୟୁ ଅଭିଯୋଗ

କେନ୍ଦୁଝର, ୩୧।୧୨(ସ୍ୱ.ପ୍ର.)-ସଦର ଥାନା ଅନ୍ତର୍ଗତ ଅଞ୍ଜର ଗ୍ରାମରେ ମଦ୍ୟପାନ କରି ଶୋଇଥିବା ଜଣେ ଗ୍ୟାରେଜ ମିସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଗତ ସୋମବାର ସେ ଅନ୍ୟଜଣଙ୍କ ସହିତ ମଦ ପିଇବା ପରେ ଗ୍ୟାରେଜରେ ଆସି ଶୋଇଥିଲେ। ହଠାତ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ତାଙ୍କ ନାମ ନାଳିଆ। ସେଠାରେ ସେ ଗ୍ୟାରେଜରେ କାମ କରୁଥିଲେ। ସେ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହେଉଛି । ସଦର ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ କହିଛନ୍ତି ଯେ ଅତ୍ୟଧିକ ମଦ୍ୟପାନ କରିଥିବାରୁ ତାଙ୍କର ମୃତ୍ୟୁ ହୋଇଛି। ପ୍ରକାଶ ଯେ ପୂର୍ବରୁ ଏହି ଗ୍ରାମରେ ଏଭଳି ମଦ ପିଇ ବହୁ ଲୋକ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇ ଆସୁଛି। ତେବେ ଏନେଇ ଧରପଗଡ କରାଯାଉନଥିବାରୁ ଅନେକ ଏହି ମଦ ପିଇ ଅସୁସ୍ଥ ହୋଇ ପଡୁଥିବାରୁ ପଦକ୍ଷେପ ନେବାକୁ ଦାବି ହେଉଛି ।

# ସିଟିଜିରେ ଡ. ରାଜେନ୍ଦ୍ର କୁମାର ପଲେଇଙ୍କୁ ସମ୍ବର୍ଦ୍ଧନା




କେନ୍ଦୁଝର, ୩୧।୧୨(ଡି.ଏନ୍.ଏ.)

କେନ୍ଦୁଝର ସହରର ନ୍ୟୁ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପରିଚାଳିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ ଏବଂ କେନ୍ଦୁଝର ଡିଗ୍ରୀ କଲେଜ ତରଫରୁ ସିଟିଜି କଲେଜର ଚେୟାରମ୍ୟାନ୍ ରୋଟାରିଆନ୍ ଡକ୍ଟର ରାଜେନ୍ଦ୍ର କୁମାର ପଲେଇଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜର ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର,ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଡ଼ଃ ରାଜେନ୍ଦ୍ର ପଲେଇଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଭାଇସ ପ୍ରିନ୍ସିପାଲ କୃଷ୍ଣଚନ୍ଦ୍ର ମହାନ୍ତି ସମ୍ବର୍ଦ୍ଧନା ସଭାର ଉଦ୍ଦେଶ୍ୟ ବିଷୟରେ କହିବା ସହିତ ଜର୍ମାନସ୍ଥିତ ଆନ୍ତର୍ଜାତିକ ଶାନ୍ତି ବିଶ୍ୱବିଦ୍ୟାଳୟ(ଇଣ୍ଟରନ୍ୟାଶନାଲ ପିସ୍ ୟୁନିଭରସିଟି) ତରଫରୁ ଇଡକଲ ଅଡିଟୋରିୟମଠାରେ ପଦ୍ମଭୂଷଣ ଡ. ରଘୁନାଥ ମହାପାତ୍ର, ଡ. ଏମ୍‌ଡି କୁତବ ଉଦ୍ଦିନ ଚୌଧୁରୀ ଏବଂ ଡ. ସୁରେଶ କୁମାର ଅଗ୍ରୱାଲଙ୍କ ଉପସ୍ଥିତିରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ରାଜେନ୍ଦ୍ର କୁମାର ପଲେଇଙ୍କୁ ୧ସମ୍ମାନସୂଚକ ଡକ୍ଟରେଟ ସମ୍ମାନରେ ସମ୍ମାନିତ କରାଯାଇଥିବା ସୂଚନା ଦେବା ସହ ଏହା ସିଟିଜି ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ପ୍ରକାଶ କରିଥିଲେ।




ବୈଠକରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ।

## ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ

ଝୁମ୍ପୁରା, ୩୧।୧୨ (ଡି.ଏନ.ଏ.)-

ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ସୁଶାନ୍ତ ନାଏକ ବୈଠକରେ ସଭାପତିତ୍ୱ କରିଥିବାବେଳେ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝି, ପାଟଣା ବିଧାୟକ ଜଗନ୍ନାଥ ନାଏକ, ବିଡିଓ ଜୟଶ୍ରୀ ବେଉରା, ଉପାଧକ୍ଷ ସୁବାସିନୀ ବାରିକଙ୍କ ସହିତ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ। ଝୁମ୍ପୁରା ତହସିଲ କାର୍ଯ୍ୟାଳୟରୁ କୌଣସି ଅଧିକାରୀ ଉପସ୍ଥିତ ନ ଥିବାବେଳେ, ସିଡିପିଓ ସୁଲତା ନାୟକ ଉପସ୍ଥିତ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶୀତର ପ୍ରକୋପ ରହିଥିବା ଯୋଗୁଁ ଦିନ ୧୨ଟାରେ ବୈଠକ ଆରମ୍ଭ ହୋଇଥିଲା।

# ବୈତରଣୀ ଝାଡ଼େଶ୍ୱର ଘାଟରେ ଦାମୋଦର ପର୍ବ



ଆଦିବାସୀମାନଙ୍କ ସହ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ।

ଘସିପୁରା, ୩୧।୧୨ (ଡି.ଏନ.ଏ):

ଆଦିବାସୀ ପରମ୍ପରାର ପ୍ରସିଦ୍ଧ ଦାମୋଦର ପର୍ବ ବୈତରଣୀ ନଦୀର ବିଭିନ୍ନ ଘାଟରେ ପାଳିତ ହୋଇଛି। ସକାଳୁ ସକାଳୁ କୋଡ଼ପଡ଼ା, ଅମାରଙ୍ଗ ଓ ଝାଡ଼େଶ୍ୱର ବୈତରଣୀ ଘାଟରେ ହଜାର ହଜାର ସଂଖ୍ୟାରେ ଆଦିବାସୀ ମହିଳା ପୁରୁଷ ଅସ୍ଥି ବିସର୍ଜନ କରି ବୁଡ଼ ଦେଇଥିଲେ। ପରମ୍ପରାନୁଯାୟୀ ଏହି ଅବସରରେ ପରସ୍ପର ମଧରେ ଲୁଗାପଟା ଓ ବାସନକୁସନ ଅଦଳବଦଳ କରାଯାଇଥିଲା।ପରିବାରର ପିତୃପୁରୁଷଙ୍କ ଆତ୍ମାର ସଦଗତି ନିମନ୍ତେ ଅସ୍ଥି ବିସର୍ଜନ କରିବା ପରେ ଆଦିବାସୀ ମାନେ ନୂଆ ବସ୍ତ୍ର ପରିଧାନ କରି ନଦୀଘାଟରେ ପୂଜାର୍ଚ୍ଚନା କରିଥିଲେ। ଦାମୋଦର କାର୍ଯ୍ୟକ୍ରମ କମିଟି ପକ୍ଷରୁ ଲକ୍ଷ୍ମଣ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦିବାସୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବନେତା ଆଶିଷ ବେହେରା ଓ ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇଥିଲେ। କମିଟି ସଦସ୍ୟ ରମେଶ ମାଝି, ରବି ମାଝି, ବାବୁଲା ମାରାଣ୍ଡି, ତନୁ ମାରାଣ୍ଡି, କୁନା ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଚଗୀତ, ଭୋଜିଭାତରେ ନୂଆବର୍ଷକୁ ଅଭିନନ୍ଦନ

କେନ୍ଦୁଝର, ୩୧।୧୨ (ସ୍ୱ.ପ୍ର.)

ମଙ୍ଗଳବାର ଥିଲା ବର୍ଷର ଶେଷ ଦିନ। ଏଣୁ ପୁରୁଣା ବର୍ଷକୁ ନିଆରା ଢଙ୍ଗରେ ବିଦାୟ ଦେବାକୁ ସମସ୍ତେ ରାତି ପର୍ଯ୍ୟନ୍ତ ପ୍ରସ୍ତୁତିରେ ଲାଗିଛନ୍ତି । ଭୋଜିଭାତ କରିବା ସହ ନୃତ୍ୟଗୀତ କରି ନବ ବର୍ଷ ୨୦୨୦କୁ ସ୍ୱାଗତ କରିବା ପାଇଁ ସମସ୍ତେ ପ୍ରସ୍ତୁତ ହୋଇଛନ୍ତି। ବିଭିନ୍ନ ଅନୁଷ୍ଠାନ, କ୍ଲବ, ଗ୍ରୁପର ସଦସ୍ୟାସଦସ୍ୟମାନେ ଭୋଜିଭାତ ଓ ନୃତ୍ୟଗୀତ କରି ଦିନ ଓ ରାତି କଟାଇଛନ୍ତି। ସେହିପରି ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଡିଜେ ନାଇଟ ୨୦୨୦ ଆୟୋଜନ କରିଛନ୍ତି। ଏଥିରେ ସାମିଲ ହେବା ପାଇଁ ସବୁ ବର୍ଗର ଲୋକ ମାନେ ମଧରାତ୍ରୀ ପର୍ଯ୍ୟନ୍ତ ଉଜାଗର ହୋଇ ପ୍ରସ୍ତୁତ ହୋଇ ରହିଛନ୍ତି । ସ୍ଥାନୀୟ ମାଇନିଂ ରୋଡ ଠାରେ ଏସଡି ଇଭେଣ୍ଟ ଆଣ୍ଡ ସର୍ଭିସେସ ପକ୍ଷରୁ ରଙ୍ଗାରଙ୍ଗ ନୃତ୍ୟଗୀତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି ।

CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ, ଆଦି ସବୁ ଋଣ
ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର
094738-08189
073762-57896

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS BUSINESS

ASTROLOGY ASTROLOGY

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact
9716825082

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରିମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### କମେଣ୍ଟ ମାରିବା ନେଇ ତୁମୁଳକାଣ୍ଡ
### ଖଣ୍ଡାରେ ଆକ୍ରମଣ ଉଦ୍ୟମ କରି ଯୁବକ ଗିରଫ

**ଖଇରା, ୩୧।୧୨(ଡି.ଏନ.ଏ.):** ଖଇରା ଥାନା ଅଧୀନ ଗଣ୍ଡିବେଡ ବଜାରରେ ମହିଳାମାନଙ୍କୁ କମେଣ୍ଟ ମାରିବା ସହ ସେମାନଙ୍କୁ ମାଡ ମାରିବା ପରେ ପୋଲିସକୁ ଗାଳିଗୁଲଜ ଶେଷରେ ଖଣ୍ଡା ଧରି ଆକ୍ରମଣ ଉଦ୍ୟମ କରୁଥିବା ଗଣ୍ଡିବେଡ ଜେନାସାହି ଗ୍ରାମର ପୁପୁଲ ଜେନାଙ୍କୁ ଖଇରା ପୋଲିସ ସନ୍ଧ୍ୟାରେ ଗିରଫ କରିଛି। ଅପରାହ୍ନରେ ଔପଦା ଥାନା ନୂଆଗାଁ ଗ୍ରାମର କେତେକ ମହିଳା ଓ ଯୁବତୀ ଗଣ୍ଡିବେଡ ମାର୍କୋଣା ରାସ୍ତା ଛକରେ ଥିବା ବଉଳ ଗଛ ମୂଳେ ଛିଡା ହୋଇ ବଉଳ କୋଳି ଖାଇବା ସହ କଥାବାର୍ତ୍ତା ହେଉଥିବା ବେଳେ ନିକଟସ୍ଥ ଜେନା ସାହି ଓ ମୁଖୀ ସାହିର କେତେକ ଯୁବକ ସେମାନଙ୍କୁ କମେଣ୍ଟ ମାରିଥିଲେ। ଏଥିରେ ଉକ୍ତ ମହିଳାମାନେ ପ୍ରତିବାଦ କରିଥିଲେ। ଯୁବକମାନେ ସେମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ସେମାନଙ୍କ ସ୍ୱାମୀଙ୍କୁ ଲଗାଇ ମାଡ ମଧ ମାରିଥିଲେ। ପରେ ପୋଲିସ ପହଞ୍ଚିବା ପରେ ତାଙ୍କୁ ମଧ ଛାଡି ନ ଥିଲେ। ଏଥିମଧ୍ୟରୁ ପୋଲିସ ପୁପୁଲ ଜେନାଙ୍କ ସ୍ୱାମୀଙ୍କୁ ଥାନାକୁ ନେଇଯାଇଥିଲେ। ପୁପୁଲ କିଛି ସମୟ ପରେ ଏକ ଖଣ୍ଡା ଆଣି ମହିଳାମାନଙ୍କ ସପକ୍ଷରେ ଯୁକ୍ତି କରୁଥିବା ଗଣ୍ଡିବେଡର କେତେକ ବ୍ୟବସାୟୀ ଓ ପୋଲିସକୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରି ଥାନାକୁ ନେଇଥିଲେ।

### ଭିନ୍ନକ୍ଷମ ଆଇନ ସଚେତନତା, ଶୀତବସ୍ତ୍ର ବଣ୍ଟନ

**ବାଲିଆପାଳ, ୩୧।୧୨(ସ୍ୱ.ପ୍ର.):** ସନ୍ଥକବି ଭୀମଭୋଇ ଜଣେ ଭିନ୍ନକ୍ଷମ ହୋଇଥିଲେ ମଧ ତାଙ୍କର ସୃଜନଶୀଳ ପ୍ରତିଭା ଏବଂ ତାଙ୍କ କବିତାରେ ବିଶ୍ୱ ଭ୍ରାତୃଭାବ ରହିଥିବାରୁ ତାହା ଜାତିସଂଘ କାର୍ଯ୍ୟାଳୟରେ ସ୍ଥାନିତ ହୋଇପାରିଛି ବୋଲି ସ୍ୱେଚ୍ଛାସେବୀ ସଙ୍ଗଠନ ୟୁଥ୍ ଡେଭଲପମେଣ୍ଟ ପ୍ରୋଜେକ୍ଟ (ୱାଇଡ଼ିପି) ପକ୍ଷରୁ ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିରଠାରେ ଆୟୋଜିତ ଭିନ୍ନକ୍ଷମ ଆଇନ ୨୦୧୬ ସଚେତନତା କାର୍ଯ୍ୟକ୍ରମ ଏବଂ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ ସମୂହର ବାର୍ଷିକ ଅଧିବେଶନରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନ ସଂଯୋଜକ ରବିରଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରେବତୀର ସମ୍ପାଦିକା ସୁବାସିନୀ ଜେନା ଯୋଗଦେଇ ଭିନ୍ନକ୍ଷମମାନେ କେବେ ଅକ୍ଷମ ନୁହନ୍ତି। ସମ୍ମାନନୀୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡ଼େଶ୍ୱର ପ୍ରଧାନ, ସମାଜସେବୀ ବୈମକେଶ ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ମନୋଜ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ପ୍ରଣବ କୁମାର ସାହୁ ନୂତନ ଭିନ୍ନକ୍ଷମ ଆଇନର ବିଭିନ୍ନ ଧାରା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରେଷ୍ଠ ଭିନ୍ନକ୍ଷମ ଗ୍ରୁପ ଭାବେ ବାବା ନିଖିରେଶ୍ୱର ଭିନ୍ନକ୍ଷମ ଗ୍ରୁପ ଏବଂ ଭିନ୍ନକ୍ଷମ କଳାକାର ଭାବେ ସୀତାଶୁ ଭୂୟାଁଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ଉପସ୍ଥିତ ଥିବା ବିଭିନ୍ନ ଗ୍ରୁପର ଦୁଇଶହ ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ କରିଥିଲେ।



ଦୀଘାରେ ଲକ୍ଷାଧିକ ପର୍ଯ୍ୟଟକ।



ତାଳସାରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ନୌବିହାର

## ନୂଆବର୍ଷକୁ ସ୍ୱାଗତ ଲାଗି
# ଉତ୍ସବମୁଖର ପର୍ଯ୍ୟଟନସ୍ଥଳୀ



ଚନ୍ଦନେଶ୍ୱର ମହାଦେବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଭୋଗରାଇ, ୩୧।୧୨(ଡି.ଏନ.ଏ.)**

ରାତି ପାହିଲେ ଆସିବ ନୂଆବର୍ଷ ୨୦୨୦। ୨୦୧୯ବର୍ଷର ଶେଷଦିନକୁ ସ୍ମରଣୀୟ କରିବା ପାଇଁ ସବୁଆଡେ ପରିବେଶ ଉତ୍ସବମୁଖର ହୋଇପଡିଛି। ବାଲେଶ୍ୱର ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକମାନଙ୍କ ଭିଡ ପରିଲକ୍ଷିତ ହୋଇଛି। ମଙ୍ଗଳବାରଠାରୁ ଭୋଗରାଇର ଉଦୟପୁର, ତାଳସାରୀ, ବିଚିତ୍ରପୁର ଇକୋଟୁରିଜିମ୍ ବେଳାଭୂମିରେ ବହୁ ପର୍ଯ୍ୟଟକଙ୍କ ସମାବେଶ ହୋଇଛି। ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବ ଓ ଏସିଆର ସର୍ବବୃହତ ଶିବଲିଙ୍ଗ ଭୁଷଣ୍ଡେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଛନ୍ତି। ଏତଦ୍‌ଭିନ୍ନ ଭୋଗରାଇ ସୀମାନ୍ତ ଦୀଘା ଶଙ୍କରପୁରର, ତାଜପୁର, ମନ୍ଦାରମଣୀର ଲକ୍ଷାଧିକ ପର୍ଯ୍ୟଟକଙ୍କୁ ଆଗମନ ହୋଇଛି। ପୂର୍ବବର୍ଷକୁ ବିଦାୟ ଦେବା ଉଦ୍ଦେଶ୍ୟରେ ଯୁବତୀଯୁବକଙ୍କ ବିଭିନ୍ନ ରାସ୍ତାରେ ଡାକବାଜି ଯନ୍ତ୍ର, ଭୋଜିଭାତ, ସଙ୍ଗୀତନୃତ୍ୟର ଆସର ଜମିଛି। ଭୋଗରାଇ ବ୍ୟତୀତ ବାଲିଆପାଳର ଚୌମୁଖ, ଡଗରା, ବାହାବଳପୁର, ବାଲେଶ୍ୱରର ଚାନ୍ଦିପୁର ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଛି। ଦୀଘା, ଉଦୟପୁର ବେଳାଭୂମିରେ ପର୍ଯ୍ୟଟକମାନେ ସମୁଦ୍ର ଢେ଼ଉରେ ଗାଧୋଇବା ସହିତ ନୌବିହାର ମଜା ନେଉଛନ୍ତି। ମଙ୍ଗଳବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସଙ୍ଗୀତ ନୃତ୍ୟର ଆସର ଜମି ଥିବାବେଳେ ହୋଟେଲ, ଲଜ୍, ରେସ୍ତୋରାଁରେ ପର୍ଯ୍ୟଟକଙ୍କ ଉତ୍ସାହ ପରିଲକ୍ଷିତ ହୋଇଛି। ସବୁଠି ବିଦ୍ୟୁତ ରଙ୍ଗୀନ ଆଲୋକ, ବେଲୁନ, ଆତସବାଜିରେ ନୂତନବର୍ଷର ମାହୋଲ ସୃଷ୍ଟି ହୋଇଛି।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

### ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ
## ମାତା, ପିତା, ଶିକ୍ଷକ ଛାତ୍ରୀଛାତ୍ରଙ୍କ ତ୍ରିଦେବ

**ବାଲେଶ୍ୱର ଅଫିସ,୩୧।୧୨**

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ରୌପ୍ୟଜୟନ୍ତୀ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମାଧ୍ୟମିକ ଉଚ୍ଚଶିକ୍ଷା ପରିଷଦର ଅଧକ୍ଷ ଅମରେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷାକୁ ବଞ୍ଚାଇବାରେ ଫକୀରମୋହନ ସେନାପତିଙ୍କ ଉଦ୍ୟମ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଡିଆର୍‌ଡିଓର ନିର୍ଦ୍ଦେଶକ ବିନୟ ଦାସ ଯୋଗଦେଇ ପିତା, ମାତା ଓ ଶିକ୍ଷକ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ସେମାନେ ହେଉଛନ୍ତି ଛାତ୍ରୀଛାତ୍ରମାନଙ୍କର ତ୍ରିଦେବ। ସମ୍ମାନନୀୟ ଅତିଥି ଭାବେ ଆମେରିକା ନ୍ୟୁଜର୍ସି ସିଟି ୟୁନିଭର୍ସିଟିର ପ୍ରଫେସର ବାସନ୍ତୀ ଦେ ଚକ୍ରବର୍ତ୍ତୀ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳାକୁ ତାଙ୍କ ୟୁନିଭର୍ସିଟିର ଛାତ୍ରୀଛାତ୍ରମାନେ ବହୁତ ଭଲ ପାଆନ୍ତି ବୋଲି କହିଥିଲେ।

ଛାତ୍ରୀ ରୋଶନକ କାଦ୍ରୀ ମିଳିତ ଜାତିସଂଘ ତରଫରୁ ହୋଇଥିବା ପୋଷ୍ଟର ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବାରୁ ସମାରୋହରେ ତାଙ୍କୁ ପୁରସ୍କୃତ କରାଯାଇ ଥିଲା। ଏହାସହ ମହାବିଦ୍ୟାଳୟର ବିଏଫଏ ଓ ଏମ୍‌ଏଫଏରେ ବିଭିନ୍ନ ବର୍ଷରେ ହୋଇଥିବା ଟପ୍ପରମାନଙ୍କୁ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ହିମାଂଶୁ ଦାସ ପ୍ରଥମଥର ପାଇଁ ମହାବିଦ୍ୟାଳୟର କର୍ମଚାରୀ କହ୍ନେଇ ଚରଣ ପ୍ରଧାନଙ୍କୁ ପ୍ରେସିଡେନ୍‌ସିଆଲ ଆୱାର୍ଡରେ ସମ୍ମାନିତ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଶିବାନନ୍ଦ ଦାସ ମହାପାତ୍ରଙ୍କ ଅକାଳ ବିୟୋଗ ହୋଇଥିବାରୁ ତାଙ୍କ ସ୍ମୃତିରକ୍ଷା ପାଇଁ ଶିବାନନ୍ଦ ଦାସ ମେମୋରିଆଲ ଆୱାର୍ଡ ଛାତ୍ର କିଶୋର ନାୟକଙ୍କୁ ପ୍ରଦାନ କରାଯାଇଥିଲା ଏବଂ ଓମେନ ଏମ୍ପାୱାରମେଣ୍ଟ ଆୱାର୍ଡ଼ ସ୍ୱର୍ଗତ ଅଦିତି ମିଶ୍ର ମେମୋରିଆଲ ନାମରେ ନାମିତ କରି କର୍ମଚାରୀ ଦେବସ୍ମିତା ଦାସଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ କଳାକ୍ଷେତ୍ର ଆଲୁମ୍‌ନି ତରଫରୁ ଚାଲିଥିବା ଚିତ୍ରକଳା ଶିବିରରେ ଭାଗ ନେଇଥିବା ୫୪ଜଣଙ୍କୁ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ନିକୁଞ୍ଜ ବିହାରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭ୍ୟ ଗୌରୀଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଙ୍କିତା କର, ଡ. ଦେବାଶିଷ ମିଶ୍ର, ଅଧାପକ ଶଶାଙ୍କ ଶେଖର ଦାସ, ସଙ୍ଗିତ ସାମନ୍ତରାୟ, ଅବନୀନ୍ଦ୍ର କର, ସୁଜିତ ଦାସ, ଦେବାଶିଷ ମିଶ୍ର, ହିମାଂଶୁ ନାୟକ ଓ ମୃତ୍ୟୁଞ୍ଜୟ ପଲେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**ସଜନାଗଡ଼, ୩୧।୧୨(ଡି.ଏନ.ଏ.):** ନୀଳଗିରି ଉପଖଣ୍ଡର ଅଯୋଧ୍ୟା ଅଞ୍ଚଳରେ ୨ଟି ଭାଲୁ ଆତଙ୍କ ଖେଳାଇଛନ୍ତି। ଗୋଟାଏ ଭାଲୁ ଜଣେ ବୃଦ୍ଧଙ୍କୁ ଆକ୍ରମଣ କରି ଗୁରୁତର କରିଥିବା ବେଳେ ଅନ୍ୟ ଏକ ଭାଲୁ ଅଯୋଧ୍ୟା ବଜାରସ୍ଥିତ ଗାଁରେ ପଶି ଆତଙ୍କ ସୃଷ୍ଟି କରିଛି। ଅଯୋଧ୍ୟା ଗୋପାଳପୁର ଗ୍ରାମର ଛଚିନ୍ଦ୍ର ନାୟକ (୭୪) ନିକଟସ୍ଥ ଜଙ୍ଗଲକୁ ପତ୍ର ଆଣିବାକୁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ଆକ୍ରମଣ କରିଥିଲା। ଛଚିନ୍ଦ୍ରଙ୍କ ଡାହାଣପଟ ଜଙ୍ଘକୁ କାମୁଡ଼ି ଭାଲୁ ଗୁରୁତର କରି ପକାଇଛି। ଚିତ୍କାର ଶୁଣି ପାଖ ଲୋକ ପହଞ୍ଚିବା ବେଳକୁ ଭାଲୁ ପଳାଇଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକ ନୀଳଗିରି ଡାକ୍ତରଖାନାକୁ ଅଣାଇଥିଲେ। ସେହପରି ଅନ୍ୟ ଏକ ଭାଲୁ ଅଯୋଧ୍ୟା ବଜାର ନିକଟବର୍ତ୍ତୀ ଗ୍ରାମରେ ପଶି ଅଞ୍ଚଳବାସୀଙ୍କୁ ଆତଙ୍କିତ କରିଛି। ଘଟଣାସ୍ଥଳରେ ନୀଳଗିରି ରେଞ୍ଜର ରୁଦ୍ରାନନ୍ଦ ବାରିକ, ଫରେଷ୍ଟରଙ୍କ ସମେତ ବହୁ ବନ କର୍ମଚାରୀ ଭାଲୁ ଘଉଡ଼ାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି।

## ମନ ଛୁଇଁଲା ନାଟକ ‘ବାଜି ରାଉତ’

**ଖଇରା,୩୧।୧୨(ଡି.ଏନ.ଏ.)**

**ଅଲିପୁର ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ**

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁର ସରସ୍ୱତୀ ମନ୍ଦିରର ଦ୍ୱାଦଶ ବାର୍ଷିକୋତ୍ସବ ସଭା ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ନାଟକ ବାଜି ରାଉତ ଦର୍ଶକଙ୍କ ମଧ୍ୟରେ ଭାବାବେଗ ସୃଷ୍ଟି କରିଥିଲା। ଦିଲୀପ କୁମାର ସେଠୀଙ୍କ ନିର୍ଦ୍ଦେଶିତ ଏହି ନାଟକର ପ୍ରତ୍ୟେକ ଚରିତ୍ରମାନଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସରପଞ୍ଚ ହରିହର କୁଣ୍ଡୁ ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୋଟିଏ ଶିଶୁ ତାର ପାରିପାର୍ଶ୍ୱିକ ଅବସ୍ଥା, ସାଙ୍ଗସାଥୀ, ମା’ବାପା, ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଖରୁ ଅନେକ କିଛି ଶିଖିଥାଏ। ଏହା ଅନୁକୂଳ ହେଲେ ଶିଶୁଟିର ଭବିଷ୍ୟତ ଉଜ୍ଜ୍ୱଳ ହେଇଥାଏ ବୋଲି ପ୍ରକାଶ କରିଥିଲେ। ସିଆରସିସି ଲମ୍ବୋଦର ନନ୍ଦ, ଖଇରା ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ଶଶିକାନ୍ତ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଉମାକାନ୍ତ ନାୟକ ବିବରଣୀ ପାଠ କରିଥିଲେ। ପ୍ରଧାନଆଚାର୍ଯ୍ୟ ଜୟନ୍ତ କୁମାର ମାଝି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଗୁରୁମା ଗୁରୁଜୀ, ପରିଚାଳନା କମିଟି ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମବାୟ ସମିତି ଆଗରେ ଚାଷୀଙ୍କ ଧାରଣା

**ଜଳେଶ୍ୱର, ୩୧।୧୨(ଡି.ଏନ.ଏ.)**

ଜଳେଶ୍ୱର ବ୍ଲକ ଚାଫଲା ସେବା ସମବାୟ ସମିତିରେ ମନମୁଖୀ କାର୍ଯ୍ୟ କରାଯାଉଥିବା ଅଭିଯୋଗ କରି ମଙ୍ଗଳବାର ଚାଷୀ ଓ ସଦସ୍ୟମାନେ ଧାରଣାରେ ବସିଥିଲେ। ସମସ୍ତ ଚାଷୀଙ୍କଠାରୁ ସମାନ ଆକାରରେ ଧାନ ନ କିଣି ମନଇଚ୍ଛା ଧାନ କିଣାଯାଉଥିବାରୁ ଚାଷୀମାନେ ଅଧିକ ଧାନ ବିକ୍ରି କରିବାରେ ଅସୁବିଧାରେ ପଡୁଛନ୍ତି। ଶେଷରେ ବାଲେଶ୍ୱର ମୁଖ୍ୟ ଅଫିସରୁ କର୍ମକର୍ତ୍ତାମାନେ ଆସି ଚାଷୀମାନଙ୍କ ସହିତ ଆଲୋଚନା କରିବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।



ସେବା ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଧାରଣା।

## ବିଶ୍ୱଶାନ୍ତି ମହାଯଜ୍ଞ

**ସିମୁଳିଆ, ୩୧।୧୨(ଡି.ଏନ.ଏ.):** ଶ୍ରୀ ଶ୍ରୀ ଭଗବାନଦାଶ ଗୀତାଜୟନ୍ତୀ ସମିତିର ୪୧ତମ ଭକ୍ତିଆସର ବିଶ୍ୱଶାନ୍ତି ଶ୍ରୀମହାବୀର ହନୁମାନ ମହାଯଜ୍ଞ ସମାରୋହ ମଙ୍ଗଳବାର ବ୍ଲକର ସଦର ମହକୁମା ମାର୍କୋଣାର ନୀଳକଣ୍ଠେଶ୍ୱର ମନ୍ଦିର ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ବିଶ୍ୱର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରି ଦେବଦେବୀଙ୍କ ଉଦ୍ଦେଶ୍ୟରେ ୧୫୪ଜଣ ପଣ୍ଡିତଙ୍କ ଦ୍ୱାରା ଲକ୍ଷାର୍ଚ୍ଚନା, ପୂଜା, ଯଜ୍ଞ ସମାରୋହ ବୈଦିକ ରୀତିରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୋମବାର ଯଜ୍ଞକୁଣ୍ଡ ମଣ୍ଡପ, ତୋରଣ ସଜ୍ଜା ଓ ଅଧିବାସ, ମଙ୍ଗଳବାର ପ୍ରତ୍ୟୁଷରେ ଘଟ ନିମଜ୍ଜନ, ସକାଳ ୮ଟାରେ ମାର୍କୋଣା ଷ୍ଟେଶନ ବଜାରସ୍ଥିତ ଶ୍ରୀଶ୍ରୀ ସତ୍ୟନାରାୟଣ ମନ୍ଦିର ପରିସରରୁ ୧୦୮ଶଙ୍ଖଧ୍ୱନି ସହିତ ବିବିଧବାଦ୍ୟ, ପୁଷ୍ପଗୁଚ୍ଛ, ଚିରାଳ ଓ ବେଦମନ୍ତ୍ର ସହିତ ଶ୍ରୀ ବିଗ୍ରହଙ୍କର ଯଜ୍ଞ ମଣ୍ଡପକୁ ଶୋଭାଯାତ୍ରା, ପୂର୍ବାହ୍ନ ୧୦ଟାରେ ଶ୍ରୀବିଗ୍ରହ ସମେତ ପୁରୋହିତ ଆଚାର୍ଯ୍ୟମାନଙ୍କୁ ସମ୍ବର୍ଦ୍ଧନା, ୧୧ଟାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଦ୍ୱାରା ମହାଯଜ୍ଞର ଶୁଭ ଉଦ୍‌ଘାଟନ ଓ ଅଗ୍ନି ଆସାଦନ ସହିତ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ନାରାୟଣ ସେବା, ସନ୍ଧ୍ୟାରେ ଶେଷ ଆଳତି, ପୂର୍ଣ୍ଣାହୁତି, ଘଟପୀଠ ଓ ଶ୍ରୀ ବିଗ୍ରହଙ୍କ ବିସର୍ଜନ ଓ ସଲିଳ ନିମଜ୍ଜନ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଦୟାନିଧି ପତ୍ରୀ, ଉପେନ୍ଦ୍ର ପ୍ରସାଦ ତ୍ରିପାଠୀ, ହରେକୃଷ୍ଣ ପଣ୍ଡା ପ୍ରମୁଖ ସହଯୋଗୀ ଥିଲେ।



ମାର୍କୋଣାରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ବାହାନଗା, ୩୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଭଣା ଉଚ୍ଚ ବିଦ୍ୟାଳୟ ୧୯୮୪ ବ୍ୟାଚର ଛାତ୍ରୀଛାତ୍ରମାନଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ରୂପଖଣ୍ଡସ୍ଥିତ ସମୁଦ୍ର ଝାଉଁ ଜଙ୍ଗଲ ମଧ୍ୟରେ ବନ୍ଧୁମିଳନ ଉତ୍ସବ ହୋଇଥିଲା। ଏହାସହିତ ଗୁରୁପୂଜାର ପରମ୍ପରା କରାଯାଇଥିଲା। ପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ପୂର୍ବତନ ପ୍ରଧାନ ଶିକ୍ଷକ ରମାକାନ୍ତ ଦାଶ। ଅତିଥି ଭାବେ ପୂର୍ବତନ ଶିକ୍ଷକ ମଦନମୋହନ ପ୍ରଧାନ, ଭାଗୀରଥି ରାଉତ, ଶ୍ରୀଧର ନାୟକ, ଶରତ ଚନ୍ଦ୍ର ପତି, ରମେଶ ଚନ୍ଦ୍ର ମହାପାତ୍ର, ଗଣପତି ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଗୁରୁମାନଙ୍କୁ ପୂଜା କରାଯାଇ ଉପଢୌକନ ପ୍ରଦାନ କରାଯାଇଥିଲା। ଛାତ୍ର ରୋହିତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁଜିତ୍ କୁମାର ପଣ୍ଡା, ନିରଞ୍ଜନ ନାୟକ, ସୁଧାକର ଅଗସ୍ତି ଓ ରଞ୍ଜନ ମାଝି ପ୍ରମୁଖ ପରିଚାଳନା କରିଥିଲେ।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବିନା ହେଲ୍‌ମେଟ୍‌ରେ ଚାଲିବନି ବାଇକ୍

**ସଜନାଗଡ଼, ୩୧।୧୨(ଡି.ଏନ.ଏ.)**

**ଯୁବ ବୈଜ୍ଞାନିକଙ୍କ ଅଭିନବ ଉଦ୍ଭାବନ**

ବିନା ହେଲ୍‌ମେଟରେ ବାଇକ୍ ଚାଲିବନି କି ଚୋରି ମଧ ହୋଇପାରିବନି। ଏପରି ଏକ ଅଭିନବ ଉପାୟ ଅବଲମ୍ବନ କରି ନୀଳଗିରି ବଜାରରେ ନନ୍ଦିଘୋଷ ପ୍ରୋଜେକ୍ଟର ମାଲିକ ଯୋଗେଶ୍ୱର ମହାନ୍ତି ଚର୍ଚ୍ଚାକୁ ଆସିଛନ୍ତି। ସେ ମାତ୍ର ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ସ୍କୁଲରେ ପଢୁଥିବା ବେଳେ ଯୋଗେଶ୍ୱରଙ୍କ ବିଜ୍ଞାନ ପ୍ରତି ବିଶେଷ ଆଗ୍ରହ ଥିଲା। ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିଲେ। ମାତ୍ର ୭ଶହ ଟଙ୍କା ବିନିଯୋଗ କରି ଯୋଗେଶ୍ୱର ଏକ ନୂତନ ହେଲମେଟ୍ ତିଆରି କରିଛନ୍ତି। ଜଣେ ବାଇକ ଆରୋହୀ ଏହି ହେଲମେଟ ନ ପିନ୍ଧିଲେ ବାଇକ୍ ଷ୍ଟାର୍ଟ ହେବ ନାହିଁ କି ଚୋର ଚୋରି କରି ନେଇଗଲେ ମାତ୍ର ୩୦୦ ମିଟର ଦୂରତାରେ ବାଇକ୍ ଆପେ ଆପେ ଷ୍ଟାର୍ଟ ବନ୍ଦ ହୋଇଯିବ। ଏହି ନୂତନ ହେଲମେଟ୍‌ରେ ଗୋଟିଏ ସେନ୍‌ସର ଲାଗିଥିବା ବେଳେ ଅନ୍ୟଟି ବାଇକ୍‌ରେ ସଂଯୋଗ ହୋଇଛି। ସେହିଭଳି ହେଲ୍‌ମେଟ୍‌ରେ ଏକ ସକେଟ ଲାଗିଥିବା ବେଳେ ବାଇକ୍‌ରେ ଅନୁରୂପ ଭାବେ ଏକ ସକେଟ୍ ଲାଗିଛି। ଏହାର ବ୍ୟବହାର କରି ଅନେକ ଚୋରି ଓ ଦୁର୍ଘଟଣା ରୋକାଯାଇପାରିବ ବୋଲି ସେ କହିଛନ୍ତି।



## ମେଷ

ନୂଆ ବରଷରେ ନୂଆ ଭାବନା ଓ ନୂଆ ମନ ନେଇ ନୂଆ ନୂଆ କାମର ପରିକଳ୍ପନା କରିବେ। ବର୍ଷାରମ୍ଭରୁ କର୍ମାଧିପତି ଶନିଙ୍କ ସହ ଭାଗ୍ୟାଧିପ ବୃହସ୍ପତିଙ୍କ ସଂଯୋଗ ଫଳରେ କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ସାଙ୍ଗକୁ ସ୍ୱକୀୟ ଚଷ୍ଟା ଲକ୍ଷ୍ୟ ପୂରଣରେ ସହାୟକ ହେବ। ନୂଆ ଚାକିରି ଅଫର୍ କିମ୍ବା ପଦୋନ୍ନତି ମାଧ୍ୟମରେ ଉଚ୍ଚପଦାରୂଢ଼ ହେବାର ସମ୍ଭାବନା ରହିଛି। ଶଯ୍ୟାଶାୟୀ ନ ହେଲେ ମଧ୍ୟ ରୋଗବ୍ୟାଧିର ଭଲ, ମନ୍ଦ ପରିସ୍ଥିତି ଲାଗି ରହିବ ବର୍ଷସାରା। ଶନିଙ୍କ କୁପ୍ରଭାବରେ ନିର୍ମାଣାଧୀନ କାମ ଧିମେଇ ଯିବ, ଜମିଜମା କିଣାବିକାରେ କଳହ ଓ ପରିବାରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତିରୁ ମୁକ୍ତି ମିଳିବା କଷ୍ଟକର ହୋଇପାରେ। ଶୁକ୍ରଙ୍କ ସୁପ୍ରଭାବରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ ବିଳାସବ୍ୟସନ ଦିଗକୁ ମନ ଢଳିବ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ଲାଭ କରିବେ।

ଅଶ୍ୱିନୀ/ମେଷ–କର୍ମକ୍ଷେତ୍ରରେ ଦାୟିତ୍ୱ ବଢିଯିବ। ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରିବେ। ବିଦେଶ ଯାତ୍ରାର ସୁଯୋଗ ମିଳିବା ସହ ନୂତନ କର୍ମ ସଂସ୍ଥାନର ଯୋଗ ରହିଛି। ମିତ୍ର ବନ୍ଧୁଙ୍କ ସହ ସୁସମ୍ପର୍କ ସୃଷ୍ଟି ହେବ। ଆନୁଷ୍ଠାନିକ କାମରୁ ଧନ ସମ୍ମାନ ପାଇବେ। ଶିକ୍ଷା, ପରୀକ୍ଷାରେ କୃତିତ୍ୱ ଲାଭ କରିପାରନ୍ତି। ଦ୍ୱିଜା/ମେଷ– ସାମୟିକ ଭାବରେ ଦୈହିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ଅଭାବ ନ ଥିଲେ ମଧ୍ୟ ଅପବ୍ୟୟ କିମ୍ବା ଧନହାନି ମନସ୍ତାପର କାରଣ ହେବ। ପାରିବାରିକ ସଦ୍‌ଭାବ, ଗୃହୋପଯୋଗୀ ଜମିଜମା ଲାଭ, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ, ବ୍ୟବସାୟିକ ସଫଳତା ମଧ୍ୟ ହାସଲ କରିବେ। ନୀଚଜନ ସହ ବାଦବିବାଦ, ବାଣିଜ୍ୟ, ବ୍ୟବସାୟରେ କ୍ଷତି, ପରିବହନରେ ଝଗଡା ସଙ୍ଗକୁ ଯାନବାହନ ଦୁର୍ଘଟଣା, ଚାକିରିରେ ସ୍ଥାନାନ୍ତରର ଆଶଙ୍କା ଦେଖାଦେବ। କୃତ୍ତିକା/ମେଷ– ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ପୁଅ ଝିଅଙ୍କ ବିବାହ, ନୃତ୍ୟ, ସଂଗୀତ, ଚଳଚ୍ଚିତ୍ର ଓ କ୍ରୀଡାରୁ ସୁନାମ, ଆରୋଗ୍ୟ ଲାଭ, ଋଣ ପରିଶୋଧ, କଚେରି ମାମଲା ଫୈସଲା ହେବାର ସୌଭାଗ୍ୟ ଅର୍ଜନ କରିବେ। ପର୍ଯ୍ୟଟନ, ପରିଭ୍ରମଣ, ତୀର୍ଥାଟନ, ନୂତନ ଯାନବାହନ ଓ ସାମାଜିକ ସ୍ତରରେ ସମ୍ମାନ ଲାଭ କରି ଖୁସୀ ହୋଇପାରନ୍ତି।

## ବୃଷ

ଭାଗ୍ୟାଧିପ ଶନିଙ୍କ ପ୍ରଭାବରେ ଜଣେ ସ୍ୱାଧୀନଚେତା, ନିର୍ଭୀକ ବ୍ୟକ୍ତି ଭାବରେ ସାମାଜିକ ସ୍ତରରେ ସୁପ୍ରତିଷ୍ଠିତ ହେବେ। ନିଜର ପ୍ରତିଭା ବଳରେ ପ୍ରଚୁର ଅର୍ଥ ରୋଜଗାର କରିବେ। ଧର୍ମଭାବରେ ବୃହସ୍ପତି ଧାର୍ମିକ ବାତାବରଣ ସୃଷ୍ଟିକରିବେ। ଶୁକ୍ରଙ୍କ ଦୁର୍ବଳତା କାରଣରୁ ବିଳାସପ୍ରିୟ ଓ ବିଷୟ ଭୋଗ ପ୍ରତି ଆକର୍ଷଣ ରହିଥିଲେ ମଧ୍ୟ ଆଶାନୁରୂପ ଉପଭୋଗ୍ୟ ହୋଇପାରିବ ନାହିଁ। ପରିବାରରେ ପୈତୃକ ସମ୍ପତ୍ତି ସକାଶେ ବିବାଦ ଦେଖାଦେଇପାରେ। ମନାନ୍ତର ଓ ମତାନ୍ତରଜନିତ ଦାମ୍ପତ୍ୟ ଜୀବନରେ ସମସ୍ୟା ଓ ଜଞ୍ଜାଳ କ୍ରମଶଃ ବଢି ବଢି ଯିବ। ଯାତ୍ରାରେ ଅସଫଳତା ଓ କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ପ୍ରତୀକ୍ଷା ଓ ବନ୍ଧୁମାନଙ୍କ ଅନାଦର ଭାବ ଅଶାନ୍ତିକୁ ବହୁମାତ୍ରାରେ ବଢାଇଦେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅସହଯୋଗ ଓ ପରୋକ୍ଷ ଶତ୍ରୁତା ଲାଗି ରହିବ। ତଥାପି ଆଦର, ସମ୍ମାନ, ସତ୍‌ସଙ୍ଗ, ଉଚ୍ଚଶିକ୍ଷା, ପ୍ରଶଂସା ଲାଭ କରିବେ।

କୃତ୍ତିକା/ବୃଷ– ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ, ମାଙ୍ଗଳିକ କାମ, ସମସ୍ୟାର ସମାଧାନ, ଅର୍ଥଲାଭ, କାର୍ଯ୍ୟସିଦ୍ଧି, ସ୍ନେହ, ଶ୍ରଦ୍ଧା ଓ ଆଦର ସମ୍ମାନ ଲାଭକରି ବର୍ଷଟି ଉପଭୋଗ୍ୟ ରହିବ। ତଥାପି ବିଭିନ୍ନ ପ୍ରକାରର ପ୍ରତିରୋଧ, ପ୍ରତିବନ୍ଧକ, ରୋଗପୀଡା, ବନ୍ଧୁ ବାନ୍ଧବରେ ମତାନ୍ତରଜନିତ ସମସ୍ୟା ମଧ୍ୟ ପିଛା ଛାଡିବନାହିଁ। ବିଦେଶ ଯାତ୍ରା, ରାଗ, ରୁଷା ଓ ମାନଅଭିମାନ ଭରା ପାଖ ପଡୋଶୀ, ଧନହାନି ଓ ଭ୍ରାତୃବିବାଦ ପ୍ରଭୃତି ଦେଖାଦେବ। ଏତଦ୍‌ବ୍ୟତୀତ କଳା, ସାହିତ୍ୟ, ମନୋରଞ୍ଜନ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଦିଗରୁ ଉତ୍ତମ ଫଳ ପାଇ ଖୁସୀ ରହିବେ। ରୋହିଣୀ/ବୃଷ– ଧନଭାବରେ ଧନାଧିପ ଶୁକ୍ର ଜୁଲାଇ ପର୍ଯ୍ୟନ୍ତ ରହୁଥିବାରୁ ଆର୍ଥିକ ସଂକଟ ଦୂର ହେବ ଏବଂ ସରକାରୀ ସୂତ୍ରରୁ ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ପାରିବାରିକ ସଦ୍‌ଭାବ, ରୋଗ, ଋଣ ଓ ଶତ୍ରୁତାର ଅବସାନ ସତ୍‌ସଙ୍ଗ ଲାଭ, ଧର୍ମକାର୍ଯ୍ୟ ପ୍ରଭୃତି ଶୁଭଫଳ ମିଳିବ। ମୃଗଶିରା/ବୃଷ– ଶୁକ୍ର ଓ ଶନି ସ୍ୱ ସ୍ୱ କ୍ଷେତ୍ରରେ ଅବସ୍ଥାନ କରି ନୀଚାଂଶଗତ ବୃହସ୍ପତିଙ୍କ ସଙ୍ଗଲାଭ ଓ ଦୃଷ୍ଟିଜନିତ ପରୋକ୍ଷ ଶତ୍ରୁତା କାରଣରୁ ଅପବାଦ ପାଇପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ, ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ବୁଝାମଣା ସହ ସନ୍ଦେହଜନକ କାମରେ ଅନୁ ପ୍ରବେଶ ପ୍ରଭୃତି ପ୍ରତି ସତର୍କ ରହିବା ଭଲ।

## ମିଥୁନ

ଲାଭାଧିପ ମଙ୍ଗଳଙ୍କ ଶୁଭତ୍ୱ ସକାଶରୁ ଆପଣ ଅର୍ଥପ୍ରାଚୁର୍ଯ୍ୟ ମଧ୍ୟରେ ନୂତନ କର୍ମାରମ୍ଭ କରିବାକୁ ମନସ୍ଥ କରିବେ। ଜମିଜମା, ଯାନ୍ତ୍ରିକ ଜିନିଷ, ବିଦ୍ୟୁତ୍ ସରଞ୍ଜାମ କ୍ରୟ କରିବା ଦିଗରେ ଅର୍ଥ ବିନିଯୋଗ କରିପାରନ୍ତି। ଗ୍ରହମାନଙ୍କ ଶୁଭତ୍ୱ କାରଣରୁ ବର୍ଷର ଅର୍ଦ୍ଧାଧିକ ସମୟ କର୍ମକ୍ଷେତ୍ର, ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାମରେ ସମୟ କଟାଇବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ପିଲାମାନଙ୍କ ସକାଶେ କିଛିଟା ସମସ୍ୟାଜନିତ ବ୍ୟସ୍ତତା ଅନୁଭବ କରିବାର ଆଶଙ୍କା ରହିଛି। ତଥାପି ଚଳିତବର୍ଷରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ, ବିବାଦରେ ବିଜୟ ପ୍ରାପ୍ତି, ଶତ୍ରୁ ଦମନ, ବିଦେଶୀ ବନ୍ଧୁଙ୍କ ସାହାଯ୍ୟ ଏବଂ ଶିକ୍ଷାରେ ସଫଳତା ହାସଲ କରି ଖୁସୀ ରହିବେ।

ମୃଗଶିରା/ମିଥୁନ– ଅଷ୍ଟମସ୍ଥ ଶନି ଓ ପାପଗ୍ରହ ଯୁକ୍ତ ରାଶ୍ୟାଧିପ ଯୋଗୁ ଜୁନ୍, ଜୁଲାଇ ମାସରେ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ଆତ୍ମୀୟଙ୍କ ଅସହଯୋଗ ଓ ପାରିବାରିକ ସ୍ତରରେ ବିବାଦୀୟ ପରିସ୍ଥିତି ବିଭିନ୍ନ ସମସ୍ୟାର କାରଣ ହେବ। ତଥାପି କର୍ମକ୍ଷେତ୍ରରେ ଆକସ୍ମିକ ପଦୋନ୍ନତି, ଆର୍ଥିକ ଅଭିବୃଦ୍ଧି ଓ ବନ୍ଧୁମିଳନରୁ ଖୁସୀ ମନେଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ସଙ୍ଗକୁ ଦର୍ଶନୀୟ ସ୍ଥାନ ପରିଭ୍ରମଣ, ମାଲିମକଦ୍ଦମାରେ ବିଜୟ ପ୍ରାପ୍ତି ମନୋବଳ ବୃଦ୍ଧିରେ ସହାୟକ ହେବ। ସାମୟିକ ପ୍ରତିବନ୍ଧକ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ରପ୍ତାନି ବାଣିଜ୍ୟରେ ବାଧା ଓ ପରିବହନରେ ଝଗଡାର ସୂଚନା ରହିଛି। ତଥାପି ଭଲ ଓ ମନ୍ଦର ମିଶ୍ରିତ ଫଳ ମଧ୍ୟରେ ଭୋଗବିଳାସ, ସୁଖ, ସୌହାର୍ଦ୍ଦ୍ୟ ମଧ୍ୟରେ ବର୍ଷଟି ଅତିବାହିତ ହେବ। ଆର୍ଦ୍ରା/ମିଥୁନ– ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ, ସହଯୋଗ ନେଇ କାମ ହାସଲ କରିବେ। କୌଣସି ନୂତନ ଯୋଜନା ପ୍ରତି ମନ ବଳାଇପାରନ୍ତି। ପାର୍ଟି, ପିକ୍‌ନିକ୍, ଜନ୍ମଦିନ ପାଳନ ଅବକାଶରେ ବନ୍ଧୁମିଳନ ଓ ଦୂରଯାତ୍ରାର ସୁଯୋଗ ରହିଛି। କର୍ମୋନ୍ନତି, ସାମାଜିକ ଆଦୃତି, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଯଶଲାଭ ଓ ନୂତନ ସମ୍ପର୍କରୁ ଖୁସୀ ରହିବେ। ଅସାବଧାନତା କାରଣରୁ, ଚୋରି, ପକେଟମାର ମାଧ୍ୟମରେ ଧନହାନିର ସୂଚନାକୁ ଏଡାଯାଇ ନ ପାରେ। ପୁନର୍ବସୁ/ମିଥୁନ– ସ୍ୱାସ୍ଥ୍ୟହାନିଜନିତ କିମ୍ବା ଧର୍ମକାର୍ଯ୍ୟ ପରିପ୍ରେକ୍ଷୀରେ ବ୍ୟୟାଧିକ୍ୟ ଘଟିବ। ପରିବାର ମଧ୍ୟରେ ମତାନ୍ତର ଓ କଳହ ଲାଗି ରହିବ। ଯାନବାହନରେ କ୍ଷତି ଘଟିପାରେ।

## କର୍କଟ

ବର୍ଷାରମ୍ଭରୁ ଦ୍ୱାଦଶ ରାହୁ ଓ ସପ୍ତମସ୍ଥ ଶନିଙ୍କ ରାଶି ପ୍ରତି ଦୃଷ୍ଟି ସ୍ୱାସ୍ଥ୍ୟହାନି, ବୃଥାଭ୍ରମଣ, ଅପବ୍ୟୟ ସୃଷ୍ଟି କରିପାରନ୍ତି। ସମ୍ପର୍କୀୟଙ୍କ ପ୍ରତାରଣା, କଳହ, ବନ୍ଧୁ ବିଚ୍ଛେଦଜନିତ ଅଶୁଭ ଫଳ ପାଇବାର ଆଶଙ୍କା ରହିଛି। ସାମାଜିକ ସ୍ଥିତି ଦୃଢ ରହିବ, ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ରରେ ଉନ୍ନତି କରିବେ। ନୂତନ ଯୋଜନାରେ ସଫଳତା, ଯାନବାହନ, ଗୃହଭୂମି ଲାଭ, ଅର୍ଥଦ୍ରବ୍ୟ ପ୍ରାପ୍ତି ସଙ୍ଗକୁ ଚାକିରି କ୍ଷେତ୍ରରେ ବଦଳି ସ୍ଥଗିତ ରହିବ କିମ୍ବା ଇଚ୍ଛାକୃତ ସ୍ଥାନ ପାଇପାରନ୍ତି। ଶିକ୍ଷା, ପରୀକ୍ଷା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ଗବେଷଣାରେ ସମସ୍ୟାର ସମାଧାନ କରିପାରିବେ।

ପୁନର୍ବସୁ/କର୍କଟ– ଧନାଧିପ ରବିଙ୍କ ପ୍ରଭାବରେ ଅର୍ଥନୈତିକ ଅଭିବୃଦ୍ଧି, ରାଜକୀୟ ସମ୍ମାନ, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା ଲାଭକରି ବନ୍ଧୁ ଗହଣରେ ଆଦରଣୀୟ ହେବେ। ଶୁକ୍ରଙ୍କ ଶୁଭତ୍ୱରୁ ପରିବାରରେ ଆନନ୍ଦ ଉତ୍ସବ, ବନ୍ଧୁ ମିଳନ, ପରୋପକାର, ସୁଖସମ୍ମାନ ଓ ଯଶଖ୍ୟାତି ବଢିବ। ଶତ୍ରୁମାନେ ମିତ୍ରଭାବ ପୋଷଣ କରିବେ। ନୂତନଗୃହ, ଯାନବାହନ, ଶେୟାରବଜାର, ପ୍ରକଳ୍ପକାର୍ଯ୍ୟ ପ୍ରଭୃତିରେ ଆଶାଜନକ ସୁଫଳ ମିଳିବ। ପ୍ରିୟବ୍ୟକ୍ତିଙ୍କ ଗହଣରେ ମନୋରଞ୍ଜନ କାର୍ଯ୍ୟକ୍ରମର ମଜା ଉଠାଇ ପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଯାତ୍ରା, କର୍ମକ୍ଷେତ୍ର ପାଇଁ ଅସୁବିଧା ରହିବ ନାହିଁ। ପୁଷ୍ୟା/କର୍କଟ– ସମସ୍ୟା ସହ ଲଢେଇ କରି ସଂଘର୍ଷପୂର୍ଣ୍ଣ ବାତାବରଣ ମଧ୍ୟେ ଚଳିବାକୁ ପଡିପାରେ। ଭୁଲ୍ ବୁଝାମଣା କାରଣରୁ ପରିବାରରେ, କର୍ମକ୍ଷେତ୍ରରେ, ବନ୍ଧୁବର୍ଗରେ ମତାନ୍ତର ଓ ମନାନ୍ତର ସୃଷ୍ଟି ହେବ। ତଥାପି ବାଣିଜ୍ୟ, ବ୍ୟବସାୟରେ, ପରୀକ୍ଷା, ଇଣ୍ଟରଭ୍ୟୁରେ ଆଶାନୁଯାୟୀ ଫଳ ପାଇବେ। ରାଜନୀତିରେ ଗୋଡଟଣା, ବିବାଦରେ ମନସ୍ତାପ, ସଂଗଠନରେ ସମସ୍ୟା ଓ ପ୍ରଶାସନରେ ଦ୍ୱନ୍ଦ୍ୱ ଲାଗି ରହିବ। ଆନୁଷ୍ଠାନିକ କାମରେ ପ୍ରତିଷ୍ଠା, କୃଷିରେ ଉନ୍ନତି ହେବ। ଅଶ୍ଳେଷା/କର୍କଟ– ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରୁ କର୍ମକ୍ଷେତ୍ରରେ ଏକ ସୁବର୍ଣ୍ଣ ସୁଯୋଗ ପ୍ରାପ୍ତ ହେବ। ଅପସରି ଯିବ ଅର୍ଥସଂକଟ ଓ ବିଭିନ୍ନ ଦିଗରୁ ରୋଜଗାରର ସୁଅ ଛୁଟିବ। ପ୍ରେସ୍, ପ୍ରକାଶନ, ପ୍ରଶାସନ, ଇନ୍ଧନ, ଆୟକର, ଜୀବନବୀମା, ଆଇନ ବ୍ୟବସାୟ ପ୍ରାୟତଃ ଭଲରେ ଚାଲିବ। ପାରିବାରିକ ଜୀବନ, ବନ୍ଧୁସମ୍ପର୍କ, ଶିକ୍ଷା ଓ ତୀର୍ଥଯାତ୍ରାର ସୁଯୋଗ ପାଇପାରନ୍ତି।

## ସିଂହ

ଚଳିତବର୍ଷ ଦୈହିକ ଅସୁସ୍ଥତା ଓ କର୍ମପ୍ରବାହର ଗତିରୋଧ ଆଶଙ୍କା ରହିଛି। ଅବଶ୍ୟ କଳା, ସାହିତ୍ୟ, ଗବେଷଣା, ସଭାସମିତି, ପବ୍ଲିକେଶନ ଦିଗରୁ ସୁଫଳ ମିଳିବ। ରବି ଓ ରାହୁଙ୍କ ଶୁଭତ୍ୱରୁ ରାଜନୈତିକ କ୍ଷେତ୍ର, ଉଦ୍ୟୋଗ, ପ୍ରକଳ୍ପ, ଶେୟାର ବଜାର, ଲଟେରି ପ୍ରଭୃତିରୁ ଲାଭବାନ୍ ହେବେ। ପାରିବାରିକ କ୍ଷେତ୍ରରେ ମାଙ୍ଗଳିକ କାମ, ନୂତନ ଗୃହ, ଯାନବାହନ ଏବଂ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ସୁଫଳ ପାଇବେ। ସାମାଜିକ ଉନ୍ନତି, ଆଇନ ଅଦାଲତ, ପ୍ରଶାସନ, ସଭାସମିତି, ଅନୁଷ୍ଠାନରୁ ସୁଫଳ ପାଇବେ। ତଥାପି ମିଥ୍ୟାପବାଦ, ଆକସ୍ମିକ କଳହ, ଧନହାନି, ବନ୍ଧୁବିଚ୍ଛେଦଜନିତ ଅସ୍ଥିରତା ଲାଗି ରହିବ।

ମଘା/ସିଂହ– ଗତବର୍ଷର ସ୍ଥଗିତ କାମକୁ ପୂରଣ କରିବେ। କର୍ମକ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ହୋଇଯିବ। ଆବଶ୍ୟକତା ପୂରଣ କରିବା ସହ ଋଣମୁକ୍ତ ହୋଇପାରିବେ। ନୂତନ ଗୃହ, ଯାନବାହନ, ବନ୍ଧୁ ସମ୍ପର୍କ, ଲେଖାପଢା, ଗବେଷଣା ତଥା ରଚନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ଅବଶ୍ୟ ମଝିରେ ମଝିରେ କେତେକ ଦୁଷ୍ଟ ଓ ଖଳ ଲୋକମାନଙ୍କ ଚକ୍ରାନ୍ତରେ ପଡି ହଇରାଣ ହରକତ ହୋଇପାରନ୍ତି। ନିର୍ମାଣାଦି କାମରେ ହାତଦେଇ ଗୃହ, ଭୂମି, ଲାଭ କରିବାର ଯୋଗ ମଧ୍ୟ ରହିଛି। ପୂର୍ବାଫାଲଗୁନୀ/ସିଂହ– ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ କର୍ମଜୀବୀଙ୍କ ବଦଳି ଆଶଙ୍କା ଦୂରୀଭୂତ ହେବ। ସ୍ୱାସ୍ଥ୍ୟ, ସଂପଦହାନି, କଳହ ସମସ୍ୟା, ମନସ୍ତାପ, କଚେରି ମାମଲା, ବନ୍ଧୁ ବିଚ୍ଛେଦଜନିତ ମନସ୍ତାପ ସଙ୍ଗକୁ ଜମିଜମା, ବ୍ୟବସାୟରେ ଉନ୍ନତି ଦୁଃଖକୁ ଲାଘବ କରାଇବ। ଭୁଲ୍‌ବୁଝାମଣା ହେତୁ ବନ୍ଧୁ ସମ୍ପର୍କ ଭଲ ରହିବ ନାହିଁ। ସମାଜକଲ୍ୟାଣ କାର୍ଯ୍ୟରେ ଲୋକପ୍ରିୟତା ସୃଷ୍ଟି ହେବ। ଉତ୍ତରାଫାଲ୍‌ଗୁନୀ/ସିଂହ– ସାମୟିକଭାବରେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ବ୍ୟସ୍ତତା, ରାଜନୀତିରେ ଅପଯଶ, ଆଇନ ଅଦାଲତରେ ମନସ୍ତାପ ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ପଡିପାରେ। ବନ୍ଧୁମାନଙ୍କ ସହାୟତାରେ ପୁରୁଣା ଘର କିମ୍ବା ଗାଡି କିଣିବା ଓ କୌଣସି ଗଠନମୂଳକ କାମ କରିପାରନ୍ତି। ପାରିବାରିକ ଜୀବନରେ କିଛିଟା ଦୁଃଖଦ ପରିସ୍ଥିତି ବୈରାଗ୍ୟଭାବ ସୃଷ୍ଟି କରିବ।

## କନ୍ୟା

ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସମ୍ମାନ, ପଦୋନ୍ନତି, ବନ୍ଧୁ ସମ୍ପର୍କ ସଙ୍ଗକୁ ଶିକ୍ଷା ଓ ସନ୍ତାନ କ୍ଷେତ୍ରରେ ଶୁଭ ଫଳ ପ୍ରାପ୍ତି ହେବ। ବ୍ୟବସାୟିକ ସଫଳତା ମିଳିବ ଏବଂ ଗୃହରେ ମାଙ୍ଗଳିକ କର୍ମ ସମ୍ପାଦନ କରିବେ। ସ୍ୱାସ୍ଥ୍ୟ ସମସ୍ୟା, ଆତ୍ମୀୟଙ୍କ ଅନାଦର ଭାବ, ନିଜର ଆଶା ପୂର୍ଣ୍ଣ ନ ହେବା କାରଣରୁ ଅଧିକାଂଶ ସମୟ ମନ ବ୍ୟସ୍ତ ରହିପାରେ। ନିଜ ଲୋକମାନଙ୍କ ଦ୍ୱାରା, ସହକର୍ମୀଙ୍କ ବିରୋଧରୁ, ନୀଚ ସଙ୍ଗରୁ, ମାଦକ ଦ୍ରବ୍ୟ ସେବନରୁ ସମସ୍ୟାଯୁକ୍ତ ରହିବେ। ଅଭିମାନ, ମତାନ୍ତର, ପରିବାର ଭିତରେ ଭୁଲ ବୁଝାମଣା, ଆଳସ୍ୟରୁ କର୍ମହାନି ଘଟିପାରେ। ପ୍ରତୀକ୍ଷା, ଦେହପୀଡା, ଠକେଇ, ଚୋରିଜନିତ ଦୁଃଖ ଯନ୍ତ୍ରଣା ଭୋଗିବାକୁ ପଡ଼ିପାରେ।

ଉତ୍ତରାଫାଲ୍‌ଗୁନୀ/କନ୍ୟା–କର୍ମକ୍ଷେତ୍ରରେ ଅନିଶ୍ଚିତତା ଭିତର ଦେଇ ଚଳିବାକୁ ପଡିପାରେ। ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଭାବରେ କେତେକ ଆବଶ୍ୟକତା ବଢିଯିବ। ଶିଳ୍ପ, ବାଣିଜ୍ୟରେ ଲାଭ ବଢିବ, ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବ, ଦୀର୍ଘଦିନର ବିବାଦ ସମାଧାନ ହେବ। ସ୍ଥଗିତକାମ ଓ ଅବଦମିତ ଇଚ୍ଛାକୁ ପୂରଣ କରିବାରେ ସମର୍ଥ ହେବେ। ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇଲେ ମଧ୍ୟ ପ୍ରାୟତଃ ନିୟନ୍ତ୍ରଣାଧୀନ ରହିବ। ହସ୍ତା/କନ୍ୟା– ଦୈହିକ ସୁସ୍ଥତା ଓ ସୁନ୍ଦର ପାରିବାରିକ ଜୀବନ ମଧ୍ୟରେ ଜୀବନଯାତ୍ରା ପ୍ରୀତିପ୍ରଦ ରହିବ। ନୂତନ ପ୍ରକଳ୍ପାରମ୍ଭ, ନିର୍ମାଣାଧୀନ କାମ ପୂର୍ଣ୍ଣାଙ୍ଗ ହେବା ସହ ଅପୂର୍ଣ୍ଣ ଅଭିଳାଷ ପୂର୍ଣ୍ଣାଙ୍ଗ ହେବାର ସୌଭାଗ୍ୟ ଲାଭ କରିବେ। କିନ୍ତୁ ସାମୟିକ ଅସୁସ୍ଥତା, ଅଭାବବୋଧ, ମନସ୍ତାପ, ପରୋକ୍ଷ ଶତ୍ରୁତାଜନିତ ବିବାଦ ଓ ଅସାବଧାନତାରୁ ଧନହାନି ଘଟିବ। ବନ୍ଧୁରେ କଳହ, ଚୌରଭୟ, ଉଚ୍ଚସ୍ଥାନରୁ ପତନ ଘଟିପାରେ। ଚିତ୍ରା/କନ୍ୟା– ନିଜ ପରିସରରେ ରହୁଥିବା ବ୍ୟକ୍ତିବିଶେଷଙ୍କ ସାହାଯ୍ୟ, ସହାନୁଭୂତି ଲାଭ କରି ନୂତନ ଆଶା ପୂରଣ କରିବେ। ବ୍ୟବସାୟ, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ତଥା କଳା, ସାହିତ୍ୟ, ଆଇନ ଓ ଅଦାଲତ କ୍ଷେତ୍ରରୁ ମଧ୍ୟ ସୁଫଳ ପାଇବେ। ସନ୍ତାନଙ୍କ ବିଶୃଙ୍ଖଳା ଦୁଶ୍ଚିନ୍ତାକୁ ବଢାଇଦେବାର ଆଶଙ୍କାକୁ ଏଡେଇ ହେବନାହିଁ। ନିର୍ମାଣାଧୀନ କାର୍ଯ୍ୟ ଅଟକି ଯାଇପାରେ। ଶତ୍ରୁବୃଦ୍ଧି, ମାନସିକ ଦ୍ୱନ୍ଦ୍ୱ, କ୍ଷୟକ୍ଷତି, ଧନହାନି ଓ ସ୍ୱାସ୍ଥ୍ୟ ମାନସିକ ଅଶାନ୍ତିକୁ ବୃଦ୍ଧି କରିପାରେ।

## ତୁଳା

ରାଶ୍ୟାଧିପ ଶୁକ୍ରଙ୍କ ସୁପ୍ରଭାବରୁ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ବୃହସ୍ପତି ଓ ରାହୁଙ୍କ କୁପ୍ରଭାବରେ ମାନସିକ ଅଶାନ୍ତି ଲାଗି ରହିବ। ଅବଶ୍ୟ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଦୂରେଇ ରହିବେ ଏବଂ ସାହାଯ୍ୟ ପ୍ରାପ୍ତିର ଆଶାନେଇ ବନ୍ଧୁମାନେ ପାଖେଇ ଆସିପାରନ୍ତି। ଆର୍ଥିକ ଅନଟନ କ୍ରମଶଃ ଦୂର ହେବା ସହିତ ଗୃହରେ ବନ୍ଧୁମିଳନ ଓ ଶୁଭକାର୍ଯ୍ୟ ସମ୍ପନ୍ନ ରହିବେ। କେନ୍ଦ୍ରକୋଣାଧିପ ସ୍ୱଗୃହୀ ଶନି ଯୋଗୁ ଆପଣଙ୍କୁ ପୁରୁଣା ଘର, ଗାଡି ମୋଟର, ଯାନ୍ତ୍ରିକ ଜିନିଷ ପ୍ରଭୃତି କ୍ରୟ କରିବାର ସୁଯୋଗ ମିଳିପାରେ। ବାଣିଜ୍ୟ, ବ୍ୟବସାୟ, କର୍ମକ୍ଷେତ୍ର ପୂର୍ବାପେକ୍ଷା ଭଲ ରହିବ।

ଚିତ୍ରା/ତୁଳା– କେତେକ ସମସ୍ୟା ଓ ନିନ୍ଦା ଅପବାଦ ନୀଚସଙ୍ଗରୁ ପ୍ରାପ୍ତ ହୋଇପାରେ। ସତର୍କତା ଅଭାବରୁ ଚୌର ଭୟ, ଦୁର୍ଘଟଣା ଓ ସମ୍ମାନ ହାନି ଆଶଙ୍କା ଥିଲେ ହେଁ ବିଶେଷ କ୍ଷତିଗ୍ରସ୍ତ ହେବେ ନାହିଁ। କେତେକ ନୂତନ କର୍ମାରମ୍ଭ ପାଇଁ ମନ ବଳାଇବେ ଏବଂ ବନ୍ଧୁ ପରିସର ବୃଦ୍ଧି ପାଇବ। ସମସ୍ୟା ଲାଗି ରହିଲେ ମଧ୍ୟ ନୂତନ କର୍ମାରମ୍ଭର ଗତିରୋଧ ହେବନାହିଁ। ଚିନ୍ତା କରନ୍ତୁ ନାହିଁ, ଯେମିତି ଓ ଯାହା ଚାହୁଁଛନ୍ତି ତାହା ସାମାନ୍ୟ ବିଳମ୍ବରେ ପ୍ରାପ୍ତ ହେବ। ସ୍ୱାତୀ/ତୁଳା– ଖର୍ଚ୍ଚ ପରିମାଣ ବୃଦ୍ଧିଜନିତ ମନସ୍ତାପ କରିବେ। ବନ୍ଧୁବାନ୍ଧବ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇ ରହିବେ। କଳକାରଖାନା, ଲୁହା, ତୈଳ ବ୍ୟବସାୟରେ ବିଶେଷ ଭାବେ ଲାଭବାନ ହେବେ। କାର୍ଯ୍ୟ ସିଦ୍ଧି, ଅର୍ଥ, ଗୃହୋପଯୋଗୀ ଜମି, ଯାନବାହନ ଲାଭ ସଙ୍ଗକୁ ମନୋରଞ୍ଜନ ଓ ଶୁଭ ମାଙ୍ଗଳିକ କାମରୁ ଖୁସୀ ରହିପାରନ୍ତି। ବିଶାଖା/ତୁଳା– ଦର୍ଶନୀୟ ସ୍ଥାନକୁ ଭ୍ରମଣେଚ୍ଛା, ଅପୂରଣୀୟ ଆଶା ଓ ନୂଆ ନୂଆ ଜିନିଷ କିଣିବାର ଆଗ୍ରହକୁ ନେଇ କର୍ମମୁଖର ରହିବେ। କାର୍ଯ୍ୟ ହାସଲ କରିବାରେ ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ହେତୁ କାମଗୁଡିକୁ ସଂପାଦନ କରିପାରିବେ। ଲେଖାପଢା, ଗବେଷଣା, ସଭାସମିତି ଓ ମୂଲ୍ୟବାନ ଧାତୁ, ଅଳଙ୍କାର ବ୍ୟବସାୟରେ ପ୍ରତିବନ୍ଧକ, ସମସ୍ୟା ଓ କ୍ଷୟକ୍ଷତିଜନିତ ମନସ୍ତାପ କରିପାରନ୍ତି। ମତପାର୍ଥକ୍ୟ ଓ ଜିଦ୍‌ଖୋର୍ ପ୍ରବୃତ୍ତିଜନିତ ପାରିବାରିକ ସମସ୍ୟା ଜୀବନଯାତ୍ରାକୁ କଳୁଷିତ କରିବ। ସ୍ୱାସ୍ଥ୍ୟହାନି ଓ ଆର୍ଥିକ ସମସ୍ୟା ଲାଗି ରହିଲେ ମଧ୍ୟ ଆବଶ୍ୟକତା ପୂରଣ କରିପାରିବେ। ବ୍ୟବସାୟିକ ସଫଳତା ଓ ବନ୍ଧୁ ସହଯୋଗ, ବିବାଦୀୟ ଘଟଣାରେ ବିଜୟ ମିଳିବ।

## ବିଛା

ମଙ୍ଗଳଙ୍କ ଆଶୀର୍ବାଦରୁ ସ୍ୱାସ୍ଥ୍ୟ ପ୍ରାୟତଃ ନିୟନ୍ତ୍ରଣ ମଧ୍ୟରେ ରହିବ। ଆର୍ଥିକ ଉନ୍ନତି ଓ କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସୁବିଧା ସୁଯୋଗ, ପାରିବାରିକ ଜୀବନର ଚଲାପଥକୁ କୁସୁମିତ କରିବ। ମାଲିମକଦ୍ଦମାରେ ସଫଳତା, କଳା, ସାହିତ୍ୟ, ସଙ୍ଗୀତରେ ପ୍ରଶଂସା ଓ ପ୍ରତିଷ୍ଠା ପାଇବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କୁ ନିଜ ସପକ୍ଷରେ ନେବା ଦିଗରେ ଆପଣଙ୍କ କୌଶଳ ଓ ଆକର୍ଷଣୀୟ କଥନଶୈଳୀ ସାହାଯ୍ୟ କରିବ। କିନ୍ତୁ ଈର୍ଷାପରାୟଣ ଖଳଲୋକଙ୍କ କଥାରୁ ପାରିବାରିକ ଅଶାନ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। କର୍ମ କ୍ଷେତ୍ରରେ ଯଶ ଓ ସମ୍ମାନ ମିଳିଲେ ମଧ୍ୟ ମିଥ୍ୟାରୋପ ଓ ଭିଜିଲାନ୍ସ ଚଢାଉ ପ୍ରତି ସାବଧାନ ରହିବା ଭଲ। ଅବଶ୍ୟ କ୍ରୀଡା, କଳା, ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସଫଳତା ହେତୁ ଖୁସୀ ରହିବେ।

ବିଶାଖା/ବିଛା– ପାରିବାରିକ ସୁଖସୁବିଧା ସଙ୍ଗକୁ ସନ୍ତାନଙ୍କ କୃତିତ୍ୱ, ମନୋରଞ୍ଜନ ଓ ମାଙ୍ଗଳିକ କାମରୁ ଖୁସୀ ରହିବେ। ବର୍ଷାରମ୍ଭରୁ କେତେକ ସମସ୍ୟା ଦେଖାଦେଲେ ମଧ୍ୟ ଶେଷ ସମୟକୁ ତାହାର ସରଳ ସମାଧାନ କରିବେ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା, ଅଧସ୍ତନ କର୍ମଚାରୀଙ୍କ ବିରୁଦ୍ଧାଚରଣ ଦ୍ୱାରା ସ୍ଥାନାନ୍ତର, ଅପଯଶ ଓ ଶତ୍ରୁତା ସୁଖ୍ୟାତିକୁ ବ୍ୟାହତ କରିବ। ଭାବପ୍ରବଣତା ପରିହାର ପୂର୍ବକ କାମ କରି ଚାଲିଲେ କୌଣସି ଅସୁବିଧା ରହିବ ନାହିଁ। ଆର୍ଥିକ ଉନ୍ନତି, ପାରିବାରିକ ସୌଖ୍ୟ, ବିବାଦର ସମାଧାନ ଓ ଧର୍ମକାର୍ଯ୍ୟ ସମ୍ପନ୍ନ କରିବାର ସୁଯୋଗ ପ୍ରାପ୍ତ ହେବେ। ଅନୁରାଧା/ବିଛା– ଅର୍ଥର ପ୍ରାଚୁର୍ଯ୍ୟ, ସମସ୍ୟାର ସମାଧାନ, ସହକର୍ମୀମାନଙ୍କ ସହଯୋଗ ପ୍ରତ୍ୟେକ କ୍ଷେତ୍ରକୁ ସରସ, ସୁନ୍ଦର କରିବ। ଗୃହୋପଯୋଗୀ ଜମିଜମା ଲାଭ, ନୂତନ ଯାନବାହନ, କଚେରି ମାମଲାରେ ସଫଳତା ପାଇପାରିବେ। କଳା, କ୍ରୀଡା, ସଂଗୀତ, ଚଳଚ୍ଚିତ୍ର, ନୃତ୍ୟବାଦ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରବେ। ଜ୍ୟେଷ୍ଠା/ବିଛା– ଅଟକି ରହିଥିବା କାମ ସମ୍ପନ୍ନ ହେବ। ଗୋପନ ଅଭିଳାଷ ପୂରଣ ହେବ। ରାଜନୀତିରେ, ମାଲିମକଦ୍ଦମାରେ, ପ୍ରତିଯୋଗିତାରେ ସଫଳତା ହାସଲ କରିବେ। କାରବାର ଧୀରେ ସୁସ୍ଥେ ଚାଲିବ, ମନ ଓ ଦେହ ସୁସ୍ଥ ରହିଲେ ମଧ୍ୟ ସାମାନ୍ୟ ପୁରୁଣା ରୋଗଜନିତ ପୀଡାକୁ ଏଡାଇ ହେବନାହିଁ। କର୍ମକ୍ଷେତ୍ରରେ ଶତ୍ରୁତା ସୃଷ୍ଟି ହୋଇପାରେ।

## ଧନୁ

ନୀଚସ୍ଥ ବୃହସ୍ପତି ଯୋଗୁ ଆପଣଙ୍କ ସ୍ୱାସ୍ଥ୍ୟହାନି, ଉଦ୍ୟମରେ ସମସ୍ୟା, ଆକସ୍ମିକ ସ୍ଥାନାନ୍ତର ଘଟିବ। ରାହୁ ଓ ଶନିଙ୍କ କୁପ୍ରଭାବରେ ବିଦେଶ ଯାତ୍ରା, ଭ୍ରମଣ, ଧନହାନି ଓ ପାରିବାରିକ ଅଶାନ୍ତି ଉପୁଜିପାରେ। ଅବଶ୍ୟ ବିଭିନ୍ନ ଉପାୟରେ ଅର୍ଥ ଓ ସମ୍ମାନର ଅଭାବ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି, ମାଲିମକଦ୍ଦମାରେ ସଫଳତା ପ୍ରାପ୍ତି, କର୍ମକ୍ଷେତ୍ରରେ ପଦୋନ୍ନତି ଓ ଗଠନମୂଳକ କାମରେ ସହଯୋଗ ପାଇବେ। ନିର୍ମାଣ, ଜମିଜମା, ରାଜନୀତି, କଳା, ସାହିତ୍ୟ, ସଂଗଠନ କ୍ଷେତ୍ରରେ ମିଶ୍ରିତ ଫଳ ପାଇବେ। ପ୍ରବାସରେ କଷ୍ଟପୂର୍ଣ୍ଣ ପରିସ୍ଥିତି ଓ ବନ୍ଧୁ ବିଚ୍ଛେଦଜନିତ ଦୁଃଖ ଆସିପାରେ। ସନ୍ତାନମାନଙ୍କ କିଛି ସମସ୍ୟା ଓ ପ୍ରଶାସନିକ ସ୍ତରରେ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇ ଅଧିକାଂଶ ସମୟ ଅସ୍ଥିରତା ଭିତରେ ସମୟ କଟାଇବେ।

ମୂଳା/ଧନୁ– ପାରିବାରିକ ସୁଖ, ସୁବିଧା କର୍ମକ୍ଷେତ୍ରକୁ ସହଜ କରିବାରେ ସାହାଯ୍ୟ କରିବ। ବନ୍ଧୁମାନେ ସାହାଯ୍ୟ ପାଇବା ଆଶା ନେଇ ପାଖେଇ ଆସିବେ। ଜମିଜମା କିମ୍ବା ଗାଡି, ମୋଟର ପ୍ରଭୃତି କ୍ରୟ କରିବା ସକାଶେ ମନ ବଳାଇବେ। ସ୍ୱାସ୍ଥ୍ୟହାନି, ଦ୍ରବ୍ୟ ନଷ୍ଟ, କଳହ, ମତାନ୍ତର, ବିଦେଶ ଯାତ୍ରାରେ ସମସ୍ୟା, ଧନହାନି ଓ ଚୌରଭୟ ପ୍ରଭୃତି ଘଟିବାର ଆଶଙ୍କା ରହିଛି। ପୂର୍ବାଷାଢା/ଧନୁ– ଆର୍ଥିକ ଅନଟନ ବର୍ଷର ପ୍ରଥମ ଭାଗରେ ଅନୁଭୂତ ହେଲେ ମଧ୍ୟ ପରବର୍ତ୍ତୀ ସମୟରେ ପରିସ୍ଥିତି ବଦଳି ଯିବ। ସମସ୍ୟା ଓ ସଂଘର୍ଷମୟ ପାରିବାରିକ ମତଭେଦ ଘଟିଲେ ମଧ୍ୟ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସଭାସମିତି, ଦୂରଯାତ୍ରା ଓ ପ୍ରଶାସନିକ କ୍ଷେତ୍ରରେ ଶୁଭଫଳ ପାଇବେ। ସବୁ ସମୟରେ ମିଶୁଥିବା ସାଙ୍ଗଟି ଜରିଆରେ ଆଶା ପୂରଣ କରିପାରିବେ। ଉତ୍ତରାଷାଢା/ଧନୁ– ସ୍ୱାସ୍ଥ୍ୟହାନି, ପାରିବାରିକ ସମସ୍ୟା, ଆନୁଷ୍ଠାନିକ କାମରେ ବାଧାଜନିତ ମାନସିକ ଅଶାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ର, କୃଷି ବାଣିଜ୍ୟ, ଛୋଟ ତଜରାତି ଦୋକାନ, ବସ୍ତ୍ରାଳୟ, ବହି ଦୋକାନ, ରେଡିମେଡ ଜିନିଷ ବ୍ୟବସାୟରୁ ଲାଭବାନ ହେବେ। ପିଲାମାନଙ୍କ ବୈବାହିକ କାମ, ଋଣ ପରିଶୋଧ, ଗୃହ ଓ ଗାଡି ମୋଟର ମରାମତି ଏବଂ ବିବାଦୀୟ ଘଟଣାଗୁଡିକର ସମାଧାନ ହେତୁ ସାମୟିକ ଶାନ୍ତି ମିଳିବ।

## ମକର

ଦୀର୍ଘଦିନରୁ କର୍ମକ୍ଷେତ୍ରର ରହି ଆସିଥିବା ସମସ୍ତ ଅସଂଗତି ଓ ସମସ୍ୟା ଦୂର ହୋଇଯିବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବୃଦ୍ଧି ଓ ପଦାଧିକାରୀମାନଙ୍କ ଆଶୀର୍ବାଦରୁ ଉଚ୍ଚ ପଦବୀ ଲାଭ ଘଟିବ। ଗୃହ ନିର୍ମାଣ, ଭୂମି ଲାଭ, ଯାନ ବାହନ କ୍ରୟ, ଆଇନ ଅଦାଲତରେ ଜୟଲାଭ, ପ୍ରଶାସନିକ ସ୍ତରରେ ସଫଳତା, ପାରିବାରିକ ସମସ୍ୟାର ସମାଧାନ କରିବାରେ ସଫଳ ହେବେ। ଅର୍ଥଦ୍ରବ୍ୟ ଲାଭ, ନୂତନ ବନ୍ଧୁମାନଙ୍କ ସହ ସମ୍ପର୍କ ବୃଦ୍ଧି, ବ୍ୟବସାୟ ଓ ପରିବହନରେ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତିର ଆଶା ରହିଛି। ମାତ୍ର ଶନିଙ୍କ ଦୋଷରୁ ଦୋଷଦର୍ଶିତା, ସନ୍ତାନଙ୍କ ବିଶୃଙ୍ଖଳା, ସ୍ୱାମୀ/ସ୍ତ୍ରୀଙ୍କ ସମ୍ପର୍କରେ ତିକ୍ତତା, ଧନହାନି, ଅପବ୍ୟୟ ଘଟିବାର ଆଶଙ୍କା ରହିଛି।

ଉତ୍ତରାଷାଢା/ମକର– ଅଧିକାଂଶ ସମୟ ମାନସିକ ଅସ୍ଥିରତା ଓ ସମସ୍ୟା ମଧ୍ୟରେ ସମୟ କଟାଇବେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଓ ମନସ୍ତାପ ଦେଖାଦେବ। ସ୍ୱଗୃହୀ ଶନିଙ୍କ ସୁପ୍ରଭାବରେ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ଜମିଜମା, ଯାନବାହନ ଲାଭରୁ ଖୁସୀ ହେବେ। ନୂତନ ବନ୍ଧୁ ସମ୍ପର୍କ, ମାଙ୍ଗଳିକ କାର୍ଯ୍ୟ, ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ, ସଂଗଠନ, ପ୍ରଶାସନ କ୍ଷେତ୍ରରୁ ସଫଳତା ମିଳିବ। ପୁରାତନ ବ୍ୟାଧି କିମ୍ବା ସନ୍ତାନଙ୍କ ସମସ୍ୟାଜନିତ କିଛିଟା ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ଶ୍ରବଣା/ମକର– ଚଳିତବର୍ଷ ନୂତନ ବନ୍ଧୁତ୍ୱ, ବୈବାହିକ କାର୍ଯ୍ୟ, ଅଭିଳଷିତ କାର୍ଯ୍ୟସିଦ୍ଧିରୁ ଖୁସୀ ରହିବେ। ବିବାଦୀୟ ପରିସ୍ଥିତି ଓ ରାଜନୈତିକ କ୍ଷେତ୍ରରେ ରାହୁଙ୍କ ପ୍ରଭାବରୁ ବିଜୟୀ ହେବେ। ଶିଳ୍ପ, ରପ୍ତାନି ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉନ୍ନତି ଅବଶ୍ୟମ୍ଭାବୀ। ଆରୋଗ୍ୟଲାଭ ସହ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବନ୍ଧୁବାନ୍ଧବଙ୍କ ସହାନୁଭୂତି ପାଇବେ। କିନ୍ତୁ ବୃହସ୍ପତିଙ୍କ ଦୋଷରୁ ଭୁଲ୍ ବୁଝାମଣା, ଜମିଜମା ବିବାଦ ଓ ବନ୍ଧୁମାନଙ୍କ ସହ ସାମୟିକ ଝଗଡା ସୃଷ୍ଟି ହୋଇପାରେ। ଧନିଷ୍ଠା/ମକର– ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ନିୟନ୍ତ୍ରଣ ଭିତରେ ରହିବ। ଧର୍ମକାର୍ଯ୍ୟ କରିବେ, ଗସ୍ତ କାର୍ଯ୍ୟକ୍ରମ ବଢିଯିବ। କର୍ମକ୍ଷେତ୍ରରେ ସ୍ଥାନାନ୍ତର ଭୟ ନାହିଁ। ମାଲିମକଦ୍ଦମା, ପ୍ରତିଯୋଗିତା, ବାଣିଜ୍ୟ, ବ୍ୟବସାୟରେ ସଫଳତା ପାଇବେ। ସଂଘର୍ଷକରି ନିଜର ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

## କୁମ୍ଭ

ଶନି ଓ ରାହୁ ସହ ବୃହସ୍ପତିଙ୍କ ସ୍ଥିତି ଭଲ ନ ଥିବାରୁ ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ଅସନ୍ତୁଳିତ ରହିବ। ଗୁରୁତ୍ୱପୂର୍ଣ୍ଣ କାମ ଝୁଲନ୍ତା ଅବସ୍ଥାରେ ରହିଯାଇପାରେ। ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କଠାରୁ ସାହାଯ୍ୟ, ସହଯୋଗ ପାଇବାର ଆଶା ମଉଳିଯିବାର ଆଶଙ୍କା ରହିଛି। ଜଣେ ହିତୈଷୀ ସହକର୍ମୀ କିମ୍ବା ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାମକୁ ଆଗକୁ ବଢାଇନେବେ। ପୁରାତନ ରୋଗର ପୀଡା, ଆର୍ଥିକ ଅସୁବିଧା ଓ ପାରିବାରିକ ସମସ୍ୟା କ୍ରମଶଃ ଦୂରେଇଯିବ।

ଧନିଷ୍ଠା/କୁମ୍ଭ– କର୍ମକ୍ଷେତ୍ରରେ ବାଧା ଓ ପ୍ରତିବନ୍ଧକକୁ ସାମ୍‌ନା କରି ପରିଶେଷରେ କୃତକାର୍ଯ୍ୟ ହେବେ। ପାରିବାରିକ ଜୀବନରେ ଉତ୍ତମ ବୁଝାମଣା ଅବ୍ୟାହତ ରହିବ। ସ୍ୱାସ୍ଥ୍ୟହାନି, ମହାଜନୀ ଚାପ ଓ ଚାକିରି ସମସ୍ୟା ମାନସିକ ଅଶାନ୍ତି ସୃଷ୍ଟି କରିବ। ଭ୍ରାତୃବିବାଦ, ନିର୍ମାଣରେ ବାଧା, ବାଣିଜ୍ୟରେ ପ୍ରତିବନ୍ଧକ, ବୃତ୍ତିଗତ ଧନ୍ଦାରେ ଅବନ୍ନତି ଯୋଗୁ ମନସ୍ତାପ କରିପାରନ୍ତି। ଶତଭିଷା/କୁମ୍ଭ– ବିଭିନ୍ନ ଦିଗରୁ ଅର୍ଥର ସୁଅ ଛୁଟିବ କିନ୍ତୁ ତାହାର ପଛେ ପଛେ ସମସ୍ୟା ଓ କଳହ ମଧ୍ୟ ପିଛା ଛାଡିବ ନାହିଁ। ସ୍ୱାସ୍ଥ୍ୟହାନି ସଙ୍ଗକୁ ଶତ୍ରୁତାଜନିତ କାର୍ଯ୍ୟହାନି ଓ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଲାଗିରହିବ। ପୁରାତନ ରୋଗର ପ୍ରାଦୁର୍ଭାବ ଅନେକ ସମୟରେ ଦୁଶ୍ଚିନ୍ତାର କାରଣ ହୋଇପାରେ। ଯାନବାହାନରେ ସାମୟିକ ଆଘାତ, ଅଜଣାଭୟ ଓ ଆଶଙ୍କା ମନକୁ ଦୋହଲାଇ ପାରେ। ତଥାପି ପାରିବାରିକ ଜୀବନ, ପରିବହନ କ୍ଷେତ୍ର, ବ୍ୟବସାୟିକ ସ୍ଥିତି, ଆନୁଷ୍ଠାନିକ କର୍ମ, ଶୁଭ ମଙ୍ଗଳଜନକ କାର୍ଯ୍ୟଜନିତ ଆନନ୍ଦ ଅନୁଭବ କରିବେ। ସଭାସମିତି, ରାଜନୀତି, କଳା, ସାହିତ୍ୟ, ମାଧ୍ୟମରେ ବନ୍ଧୁମିଳନ ଘଟିବ। ପୂର୍ବଭାଦ୍ର/କୁମ୍ଭ– ଅଭାବ ନ ଥିଲେ ମଧ୍ୟ ସୁସ୍ଥ ମାନସିକତା ରହି ନ ପାରେ। ବାରମ୍ବାର ସ୍ୱାସ୍ଥ୍ୟ ଖରାପ, ବିଦେଶ ଯାତ୍ରାରେ ସ୍ଥଗିତାଦେଶ, ସୁସମ୍ପର୍କରେ ଭଙ୍ଗା, ଚୋରି, ଦ୍ରବ୍ୟନଷ୍ଟ ଓ ପାରିବାରିକ ଦ୍ୱନ୍ଦ୍ୱ ମନସ୍ତାପର କାରଣ ହେବ। କଳା, ସାହିତ୍ୟ, ସଂଗୀତ, ରାଜନୀତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ ହୋଇପାରିବ। କମ୍ପାନୀ ଚାକିରିରେ ପରିବର୍ତ୍ତନ ଘଟିପାରେ। ପାରିବାରିକ ସ୍ଥିତି ଭଲ ରହିବା ସଙ୍ଗକୁ ବନ୍ଧୁ, ପଡୋଶୀ, ସହକର୍ମୀ ଓ ସମ୍ପର୍କୀୟଙ୍କ ସହ ସୁସମ୍ପନ୍ଧ ସ୍ଥାପିତ ହୋଇପାରିବ।

## ମୀନ

ବୃହସ୍ପତି ଆପଣଙ୍କୁ ସୁନ୍ଦର ସ୍ୱାସ୍ଥ୍ୟ, ଉତ୍ତମ ଶିକ୍ଷା ଏବଂ ପରୀକ୍ଷାଦିରେ ସଫଳତା ପ୍ରଦାନ କରିବେ। ନୂତନ ଗୃହ, ଜମିଜମା, ଯାନବାହନ କିଣିବାର ସୁଯୋଗ ମିଳିବ। ମାଲିମକଦ୍ଦମାରେ ସଫଳତା ହାସଲ କରିବେ। କିନ୍ତୁ ଶନିଙ୍କ କୁପ୍ରଭାବ ଯୋଗୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବିଭିନ୍ନ ପ୍ରକାରର ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ବନ୍ଧୁମାନଙ୍କଠାରୁ ଦିପଦ ଭଲ କଥା ଶୁଣିବାକୁ ମିଳିବନି, ଅର୍ଥ ସମ୍ପର୍କକୁ ନେଇ ବିବାଦ ଲାଗିବ। ତଥାପି ପିଲାମାନଙ୍କ ଉନ୍ନତି, ନିଜର କର୍ମୋନ୍ନତି ଓ ସଫଳତା, ନୂତନ ସ୍ଥାନ ପରିଭ୍ରମଣ, ବ୍ୟବସାୟ କ୍ଷେତ୍ର ଓ ଯାନ୍ତ୍ରିକ ଶିଳ୍ପରେ ଲାଭବାନ ହେତୁ ଖୁସୀ ହେବେ।

ପୂର୍ବଭାଦ୍ର/ମୀନ– ବିଜାତୀୟ ବ୍ୟକ୍ତିମାନଙ୍କ ସହ ମିତ୍ରତା କରି ସଂଘର୍ଷମୟ ସ୍ଥିତିର ଅବସାନ ଘଟାଇବେ। ଅଟକି ରହିଥିବା ଯୋଜନା କାର୍ଯ୍ୟକାରୀ ହେବ। ବ୍ୟବସାୟିକ କାରବାର ବଢିବ ଏବଂ ବକେୟା ପାଉଣା ପାଇବେ। ପ୍ରତିଯୋଗିତା ଓ ସ୍ୱଚ୍ଛଳ ଆର୍ଥିକ ସ୍ଥିତି, କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା, ମାନସିକ ପ୍ରଫୁଲ୍ଲତାର କାରଣ ହେବ। ଏହା ସାଙ୍ଗକୁ ଦୁଶ୍ଚିନ୍ତା, ପୂର୍ବଶତ୍ରୁତା, କଚେରି ମାମଲା, ସ୍ୱଜନ ବିବାଦ, ପାରିବାରିକ ଜୀବନକୁ ଦୁର୍ବିଷହ କରିପାରେ। ଉତ୍ତରଭାଦ୍ର/ମୀନ– ସ୍ୱାସ୍ଥ୍ୟହାନି, ପାରିବାରିକ କଳହ, ଚୌରଭୟ, ପଶୁହାନି, କୃଷିରେ ସମସ୍ୟା ଓ କୁସଙ୍ଗରୁ ଅପନିନ୍ଦା ପାଇପାରନ୍ତି। ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ, ବ୍ୟବସାୟରେ କ୍ଷତି, ପରିବହନରେ ଝଗଡା, ବନ୍ଧୁଶୋକଜନିତ ଦୁଶ୍ଚିନ୍ତା ଦୁଃଖର କାରଣ ହୋଇପାରେ। ବର୍ଷର ମଧ୍ୟଭାଗରେ ଆନୁଷ୍ଠାନିକ କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ, କଳା, ଚଳଚ୍ଚିତ୍ରରେ ଅଭିରୁଚି ବଢିବ। ରେବତୀ/ମୀନ– ଶାରୀରିକ ଅସୁସ୍ଥତା ଦୀର୍ଘସ୍ଥାୟୀ ହୋଇ ରହିବ ନାହିଁ। ଗୃହରେ ମାଙ୍ଗଳିକ କାର୍ଯ୍ୟ, ନୂତନ ବ୍ୟବସାୟ, ବନ୍ଧୁ ମିଳନ, ଧନାଗମ ହେତୁ ଖୁସୀ ରହିବେ। ନୂତନ ସ୍ଥାନ କିମ୍ବା ତୀର୍ଥଭ୍ରମଣ, ଦ୍ରବ୍ୟଲାଭ, ବିଜୟ ପ୍ରାପ୍ତି ହେଲେ ମଧ୍ୟ ପରୋକ୍ଷ ଶତ୍ରୁତା ଚିନ୍ତାର କାରଣ ହୋଇପାରେ। ବିଶେଷତଃ ରାହୁଙ୍କ ପ୍ରଭାବରୁ ପାରିବାରିକ ଅଶାନ୍ତି, ଯାନବାହନରେ କ୍ଷତି ଓ ଆଘାତ, ସନ୍ଦେହ, ଭୁଲ୍ ବୁଝାମଣା ହେତୁ ବିଚଳିତ ରହିବେ।

– ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମୋ: ୯୭୭୭୮୦୧୮୫୫

**ନିର୍ବାଚନ, ପ୍ରାକୃତିକ ଦୁର୍ବିପାକ ସମେତ ଅନେକ ଭଲ ଓ ଦୁଃଖଦ ଖବରରେ ଭରି ରହିଥିଲା ୨୦୧୯। ଜନସାଧାରଣ, ସରକାରଙ୍କୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଲା। ବିଦାୟୀ ବର୍ଷର ସଫଳତା ଓ ବିଫଳତାକୁ ଆଧାର କରି ନୂଆବର୍ଷ ୨୦୨୦ ପାଇଁ କେଉଁ ସବୁ ଯୋଜନା, ପରିକଳ୍ପନା କରାଯାଇଛି; ବିଶେଷକରି କେଉଁସବୁ ଆଶା ଓ ଆକାଂକ୍ଷା ରହିଛି ସେନେଇ ନେତା, ପ୍ରଶାସକ, କ୍ରୀଡ଼ାବିତ୍ ଓ ବିଶିଷ୍ଟ ବ୍ୟକ୍ତି ଯାହା କୁହନ୍ତି...**

## ନୂଆ ସମ୍ଭାବନାର ବର୍ଷ ହେଉ



୨୦୨୦ ଓଡ଼ିଶା ପାଇଁ ଶୁଭଙ୍କର ହେଉ। ସରକାରଙ୍କ ପ୍ରଚେଷ୍ଟା ରାଜ୍ୟ ପାଇଁ ସଫଳତା ଆଣିଥାଏ। ହେଲେ ଗଣମାଧମ ସବୁ ସମୟରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥାଏ। ସରକାରୀ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଅନୁରୂପ ଭାବେ ଜନଗଣଙ୍କ ସମସ୍ୟା ଗଣମାଧମ ଦ୍ୱାରା ହିଁ ସରକାରଙ୍କ ନଜରକୁ ଆସିଥାଏ। ତେଣୁ ଆଗାମୀ ଦିନରେ ରାଜ୍ୟର ଉନ୍ନତିରେ ଗଣମାଧମର ଭୂମିକା ଆହୁରି ମଜଭୁତ ହେଉ। ୨୦୨୦ ସମସ୍ତଙ୍କ ପାଇଁ ନୂଆ ସମ୍ଭାବନା, ସମୃଦ୍ଧି ଏବଂ ହର୍ଷ ଉଲ୍ଲାସର ବର୍ଷ ହେଉ।

- ମାନସ ମଙ୍ଗରାଜ, ଓଡ଼ିଶା ସରକାରଙ୍କ ପରାମର୍ଶଦାତା (ଗଣମାଧମ ଓ ଲୋକ ସମ୍ପର୍କ ବିଭାଗ)

## ଆର୍ଥିକ ସମସ୍ୟାର ସମାଧାନ କରାଯିବ



ଆଶା କରୁଛି ୨୦୨୦ରେ ସମସ୍ତେ ସୁଖରେ ରହିବେ। ଓଡ଼ିଶା ତଥା ବାଲେଶ୍ୱରବାସୀଙ୍କ ଉତ୍ତରୋତ୍ତର ଉନ୍ନତି ହେଉ। ୨୦୧୯ରେ ଯେଉଁ ଚ୍ୟାଲେଞ୍ଜ ଏବଂ ଆର୍ଥିକ ସମସ୍ୟା ଦେଖାଦେଇଛି, ତା'ର ସମାଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କରାଯିବ। ବିଶ୍ୱର ସବୁଠାରୁ ମଜବୁତ ଅର୍ଥନୀତି ବନାଯିବ। ମୋ ହାତରେ ଥିବା ଦୁଇଟି ମନ୍ତ୍ରଣାଳୟ ଦ୍ୱାରା କେମିତି ଗରିବ ଲୋକମାନେ ବିଶେଷ ଉପକୃତ ହୋଇପାରିବେ ସେନେଇ ଗୁରୁତ୍ୱ ଦେବି। ବର୍ତ୍ତମାନ ବିଭିନ୍ନ ସ୍ଥାନରେ କ୍ଲଷ୍ଟର କରାଯାଉଛି। ଓଡ଼ିଶାରେ ମୋଟ ୧୦ଟି ଦିଆଯାଇଛି। ମହୁ, ଚରଖା ଏବଂ କୁମ୍ଭାର ଚକ ଉପରେ ଅଧିକ ଧାନ ଦିଆଯାଉଛି। ଏମ୍ଏସ୍ଏମ୍ଇ ପୋର୍ଟାଲ କରାଯାଉଛି। ଲୋକଙ୍କ ପାଇଁ ୫୯ ମିନିଟ୍ରେ ଲୋନ୍ ଦେବାକୁ ସ୍ୱୀକୃତି ମିଳୁଛି। ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଟୁଲ୍ ରୁମ୍ ପ୍ରସ୍ତୁତ ହେବ। ସେହିପରି ଦେଶରେ ୨୦ଟି ବିଶ୍ୱସ୍ତରୀୟ ଟୁଲ୍ ରୁମ୍ କରାଯିବ। ବେକାର ଯୁବତୀଯୁବକଙ୍କୁ ଏମ୍ଏସଏମ୍ଇ କର୍ମଶାଳା କରି ପ୍ରଶିକ୍ଷଣ ଦେଉଛି। ରାଜଧାନୀରେ ଏଥିପାଇଁ ଡିପ୍ଲୋମା କୋର୍ସ ହେଉଛି। ପିଲାମାନେ ଏଠାରେ ରହି କୋର୍ସ କରିବା ପରେ ପାଖାପାଖି ୨୦ହଜାର ଟଙ୍କା ଲେଖା ମାସିକ ରୋଜଗାର କରିପାରୁଛନ୍ତି।

- ପ୍ରତାପ ଷଡଙ୍ଗୀ, କେନ୍ଦ୍ରମନ୍ତ୍ରୀ

## 'ସମ୍ବିଧାନ ବଞ୍ଚାଅ, ଭାରତ ବଞ୍ଚାଅ' ଉପରେ ଗୁରୁତ୍ୱ ଦେବି



ଆଜି ପର୍ଯ୍ୟନ୍ତ କଂଗ୍ରେସରେ ଯାହା ହୋଇଯାଇଛି ହେଇଗଲା। ଗତ ୬ ବର୍ଷ ମଧରେ ଦେଶରେ ଯାହା ହୋଇଯାଇଛି ଆଗକୁ ସେମିତି କିପରି ନ ହେବ, ତା'ଉପରେ ବିଶେଷ ଗୁରୁତ୍ୱ ଦେବି। ଏନେଇ ସମସ୍ତ ଲୋକଙ୍କୁ ଆହ୍ୱାନ ଏବଂ ଶୁଭେଚ୍ଛା ଜଣାଉଛି। ସମସ୍ତେ ବର୍ତ୍ତମାନ ସମୟରେ ଏକାଠି ହୋଇ ଆମ ଭବିଷ୍ୟତ ଗଢ଼ିବା, ଆମ ସମ୍ବିଧାନ ଆମେ ଗଢିବା ଏବଂ ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱ ଦେବା। ଦେଶର ଅର୍ଥନୀତିକୁ ସଜାଡ଼ିବା ସହିତ ଦେଶକୁ ବଞ୍ଚାଇବା ପାଇଁ ସମସ୍ତେ ଏକାଠି ହେବା ଦରକାର। ଆଗାମୀ ଦିନରେ କଂଗ୍ରେସର ସବୁ ବରିଷ୍ଠ, ଯୁବ ଏବଂ ଛାତ୍ର ସଙ୍ଗଠନକୁ ଏକାଠି କରି 'ସମ୍ବିଧାନ ବଞ୍ଚାଅ, ଭାରତ ବଞ୍ଚାଅ' ଉପରେ ଗୁରୁତ୍ୱ ଦେବି।

- ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି

## ନୂଆ କରି ଦଳର ସଙ୍ଗଠନ ପ୍ରସ୍ତୁତ ହେବ



ଭାଜପା ଆସନ୍ତା ୨୦୨୪ ପାଇଁ ନିଜର ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛି। ଏହି ପ୍ରସ୍ତୁତିର ସଫଳତା ନିଶ୍ଚିତଭାବେ ଆଗାମୀ ଦିନରେ ଆମ ଦଳକୁ ଭଲ ଫଳ ଦେବ। ଏହି ବର୍ଷଟି ସମସ୍ତଙ୍କ ଲାଗି ଆନନ୍ଦ ଓ ଉଲ୍ଲାସର ଦିନ ହେଉ। ଦଳର ସାଙ୍ଗଠନିକ ପର୍ବ ଆରମ୍ଭ ହୋଇଛି। ୨୦୨୦ରେ ନୂଆକରି ଦଳର ସଙ୍ଗଠନ ପ୍ରସ୍ତୁତ ହେବ। ସାଙ୍ଗଠନିକ ନିର୍ବାଚନରେ ଯିଏ ଯେଉଁ ଦାୟିତ୍ୱ ପାଇବ ଏବଂ ଯେଉଁ ନିଷ୍ପତ୍ତି ହେବ ତାହାକୁ ସମସ୍ତେ ଏକାଠି ହୋଇ ଆଗେଇ ନେବୁ।

- ବସନ୍ତ ପଣ୍ଡା, ଭାଜପା ରାଜ୍ୟ ସଭାପତି

## ସବୁ ବିଧାୟକଙ୍କୁ ସମସ୍ୟା କହିବାକୁ ସୁଯୋଗ ଦେବି



୨୦୨୦ ବର୍ଷ ଆମ ଦେଶ ଓ ରାଜ୍ୟ ପାଇଁ ଭଲ ହେବ। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ସାରା ବିଶ୍ୱର ସମସ୍ତେ ଖୁସିରେ ରୁହନ୍ତୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଜଗନ୍ନାଥ ମନ୍ଦିର, କୋଣାର୍କ, ଲିଙ୍ଗରାଜ ଏବଂ ବଳଦେବଜୀଉ ମନ୍ଦିରର ପୁନରୁଦ୍ଧାର ପାଇଁ ଯୋଜନା କରାଯାଇଛି। ରାଜ୍ୟ ସରକାରଙ୍କ ୫-ଟି ଏବଂ ମୋ ସରକାର କାର୍ଯ୍ୟକ୍ରମ ଦ୍ୱାରା ଗରିବ ଲୋକଙ୍କୁ ସବୁ ଯୋଜନାର ଲାଭ ମିଳିପାରୁଛି। ବାଚସ୍ପତି ଭାବେ ୨୦୨୦ରେ ସବୁ ବିଧାୟକଙ୍କୁ ସେମାନଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ କହିବାର ସୁଯୋଗ ଦେବି।

- ସୂର୍ଯ୍ୟ ନାରାୟଣ ପାତ୍ର, ଓଡ଼ିଶା ବାଚସ୍ପତି

## ସରକାରୀ ଯୋଜନାର ଲାଭ ପହଞ୍ଚାଇବାକୁ ଧାନ ଦେବି



୨୦୧୯ରେ ଯେଉଁ ପ୍ରୟାସ ଆରମ୍ଭ କରିଥିଲି, ୨୦୨୦ ନୂତନ ବର୍ଷରେ ସେସବୁକୁ ଫଳ ଦେବି। ୫ମ ପାଳିର ନୂତନ ମନ୍ତ୍ରିମଣ୍ଡଳ ଗଠନ ହେବାପରେ ବହୁତଗୁଡ଼ିଏ ଚ୍ୟାଲେଞ୍ଜ ରହିଛି, ସେସବୁର ସମାଧାନ କରି ସାଧାରଣ ଲୋକଙ୍କୁ ସରକାରୀ ଯୋଜନାର ଲାଭ ପହଞ୍ଚାଇବା ନେଇ ଅଧିକ ଧାନ ଦେବି। ନିଜ ନିର୍ବାଚନମଣ୍ଡଳୀର ଉନ୍ନତିମୂଳକ କାର୍ଯ୍ୟ ଆଗକୁ ଅଧିକ ମାତ୍ରାରେ କରିବି। ଲୋକମାନଙ୍କ ସମସ୍ୟା ସହ କିଭଳି ଅଧିକ ମାତ୍ରାରେ ଜଡିତ ହୋଇପାରିବି ସେ ଦିଗରେ ବିଶେଷ ଧାନ ଦେବି।

- ସମୀର ରଞ୍ଜନ ଦାଶ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ

## 'ମୋର୍ ପିପୁଲ ଫ୍ରେଣ୍ଡଲି' ପାଇଁ ଚେଷ୍ଟା କରାଯିବ



ଓଡ଼ିଶା ପୋଲିସକୁ ସହଯୋଗ କରିଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଉଛି। ନୂଆବର୍ଷରେ ଏ ସହଯୋଗ ଜାରି ରଖିବାକୁ ଅନୁରୋଧ କରୁଛି। ରାଜ୍ୟର ସମସ୍ତ ପୋଲିସ କର୍ମଚାରୀ ନିଷ୍ଠାର ସହ ଦିନରାତି କାମ କରୁଥିବାରୁ ଅଭିନନ୍ଦନ ଜଣାଉଛି। ଆଶା କରୁଛି ସେମାନେ ଆଗାମୀ ବର୍ଷରେ ଅଧିକ ନିଷ୍ଠାର ସହିତ ଜନସାଧାରଣଙ୍କ ସେବା କରିବେ। ଏହାସହ ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଚେଷ୍ଟା କରାଯିବ। ନବବର୍ଷ ଓଡ଼ିଶାବାସୀଙ୍କ ପାଇଁ ସୁଖ, ଶାନ୍ତି ଓ ସୁରକ୍ଷାର ବର୍ଷ ହେଉ ବୋଲି କାମନା କରୁଛି। ୨୦୨୦ରେ ପୋଲିସ କିଭଳି 'ମୋର୍ ପିପୁଲ୍ ଫ୍ରେଣ୍ଡଲି, ମୋର୍ ୱୁମେନ୍ ଫ୍ରେଣ୍ଡଲି ଏବଂ ମୋର୍ ଟେକ୍ନୋଲୋଜି ଫ୍ରେଣ୍ଡଲି' ହେବ ତାହା ଚେଷ୍ଟା କରାଯିବ।

- ଅଭୟ, ଡିଜିପି, ଓଡ଼ିଶା

## ଲୋକଙ୍କ ଅଧିକ ନିକଟତର ହେବୁ



୨୦୨୦ରେ ପୋଲିସକୁ ଜନସାଧାରଣଙ୍କ ଅଧିକ ନିକଟତର କରିବା ପାଇଁ ଉଦ୍ୟମ କରିବି। ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଉଦ୍ୟମ କରାଯିବ। ଭୁବନେଶ୍ୱରକୁ ଅଧିକ ଶାନ୍ତିପ୍ରିୟ କରିବା ସହ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଉଦ୍ୟମ କରାଯିବ। ୨୦୧୯ ଆମକୁ ବହୁତ କିଛି ଶିକ୍ଷା ଦେଇଛି। ତାହାକୁ ପାଥେୟ କରି ୨୦୨୦ରେ କିଭଳି ଅପରାଧୀଙ୍କୁ ସାବାଡ଼ କରାଯିବ ସେନେଇ ରଣନୀତି କରାଯିବ।

- ସୁଧାଂଶୁ ଷଡ଼ଙ୍ଗୀ, ପୋଲିସ କମିଶନର

## ମୁଖ୍ୟ ଫୋକସ ଅଲିମ୍ପିକ୍ସ



ଏହା ଅଲିମ୍ପିକ୍ସର ବର୍ଷ ହୋଇଥିବାରୁ ସ୍ୱାଭାବିକଭାବେ ମୋର ମୁଖ୍ୟ ଫୋକସ ଟୋକିଓ ଉପରେ ରହିବ। ସେଥିପାଇଁ ମୁଁ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିଛି। ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ୧୧.୧୫ ଟାଇମିଂ ରହିଥିବାରୁ ତା' ପୂର୍ବରୁ ମୋତେ ଅନେକ ଜାତୀୟ/ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବାକୁ ପଡ଼ିବ। ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ମୁଁ ୫-୬ ଜଣଙ୍କୁ ନେଇ ଏକ ଟିମ୍ ଗଠନ କରି ସ୍ୱତନ୍ତ୍ରଭାବେ ୬ରୁ ୭ ଘଣ୍ଟା ଟ୍ରେନିଂ କରୁଛି। ଟ୍ରେନିଂ ସହିତ ପ୍ରତିଯୋଗିତା ସୁଯୋଗ ମିଳିଲେ ମୁଁ ବାହାରେ ଅଭ୍ୟାସ ପାଇଁ ଯିବି। ମୋତେ ଭାରତୀୟ ଜଳବାୟୁ ସୁହାଉଛି। ତେଣୁ ବିଦେଶକୁ ଟ୍ରେନିଂ ପାଇଁ ନ ଯିବାକୁ ନିଷ୍ପତ୍ତି ନେଇଛି। ଜାନୁୟାରୀ, ଫେବୃୟାରୀରେ ଏସିଆନ୍ ଇନ୍ଡୋରରେ ଅନେକ ପ୍ରତିଯୋଗିତା ଅଛି। ଏ ସମ୍ପର୍କରେ ମୁଁ ଫେଡେରେଶନକୁ ଓ ସରକାରଙ୍କୁ ଲିଖିତ ଆକାରରେ ଜଣାଇଛି। ଫେଡେରେଶନ ପକ୍ଷରୁ ଆମନ୍ତ୍ରଣ ମିଳିଲେ ମୁଁ ପ୍ରତିଯୋଗିତାରେ ଭାଗନେବି। ୨୦୧୯ରେ ମୋତେ ମିଶ୍ରିତ ଫଳ ମିଳିଥିଲା। ସଫଳତା ସହିତ ସଂଘର୍ଷ ମଧ କରିବାକୁ ପଡ଼ିଥିଲା। ଗାଁରେ ଥିବା ବୃଦ୍ଧାବୃଦ୍ଧମାନେ ବିଭିନ୍ନ କାରଣରୁ ବାହାରକୁ ବୁଲିବାକୁ ଯାଇପାରୁ ନାହାନ୍ତି। ତେଣୁ ମୁଁ ୧ ତାରିଖରେ ୨ଟି ବସ୍ ରିଜର୍ଭ କରି ସେମାନଙ୍କୁ ପୁରୀ ଓ କୋଣାର୍କ ବୁଲାଇବା ସହ ବଣଭୋଜିରେ ସାମିଲ କରିବାକୁ ଯୋଜନା ରଖିଛି।

- ଦୂତୀ ଚାନ୍ଦ, ଅଲିମ୍ପିଆନ ଆଥଲେଟ୍

## ଟ୍ରେନିଂ ଉପରେ ଗୁରୁତ୍ୱ ଦେବି



୨୦୨୦ ଟୋକିଓ ଅଲିମ୍ପିକ୍ସର ଉଭୟ ୧୦୦ ଓ ୨୦୦ ମିଟରରେ ଯୋଗ୍ୟତା ପାଇଁ ଚେଷ୍ଟା କରୁଛି। ପୁରୁଷ ୧୦୦ ମିଟର ଯୋଗ୍ୟତା ପାଇଁ ଟାଇମିଂ ୧୦.୦୫ ସେକେଣ୍ଡ ରହିଛି। ଏଥିପାଇଁ ଟ୍ରେନିଂକୁ ଅଧିକ ଗୁରୁତ୍ୱ ଦେବି। ଏବେ ଭୁବନେଶ୍ୱରରେ ଟ୍ରେନିଂ ନେଉଛି, ମାର୍ଚ୍ଚ କିମ୍ବା ଏପ୍ରିଲରେ ବାହାରକୁ ଯିବାକୁ ଇଚ୍ଛା ଅଛି। ଭାରତରେ ହେବାକୁଥିବା ଜାତୀୟ ପ୍ରତିଯୋଗିତା ସହିତ ୟୁରୋପିଆନ ଦେଶକୁ ଯାଇ କିଛି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଜନା ଚାଲିଛି। ୨୦୧୯ ମୋ ପାଇଁ ଉତଥାନ ପତନର ବର୍ଷ ଥିଲା। ଅଗଷ୍ଟରେ ୟୁରୋପରେ ଟ୍ରେନିଂ କରୁଥିବାବେଳେ ଜେଜେଙ୍କ ଦେହାନ୍ତ ହୋଇଥିଲା। ମୁଁ ବିଶେଷ ବଡ଼ ଟୁର୍ନାମେଣ୍ଟରେ ଭାଗ ନେଇ ନ ଥିଲେ ହେଁ ନ୍ୟାଶନାଲ ଇଭେଣ୍ଟ ଗୁଡ଼ିକରେ ଭଲ ପ୍ରଦର୍ଶନ କରିଥିଲି।

- ଅମିୟ ମଲିକ, ତାରକା ସ୍ପ୍ରିଣ୍ଟର

## ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ ଲକ୍ଷ୍ୟ



୨୦୧୯ ମୋ ପାଇଁ ଭଲ ଥିଲା। ଏହି ବର୍ଷ ଭାରତୀୟ ମହିଳା ହକି ଦଳ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରୁ ହିଁ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ପୂର୍ବ ୧ ବର୍ଷ ମୁଁ ଆହତ ସମସ୍ୟା ଯୋଗୁ ଖେଳିପାରି ନ ଥିବାରୁ ମୋ ପାଇଁ ଏହା ସବୁଠାରୁ ସ୍ମରଣୀୟ। ଏବେ ଆମେ ୨୦୨୦ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଛୁ। ବାଙ୍ଗାଲୋରରେ ଭାରତୀୟ ମହିଳା ଦଳର କ୍ୟାମ୍ପରେ ମୁଁ ଟ୍ରେନିଂ ନେଉଛି। ଅଲିମ୍ପିକ୍ସ ଯୋଗ୍ୟତା ଆମର ପ୍ରଥମ ଟାର୍ଗେଟ ଥିଲା। ତାହା ପୂରଣ ହୋଇଛି। ଏବେ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବା ମୁଖ୍ୟ ଲକ୍ଷ୍ୟ। ଅଲିମ୍ପିକ୍ସ ପୂର୍ବରୁ ନ୍ୟୁଜିଲାଣ୍ଡ ଗସ୍ତରେ ଯିବା କାର୍ଯ୍ୟକ୍ରମ ରହିଛି।

- ନମିତା ଟପ୍ପୋ, ଅଲିମ୍ପିଆନ ମହିଳା ହକି ଖେଳାଳି

## ସମ୍ବିଧାନର ସୁରକ୍ଷା କରିବାକୁ ପଡ଼ିବ



ବର୍ଷ ଯାହା ବି ହେଉ, କାମ କରିବାକୁ ପଡ଼ିବ। ସବୁ ସମୟରେ ଲୋକଙ୍କ ସାଙ୍ଗରେ ରହିବାକୁ ଚେଷ୍ଟା କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ବିଭାଗରେ ଅନେକ ସଂସ୍କାର ଆଣିବା ପାଇଁ ଚେଷ୍ଟା କରିଛି। କେତେ ସଫଳ ହୋଇଛି, ତାହାର ମୂଲ୍ୟାଙ୍କନ ସମୟ କରିବ। ତେଣୁ ଏ ସବୁ କାର୍ଯ୍ୟକୁ ଠିକ୍ ଭାବେ ଆଗାମୀ ବର୍ଷରେ ଆଗେଇ ନେବା ହିଁ ମୋର ପ୍ରାଥମିକତା ହେବ। ସେହିଭଳି ଦେଶ ସମ୍ବିଧାନ ଦ୍ୱାରା ଚାଲିଥାଏ। ସମ୍ବିଧାନ ପଥରୁ ବିଚ୍ୟୁତ ହେଲେ, ଗଣତନ୍ତ୍ର ପାଇଁ ବିପଦ। ତେଣୁ ସମ୍ବିଧାନର ସୁରକ୍ଷା ସମସ୍ତଙ୍କ ପାଇଁ ପ୍ରଚେଷ୍ଟା ରହୁ।

-ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ

## କଠିନ ପରିଶ୍ରମ ବ୍ୟର୍ଥ ଯାଇ ନ ଥାଏ



ପୁରୁଣା ବର୍ଷର ଭଲ କାମ ନୂଆ ବର୍ଷରେ ସୁଫଳ ଆଣିଥାଏ। କଠିନ ପରିଶ୍ରମ କେବେ ବି ବ୍ୟର୍ଥ ହୋଇ ନ ଥାଏ। ତାହା ପ୍ରତି ମୁହୂର୍ତ୍ତରେ ଅନୁଭବ କରିଛି। କୃଷି ଏବଂ ଉଚ୍ଚଶିକ୍ଷା ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଚେଷ୍ଟା କରିଛି। ଅତୀତରେ କୃଷି ବିଭାଗର ଉଲ୍ଲେଖନୀୟ ଅବଦାନ ପାଇଁ ଜାନୁୟାରୀ ୨ରେ ରାଜ୍ୟ ପୁରସ୍କୃତ ହେବାକୁ ଯାଉଛି। ତେଣୁ ନୂଆବର୍ଷ ପ୍ରଥମରୁ ସକାରାତ୍ମକ ବାର୍ତ୍ତା ନେଇ ଆସିଛି। ଆଶା କରିବି ନୂଆ ବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଏବଂ କଠିନ ପରିଶ୍ରମର ବର୍ଷ ହେଉ।

-ଅରୁଣ ସାହୁ, କୃଷି, ଉଚ୍ଚଶିକ୍ଷା ମନ୍ତ୍ରୀ

## ଅର୍ଥର ସୁବିନିଯୋଗ କରିବି



ସବୁ ସମୟରେ ନିଜକୁ ବ୍ୟସ୍ତ ରଖିବାକୁ ଚେଷ୍ଟା କରିଥାଏ। ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାକୁ ରହିଛି। ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହେବାକୁ ରହିଛି। କିଛି ପ୍ରକଳ୍ପ କ୍ୟାବିନେଟ୍ ଅନୁମୋଦନ ଅପେକ୍ଷାରେ ଅଛି। ଏସବୁ ଅନୁମୋଦନ ହେଲେ ରାଜ୍ୟ ପର୍ଯ୍ୟଟନ ଭିତ୍ତିଭୂମି ଆହୁରି ସୁଦୃଢ଼ ହେବ। ସରକାର ବିଭାଗକୁ ପ୍ରଦାନ କରୁଥିବା ପ୍ରତିଟି ଅର୍ଥର ଯେପରି ସୁବିନିଯୋଗ ହେବ, ସେ ଦିଗରେ ଦୃଷ୍ଟି ଦେବି।

- ଜ୍ୟୋତି ପାଣିଗ୍ରାହୀ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ

## ଯୁବବର୍ଗଙ୍କ ରୋଜଗାରକୁ ଗୁରୁତ୍ୱ



୨୦୧୯ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ମୋତେ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତେଣୁ ଏହି ବର୍ଷର ସ୍ମୃତି ମୋ ପାଇଁ ସବୁ ସମୟରେ ମନେ ରହିବ। କ୍ଷୁଦ୍ର ଶିଳ୍ପ ନିଗମ ଦ୍ୱାରା ଯେପରି ରାଜ୍ୟରେ ଅଣୁ, କ୍ଷୁଦ୍ର ଏବଂ ମଧମ ଉଦ୍ୟୋଗର ବିକାଶ ହୋଇପାରିବ, ସେ ଦିଗରେ ଧାନ ଦେବି। ବିଶେଷକରି ଯୁବବର୍ଗଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର ସୃଷ୍ଟି କରିବା ପ୍ରାଥମିକତା ହେବ। ଓଡ଼ିଆ ଯୁବତୀଯୁବକ ଅଧିକ ସ୍ୱାଭିମାନୀ ହୁଅନ୍ତୁ, ଉଦ୍ୟୋଗୀ ହୁଅନ୍ତୁ। ୨୦୨୦ ବର୍ଷ ସର୍ବୋପରି ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଏବଂ ଶୁଭ ଖବର ଆଣୁ।

-ଚିନ୍ମୟ ସାହୁ, ଅଧକ୍ଷ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ

## ବ୍ୟାପକ ସଚେତନତାକୁ ଗୁରୁତ୍ୱ



କାଜୁ ନିଗମ ପୂର୍ବାପେକ୍ଷା ଯେପରି ଅଧିକ ଲାଭ କରିବ, ସେଥିପ୍ରତି ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ଚଳିତବର୍ଷ କାଜୁ ଜୁସ୍ କରି ବଜାର ପ୍ରବେଶ କରିବା ପାଇଁ ଚେଷ୍ଟା କରୁଛୁ। କାଜୁ ଚାଷ କରି ସମ୍ମାନରେ ବଞ୍ଚିହେବ, ସେଥିପାଇଁ ଆଗାମୀ ବର୍ଷରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବ। ୩୫୦ରୁ ୩୮୦ ପ୍ରକ୍ରିୟାକରଣ ୟୁନିଟ୍ କାର୍ଯ୍ୟ କରୁଛି। ହେଲେ ଏହି ସମସ୍ତ ୟୁନିଟ୍ ପାଇଁ ଆବଶ୍ୟକ କଞ୍ଚା କାଜୁ ପ୍ରାୟ ୨୫,୦୦୦ ଟନ୍ କମ୍ ରହିଛି। ତେଣୁ ଏହାକୁ ପୂରଣ କରିବା ଦିଗରେ ଚେଷ୍ଟା କରାଯିବ। ଉତ୍ପାଦନ, ପ୍ରକ୍ରିୟାକରଣ ହେଉଥିଲେ ବି ମାର୍କେଟିଂ ଏକ ସମସ୍ୟା ରହିଥିଲା। ହେଲେ ମୁଖ୍ୟମନ୍ତ୍ରୀ ତାହାର ସମାଧାନ କରିଛନ୍ତି। ମାର୍କେଟିଂକୁ ପ୍ରୋତ୍ସାହନ କରିବା ପାଇଁ ସ୍ୱତନ୍ତ୍ର କାଉନସିଲକୁ ଦାୟିତ୍ୱ ଦିଆଯାଇଛି। ତେଣୁ ନୂଆବର୍ଷର ନୂଆ ସକାଳ ନିଗମ ପାଇଁ ନୂଆ ସମ୍ଭାବନା ଆଣିବ ବୋଲି ଆଶା।

- ଅମରେନ୍ଦ୍ର ଦାସ, ଅଧକ୍ଷ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃ

## ଦେଶର ଆର୍ଥିକ ସଙ୍କଟର ସମାଧାନ ହେଉ



ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ୨୦୨୦ ବର୍ଷ ସମସ୍ତଙ୍କ ପାଇଁ ସୁଖମୟ ହେଉ। ଏହି ବର୍ଷ ଦେଶ ଏବଂ ରାଜ୍ୟର ଉନ୍ନତି ହେବା ସଙ୍ଗେସଙ୍ଗେ ଅର୍ଥନୀତି କ୍ଷେତ୍ରରେ ଦେଖା ଦେଇଥିବା ସଙ୍କଟର ସମାଧାନ ହେଉ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଥମଥର ଲାଗି ନିର୍ବାଚନ ଲଢ଼ି ବିଧାୟକ ହୋଇଛି। ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଭୋଟରଙ୍କ ବିଶ୍ୱାସ ଭାଜନ ହୋଇପାରି ବିଧାନସଭା ଯାଇଛି। ନିର୍ବାଚନମଣ୍ଡଳୀ ପାଇଁ ସବୁବେଳେ ଉନ୍ନତିମୂଳକ କାର୍ଯ୍ୟ କରିବା ୨୦୨୦ରେ ପ୍ରଥମ ପ୍ରାଧାନ୍ୟ ରହିବ। ମୋ ନିର୍ବାଚନମଣ୍ଡଳୀର ଗରିବ ଲୋକଙ୍କ ନିକଟରେ ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ପହଞ୍ଚାଇବା ଉପରେ ବିଶେଷ ଧାନ ଦେବି।

- ସୁଶାନ୍ତ ରାଉତ, ବିଧାୟକ, ଉତ୍ତର ଭୁବନେଶ୍ୱର

## ଦୁର୍ନୀତି ହଟିବାଯାଏ ଲଢ଼େଇ



ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସମସ୍ତେ ଭଲରେ ରୁହନ୍ତୁ। ଚାଷୀ, ମୂଲିଆ, ହରିଜନ, ଆଦିବାସୀଙ୍କ ବିକାଶ ଘଟୁ। ଯେଉଁ ପର୍ଯ୍ୟନ୍ତ ରାଜ୍ୟରୁ ଦୁର୍ନୀତି ନ ହଟିବ ଲଢ଼େଇ ଜାରି ରହିବ। ଅବିଭକ୍ତ କୋରାପୁଟ ଜିଲାରେ ଶିକ୍ଷା ବ୍ୟବସ୍ଥାର ବିକାଶ ଘଟାଇବା, ଅନୀତି ଏବଂ ଦୁର୍ନୀତି ହଟାଇବା ଦିଗରେ ବିଶେଷ ଗୁରୁତ୍ୱ ଦେବି।

- ତାରାପ୍ରସାଦ ବାହିନୀପତି, ବିଧାୟକ, କଂଗ୍ରେସ

## ଏକାଡେମୀଗୁଡ଼ିକରେ ପଦବୀ ପୂରଣ କରାଯିବ



୨୦୨୦ରେ ଆମ ବିଭାଗ ପକ୍ଷରୁ ଅନେକ କାର୍ଯ୍ୟ କରିବା ପାଇଁ ଯୋଜନା ହୋଇଛି। ପ୍ରଥମତଃ ଏକାଡେମୀଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ପାଇଁ ଚେଷ୍ଟା କରାଯିବ। ଏଥିସହିତ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା, ଖାରବେଳଙ୍କ ପ୍ରତିମୂର୍ତ୍ତି କରିବା, ପାଠାଗାରଗୁଡ଼ିକର ଆଧୁନିକୀକରଣ, ଡିଜିଟାଇଜେଶନ ସହିତ ସ୍ମାର୍ଟ ପାଠାଗାରରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯିବ। ୨୦୨୦ ଏକ ସ୍ୱତନ୍ତ୍ର ବର୍ଷ। ଏ ବର୍ଷରେ ନିଶ୍ଚିତ ଭାବେ ଓଡ଼ିଶା ଅଗ୍ରଗତି କରିବ। ରାଜ୍ୟ ସରକାରଙ୍କ '୫-ଟି' କାର୍ଯ୍ୟକ୍ରମ, 'ମୋ ସରକାର' ଯୋଜନା ସଫଳ ରୂପାୟନ ହେବ। ଏ ବର୍ଷ ରାଜ୍ୟବାସୀଙ୍କ ପାଇଁ ସୁଖ ସମୃଦ୍ଧି ଆଣିବ ବୋଲି ମୋର ଆଶା।

- ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

## ପୁରୀ, ମାଲକାନଗିରିର ବିକାଶକୁ ଗୁରୁତ୍ୱ



୨୦୨୦ରେ ପୁରୀ ଶ୍ରୀମନ୍ଦିର ଐତିହ୍ୟ କରିଡରର ବିକାଶ, ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱର ବିକାଶ, ମାଲକାନଗିରିର ବିଚ୍ଛିନ୍ନାଞ୍ଚଳକୁ ପାନୀୟ ଜଳ, ରାସ୍ତା, ବିଦ୍ୟୁତ୍ ଆଦି ଅତ୍ୟାବଶ୍ୟକ ଚାହିଦା ଯୋଗାଇ ଦିଆଯିବ। ଏଥିସହିତ କୋରାପୁଟ ଜିଲା କୋଟିଆ ଅଞ୍ଚଳର ବିକାଶ ଉପରେ ମଧ ନୂଆ ବର୍ଷରେ ଫୋକସ୍ କରାଯିବ। ପୁରୀ ଆସୁଥିବା ପର୍ଯ୍ୟଟକମାନେ ଯେପରି ସୁଖଦ ଅନୁଭୂତି ନେଇ ଫେରିବେ, ସେ ନେଇ ଆମ ଆଗରେ ଏକ ବଡ଼ ଚ୍ୟାଲେଞ୍ଜ ରହିଛି। ସେଥିପାଇଁ ଅର୍ଥ ବରାଦ କରାଯାଇଛି। ଏ ନେଇ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯିବ। ପୁରୀ ଓ ଏହାର ଚତୁଃପାର୍ଶ୍ୱକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ହବ୍ରେ ପରିଣତ କରାଯିବ।

- ସୁରେଶ କୁମାର ମହାପାତ୍ର, ଉନ୍ନୟନ କମିଶନର

## ସମ୍ବଲପୁର, ବାଲେଶ୍ୱରରେ ଡପ୍ଲାର ରାଡାର ସ୍ଥାପନ ହେବ



ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୧୦୦ ଜନସଂଖ୍ୟା ବିଶିଷ୍ଟ ପଡ଼ା ଗ୍ରାମକୁ ରାସ୍ତା ସଂଯୋଗ ଯୋଜନା କରାଯିବ। ଆନ୍ତଃରାଜ୍ୟ, ଆନ୍ତଃଜିଲା ଓ ଆନ୍ତଃବ୍ଲକକୁ ସଂଯୋଗ ଉପରେ ଗୁରୁତ୍ୱ ଦିଆଯିବ। ଯେଉଁ ଅଞ୍ଚଳ ଅନୁନ୍ନତ ରହିଛି, ସେହି ଅଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦିଆଯିବ। ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ଲାଗି ନୂତନ ବର୍ଷରେ ଅନେକ ଯୋଜନା ହାତକୁ ନିଆଯିବ। ଜଳବାୟୁ ପରିବର୍ତ୍ତନ, ବଜ୍ରପାତ, ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟ କ୍ଷତିକୁ ହ୍ରାସ କରିବାକୁ ଏକ ଆକ୍ସନ ପ୍ଲାନ କରାଯାଉଛି। ବିପର୍ଯ୍ୟୟ କ୍ଷୟକ୍ଷତିକୁ ଆକଳନ କରିବାକୁ ସ୍ୱୟଂକ୍ରିୟ ବ୍ୟବସ୍ଥା କରାଯିବ। ଏଥିସହିତ ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସୂଚନା ପାଇଁ ସମ୍ବଲପୁର ଓ ବାଲେଶ୍ୱରରେ ଡପ୍ଲାର ରାଡାର ସ୍ଥାପନ କରିବା ନେଇ ପଦକ୍ଷେପ ନିଆଯିବ।

- ପ୍ରଦୀପ କୁମାର ଜେନା, ଏସ୍ଆର୍ସି, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗ

## ଅଧିକ ଫସଲ ଉତ୍ପାଦନ ପାଇଁ ପଦକ୍ଷେପ ନିଆଯିବ



ନବବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ଓଡ଼ିଶାର ଚାଷୀଭାଇମାନେ ଯେପରି ଅଧିକ ଫସଲ ଉତ୍ପାଦନ କରିବେ ସେ ନେଇ ପଦକ୍ଷେପ ନିଆଯିବ। ନବବର୍ଷରେ ରାଜ୍ୟ ସରକାରଙ୍କୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ପୁରସ୍କୃତ କରାଯିବ। କୃଷି ଓ ଚାଷୀମାନଙ୍କର ବିକାଶ ଦିଗରେ ଅନେକ ପଦକ୍ଷେପ ନେବାକୁ ଯୋଜନା କରାଯାଇଛି।

- ପ୍ରଦୀପ୍ତ କୁମାର ମହାପାତ୍ର, ଖାଦ୍ୟ ଉତ୍ପାଦନ କମିଶନର

## ଗ୍ରାମାଞ୍ଚଳବାସୀଙ୍କୁ ଶତ ପ୍ରତିଶତ ପାନୀୟ ଜଳ ଯୋଗାଯିବ



ନବବର୍ଷ ସମସ୍ତଙ୍କୁ ସୁଖ ସମୃଦ୍ଧି ଦେଉ। ରାଜ୍ୟ ଓ ଦେଶବାସୀ ସୁଖରେ ରୁହନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ନୂଆବର୍ଷରେ ଗ୍ରାମାଞ୍ଚଳ ଲୋକମାନଙ୍କୁ ଶତ ପ୍ରତିଶତ ପାନୀୟ ଜଳ ଏବଂ ସମସ୍ତଙ୍କୁ ପକ୍କାଘର ଯୋଗାଇ ଦେବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହା ଉପରେ ନୂତନ ବର୍ଷରେ ଗୁରୁତ୍ୱ ଦିଆଯାଇଛି।

- ଦେଓରଞ୍ଜନ କୁମାର ସିଂ, ପ୍ରମୁଖ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

## ୧୫ ସ୍ଥାନରେ ଲାଗିବ ଅବ୍ଜରଭେଟୋରି ଯନ୍ତ୍ର



ରାଜ୍ୟରେ ଆଗୁଆ ବର୍ଷା, ବଜ୍ରପାତ ଆଦି ବିଷୟରେ ସୂଚନା ଦେବା ଲାଗି ୧୫ଟି ସ୍ଥାନରେ ଅବ୍ଜରଭେଟୋରି ଯନ୍ତ୍ର ଲାଗିବ। ବାତ୍ୟା ସମ୍ପର୍କରେ ଆଗୁଆ ସୂଚନା ଦେବା ପାଇଁ ସମ୍ବଲପୁର ଓ ବାଲେଶ୍ୱରରେ ଡପ୍ଲାର ରାଡାର ଲଗାଇବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ଚାଷୀମାନଙ୍କୁ କିପରି ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା ଦିଆଯାଇ ପାରିବ, ସେ ନେଇ ସମସ୍ତ ପଦକ୍ଷେପ ନିଆଯିବ।

- ଏଚ୍.ଆର୍. ବିଶ୍ୱାସ, ନିର୍ଦ୍ଦେଶକ, ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର

## ଆହୁରି କଡ଼ାକଡ଼ି ହେବ ପଲିଥିନ କଟକଣା



ସମଗ୍ର ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନ ଏକ ଚ୍ୟାଲେଞ୍ଜ। ଖାଦ୍ୟଶସ୍ୟ ଓ ଜୀବନ ଜୀବିକା ଉପରେ ଏହାର ଗଭୀର ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଓଡ଼ିଶା ଏକମାତ୍ର ରାଜ୍ୟ, ଯାହାକି ୧୨ଟି ବିଭାଗକୁ ନେଇ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛି। ଏହାଛଡା ଦ୍ୱିତୀୟ ଆକ୍ସନ ପ୍ଲାନର ମଧ ପ୍ରସ୍ତୁତି ଚାଲିଛି। ପଲିଥିନ କଟକଣାକୁ ଆହୁରି କଡାକଡି କରାଯିବ। ସମସ୍ତ ସହରକୁ ପଲିଥିନ ମୁକ୍ତ କରାଯିବା ସହ ଗ୍ରାମାଞ୍ଚଳକୁ ମଧ ପଲିଥିନମୁକ୍ତ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ।

- କେ. ମୁରୁଗେସନ, ନିର୍ଦ୍ଦେଶକ, ପରିବେଶ ବିଭାଗ

## ରାଜଭବନ ପକ୍ଷରୁ ନୂତନ ଯୋଜନା ରହିଛି



ନୂତନ ବର୍ଷରେ ରାଜଭବନ ପକ୍ଷରୁ ୨/୩ଟି ନୂତନ କାର୍ଯ୍ୟକ୍ରମ କରିବାକୁ ଯୋଜନା ରହିଛି। ସବୁ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ଓ କୁଳାଧିପତିଙ୍କ କାର୍ଯ୍ୟାଳୟକୁ ଡିଜିଟାଇଜ୍ କରାଯିବ। ରାଜଭବନ ହସ୍ପିଟାଲ ମ୍ୟାନେଜମେଣ୍ଟ ସିଷ୍ଟମ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସଚିବାଳୟସ୍ତରରେ ଏକ କ୍ୟାଡର ବ୍ୟବସ୍ଥା ରହିବ। ଏହି କର୍ମଚାରୀଙ୍କୁ ସିଧାସଳଖ ନିଯୁକ୍ତି ନ ଦେଇ ସଚିବାଳୟ କ୍ୟାଡରରୁ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦିଆଯାଇଛି। ତାହା ନୂଆବର୍ଷରେ କାର୍ଯ୍ୟକାରୀ କରାଯିବ।

- ମଧୁସୂଦନ ପାଢ଼ୀ, ପ୍ରମୁଖ ଶାସନ ସଚିବ, ରାଜ୍ୟପାଳ

**ସଂକ୍ଷେପରେ**

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାସୁଦେବପୁର, ୩୧।୧୨(ଡି.ଏନ୍.ଏ.)**- ବାସୁଦେବପୁର ବ୍ଲକର ପଦ୍ମୁଁଆ ଜେଟି ସଂଲଗ୍ନ ଏକ ଗୃହରେ ଶ୍ରୀଧର ପାଇକରାୟଙ୍କର ମୃତଦେହକୁ ବାସୁଦେବପୁର ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ମୃତ ଯୁବକଙ୍କର ଘର ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଧୀନ ଅରୋଡ଼ା ଗ୍ରାମରେ। ଗତ କିଛିଦିନ ଧରି ଶ୍ରୀଧର ଶ୍ରମିକ ଭାବେ ଏଠାରେ ରହି କାର୍ଯ୍ୟ କରୁଥିଲେ। ସୋମବାର ଶ୍ରୀଧରଙ୍କ ମୃତଦେହ ତାଙ୍କ ଘରେ ଝୁଲୁଥିବାର ସାଥି ଶ୍ରମିକ ମାନେ ଦେଖିଥିଲେ। ପରେ ସେମାନେ ପୋଲିସକୁ ଜଣାଇଥିଲେ। ମଙ୍ଗଳବାର ବାସୁଦେବପୁର ପୋଲିସ ସେଠାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା(ନଂ ୪୩/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଶିବିରାର୍ଥୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ

**ବନ୍ତ,୩୧।୧୨(ଡି.ଏନ୍.ଏ.)**- ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆ ସ୍ଥିତ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଶିବିରାର୍ଥୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଅଧାପକ ସୁଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଗଣିଜାଙ୍ଗ ଜଗନ୍ନାଥ ମନ୍ଦିର, ବଜାର ଅଞ୍ଚଳ ଆଦି ସଫେଇ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିବ ସେଠୀ, ଦୀପକ ଦାସ, କୁଶଭଦ୍ର ପାଣିଗ୍ରାହୀ, ସ୍ୱାଗତିକା ନାୟକ, ଶ୍ରଦ୍ଧାଙ୍ଗିନୀ ପଣ୍ଡା, ଦୀପିକାରାଣୀ ସ୍ୱାଇଁ, ନମିତା ରାଉତ, ଆରତି ରଣାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପକ, କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

**ବନ୍ତ,୩୧।୧୨(ଡି.ଏନ୍.ଏ.)**- ଭଦ୍ରକ ଜିଲା ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ତଥା କେନ୍ଦୁଆପଦା ଫାଣ୍ଡି ଅଧୀନ ରତନପୁର ଗ୍ରାମର ଜଣେ ବୃଦ୍ଧ ସୋମବାର ରାତିରେ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ପୋଲିସ ସୂଚନା ଅନୁଯାୟୀ ଉକ୍ତ ବୃଦ୍ଧଙ୍କ ନାମ ମହେଶ୍ୱର ବାରିକ(୮୬)। ସେ ମାନସିକ ବିକୃତ ବୋଲି ଜଣାଯାଇଛି । ଏନେଇ ପୋଲିସ ଅପମୃତ୍ୟୁ ମାମଲା(ନଂ ୧୦୮/୧୯) ରୁଜୁ କରିଛି ।

# ପେଟ୍ରୋଲରେ ଚାଲୁଛି ସାଇକେଲ

**ପଦ୍ମପୁର, ୩୧।୧୨(ଡି.ଏନ୍.ଏ.)**

- ୧ ଲିଟରରେ ଯାଉଛି ୬୦ କି.ମି.
- ୨ ମାସରେ ତିଆରି କଲେ ଦୁଇଭାଇ


ସାଇକେଲ ସହ ଦୁଇଭାଇ ।

ପେଟ୍ରୋଲ ଚାଳିତ ସାଇକେଲ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି ୫ମ ଶ୍ରେଣୀ ଛାତ୍ର ଶୁଭମ୍ ସୌଭାଗ୍ୟ ଓ ତାଙ୍କ ବଡଭାଇ ଜଗବନ୍ଧୁ। ଦୁଇ ମାସ ମଧ୍ୟରେ ଦୁଇ ଭାଇ ମିଶି ଏହି ସାଇକେଲ ତିଆରି କରିଛନ୍ତି। ଏକ ରେସିଂ ସାଇକେଲରେ ଏକ ୮୦ ସିସିର ଇଞ୍ଜିନ୍, ସାଇଲେନ୍ସର୍, ତେଲଟାଙ୍କି, କ୍ଲଚ୍ ଓ ଏକ୍ସିଲେଟର୍ ସଂଯୋଗ କରାଯାଇଛି। ପେଟ୍ରୋଲ ଟାଙ୍କି ୨ଲିଟର କ୍ଷମତା ବିଶିଷ୍ଟ ହୋଇଥିବା ବେଳେ ଏହାର ଟପ୍ ସ୍ପିଡ ରହିଛି। ଘଣ୍ଟାକୁ ୪୫ କି.ମି. ବେଗରେ ଗଲେ ୧ ଲିଟର ପେଟ୍ରୋଲରେ ସାଇକେଲ ୪୦ରୁ ୪୫ କି.ମି. ଯାଇପାରୁଛି। ଏହାବ୍ୟତୀତ ୨୦ରୁ ୨୫ କି.ମି. ବେଗରେ ଗଲେ ୧ଲିଟର ପେଟ୍ରୋଲରେ ୬୦ କି.ମି. ପର୍ଯ୍ୟନ୍ତ ଯାଇପାରୁଛି। ଏହି ସାଇକେଲ ପେଡାଲ୍‌କୁ ମାରି କ୍ଲଚ ଛାଡ଼ି ଦେଲେ ଇଞ୍ଜିନ ଷ୍ଟାର୍ଟ ହୋଇଯାଉଛି। ଏହାପରେ ଆଉ ପେଡେଲ୍ ମାରିବାର ଆବଶ୍ୟକତା ନାହିଁ। ଟାଙ୍କିରୁ ତେଲ ସରିଗଲେ ସାଧାରଣ ସାଇକେଲ ପରି ପେଡାଲ ମାରି ଯାଇହେବ। ଏହି ଇଞ୍ଜିନ ୨ ଷ୍ଟ୍ରୋକ୍ ହୋଇଥିବା ବେଳେ ଏଥିରେ ପେଟ୍ରୋଲ ସାଙ୍ଗରେ ଅଏଲ ମିଶାଇବାକୁ ପଡୁଛି। ଏହି ସାଇକେଲ ପାଇଁ ଖର୍ଚ୍ଚ ହୋଇଛି ୨୦ ହଜାର ଟଙ୍କା।

ଶୁଭମ୍ ସୌଭାଗ୍ୟଙ୍କ ଘର ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କମାର ଗାଁ ଗ୍ରାମରେ। ସେ ଭଦ୍ରକ ମଇତାପୁରସ୍ଥିତ ରୟାଲ ପବ୍ଲିକ ସ୍କୁଲରେ ପାଠ ପଢନ୍ତି। ପିଲାବେଳୁ ବିଭିନ୍ନ ଯନ୍ତ୍ରଚାଳିତ ଖେଳନା ପ୍ରତି ଥିଲା ତାଙ୍କର ଅହେତୁକ ଦୁର୍ବଳତା। ପାଠପଢ଼ା ସହ ବିଭିନ୍ନ ଯାନ୍ତ୍ରିକ ଖେଳନା କିଣିବା ଓ ତାକୁ ସଜାଡ଼ିବାରେ ତାଙ୍କର ସମୟ କାଟୁଥିଲେ। ଏବେ ନାବାଳକ ଛାତୀଛାତ୍ରମାନେ ଗାଡି ଚଳାଇ ପାରିବେ ନାହିଁ ଟ୍ରାଫିକ ନିୟମ କଡ଼ାକଡ଼ି ହେବା ପରେ ସେ ପେଟ୍ରୋଲ ଚାଳିତ ସାଇକେଲ ତିଆରି କରିବାକୁ ଚିନ୍ତା କଲେ। ସେ ଏ ବିଷୟରେ ତାଙ୍କର ବଡ଼ଭାଇ ଜଗବନ୍ଧୁ ଅଗସ୍ତି ଜଣାଇଲେ। ତାଙ୍କ ବଡ ଭାଇ ଜଣେ ବିଟେକ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର। ସାନଭାଇର ଇଚ୍ଛାକୁ ସଫଳ ରୂପାୟନ ଦେବା ପାଇଁ ବର୍ଷେ ପୂର୍ବରୁ ଆରମ୍ଭ ହୋଇଥିଲା ପ୍ରସ୍ତୁତି। ଦୁଇଭାଇ ପ୍ରଥମେ ଇଣ୍ଟରନେଟ୍‌ରେ ବିଭିନ୍ନ ବିଭିନ୍ନ ଯନ୍ତ୍ରାଂଶ କିଣି ସାଇକେଲରେ ଲଗାଇଛନ୍ତି। ଏହି ବାଇକ୍‌କୁ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସବୁବର୍ଗର ଲୋକେ ଚଲାଇପାରିବେ। ଏହି ସାଇକେଲ ଚଳାଇବା ପାଇଁ ଡ୍ରାଇଭିଂ ଲାଇସେନ୍ସ, ପଲ୍ୟୁଶନ ବା ଇନ୍‌ସୁରାନ୍ସର ଆବଶ୍ୟକତା ନାହିଁ। କେବଳ ସୁରକ୍ଷା ପାଇଁ ହେଲ୍‌ମେଟ ପିନ୍ଧା ଯାଇପାରିବ। ରାସ୍ତାରେ ସାଇକେଲ ଚାଲୁଥିବା ବେଳେ କ୍ଲଚ୍ ଓ ଆଗ ବ୍ରେକକୁ ବ୍ୟବହାର କରି ଚାଳକ ନିଜ ଇଚ୍ଛା ଅନୁସାରେ ଏହାକୁ ରୋକିପାରିବ। ଏଥିରେ ଷ୍ଟାର୍ଟ ପାଇଁ କିକ୍ କି ସେଲ୍ଫଷ୍ଟାର୍ଟର ଆବଶ୍ୟକତା ନାହିଁ। ଶୁଭମ୍‌ଙ୍କର ବାପା ନରହରି ଅଗସ୍ତି ଓ ମା ଗୀତାଞ୍ଜଳି ପଣ୍ଡା ଶିକ୍ଷକତା କରୁଥିବା ବେଳେ ଦୁଇପୁଅଙ୍କର ଏଭଳି ଉଦ୍ୟମରେ ଖୁସିବ୍ୟକ୍ତ କରିଛନ୍ତି।

# ସଫା କରିବା ବାହାନାରେ ଚେନ୍, କାନଫୁଲ ଲୁଟ୍

**ଭଣ୍ଡାରିପୋଖରୀ, ୩୧।୧୨(ଡି.ଏନ୍.ଏ.)**

ଭଣ୍ଡାରିପୋଖରୀ ଥାନା ଦକ୍ଷିଣବାଡ଼ ପଞ୍ଚାୟତ ଫତେପୁର ଗ୍ରାମରେ ସୁନା, ରୁପା ସଫା କରିଦେବା କହି ଜଣେ ମହିଳାଙ୍କଠାରୁ ଦୁଇଜଣ ଯୁବକ ସୁନାହାର ଓ କାନଫୁଲ ନେଇ ଚମ୍ପଟ ମାରିଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଦୁଇ ଯୁବକ ଏକ ପଲସର୍ ବାଇକ୍‌ରେ ଆସି ଫତେପୁର ଗ୍ରାମର ଜଣେ ମହିଳାଙ୍କ ଘରେ ପହଞ୍ଚିଥିଲେ। ସୁନାରୁପା ଅଳଙ୍କାର ସଫା କରିବ କି କହି ଜଣେ ଯୁବକ ଘରେ ପଶି ପଚାରିଥିଲା। ମହିଳା ଜଣକ ଗୋଟିଏ ୧୨ ଗ୍ରାମର ଚେନ୍ ଓ ୪ ଗ୍ରାମର ଦୁଇହଳ କାନଫୁଲ ଆଣି ଦେଖାଇଥିଲେ। ଯୁବକ ଜଣକ ଗରମ ପାଣି ଆଣ ବୋଲି କହିଥିଲେ। ମହିଳା ଜଣକ ଗରମ ପାଣି ଗ୍ୟାସ୍‌ରେ ବସାଇଥିବା ବେଳେ ସଂପୃକ୍ତ ଯୁବକ ଜଣକ ହାର ଓ କାନଫୁଲ ଧରି ପୂର୍ବରୁ ଦାଣ୍ଡରେ ବାଇକ୍ ଧରି ଛିଡ଼ା ହୋଇଥିବା ତାଙ୍କ ସହଯୋଗୀଙ୍କ ସହ ମଞ୍ଜୁରିରୋଡ଼ ଆଡ଼କୁ ଚମ୍ପଟ ମାରିଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଉଲ୍ଲେଖଯୋଗ୍ୟ ଯେ, କିଛିଦିନ ହେଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଚୋରି, ଲୁଟ୍ ଭଳି ଘଟଣା ବଢ଼ି ଚାଲିଥିବା ବେଳେ ପୋଲିସ ଚୋରି ସମ୍ପର୍କରେ କୌଣସି ଟେର୍ ମଧ୍ୟ ପାଉନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଧୂଷୁରୀ କ୍ରିକେଟ ଟିମ୍ ଚାମ୍ପିୟନ


ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**ଆରଡି,୩୧।୧୨(ଡି.ଏନ୍.ଏ.)**
ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କୁଳସାହି ପଡ଼ିଆରେ ମଙ୍ଗଳବାର ଏକ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଧୂଷୁରୀ ଏସ. ବାରିକ କ୍ରିକେଟ ଟିମ୍ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୭୯ ରନ ସଂଗ୍ରହ କରିଥିଲା । ମଠଡିହ ହଣ୍ଟର ଲାୟନ୍ସ କ୍ରିକେଟ ଟିମ୍ ବିଶାଳ ସ୍କୋରର ପିଛାକରି ୧୭୬ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ଧୂଷୁରୀ ଟିମ୍‌ର ବବୁଲ ମଲିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମଠଡିହ ଟିମ୍‌ର ସ୍ମୃତି ରଞ୍ଜନ ଖଟୁଆଙ୍କୁ ମ୍ୟାନ ଅଫ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧାପକ ନିକୁଞ୍ଜ କିଶୋର ଜେନା ଧୂଷୁରୀ ଟିମ୍‌କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁବାସ ସେଠୀ ମଠଡିହମ ଟିମ୍‌କୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ମଲିକ, କପିଳଦେବ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇଥିଲେ। ରବୀନ୍ଦ୍ର ଥାଟୋଇ, ନିତ୍ୟାନନ୍ଦ ଜେନା ଖେଳ ପରିଚାଳନା କରିଥିବା ବେଳେ ଅନିଲ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ ତାପସ ଭୂୟାଁ, କୁଳମଣି ଜେନା, ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଟୁର୍ନାମେଣ୍ଟରେ ଭାଗ ନେଇଥିବା ସମସ୍ତ କ୍ରିକେଟ ଟିମ୍‌କୁ ସାଧୁବାଦ ଜଣାଇଥିଲେ ।

# 'ସମାଜର ପ୍ରଗତିରେ ଲେଖକଙ୍କ ଭୂମିକା ଅତୁଳନୀୟ'


ମଞ୍ଚାସୀନ ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରଫୁଲ୍ଲ ସାମଲ, ବିଷ୍ଣୁ ସେଠୀ ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୩୧।୧୨**

ସମାଜର ପ୍ରଗତିରେ ଲେଖକମାନଙ୍କ ଭୂମିକା ଅତୁଳନୀୟ ବୋଲି ଭଦ୍ରକ ଶହୀଦ ସ୍ମୃତି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ଲେଖକ ମହୋତ୍ସବରେ ମୁଖପତ୍ର ଉତ୍କଳ କେଶରୀକୁ ଲୋକାର୍ପିତ କରିବା ଅବସରରେ ବିଭିନ୍ନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ମୁଖପତ୍ରଟି ଯେଉଁଭଳି ରାଜ୍ୟର ବିଭିନ୍ନ ଜିଲାର ବହୁ ଲେଖିକାଲେଖକ, କବୟିତ୍ରୀକବିମାନଙ୍କ ଲେଖାକୁ ନେଇ ସମୃଦ୍ଧ ହୋଇଛି, ତାହା ଓଡ଼ିଆ ସାହିତ୍ୟକୁ ଏକ ଅବଦାନ ବୋଲି ମତପ୍ରକାଶ ପାଇଥିଲା। ଓଡ଼ିଶା ରାଜ୍ୟ ଯୁବ ଲେଖକ ପରିଷଦର ସଭାପତି ପଣ୍ଡିତ ଦୈତାରି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି, ରାଜ୍ୟ ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ ମୁଖ୍ୟବକ୍ତା, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ବରେଣ୍ୟ ଅତିଥି ଓ ଗୀତିକାର ପଞ୍ଚାନନ ନାୟକ, ପଣ୍ଡିତ ଦୟାନିଧି ମିଶ୍ର, ପଣ୍ଡିତ ଧୃତିଧର ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ରାଜ୍ୟର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁଧାକର ନନ୍ଦଙ୍କୁ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ଓ କବି ନୀଳମଣି ପ୍ରଧାନଙ୍କୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସମ୍ମାନରେ ସମ୍ମାନିତ କରିଥିଲେ।

ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟରେ ରୁଚି ରଖିଥିବା ଯୁବ ପ୍ରତିଭାମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ ଗୀତିକେଶରୀ ଓ ୮ ଜଣଙ୍କୁ ଗଳ୍ପକେଶରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୯ ଜଣଙ୍କୁ ସାହିତ୍ୟ ଭାରତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜ୍ୟ ଯୁବ ଲେଖକ ମହୋତ୍ସବର ଆଦ୍ୟ ସୋପାନରେ କବି ସତ୍ୟପ୍ରକାଶ ସେଠୀଙ୍କ ସଂଯୋଜନାରେ ଏକ ସାଂସ୍କୃତିକ ଓ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ ମୁଖ୍ୟଅତିଥି, ଗୀତାଞ୍ଜଳି ଆଇଚ ମୁଖ୍ୟବକ୍ତା, କବି ପ୍ରମୋଦ ରାୟ, ଶରତ ଚନ୍ଦ୍ର ଜେନା, ରବିନାରାୟଣ ଖିଲାର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଓ ଜିଲା ଯୁବ ଲେଖକ ପରିଷଦର କର୍ମକର୍ତ୍ତାମାନେ ମହୋତ୍ସବ ପରିଚାଳନା କରିଥିଲେ। ଜ୍ଞାନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

**ତିହିଡ଼ି, ୩୧।୧୨(ଡି.ଏନ୍.ଏ.)**
ତିହିଡ଼ି ବ୍ଲକର ଅଗ୍ରଣୀ ସାମାଜିକ ସଂଗଠନ ଉତ୍କଳମଣି ସେବା ସଂଘ ପକ୍ଷରୁ ୩ଦିନ ବ୍ୟାପୀ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଗଠନର କର୍ମକର୍ତ୍ତାମାନେ ରାତିରେ ବୁଲି ବୁଲି ଭଦ୍ରକ ବନ୍ତଛକ, ରେଲୱେ ଷ୍ଟେଶନ, ନୂଆ ବସଷ୍ଟାଣ୍ଡ, ଆଶ୍ରୟସ୍ଥଳୀ ସମେତ ତିହିଡ଼ି ଓ ଚାନ୍ଦବାଲି ବ୍ଲକର ୮ଟି ଗ୍ରାମରେ ଗରିବ ଅସହାୟମାନଙ୍କୁ କମ୍ବଳ ବାଣ୍ଟିଥିଲେ। ସଂଘର କର୍ମକର୍ତ୍ତାମାନେ ପ୍ରତିଦିନ ଅପରାହ୍ନ ୫ଟାରୁ ବାହାରି ରାତି ୧୨ଟା ମଧ୍ୟରେ ଏହିସବୁ ସ୍ଥାନରେ ପହଞ୍ଚି କମ୍ବଳ, ଶୁଖିଲାଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସଂଗଠନର ସଭାପତି ଖଗେଶ୍ୱର ତ୍ରିପାଠୀ, ସମ୍ପାଦକ ବିସ୍ମୟ ବିହାରୀ ସାହୁ, ରବୁ ସଲିମ, ରଶ୍ମିତା ତ୍ରିପାଠୀ, ହରିହର କର, ଶ୍ରୀଧର ଲେଙ୍କା, ବସନ୍ତ ବେହେରା, ସ୍ନେହାଶିଷ ପଣ୍ଡା, ଅନାଥ ପାତ୍ର, ସୁମନ୍ତ କୁଣ୍ଡ, ରାମଚନ୍ଦ୍ର କର, ରବି ମିଶ୍ର, ନାରାୟଣ ଜେନା, ଦେବାଶିଷ ନାୟକ, ରବୀନ୍ଦ୍ର ନାୟକ, ଜିତେନ୍ଦ୍ର ସାହୁ, ସୁନନ୍ଦ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଚରମ୍ପା ବରିଷ୍ଠ ନାଗରିକ ସଂଘର ସାଧାରଣ ବୈଠକ

**ଭଦ୍ରକ ଅଫିସ, ୩୧।୧୨**

ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଚରମ୍ପା ଠାରେ ଚରମ୍ପା ବରିଷ୍ଠ ନାଗରିକ ସଂଘର ସଭାପତି ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ପୂର୍ବ ବୈଠକରେ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ସଭ୍ୟ ବିଜୟ ସେନାପତି, ଅଜୟ କୁମାର ପାଢ଼ୀ, ଗୋପବନ୍ଧୁ ଦାସ, କରୁଣାକର ନାୟକ, ଦାଶରଥି ବେହେରା, ଉପେନ୍ଦ୍ର ରାଉତ, ଚିତ୍ତରଞ୍ଜନ ଦାସ, ଅମରନାଥ ସାହୁ ସମେତ ବହୁ ସଭ୍ୟଙ୍କ ଉପସ୍ଥିତିରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥିର କରାଯାଇଥିଲା। ଏରେଇ ପଞ୍ଚାୟତ ଓ ପୌରପାଳିକା ଅଧୀନରେ ଜଳୁନଥିବା ଷ୍ଟ୍ରିଟ୍‌ଲାଇଟ୍ ମରାମତି ଦାବି, ଧଳସାହୀ ଛକ ଠାରୁ ଡ୍ରେନ ସଫା କରିବା, ଏରେଇଁ ପ୍ରାଥମିକ ବିଦ୍ୟାଳୟ ଠାରୁ ଏରେଇଁ ତଳସାହି ଭାୟା ରାଜୀବ ଗାନ୍ଧୀରେ ଥିବା କେନ୍ଦ୍ର ରାସ୍ତାଟି କଂକ୍ରିଟ କରିବା, ନବଗ୍ରହ ମନ୍ଦିର ଠାରୁ ତୁନ୍‌ଟୀ ଗ୍ରାମ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ଓ ପ୍ରଜାପିତା ବ୍ରହ୍ମକୁମାରୀ ଠାରୁ ଗୋପୀନାଥ ନାୟକ ଘର ପର୍ଯ୍ୟନ୍ତ ଇଲେକ୍ଟ୍ରି ତାରକୁ ବଦଳ କରି କେବୁଲ୍ ଟାଣିବା ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ପ୍ରଶାସନକୁ ଲିଖିତ ଅଭିଯୋଗ କରିବା ପାଇଁ ସ୍ଥିର କରାଯାଇଥିଲା।

# ପାଳିଆବିନ୍ଧା, ବିଲଣା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି


ପାଳିଆବିନ୍ଧା ଧାନ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ତିହିଡ଼ି,୩୧।୧୨(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ଓ ବିଲଣା ସେବା ସମବାୟ ସମିତିରେ ମଙ୍ଗଳବାର ଧାନ ମଣ୍ଡି ଖୋଲିଛି। ବ୍ଲକ ଅଧକ୍ଷା ବିଦ୍ୟୁତ୍‌ଲତା ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ୨ଟି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପାଳିଆବିନ୍ଧାରେ ସମବାୟ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ଦାସ, ସମିତି ସଭାପତି ସୁଧନ୍ୱା ନାୟକ, ଭାରପ୍ରାପ୍ତ ସମ୍ପାଦକ ଅଶୋକ ପଣ୍ଡା, ସହସମ୍ପାଦକ ସଞ୍ଜୟ କୁମାର ନାୟକ, ସରପଞ୍ଚ ମିନତୀଲତା ଦାସ, ସମିତିସଭ୍ୟ ଦାଶରଥି ମହାପାତ୍ର, ପୂର୍ବତନ ସରପଞ୍ଚ ବସନ୍ତ କୁମାର ନାୟକ, ସଦସ୍ୟ ଭରତ କୁମାର ସାହୁ, ଅଜୟ କୁମାର ଦାସ, ପ୍ରଫୁଲ୍ଲ ଦାସ, ସୁଜିତ୍ ନାୟକ, କିଶୋର ଜେନା, ସଞ୍ଜୟ କୁମାର ଭୂୟାଁ, ମାନସୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଲଣାରେ ସମିତି ସମ୍ପାଦକ ଅମରେନ୍ଦ୍ର ନାୟକ, ସରପଞ୍ଚ ଭାଗୀରଥି ମଲିକ, ଦେବେନ୍ଦ୍ର ପୁହାଣ, ଶରତ ମଲିକ, ବିନୋଦ ସେଠୀ, ଗୋପୀନାଥ ପଣ୍ଡା, ବନବୀର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଧାନ ସଂଗ୍ରହ ହୋଇ ନ ଥିବା ବେଳେ ବୁଧବାରଠାରୁ ସଂଗ୍ରହ କରାଯିବ ବୋଲି ୨ଟି ମଣ୍ଡିର ସଭାପତି ସୂଚନା ଦେଇଛନ୍ତି।

## ବାଳିକା ବିଭାଗର ଶୀତକାଳୀନ ଶିବିର

**ଭଣ୍ଡାରିପୋଖରୀ, ୩୧।୧୨(ଡି.ଏନ୍.ଏ.)**

ବାରିକପୁର ସ୍ଥିତ ପଞ୍ଚାୟତ ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନା ବାଳିକା ବିଭାଗ ପକ୍ଷରୁ ଏକ ଶୀତକାଳୀନ ଶିବିର ସ୍ଥାନୀୟ ବେଲମଳା ଗ୍ରାମ ଠାରେ ୨୪ ତାରିଖରୁ ୩୦ତାରିଖ ସାତଦିନ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ବେହୁରିଆ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୨୫ଜଣ ଛାତ୍ରୀ ଏବଂ ସେବା ଯୋଜନା ଅଧିକାରିଣୀ ଅଧାପିକା ରୀତାଞ୍ଜଳୀ ପ୍ରାମାଣିକ ଯୋଗ ଦେଇ ଗ୍ରାମ ସଫେଇ କାର୍ଯ୍ୟ, ପିଲା ମାନଙ୍କୁ ହାତଧୁଆ କାର୍ଯ୍ୟକ୍ରମ ଶିକ୍ଷା ଦେବା, ରକ୍ତଦାନ କରିବା ପାଇଁ ସଚେତନତା ସୃଷ୍ଟି କରିବା ଗ୍ରାମରେ କେତେ ବାଳିକା ପାଠ ପଢୁଛନ୍ତି ତାହାର ସର୍ଭେ ଆଦି କାର୍ଯ୍ୟ କରିଥିଲେ। ଏହି ଅବସରରେ କଲେଜର ଛାତ୍ରୀଛାତ୍ର ଅବସର ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମବାସୀ, ବେଲମଳା ସ୍କୁଲର ଶିକ୍ଷକ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ନେଇ ବିବାଦ ତେଜୁଛି

**ଧାମନଗର,୩୧।୧୨(ଡି.ଏନ.ଏ.)**
ଧାମନଗର ବ୍ଲକ ସହିଦନଗର ସହିଦ ମଣ୍ଡପ ନିକଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନେଇ ଦୁଇ ପଂଚାୟତରେ ବିବାଦ ତେଜୁଛି । ଗତ ୨୩ ତାରିଖ ଦିନ ଖପରପଦା ସରପଂଚ ଏକ ଖବରଦାତା ସମ୍ମିଳନୀ କରି ମାର୍କେଟ କମ୍ପ୍ଲେକ୍ସକୁ ବିରୋଧ କରିଥିଲେ। ଏହା ଦ୍ୱାରା ମଣ୍ଡପ ରାସ୍ତା ପ୍ରଶସ୍ତିକରଣରେ ଅସୁବିଧାହେବ ବୋଲି ସେ ଦର୍ଶାଇଥିଲେ। ଅପରପକ୍ଷରେ କଟସାହି ପଂଚାୟତ ଏବଂ ଖପରପଦା ପଂଚାୟତର ବୁଦ୍ଧିଜିବୀ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ଏହାକୁ ବିରୋଧ କରିଛନ୍ତି । ସମ୍ମିଳନୀରେ କୁହାଯାଇଥିଲାଯେ, ଲୁଣିଆ ଗୁଳିକାଣ୍ଡ ଘଟଣାରେ ୯ ଜଣ ସହିଦଙ୍କୁ ନେଇ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଉକ୍ତ ସ୍ଥାନର ନାମକରଣ ସହିଦ ନଗର କରାଯାଇଥିଲା । ପ୍ରତିବର୍ଷ ସେପ୍ଟେମ୍ବର ୨୨ ତାରିଖରେ ସହିଦ ସ୍ମୃତି ଦିବସ ପାଳିତ ହୋଇଆସୁଥିବାବେଳେ ଗତ ୧୦ ବର୍ଷ ଧରି କଟସାହିର ପୂର୍ବତନ ସରପଂଚ ରଘୁନାଥ ଲେଙ୍କା ଉକ୍ତ ସ୍ମୃତି କମିଟିର ସଂପାଦକ ଭାବେ ଦାୟିତ୍ୱ ନେବା ପରେ ସରକାରୀ ବିଦ୍ୟାଳୟ,ସରକାରୀ କଲେଜ, ସରକାରୀ ଡାକ୍ତରଖାନା, ପ୍ରାଣୀ ଚିକିତ୍ସାଳୟ, ପଂଚାୟତ କାର୍ଯ୍ୟାଳୟ, ସେବାସମବାୟ କାର୍ଯ୍ୟାଳୟ ସହିଦନଗର ବଜାରରେ ହୋଇଥିଲା । ଏହା ସହିତ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସହଯୋଗରେ ବିଶାଳ ସହିଦ ମିନାର ନିର୍ମାଣ, ମଙ୍ଗଳପୁର ଛକରେ ବିଶାଳ ତୋରଣ, କବି ପୋଖରୀ ଘାଟ ଏବଂ ୩୦ ଲକ୍ଷ ଟଙ୍କା ବ୍ୟୟରେ ଯାତ୍ରୀନିବାସ ଗୃହ ନିର୍ମାଣ ହୋଇଥିଲା । ଗତ ୨୦୧୭ରେ ରାଜ୍ୟସରକାରଙ୍କ ଦ୍ୱାରା ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମଧ୍ୟ ମିଳିଥିଲା । ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ମଣ୍ଡପକୁ ଲାଗି ଏକ ବଜାର ଗୃହ ତିଆରି ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଉକ୍ତ କାର୍ଯ୍ୟ ପାଇଁ ୪୨ ଲକ୍ଷ ଟଙ୍କା ଅନୁଦାନର ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହେବାକୁଥିବାବେଳେ ଖପରପଦା ସରପଂଚଙ୍କ ବିରୋଧକୁ ସ୍ଥାନୀୟ ଲୋକେ ନାପସନ୍ଦ କରିଛନ୍ତି । ସହିଦନଗରର ଉନ୍ନତି କରଣ ପାଇଁ ଉଭୟ ଖପରପଦା ଏବଂ କଟସାହି ପଂଚାୟତବାସୀଙ୍କର ସହଯୋଗ ରହିଆସିଥିବାବେଳେ ବଜାର ଗୃହ ତିଆରି ପାଇଁ ସରପଂଚଙ୍କ ବିରୋଧକୁ କଟସାହିର ପୂର୍ବତନ ସରପଂଚ ତଥା ପୂର୍ବତନ ସ୍ମୃତି କମିଟି ସମ୍ପାଦକ ରଘୁନାଥ ଲେଙ୍କା ତୀବ୍ର ନିନ୍ଦା କରିଛନ୍ତି । ରମେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମଳନୀରେ ପୂର୍ବତନ ସରପଂଚ ରଘୁନାଥ ଲେଙ୍କା,ଭାରତ ବିଜୟ ଦଳାଇ,ରାମକୃଷ୍ଣ ତ୍ରିପାଠୀ,ଶରତ ଚନ୍ଦ୍ର ପୃଷ୍ଟି,ନିରଂଜନ ସେନାପତି, ଶିବ ପ୍ରସାଦ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

**ଧାମନଗରରେ ଆଜିଠୁ ଉର୍ସ ଉତ୍ସବ**

# ଲକ୍ଷାଧିକ ଭକ୍ତଙ୍କ ସମାଗମ

**ଧାମନଗର, ୩୧।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗରସ୍ଥିତ ଖାନକା ସରିଫର ପ୍ରତିଷ୍ଠାତା ମୁଜାହିଦ୍ ମିଲତ୍ ମୌଲାନା ହବିବୁର ରହେମାନଙ୍କ ୪୦ତମ ଉର୍ସ ଉତ୍ସବ ବୁଧବାରଠାରୁ ଆରମ୍ଭ ହେବ। ଦୁଇ ଦିନିଆ ସର୍ବଭାରତୀୟସ୍ତରରେ କାର୍ଯ୍ୟକ୍ରମ ପାଇଁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ସମେତ ଶାନ୍ତି କମିଟି ଦ୍ୱାରା ପୂର୍ବରୁ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଧାମନଗରରେ ଜନ୍ମିତ ଜଣେ ଆନ୍ତର୍ଜାତିକ ମୁସଲମାନ ଧର୍ମଗୁରୁଙ୍କ ଲାଗି ଏହି ଧର୍ମପୀଠ ସର୍ବଭାରତୀୟ ସ୍ତରରେ ପରିଚିତ ହୋଇପାରିଛି। ମୌଲାନା ହବିବୁର ରହେମାନ ୧୯୦୪ ମସିହାରେ ଧାମନଗରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଧର୍ମଭାବନା ଯୋଗୁ ତାଙ୍କୁ ଧାମନଗର ବାନ୍ଧି ରଖିପାରି ନ ଥିଲା। ଧାମନଗରରେ ଅବସ୍ଥାନ ସମୟରେ ମୁସଲମାନ ନୁହେଁ ବରଂ ସମସ୍ତ ସମ୍ପ୍ରଦାୟର ଲୋକେ ତାଙ୍କୁ ଭକ୍ତି କରୁଥିଲେ। ଭାଇଚାରାର ସହର ଭାବେ ସେ ଧାମନଗରର ଏକ ନିଆରା ପରିଚୟ ସୃଷ୍ଟି କରିଥିଲେ। ସମଗ୍ର ବିଶ୍ୱରେ ବୁଲି ବୁଲି ଇସଲାମ ଧର୍ମ ପ୍ରଚାର କରି ସେ ଆର୍ନ୍ତଜାତିକ ସ୍ତରରେ ଜଣେ ଧର୍ମଗୁରୁ ଭାବେ ପରିଚୟ ସୃଷ୍ଟି କରିଥିଲେ। ୧୯୮୧ ମସିହା ମାର୍ଚ୍ଚ ୧୩ ତାରିଖରେ ଧର୍ମପ୍ରଚାର ସମୟରେ ମୁମ୍ବାଇରେ ତାଙ୍କର ଦେହାନ୍ତ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ତାଙ୍କ ମରଶରୀରକୁ କୋଲକାତା ଅଣାଯିବା ପରେ ସେଠାରୁ ଧାମନଗର ଅଭିମୁଖେ ସଡକ ପଥରେ ବାହାରିବା ସମୟରେ ତାଙ୍କୁ ହଜାର ହଜାର ଲୋକ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଜୀବିତ ଅବସ୍ଥାରେ ଧାମନଗରରେ ଖାନକା ସରିଫ ପାଇଁ ସେ ରଖିଥିବା ଜମିରେ ତାଙ୍କ ମର ଶରୀରକୁ କବର ଦିଆଯାଇଥିଲା । ତା ପରଠାରୁ ଏହି ସ୍ଥାନରେ ଜାତୀୟ ସ୍ତରରେ ଉର୍ସ ଉତ୍ସବ ପାଳନ ହୋଇଆସୁଛି । ଖାନକା ସରିଫ ପରିସରରେ ଏକ ବିରାଟ ମସ୍‌ଜିଦ, ବିଶାଳ ଫାଟକ ସହିତ ଏକ ଆନ୍ତର୍ଜାତୀୟ ମଦ୍ରାସାରେ ଶହ ଶହ ଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରାଯାଇଆସୁଛି। ଏବେ ଲକ୍ଷାଧିକ ଭକ୍ତଙ୍କ ସମାଗମ ଯୋଗୁ ରାଜ୍ୟ ଏବଂ ଜିଲା ପ୍ରଶାସନ ତରଫରୁ ଗୁରୁତ୍ୱ ଦିଆଯାଉଛି। ଭକ୍ତମାନଙ୍କ ପ୍ରବେଶ, ପ୍ରସ୍ଥାନ ସମେତ ପ୍ରଶାସନ ଏବଂ କମିଟି ସହମତିରେ ଗାଡି ଭଡା ମଧ ନିର୍ଦ୍ଧାରିତ ହୋଇଛି। ଯୋଗାଣ ବିଭାଗ ଦ୍ୱାରା ଆବଶ୍ୟକ ଖାଦ୍ୟ ଦ୍ରବ୍ୟ ଯୋଗାଇଦିଆଯାଇଛି। ଭକ୍ତମାନଙ୍କ ରହିବା ପାଇଁ ଅସ୍ଥାୟୀ ଟେଣ୍ଟ ତିଆରି ହୋଇଛି । ପରିମଳ, ପାନୀୟଜଳ ଏବଂ ବିଦ୍ୟୁତ ପାଇଁ କଡା ବ୍ୟବସ୍ଥା ହୋଇଛି । ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଆମ ରାଜ୍ୟ ସମେତ ଦେଶର ବିଭିନ୍ନ ପ୍ରାନ୍ତ ଯଥା କୋଲକାତା, ଦିଲ୍ଲୀ, ଗୁଜରାଟ, ମୁମ୍ବାଇ, ହାଇଦ୍ରାବାଦ, ବାଙ୍ଗାଲୋର, ଅହମଦାବାଦ ଆଦି ରାଜ୍ୟରୁ ଭକ୍ତମାନଙ୍କ ସୁଅ ଛୁଟିଛି । ବୁଧବାର ଅପରାହ୍ନରେ ମଦ୍ରାସା ଛାତ୍ରମାନଙ୍କୁ ନେଇ ମତଅଲ୍ଲୀ ସୟଦ ଗୋଲାମ ମହମଦ ହବିବିଙ୍କ ଉପସ୍ଥିତିରେ ଖାତମେ ବୋଖାରୀ ଅନୁଷ୍ଠିତ ହେବ। ରାତିରେ ସର୍ବଭାରତୀୟ କବି ସମ୍ମିଳନୀ ଅନୁଷ୍ଠିତ ହେବ। ଗୁରୁବାର ଭୋରରେ ବାବାଙ୍କ ସ୍ନାନ ପର୍ବ ପରେ ସାଧାରଣ ଦର୍ଶନ ଏବଂ ଚାଦର ଶୋଭାଯାତ୍ରା ଆରମ୍ଭ ହେବ । ଅପରାହ୍ନରେ ମତଅଲ୍ଲୀ ସୟଦ ଗୋଲାମ ମହମ୍ମଦ ହବିବିଙ୍କ ଦ୍ୱାରା ନମାଜପାଠ ପରେ ସାମୂହିକ ପ୍ରାର୍ଥନା କରାଯିବ ।


ଖାନକା ସରିଫର ତୋରଣ।

## ସଂକ୍ଷେପରେ

### ଯାନବାହନ ଯାଞ୍ଚ ଜରିମାନା ଆଦାୟ

**ରାଇରଙ୍ଗପୁର, ୩୧।୧୨ (ଡି.ଏନ୍.ଏ.):** ଗୋରୁମହିଷାଣି ଥାନା ଅନ୍ତର୍ଗତ ଗୋରୁମହିଷାଣୀ-ରାଇରଙ୍ଗପୁର ରାସ୍ତାରେ ମଙ୍ଗଳବାର ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ପୋଲିସ ହେଲମେଟ୍ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରିବା ସହ ମଦ୍ୟପ ବାଇକ୍ ଚାଳକଙ୍କୁ ଗିରଫ କରିଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇରଙ୍ଗପୁର, ୩୧।୧୨ (ଡି.ଏନ୍.ଏ.):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦୁମାଡ଼ିହି ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୧/୧୯) ରୁଜୁ କରିଛି। ମୃତ ଯୁବକ ଜଣକ ହେଲେ ଜାମୁଡ଼ିଗୋଡ଼ା ଗ୍ରାମର ସିଙ୍ଗରାୟ ମୁର୍ମୁ। ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କ୍ଷେତ୍ର ପରିଦର୍ଶନ କଲେ ପିଡ଼ି

**ଠାକୁରମୁଣ୍ଡା,୩୧।୧୨(ଡ଼ି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଚଞ୍ଚଳ ରାଣା ମଙ୍ଗଳବାର ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକ କର୍ମଚାରୀମାନଙ୍କ ସହିତ ଉନ୍ନୟନ ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଜାତୀୟ ରୁର୍ବାନ ମିଶନ ଯୋଜନାରେ ଠାକୁରମୁଣ୍ଡା ବ୍ଲକରେ କାର୍ଯ୍ୟ ହୋଇଥିବା ପ୍ରକଳ୍ପକୁ ବୁଲି ଦେଖିଥିଲେ। ଏହି ଯୋଜନାରେ ପ୍ରସ୍ତାବିତ ବସ୍ ରହଣିସ୍ଥଳ ଓ ଷ୍ଟାଡିୟମ ଯାଇ ଏମଜିଏନଆରଜିଏସ ଯୋଜନାରେ ହୋଇଥିବା କାର୍ଯ୍ୟକୁ ଦେଖିଥିଲେ। ପିଡ଼ିଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ବିଡ଼ିଓ ବିଜୟ କୁମାର ନାୟକ, ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ମନୋଜ ପ୍ରସାଦ ମିଞ୍ଜ, ଏପିଓ ଧାନଚନ୍ଦ୍ର ମହାନ୍ତ, ବ୍ଲକର କନିଷ୍ଠ ଯନ୍ତ୍ରୀମାନଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ପରେ ସେ କରଞ୍ଜିଆଠାରେ ହେବାକୁ ଥିବା ସମୀକ୍ଷା ବୈଠକରେ ଯୋଗଦେଇଥିଲେ।

### ତ୍ରିନାଥ ମଣ୍ଡପର ବାର୍ଷିକ ଉତ୍ସବ

**କପ୍ତିପଦା,୩୧।୧୨(ଡ଼ି.ଏନ୍.ଏ.):** କପ୍ତିପଦା ତ୍ରିନାଥମେଳା ମଣ୍ଡପର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘଟୋତ୍ତୋଳନ କରାଯାଇ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜକ ଅନନ୍ତ ଶତପଥୀଙ୍କ ମନ୍ତ୍ର ଧ୍ୱନି ଏବଂ ସଂକୀର୍ତ୍ତନ ମଣ୍ଡଳୀଙ୍କର ବାଦ୍ୟଧ୍ୱନିରେ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଡମ୍ବରୁଧର ବେଜ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ପ୍ରବୀରଚନ୍ଦ୍ର ସାଏ, ଆର୍ତ୍ତତ୍ରାଣ ଦାଶ, ସୁଶାନ୍ତ ମହାନ୍ତି, ପ୍ରଶାନ୍ତ ନାଏକ, ଜୟନ୍ତ ଦାସ, ସୁକାନ୍ତ ବେହେରା, ଗଣେଶ୍ୱର ମଲ୍ଲିକ, ବାବୁରାମ ସେଠୀ, ବାବୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ୯ରୁ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ

**ବାରିପଦା ଅଫିସ,୩୧।୧୨:** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନଠାରେ ୨୩ତମ ରାଜ୍ୟସ୍ତରୀୟ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ -୨୦୨୦ ଆସନ୍ତା ଜାନୁୟାରୀ ୯ ତାରିଖରୁ ଅନୁଷ୍ଠିତ ହେବ। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନର ସଭାପତି ତାପସ କୁମାର ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମଗ୍ର ଓଡ଼ିଶାର ୪୫ଟି ଶିକ୍ଷାନୁଷ୍ଠାନର ୪ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏହି ମହୋତ୍ସବ ବେଶ୍ ସହାୟକ ହେଉଥିବାରୁ ପ୍ରତିଯୋଗୀମାନେ ଏଠାରେ ଯୋଗ ଦେବାକୁ ଆଗଭର ହୋଇଥାନ୍ତି। ଏହି କାର୍ଯ୍ୟକ୍ରମରେ ୨୬ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ସତ୍ୟ ସ୍ୱରୂପ ଦାଶ କହିଛନ୍ତି। ସେହିପରି ଶାନ୍ତି ଶୃଙ୍ଖଳାରେ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଅନୁଷ୍ଠାନର ଅଧକ୍ଷ ଅସିତ କୁମାର ଗିରି କହିଛନ୍ତି।

# ଶୀତ ଲହରି, ଲୋକେ ହନ୍ତସନ୍ତ

**ରାଇରଙ୍ଗପୁର,୩୧।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍‌ଡିଭିଜନର ସହରାଞ୍ଚଳଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳରେ ଗତ ୩ ଦିନ ହେଲା ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଶୀତୁଆ ପବନ ଦେହ ଥରାଇ ଦେଉଛି। ବିଶେଷକରି ଗୋରୁମହିଷାଣି, ବାଦାମପାହାଡ଼, ସୁଲେଇପାହାଡ଼, ସରଗଡ଼ା, ଚଡ଼େଇପାହାଡ଼, ଝରାଡ଼ିହି, ମଣଦା, ବିଶୋଇ ଏବଂ ବିଜାତଳା ସମେତ କେତେକ ପାହାଡ଼ିଆ ଘଞ୍ଜଙ୍ଗଲ ମଧ୍ୟରେ ଥିବା ଗ୍ରାମବାସୀ ପ୍ରବଳ ଥଣ୍ଡା ଏବଂ ଶୀତ ଲହରି ଯୋଗୁ ପଦାକୁ ବାହାରୁ ନାହାନ୍ତି। ସେମାନେ ନିଆଁ ପାଖରେ ବସି ରହୁଥିବା ଦେଖାଯାଉଛି। ପ୍ରବଳ ଶୀତ ଯୋଗୁ ରାଇରଙ୍ଗପୁର ସହରାଞ୍ଚଳରେ ରାତି ପ୍ରାୟ ୮ଟା ବେଳକୁ ରାସ୍ତାଘାଟ ଓ ବଜାର ଶୂନସାନ ହୋଇପଡୁଛି। ରାତିରେ ତାପମାତ୍ରା ପ୍ରାୟ ୮ରୁ ୯ ଡିଗ୍ରୀ ସେଲ୍‌ସିୟସ୍ ରହୁଥିବାରୁ ଲୋକମାନଙ୍କ ଚିନ୍ତା ବଢ଼ିଯାଇଛି। ପ୍ରବଳ ଶୀତ ଯୋଗୁ ରାଇରଙ୍ଗପୁର ସହରାଞ୍ଚଳର ବିଭିନ୍ନ ଛକ, ରାସ୍ତା କଡ଼ରେ ଶୀତବସ୍ତ୍ର ବ୍ୟବସାୟ ଜମୁ ଥିବା ଦେଖିବାକୁ ମିଳିଛି।

# ପଣ୍ଡିତ ରୋହିଦାସ ସିଂନାଗଙ୍କ ଶ୍ରାଦ୍ଧବାର୍ଷିକୀ

**ବାରିପଦା ଅଫିସ,୩୧।୧୨**



ରୋହିଦାସ ସିଂ ନାଗଙ୍କ ଫଟୋଚିତ୍ର ନିକଟରେ ଭାରତମୁଣ୍ଡା ସମାଜର କର୍ମକର୍ତ୍ତା।

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଶାଳବଣୀ ଗ୍ରାମରେ ମୁଣ୍ଡାରୀ ଲିପିର ସ୍ରଷ୍ଟା ଅଲଗୁରୁ ପଣ୍ଡିତ ରୋହିଦାସ ସିଂନାଗଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଭାରତମୁଣ୍ଡା ସମାଜର ଓଡ଼ିଶା ରାଜ୍ୟ ସଭାପତି ରବୀନ୍ଦ୍ର ନାଥ ସିଂହ ଏଥିରେ ସଭାପତିତ୍ୱ କରିଥିଲେ। ଭାରତ ମୁଣ୍ଡା ସମାଜର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂହ ଯୋଗଦେଇ ଅଲଗୁରୁ ନାଗଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଣ୍ଡାରୀ ଭାଷା ଓ ମୁଣ୍ଡାରୀ ଲିପିକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ଭାରତ ମୁଣ୍ଡା ସମାଜ ତରଫରୁ ବାରମ୍ବାର ଦାବି ହେଉଥିବା ସତ୍ତ୍ୱେ କେନ୍ଦ୍ର ସରକାର ସ୍ୱୀକୃତି ଦେଇ ନ ଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ, ଉପଦେଷ୍ଟା ମନୋଜ କୁମାର ମୁଣ୍ଡା, କୋଷାଧ୍ୟକ୍ଷ ବାଇଧର ସିଂହଙ୍କ ସମେତ ସୁନାରାମ ସିଂ, ନନ୍ଦଲାଲ ସିଂ, ସହଦେବ ସିଂହ, ଶାନ୍ତିଲତା ସିଂ, ବିଲକାନ ପ୍ରଭୁଦୟାଲ ନାଗ, ସ୍ୱରୂପ କୁମାର ନାଗ, ଲାଲମୋହନ ସିଂ, ମଧୁସୂଦନ ସିଂ ପ୍ରମୁଖ ଯୋଗଦେଇ ମୁଣ୍ଡାରୀ ଭାଷା ଓ ଲିପି ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇପାରିଲେ ହିଁ ସ୍ୱର୍ଗତ ନାଗଙ୍କ ପ୍ରତି ଉପଯୁକ୍ତ ସମ୍ମାନ ହୋଇପାରିବ ବୋଲି ମତବକ୍ତ କରିଥିଲେ । ସବରନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ସେବା ଯୋଜନା ଶିବିର




ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ଚିତ୍ରଡ଼ା,୩୧।୧୨(ଡ଼ି.ଏନ୍.ଏ.)**

ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମହାବିଦ୍ୟାଳୟରେ ୭ ଦିନିଆ ଶୀତକାଳୀନ ଜାତୀୟ ସେବା ଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୫ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ସୁରେଇଡ଼ିହି, ଲଦଡ଼ିହି, ଡାଙ୍ଗରବିଲ୍ଲା ଆଦି ୩ଟି ପୋଷ୍ୟ ଗ୍ରାମକୁ ସମ୍ପୂର୍ଣ୍ଣ ସଫେଇ କରାଯାଇଥିଲା। ଚିତ୍ରଡ଼ା ଜଗନ୍ନାଥ ମନ୍ଦିର, ଭୈରବୀ ମନ୍ଦିର ଏବଂ ମହାଦେବ ମନ୍ଦିରର ପରିବେଶକୁ ପରିଷ୍କାର କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରସନ୍ନ କୁମାର ଜେନା ମୁଖ୍ୟଅତିଥି ଏବଂ ସମ୍ମାନନୀୟ ଅତିଥି ଭାବେ ପ୍ରଭାସ ଚନ୍ଦ୍ର ଗିରି, ଉଷା ଶତପଥୀ, ଶିବାନୀ କର, ମନୋରଞ୍ଜନ ମହାନ୍ତ, ନିଶିକାନ୍ତ ଗିରି ଏବଂ ଅର୍ଚ୍ଚନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ବୁଦ୍ଧିରାମ ସିଂ, ସୌଦାମିନୀ ସିଂ, କ୍ରିଷ୍ଣା ରାଣୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କିଆଝରି ଗାଁରେ ଗ୍ରାମସଭା

**କୋଷ୍ଟା,୩୧।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଶୂଳିଆପଦା ବ୍ଲକ କିଆଝରି ଗ୍ରାମରେ ପେଶା ଗ୍ରାମସଭା ପ୍ରତିଷ୍ଠାତା ପାଣ୍ଡୁରାମ ହେମ୍ବ୍ରମ୍‌ଙ୍କ ସଭାପତିତ୍ୱରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇ ଯାଇଛି । ବଡଭାଲିଆ ପଞ୍ଚାୟତର ସମସ୍ତ ମାଝୀବାବା ଓ ଗ୍ରାମବାସୀଙ୍କୁ ପେଶା ଆଇନର ନିୟମାବଳୀ ଓ ଗ୍ରାମର କ୍ଷମତାବଳି ଉଲ୍ଲେଖ ଥିବା ଶିଳାକୁ ଆଦିବାସୀ ସଂସ୍କୃତି ଓ ପରମ୍ପରା ଆଧାରରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସମସ୍ତ ଆଦିବାସୀ ମହିଳା ଓ ପୁରୁଷ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବ ପୁରୁଷମାନଙ୍କୁ ସ୍ମରଣ କରି ନିରବ ପ୍ରାର୍ଥନା କରିଥିଲେ। ସକ୍ରୀୟ ସଭ୍ୟା ସୁହାଗୀ ମାରାଣ୍ଡି, ଜିଲା ସମ୍ପାଦକ ନନରାମ ମୁର୍ମୁ, ଶୂଳିଆପଦା ବ୍ଲକ ସଭାପତି ସାଓନା ବାସ୍କେ, ସମ୍ପାଦକ ମଙ୍ଗଲ ଚପେୟାରଙ୍କ ସହିତ ରାସଗୋବିନ୍ଦପୁର ଓ ମୋରଡା ବ୍ଲକ ସଭାପତି ଓ ସମ୍ପାଦକ, କିଆଝରି ଗ୍ରାମସଭାର ସଭାପତି ରାମେଶ୍ୱର କିସ୍କୁ, ସମ୍ପାଦକ ସୁରାଇ ଟୁଡୁ, କୋଷାଧକ୍ଷ ଧନଞ୍ଜୟ କିସ୍କୁ, ସାଗର କିସ୍କୁ, ସମସ୍ତ ମାଝୀବାବା ଓ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦର ଶିଶିର ସାରସ୍ୱତ ଆସର

**ବାରିପଦା ଅଫିସ,୩୧।୧୨**

ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦର ଶିଶିର ସାରସ୍ୱତ ଆସର ସଂସଦର ସଭାପତି ବୃନ୍ଦାବନ ଦାଶଙ୍କ ଅଧ୍ୟକ୍ଷତାରେ ମଧୁବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଇଂ. ପ୍ରଭାକର ନନ୍ଦ ଯୋଗଦେଇ ମଧୁସୂଦନ ରାଓଙ୍କ ରଚିତ ଶିଶୁ ସାହିତ୍ୟ ବୈଭବ ସମ୍ପର୍କରେ ସାରଗର୍ଭକ ଆଲୋଚନା ଉପସ୍ଥାପନ କରିଥିଲେ। ହରେକୃଷ୍ଣ ରଣା, ଜଗନ୍ନାଥ ମହାନ୍ତି ଓ ପ୍ରଳୟ କୁମାର ମହାକୁଡ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ହରିହର ଦାସ ବିବରଣୀ ପାଠ କରିଥିଲେ। କୃଷ୍ଣଚନ୍ଦ୍ରପୁର ମହାବିଦ୍ୟାଳୟର ଅଧକ୍ଷା ସୁଶାନ୍ତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉମା ଦାଶ ଓ ପଦ୍ମାଳୟା ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଦିବାସୀ ଛାତ୍ର ସଂଗଠନର ବାର୍ଷିକ ସମ୍ମିଳନୀ

**ଯଶିପୁର,୩୧।୧୨(ଡି.ଏନ୍.ଏ.)**

ଆଦିବାସୀମାନଙ୍କର ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀର ସ୍ୱତନ୍ତ୍ରତା ରହିଛି। ପ୍ରତ୍ୟେକ ଆଦିବାସୀ ଛାତ୍ରୀଛାତ୍ର ନିଜସ୍ୱ ଭାଷା, ସଂସ୍କୃତି ଓ ପରମ୍ପରାକୁ ଭଲ ପାଇବା ଉଚିତ୍। କାରଣ ଭାଷା, ସଂସ୍କୃତି ଓ ପରମ୍ପରା ହିଁ ଆଦିବାସୀମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଯଶିପୁରସ୍ଥିତ ରାମତୀର୍ଥଠାରେ ଆୟୋଜିତ ଆଦିବାସୀ ଛାତ୍ର ସଂଗଠନ ତରଫରୁ ବାର୍ଷିକ ସମ୍ମିଳନୀ ଅବସରରେ 'ଆଦିବାସୀ ସମାଜ ମଧ୍ୟରେ ଏକତା ସ୍ଥାପନ' ପ୍ରସଙ୍ଗ ଆଲୋଚନାରେ ଯୋଗ ଦେଇଥିବା ବକ୍ତାମାନେ ଉପରୋକ୍ତ ମତ ଦେଇଛନ୍ତି। ଯଶିପୁର ମହାବିଦ୍ୟାଳୟ ଶାଖା ଆଦିବାସୀ ଛାତ୍ର ସଂଗଠନର ଆବାହକ ଶିଶିର କୁମାର ମୁନ୍ଦୁଇୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଅଧାପକ ଯଦୁମଣି ନାଏକ ମୁଖ୍ୟ ଅତିଥି, ସମ୍ମାନନୀୟ ଅତିଥି ଭାବେ ଅଧାପିକା ଦୁଲାରୀ କିସ୍କୁ, ଅଧାପକ ମଥୁରା ଆଲଡ଼ା ଓ ମୁଖ୍ୟବକ୍ତା ଭାବେ ଆଦିବାସୀ ହୋ ସମାଜ ମହାସଭାର ରାଜ୍ୟ ଆବାହକ ମନୋରଞ୍ଜନ ତିରିଆ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କରଞ୍ଜିଆ ମହାବିଦ୍ୟାଳୟ ଆଦିବାସୀ ଛାତ୍ର ସଂଗଠନର ସଭାପତି ଶ୍ୟାମସୁନ୍ଦର ହାଁସଦାଃ, ଯଶିପୁର ମହାବିଦ୍ୟାଳୟର ଛାତୀଛାତ୍ରମାନଙ୍କ ମଧ୍ୟରେ ସାଲାଇ ହାଁସଦାଃ, ନିମାଇଁ ଟୁଡୁ, ଦଶରା ହାଁସଦାଃ, ବିରାମ ମାଝୀ, ତ୍ରିଲୋଚନ ଟୁଡୁ, ପିଙ୍କି ହେମ୍ବ୍ରମ, ସୀତାରାମ ହାଁସଦାଃ, ଧନୁର୍ଜୟ ଟୁଡୁ ପ୍ରମୁଖ ଆୟୋଜନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ

**କପ୍ତିପଦା,୩୧।୧୨(ଡି.ଏନ୍.ଏ.)**

କପ୍ତିପଦାର ଯୁବ ସଂଗଠକ ଶୀତରଞ୍ଜନ ଦାସ, ସଞ୍ଜୟ ବେହେରାଙ୍କ ଆହ୍ୱାନ କ୍ରମେ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ କପ୍ତିପଦା ଥାନାର ଆଇଆଇସି ସଞ୍ଜୟ କୁମାର ପ୍ରଧାନ, ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ନିରଞ୍ଜନ ପରିଡ଼ା, ସମ୍ମାନନୀୟ ଅତିଥିଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏ, ରାଜକିଶୋର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ବାଙ୍ଗିରିପୋଷି ବ୍ଲାଷ୍ଟର ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

**ବାଙ୍ଗିରିପୋଷି,୩୧।୧୨(ଡି.ଏନ୍.ଏ.)**

ବାଙ୍ଗିରିପୋଷି ହାଇସ୍କୁଲ ପଡ଼ିଆରେ ବିପିସିସି କ୍ରିକେଟ କ୍ଲବ ଆନୁକୁଲ୍ୟରେ ୧୦ ଦିନ ଧରି ଚାଲିଥିବା ବାଙ୍ଗିରିପୋଷି ପ୍ରିମିୟର ଲିଗ (ବିପିଏଲ) କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଟି.କେ.ୱେଲ-୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦୨ ରନ କରିଥିଲା। ପ୍ରତିପକ୍ଷ ବାଙ୍ଗିରିପୋଷି ବ୍ଲାଷ୍ଟର ଟିମ୍ ମଧ୍ୟ ୧୦ ଓଭରରେ ୧୦୨ ରନ କରିବାରୁ ମ୍ୟାଚଟି ଅମୀମାଂସିତ ରହିଥିଲା। କମିଟିର ନିଷ୍ପତ୍ତି କ୍ରମେ ସୁପର ଓଭର ଖେଳ ହୋଇଥିଲା । ଏଥିରେ ବାଙ୍ଗିରିପୋଷି ବ୍ଲାଷ୍ଟର ୧୩ ରନ୍ କରିଥିବା ବେଳେ ଟି.କେ.ୱେଲ-୧୧ ୪ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା ।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧକ୍ଷ ଡା.ଦେବାଶିଷ ମାର୍ଣ୍ଡି, ସମ୍ମାନନୀୟ ଅତିଥି ବ୍ଲକ ଅଧକ୍ଷ ସୁବୋଧ ମାର୍ଣ୍ଡି ଉପସ୍ଥିତ ଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ପ୍ରିୟନାଥ ମାର୍ଣ୍ଡି,ରାମଚନ୍ଦ୍ର ମୁର୍ମୁ ସ୍ଥାନୀୟ ସମାଜସେବୀ ବୀରକିଶୋର ମହାନ୍ତି, ଯୁବ ନେତା ବିଶ୍ୱଜିତ ଶର୍ମା, ଭାସ୍କର ଚନ୍ଦ୍ର ମହାନ୍ତ,ପୂର୍ବତନ ଖେଳାଳି ଜହରଚନ୍ଦ୍ର ଶତପଥୀ, ଅନିଲ କୁମାର ଦାସ ଯୋଗଦେଇ ଚାମ୍ପିୟନ ବାଙ୍ଗିରିପୋଷି ବ୍ଲାଷ୍ଟର ଦଳକୁ ୪୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଟି.କେ.ୱେଲ-୧୧ ଟିମକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।

## ସର୍ବଭାରତୀୟ ଆଜାଦ ଚାଲେଞ୍ଜ କପ୍ କ୍ରିକେଟ

# ବିସିଏ କେନ୍ଦୁଝର ଫାଇନାଲରେ

**ଠାକୁରମୁଣ୍ଡା,୩୧।୧୨(ଡି.ଏନ୍.ଏ.)**

କରଞ୍ଜିଆ ବ୍ଲକ ଚଡେଇଭୋଳ ସ୍ଥିତ ଆଜାଦ କପ କ୍ରିକେଟ ଟୁର୍ନାମେଣ୍ଟରେ ଆସନସଲ ରେଲୱେକୁ ହରାଇ ବିସିଏ କେନ୍ଦୁଝର ଫାଇନାଲ୍‌ରେ ପ୍ରବେଶ କରିଛି। ମଙ୍ଗଳବାର ଚଡେଇଭୋଳ ପଞ୍ଚାୟତ ହାଇସ୍କୁଲପଡ଼ିଆରେ ଅନୁଷ୍ଠିତ ୧୨ତମ ସର୍ବଭାରତୀୟ ଆଜାଦ ଚାଲେଞ୍ଜ କପ କ୍ରିକେଟ ଟୁର୍ନାମେଣ୍ଟର ଗ୍ରୁପ-ଏର ପ୍ରଥମ ସେମି ଫାଇନାଲ୍ ମ୍ୟାଚରେ ପ୍ରଥମେ ଟସ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଆସନସୋଲ ରେଲୱେ ସମସ୍ତ ଉଇକେଟ ହରାଇ ୨୦୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ମନୀଷ ଧକଡ଼ ୪୫ ବଲରେ ୭୭ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ କେନ୍ଦୁଝର ଦଳ ୨୦୩ ରନର ବିଜୟ ଲକ୍ଷ୍ୟ ରଖି ୨୧.୨ ଓଭରରେ ୩ ଉଇକେଟ ଥାଇ ୨୦୬ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଥିଲା। କେନ୍ଦୁଝର ଦଳର ଖେଳାଳି ସତ୍ୟ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିଜେତା ଭାବେ ପୁରସ୍କୃତ କରାଯାଇଥିଲା।

# ମେଡିକାଲ କଲେଜକୁ ହ୍ୱିଲଚେୟାର ପ୍ରଦାନ

**ବାରିପଦା ଅଫିସ,୩୧।୧୨**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ବାରିପଦାର ସାମାଜିକ ସଂଗଠନ ସାହାରା ଫାଉଣ୍ଡେଶନ ପକ୍ଷରୁ ରୋଗୀମାନଙ୍କ ଉଦ୍ଦେଶ୍ୟରେ ଦୁଇଟି ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ରୂପଭାନୁ ମିଶ୍ରଙ୍କ ଉପସ୍ଥିତିରେ ଅନୁଷ୍ଠାନର ସଭାପତି ଜୟପ୍ରକାଶ ସିଂହ, ଉପସଭାପତି ଭୀମସେନ ଦେ, ସାଧାରଣ ସମ୍ପାଦକ ସଞ୍ଜୀବ ମହାନ୍ତି, ଯୁଗ୍ମ ସମ୍ପାଦକ ରଜତ ପାତ୍ର, କୋଷାଧକ୍ଷ ସପନ ଦାଶ, ଅମିତ ବିଶ୍ୱାସ, ସରୋଜ ବୋଷ, ରୋହିତ ବେହେରା, ଆନନ୍ଦ ବେହେରା, ରାଜେଶ ସାହୁ, ମାନସ ମହାନ୍ତ, ଅସିତ ଦାସ, ବୀରକିଶୋର ବେହେରା, ସନ୍ତୋଷ ବେହେରା, ଉତ୍ତମ ସାମଲ, ସୌଭାଗ୍ୟ ଭୌମିକ ପ୍ରମୁଖ ଉପସ୍ଥିତ ରହି ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ଏହା ସହିତ ମେଡିକାଲ ପରିସରରେ ସଫେଇ କରିବା ସହିତ ରୋଗୀଙ୍କୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ।



ହ୍ୱିଲଚେୟାର ପ୍ରଦାନ ସମୟରେ ଉପସ୍ଥିତ ସଂଗଠନର କର୍ମକର୍ତ୍ତା ।

# ଧର୍ମଘଟ ସଫଳ କରିବାକୁ ଆହ୍ୱାନ

**ବାଙ୍ଗିରିପୋଷି,୩୧।୧୨(ଡି.ଏନ୍.ଏ.)**

ଜାନୁଆରୀ ୮ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ବାଙ୍ଗିରିପୋଷିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ବାଙ୍ଗିରିପୋଷି ଅଞ୍ଚଳ କମିଟି ଓ ଏସୟୁସିଆଇ ବାଙ୍ଗିରିପୋଷି କମିଟି ପକ୍ଷରୁ ମିଳିତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦରଦାମ ବୃଦ୍ଧି ବନ୍ଦ କରିବା, କର୍ପୋରେଟ୍ ସ୍ୱାର୍ଥରେ ଶ୍ରମ ଆଇନ୍ ପରିବର୍ତ୍ତନ ବନ୍ଦ କରିବା, ସର୍ବନିମ୍ନ ମଜୁରୀ ମାସିକ ୨୧ ହଜାର ଟଙ୍କା, ସମାନ କାମକୁ ସମାନ ଦରମା, ମାସିକ ପେନସନ ୧୦ ହଜାର ଟଙ୍କା ପ୍ରଦାନ କରିବା, ରାଷ୍ଟ୍ରାୟତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ କରିବା, କୃଷକମାନଙ୍କ ଲାଗି ସ୍ୱାମୀନାଥନ କମିଶନ ସୁପାରିଶ ଲାଗୁ ନ କରିବା, ସମ୍ବିଧାନ ବିରୋଧୀ ସିଏଏ-ଏନଆରସି ପ୍ରତ୍ୟାହାର ଇତ୍ୟାଦି ଦାବି ନେଇ ଦେଶର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ,କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀ ଶ୍ରମିକ ସଂଗଠନ ସମୂହଙ୍କ ପକ୍ଷରୁ ଦିଆଯାଇଥିବା ଏହି ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ସାଥୀ ଶୁକ୍ରା ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଏସୟୁସିଆଇର ପୀତାମ୍ବର ନାଏକ, ସିପିଆଇର ବଳରାମ ମହାନ୍ତ, ଜୋନ ସମ୍ପାଦକ ରଥ ସିଂ, ଚୈତନ୍ୟ ପୂର୍ତ୍ତି ପ୍ରମୁଖ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚି ଧର୍ମଘଟ ସଫଳ କରିବା ପାଇଁ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଥ ସିଂ, ସର୍ଦ୍ଦାର ସିଂ, ବାସି ସିଂ, ଚିତ୍ରମଣି ସିଂ, ଗୋପବନ୍ଧୁ ସିଂ, ନାଥ ସିଂ, ମଦନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜ୍ୟପୂଜା ସାରସ୍ୱତ ସମ୍ମାନ ପ୍ରଦାନ

**ବାରିପଦା ଅଫିସ,୩୧।୧୨**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପୂଜ୍ୟପୂଜା ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ଡ.ରମାକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ଅତିରିକ୍ତ ଏସ୍‌ପି ଅଭିମନ୍ୟୁ ନାୟକ ଉଦ୍‌ଘାଟନ କରିଥିଲେ। ଏକାଡେମୀର କାର୍ଯ୍ୟନିର୍ବାହୀ ସଦସ୍ୟ ଡ. ବିଜୟାନନ୍ଦ ସିଂ ମୁଖ୍ୟଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ କବି ବିମଳ କୁମାର ଜେନା ମୁଖ୍ୟବକ୍ତା ଓ ସମ୍ମାନନୀୟ ଅତିଥିଭାବେ ସାହିତ୍ୟିକ ଡ. ସତ୍ୟବ୍ରତ ନନ୍ଦ ଓ ଖବରଦାତା ବିଜୟ କୁମାର ଅଗ୍ରୱାଲା ଯୋଗ ଦେଇଥିଲେ।



ଡ.ବିଜୟ କୁମାର ଅଗ୍ରୱାଲାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଏହି ଅବସରରେ ୨୦୧୯ ପାଇଁ ଡ.ସତ୍ୟବ୍ରତ ନନ୍ଦଙ୍କୁ ଶ୍ରୀରାମଚନ୍ଦ୍ର ଭଞ୍ଜ ସାରସ୍ୱତ ସମ୍ମାନ, ସରୋଜିନୀ ମିଶ୍ରଙ୍କୁ ଭଞ୍ଜଭୂମି ସାରସ୍ୱତ ସମ୍ମାନ, ପ୍ରଫେସର ସୁହାସିନୀ ମହାପାତ୍ରଙ୍କୁ ଭୂମିପୁତ୍ର ସାରସ୍ୱତ ସମ୍ମାନ ଏବଂ ଡ.କରୁଣାକର ମହାପାତ୍ର, ଖବରଦାତା ବିଜୟ କୁମାର ଅଗ୍ରୱାଲା ଓ ଲାଲମୋହନ ମହାନ୍ତଙ୍କୁ ପୂଜ୍ୟପୂଜା ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ମିନତୀ ସିଂଙ୍କ ଗଳ୍ପ ସଂକଳନ ବାଇ ଚଢେଇ ବସା ଓ ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ସାହିତ୍ୟିକ ଡ. ନୀଳକଣ୍ଠ ମିଶ୍ରଙ୍କ କବିତା ପୁସ୍ତକ କସ୍ତୁରବା ଓ ପ୍ରବନ୍ଧ ପୁସ୍ତକ ଏକ ବିମୁଗ୍ଧ ଦୃଷ୍ଟିପାତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରଫେସର ସୁହାସିନୀ ମହାପାତ୍ର , ଅଧାପିକା ରାଇମଣି ମାରାଣ୍ଡି ଓ କୁଞ୍ଜ ବିହାରୀ ପାଢ଼ୀ ସନ୍ଦର୍ଭ ପାଠ କରିଥିଲେ। ନରସିଂହ ବାରିକ, ଶାନ୍ତିଲତା ଆଚାର୍ଯ୍ୟ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରକାଶ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂଜ୍ୟପୂଜାର ସମ୍ପାଦିକା ଭାସ୍ୱତୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ରାଜୀବ ଦିବ୍ୟଜ୍ୟୋତି, ଦୀପିକା, ନିୟତି, ବିପିନ ବିହାରୀ ସାମଲ, ପ୍ରବୀର କୁମାର ବାରିକ, ସତ୍ୟବ୍ରତ ମହାନ୍ତି, ଅମ୍ବିକା ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଆତଙ୍କବାଦୀଙ୍କ ଶିବିର ଉପରେ କୌଣସି ସମୟରେ ଜବାବ ଦେବାର ଅଧିକାର ଭାରତୀୟ ସେନା ନିଜ ପାଖରେ ସଂରକ୍ଷିତ ରଖିଛି।

-ଜେନେରାଲ ମନୋଜ ମୁକୁନ୍ଦ ନରଓ୍ୱଣେ, ସ୍ଥଳସେନା ମୁଖ୍ୟ


ପଶ୍ଚିମବଙ୍ଗର ହୁଗୁଳି ନଦୀ ବ୍ରିଜ୍‌ରେ ଶେଷ ସୂର୍ଯ୍ୟାସ୍ତର ଦୃଶ୍ୟ।


ନୂଆବର୍ଷ ପାଳନ ଅବସରରେ ସିଡ୍‌ନୀ ଆକାଶରେ ରଙ୍ଗବେରଙ୍ଗର ଆତସବାଜିର ଆଲୋକ।


ତ୍ରିପୁରାର ଅଗରତାଲାରେ ୨୦୧୯ର ଶେଷ ସୂର୍ଯ୍ୟକୁ ବିଦାୟ ଦେଉଛନ୍ତି ଦୁଇ ବାଳକ।

# ୨୦୨୦: ସରିନାହିଁ ଆନ୍ଦୋଳନ, ରାଜନୀତି

**ପୁରୁଣା ବର୍ଷ ୨୦୧୯ ଧରାପୃଷ୍ଠରୁ ବିଦାୟ ନେଇସାରିଛି ଆଉ ପୃଥିବୀରେ ପାଦ ଦେଇଛି ନୂଆବର୍ଷ ୨୦୨୦। ନୂତନବର୍ଷ ସାଙ୍ଗରେ ନେଇ ଆସିଛି ୩୬୬ର (ଅଧିବର୍ଷ) ସମ୍ଭାବନାମୟ ଦିନ। ରାଜ୍ୟ, ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ପୁଣି ଲେଖାହେବ ଆଉ ଗୋଟିଏ ବର୍ଷର ଇତିହାସ, ଯାହା କାଳ କାଳ ଲାଗି ପଢ଼ାହେବ ରାଜନୀତିର ପାଠଶାଳା ଆଉ ପ୍ରୟୋଗଶାଳାରେ। ଭାରତ କଥା ଦେଖିଲେ ଜାତୀୟ ରାଜନୀତି ପାଇଁ ବିଦାୟୀ ବର୍ଷ ଯେତିକି ଘଟଣାବହୁଳ ଥିଲା, ସେତିକି ଗୁରୁତ୍ୱପୂର୍ଣ୍ଣ ଓ ବିବାଦୀୟ ମଧ ଥିଲା। ୨୦୧୯ରେ ନବପ୍ରଣୀତ ଜାତୀୟ ନାଗରିକତ୍ୱ ଆଇନ (ସିଏଏ) ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍‌)କୁ ନେଇ ମୁଣ୍ଡ ଟେକିଛି ଆନ୍ଦୋଳନ, ପୁଣି ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ କରାଇବା ପରେ ଦେଶବ୍ୟାପୀ ଏହାକୁ ପ୍ରୟୋଗ ପାଇଁ ଯୋଜନା କରିଛନ୍ତି କେନ୍ଦ୍ର ସରକାର। ଅବଶ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏନ୍‌ଆର୍‌ସିକୁ ନେଇ ବେଳେବେଳେ ଭିନ୍ନ ଭିନ୍ନ କଥା କହୁଛନ୍ତି। ତେବେ ଏହି ସିଏଏ, ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସିକୁ ଧରି ପ୍ରାୟ ମାସେ ହେବ ଦେଶ ଅଶାନ୍ତ ରହିଛି, ଯାହାର ଅଡୁଆ ନୂଆବର୍ଷରେ ବି ଲାଗିରହିବ। ଏହାସହ ୩୭୦ ଉଚ୍ଛେଦ ପରବର୍ତ୍ତୀ କଶ୍ମୀରରେ ସ୍ଥିତି ସୁଧାରିବା ତଥା ଅଯୋଧାରେ ରାମମନ୍ଦିର ନିର୍ମାଣ ଭଳି ପୁରୁଣା ବର୍ଷର ଅନେକ ଯୋଜନାର ରୂପାୟନ ଓ ପ୍ରଣୟନ ହୋଇଥିବା ଆଇନକୁ କାର୍ଯ୍ୟକାରୀ କରାଇବା ମୋଦି ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇ ରହିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରୁଛନ୍ତି।**

## ନୂଆବର୍ଷ ହେବ ମୋଦି ସରକାରଙ୍କ ପାଇଁ ଚ୍ୟାଲେଞ୍ଜ



ବର୍ଷ ୨୦୨୦ ଭାରତକୁ ବିକାଶ ମାର୍ଗରେ ଆଗେଇ ନେବା ପାଇଁ ଉଦ୍ୟମକୁ ତ୍ୱରାନ୍ୱିତ କରିବା ସହ ନାଗରିକଙ୍କ ଜୀବନକୁ ସଶକ୍ତ କରିବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି। ୨୦୧୯ ଭାରତ ପାଇଁ ଏକ ଅଭୂତପୂର୍ବ ବର୍ଷ ଥିଲା। ଯାହା କେବେ ବଦଳିପାରିବ ନାହିଁ ବୋଲି ବିବେଚନା କରାଯାଉଥିଲା, ସେସବୁରେ ଆମେ ପରିବର୍ତ୍ତନ ଆଣିଛୁ। ୨୦୨୦ରେ ଏହି ଧାରା ବଜାୟ ରହିବ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ନାଗରିକତ୍ୱ ବିବାଦ

ସିଏଏକୁ ନେଇ ବିବାଦ ଆଜିର ନୁହେଁ, ଯଦିଓ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି)କୁ ନେଇ ବିବାଦ, ବିଦ୍ରୋହ ଡିସେମ୍ବର ୧୨ରେ ଏହା ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଉଗ୍ରରୂପ ଧାରଣ କରିଛି। ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ନିର୍ଯାତିତ ସଂଖ୍ୟାଲଘୁ (ମୁସଲମାନମାନଙ୍କୁ ଛାଡ଼ି) ଭାରତରେ ନାଗରିକତ୍ୱ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ସିଏଏକୁ ନେଇ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ ଓ ଆନ୍ଦୋଳନ ଲାଗିରହିଛି। ଏହା ନ ଥମୁଣୁ ସରକାର ଏନ୍‌ପିଆରକୁ ମଞ୍ଜୁରୀ ଦେଇଛନ୍ତି। ଜାତୀୟ ଜନସଂଖ୍ୟା ପଞ୍ଜିକା ସାରା ଦେଶରେ ରହୁଥିବା ବାସିନ୍ଦାଙ୍କ ଏକ ରେଜିଷ୍ଟାର ହେବ। ଏଥିରୁ ଦେଶର ବାସିନ୍ଦାଙ୍କ ସଂଖ୍ୟା ଓ ସେମାନଙ୍କ ସମ୍ପର୍କରେ ଅନେକ ତଥ୍ୟ ସମ୍ପର୍କରେ ଜାଣିହେବ। ଉକ୍ତ ତଥ୍ୟଗୁଡ଼ିକୁ କେନ୍ଦ୍ର ସରକାର ଏନ୍‌ଆର୍‌ସି ପ୍ରସ୍ତୁତ କରିବାରେ ବ୍ୟବହାର କରିବେ ବୋଲି ବିରୋଧୀ ଦଳଗୁଡ଼ିକ ଏହାକୁ ମଧ ବିରୋଧ କରୁଛନ୍ତି।

## ଅଯୋଧା

ଅଯୋଧାରେ ରାମମନ୍ଦିର ନିର୍ମାଣ କରିବା ନିମନ୍ତେ ସୁପ୍ରିମକୋର୍ଟ ନଭେମ୍ବର ମାସରେ ପଥ ପରିଷ୍କାର କରିଛନ୍ତି। ୩ ମାସ ମଧରେ ମନ୍ଦିର ନିର୍ମାଣ ଲାଗି ଟ୍ରଷ୍ଟ ଗଠନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମୁସଲିମ୍ ପକ୍ଷଙ୍କୁ ମସ୍‌ଜିଦ ପାଇଁ ୫ ଏକର ନିର୍ବିବାଦୀୟ ଜମି ଉପଯୁକ୍ତ ସ୍ଥାନରେ ପ୍ରଦାନ କରିବାକୁ ମଧ ନିର୍ଦ୍ଦେଶ ରହିଛି। ଏହାକୁ ବିରୋଧ କରି କେତେକ ମୁସଲିମ୍ ସଙ୍ଗଠନ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଟ୍ରଷ୍ଟରେ ରହିବା ପାଇଁ ସାଧୁସନ୍ଥମାନଙ୍କ ମଧରେ ବିବାଦ ଅଡୁଆ ବଢ଼ାଇପାରେ । ମନ୍ଦିର ନିର୍ମାଣ ଭାଜପାର ହିନ୍ଦୁତ୍ୱବାଦୀ ଏଜେଣ୍ଡା ମଧରେ ପ୍ରମୁଖ ସ୍ଥାନ ଗ୍ରହଣ କରିଆସିଥିବାବେଳେ ନୂଆବର୍ଷରେ ମନ୍ଦିର ନିର୍ମାଣ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ।

## କଶ୍ମୀର

ଅଗଷ୍ଟ ୧୫ରେ କେନ୍ଦ୍ର ସରକାର ସମ୍ବିଧାନ ସଂଶୋଧନ କରିବା ସହ କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦କୁ ହଟାଇଦେଇଥିଲେ। ଆତଙ୍କବାଦୀଙ୍କ ସର୍ବାଧିକ ପ୍ରଭାବ ରହିଥିବା ଦେଶର ଏହି ସୀମାନ୍ତ ରାଜ୍ୟରେ ୩୭୦ ଉଚ୍ଛେଦ ପରବର୍ତ୍ତୀ ସ୍ଥିତିରେ ସୁଧାର ଆଣିବା ପାଇଁ ଯବାନମାନେ ପ୍ରୟାସ ଜାରି ରଖିଛନ୍ତି। ହେଲେ ଉପତ୍ୟକାରେ ଅସ୍ଥିରତା ସୃଷ୍ଟି ପାଇଁ ନିଜ ଉଦ୍ୟମରୁ ଓହରିନାହିଁ ପାକିସ୍ତାନ। ଏସବୁ ମଧରେ କଶ୍ମୀରରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ଓ କେନ୍ଦ୍ରୀୟ ଯୋଜନାଗୁଡ଼ିକର ସଫଳ ରୂପାୟନ କରାଇ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ।

## ଅର୍ଥନୀତି:

ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଲାଗୁ ପରଠୁ ନଇଁପଡ଼ିଥିବା ଦେଶର ଅର୍ଥନୀତିକୁ ସଜାଡ଼ି ବିରୋଧୀଙ୍କ ମୁହଁ ବନ୍ଦ କରିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପାଇଁ ନୂଆବର୍ଷରେ ସବୁଠୁ ବଡ଼ ଆହ୍ୱାନ। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) କ୍ରମଶଃ ନିମ୍ନଗାମୀ ହେଉଛି। ବର୍ତ୍ତମାନ ଏହା ୪.୫% ରହିଛି, ଯାହାକି ୬ ବର୍ଷରେ ସର୍ବନିମ୍ନ। ଜିଡିପି ସହ ଅଭିବୃଦ୍ଧି ହାର ବଢ଼ାଇବା ଜରୁରୀ ହୋଇପଡ଼ିଛି। ଡଲାର ତୁଳନାରେ ମୁଦ୍ରାର ବିନିମୟ ମୂଲ୍ୟ କମିବାରେ ଲାଗିଛି। ଏବେ ଏକ ଡଲାର ସମାନ ଟ ୭୧.୩୬ ପଇସା ଭାରତୀୟ ମୁଦ୍ରା। ଏହାକୁ ବାଟକୁ ଆଣିବା ସହ ଚାହିଦା ବଢ଼ାଇବା, ଉଭୟ ଘରୋଇ ଓ ବିଦେଶୀ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଉପରେ ଜୋର ଦିଆଯିବା ଆବଶ୍ୟକ। ନିଯୁକ୍ତି ସଙ୍କଟ ଦେଶରେ ବିଚିତ୍ର ସ୍ଥିତି ସୃଷ୍ଟି କରିଛି। ବେକାରି ହାର ୪୫ ବର୍ଷର ସୀମା ଟପିଛି। ଶିଳ୍ପ ଉତ୍ପାଦନ ଲଗାତର ହ୍ରାସ ପାଉଛି। ନଭେମ୍ବରରେ ଏହା ୧.୫% କମିଥିଲା ବୋଲି ଏବେ ଜଣାପଡ଼ିଛି। ଏସବୁ ସ୍ଥିତିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପୁଣି ଆଣିବାକୁ ଯାଉଛନ୍ତି ନୂଆ ଆର୍ଥିକବର୍ଷର ବଜେଟ। ବଜେଟରେ କାହାକୁ କେମିତି ଖୁସ୍ କରିବେ ସେନେଇ କସରତ ଆରମ୍ଭ କରିଦେଇଛନ୍ତି ଉଭୟ ସୀତାରାମନ ଓ ମୋଦି ଫେବୃୟାରୀ ୧ରେ ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରାଯିବା ପରେ ଜଣାପଡ଼ିବ ଦେଶର ଆର୍ଥିକ ଗତି କେଉଁ ଆଡ଼କୁ।

## ଦରଦାମ ବୃଦ୍ଧି

ତୈଳ ଦର ଆକାଶଛୁଆଁ ହେବା ପରେ ପରିବହନ ମୂଲ୍ୟ ମଧ ବଢ଼ିଯାଇଛି। ଏଥିଯୋଗୁ ସାମଗ୍ରୀଗୁଡ଼ିକର ଦରଦାମ ଉପରେ ସରକାରଙ୍କ ନିୟନ୍ତ୍ରଣ ରହୁନାହିଁ। ଜିଏସ୍‌ଟି ଲାଗୁ ହେବା ଫଳରେ ଅତ୍ୟାବଶ୍ୟକ ସାମଗ୍ରୀକୁ ଲୋକେ ଚଢ଼ାଦରରେ କିଣିବାକୁ ବାଧ ହେଉଛନ୍ତି। ଚାହିଦା ଓ ଆବଶ୍ୟକତାରେ ସନ୍ତୁଳନ ରକ୍ଷାକରି ଦରଦାମକୁ ସ୍ଥିର କରିବା ସରକାରଙ୍କ ଅର୍ଥନୀତିଜ୍ଞମାନଙ୍କ ମୁଣ୍ଡବ୍ୟଥା ବଢ଼ାଇଦେଇଛି।

## ବଳାତ୍କାର

ବିଦାୟୀ ବର୍ଷରେ ମହିଳା ବିରୋଧୀ ହିଂସାକୁ ନେଇ କେନ୍ଦ୍ରକୁ ଟାର୍ଗେଟ କରିଆସିଛନ୍ତି ବିଭିନ୍ନ ଦଳର ନେତା। ରାଜ୍ୟରେ ଆଇନଶୃଙ୍ଖଳା ରାଜ୍ୟ ସରକାରଙ୍କ ପରିସରଭୁକ୍ତ ହୋଇଥିଲେ ହେଁ ଅପହରଣ, ବଳାତ୍କାର, ବର୍ବରତା ପରେ ହତ୍ୟା ଭଳି ମହିଳା ବିରୋଧୀ ହିଂସାକୁ ନୂଆ ଆଇନ ବଳରେ ରୋକିବା କେନ୍ଦ୍ରର ମଧ ଦାୟିତ୍ୱ ହେବ। କାରଣ ଏହାକୁ ନେଇ ଦେଶ ବଦନାମ ହେଉଛି। ଏଥିପାଇଁ ସବୁଠୁ ବେଶି ଦାୟୀ ଉତ୍ତରପ୍ରଦେଶ, ଯେଉଁଠି ରହିଛି ଦେଶର ସର୍ବାଧିକ ୮୦ ଲୋକ ସଭା ଆସନ। ଏଠି ଯୋଗୀ ଆଦିତ୍ୟନାଥ ସରକାର ମଧ ଉନ୍ନାଓଠୁ ନେଇ ରାଜ୍ୟର ବିଭିନ୍ନ ଭାଗରେ ବଳାତ୍କାରକୁ ନେଇ ସମାଲୋଚନାର ଶିକାର ହୋଇଆସିଛନ୍ତି।

## ନିର୍ବାଚନ

ଦିଲ୍ଲୀ ବିଧାନସଭାର ବିଗତ ନିର୍ବାଚନରେ ଭାଜପାକୁ ମୋଟ ୭୦ ଆସନ ମଧରୁ ମାତ୍ର ୩ ନିର୍ବାଚନମଣ୍ଡଳୀରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୬୭ ଆସନରେ ବିପୁଳ ସଂଖ୍ୟାଗରିଷ୍ଠତା ସହ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ସରକାର ଗଠନ କରିଥିଲା। ଇତିମଧରେ ଦିଲ୍ଲୀ ମହାନଗର ନିଗମ ଓ ଲୋକ ସଭା ନିର୍ବାଚନରେ ଭାଜପାର ପ୍ରଦର୍ଶନ ଉନ୍ନତ ହୋଇଛି। ଆସନ୍ତା ଫେବୃୟାରୀ ୨୨ରେ ବିଧାନସଭା ଅବଧି ଶେଷ ହେବାକୁ ଯାଉଥିବାବେଳେ ତା' ପୂର୍ବରୁ ପୁଣିଥରେ ମୁହାଁମୁହିଁ ହେବେ କେଜ୍‌ରିଓ୍ୱାଲ ଏବଂ ମୋଦିଙ୍କ ସହ ତାଙ୍କର କ୍ୟାବିନେଟ ସହଯୋଗୀ ଓ ଭାଜପାର ବରିଷ୍ଠ ନେତାମାନେ। ଏହି ନିର୍ବାଚନ ସ୍ଥିର କରିବ ଦିଲ୍ଲୀ ରାଜନୀତିର ଅସଲ ବାଦ୍‌ଶାହା ମୋଦି ନା କେଜ୍‌ରିଓ୍ୱାଲ। ତେଣୁ ଲଗାତର ୫ଟି ବିଧାନସଭା ହାତରୁ ଖସିଯିବା ପରେ ଭାଜପା ଚାଣକ୍ୟ ଶାହା ଏଥର କେଉଁ ରଣନୀତି ସ୍ଥିର କରୁଛନ୍ତି ତା' ଉପରେ ମଧ ରହିବ ସମସ୍ତଙ୍କ ନଜର।

## ଅନ୍ତର୍ଜାତୀୟ ସମ୍ପର୍କ

ଗୋଟିଏ ପଟେ ପାକିସ୍ତାନ ଅନ୍ୟପଟେ ଚାଇନା ସୁଯୋଗ ଖୋଜୁଛନ୍ତି ଭାରତକୁ ଅଡୁଆରେ ପକାଇବା ପାଇଁ। ସୀମାରେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବାବେଳେ ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ କଶ୍ମୀର ପ୍ରସଙ୍ଗର ଆନ୍ତର୍ଜାତିକୀକରଣ କରିବାରେ ଲାଗିଛନ୍ତି। ଉତ୍ତର-ପୂର୍ବ ସୀମାରେ ଚାଇନାର ଶକ୍ତିଶାଳୀ ପିଏଲ୍‌ଏ ଥରକୁ ଥର ଭାରତୀୟ ସୀମା ଭିତରକୁ ମାଡ଼ିଆସି ଆଧିପତ୍ୟ ଜାହିର କରୁଛି। ଏଭଳି ସମୟରେ ନୂଆବର୍ଷରେ ଦୁଇ ଅମାନିଆଁ ପଡ଼ୋଶୀଙ୍କୁ ଉଚିତ ଢଙ୍ଗରେ ମୁକାବିଲା କରିବା ବଡ଼ କଥା। ସେହିପରି ଆମେରିକା, ରୁଷିଆ, ଫ୍ରାନ୍ସ, ବ୍ରିଟେନ ସହିତ ସୁସମ୍ପର୍କ ରଖିବା ପାଇଁ ସରକାର ଆପ୍ରାଣ ଉଦ୍ୟମ ଜାରି ରଖିବେ। ସୌଦି ଆରବ ଏବଂ ୟୁଏଇ ସହ ସମ୍ବନ୍ଧ ବଜାୟ ରଖିବା ଉଭୟ ଅର୍ଥନୀତି ଓ କୂଟନୀତି ଦୃଷ୍ଟିରୁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ।

## ସୀମାରେ ମୋବାଇଲ ସେବା ବନ୍ଦକଲା ବାଂଲାଦେଶ

**ଢ଼ାକା,୩୧।୧୨:** ଭାରତୀୟ ସୀମାକୁ ଲାଗି ୧ କି.ମି. ଅଞ୍ଚଳ ପର୍ଯ୍ୟନ୍ତ ମୋବାଇଲ ସେବାକୁ ବାଂଲାଦେଶ ସରକାର ବନ୍ଦ କରିଛନ୍ତି। ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଦର୍ଶାଯାଇଛି। ଫଳରେ ସୀମାରେ ଥିବା ୩୨ ଜିଲାର ୧୦ ନିୟୁତ ମୋବାଇଲ ଉପଭୋକ୍ତା ପ୍ରଭାବିତ ହୋଇଛନ୍ତି। ବାଂଲାଦେଶ ଟେଲିକମ୍ୟୁନିକେଶନ ରେଗୁଲେଟୋରି କମିଶନ ପକ୍ଷରୁ ସମସ୍ତ ଗ୍ରାମୀଣ ଫୋନ, ଟେଲିଟକ୍, ରୋବି ଓ ବାଂଲାଲିଙ୍କ୍ ସେବା ବନ୍ଦ କରାଯିବା ସହ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି କୁହାଯାଇଛି। ବାଂଲାଦେଶ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ପ୍ରକାଶ।

## ସନ୍ନି ମେହେଟ୍ଟାଙ୍କ ପରଲୋକ

**ନ୍ୟୁୟର୍କ,୩୧।୧୨:** ପବ୍ଲିଶିଂ ହାଉସ୍ 'ଆଲ୍‌ଫ୍ରେଡ୍ ଏ. ନୋଫ୍‌ର'ର ଏଡିଟର ଇନ୍ ଚିଫ୍ ଏବଂ ନୋଫ୍ ଡବଲ୍‌ଡେ ପବ୍ଲିଶିଂ ଗ୍ରୁପ୍, ନ୍ୟୁୟର୍କର ଅଧକ୍ଷ ଅଜୟ ସିଂ ଓରଫ ସନ୍ନି ମେହେଟ୍ଟାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ସେ ସୁପ୍ରସିଦ୍ଧ ଲେଖିକା ଗୀତା ମେହେଟ୍ଟାଙ୍କ ସ୍ୱାମୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଣୋଇ। ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ବିଶ୍ୱର ଜଣେ ପ୍ରମୁଖ ସମ୍ପାଦକ ଭାବେ ସେ ବେଶ୍ ଜଣାଶୁଣା।



୧୯୪୨ରେ ଜନ୍ମଗ୍ରହଣ କରିଥିବା ସନ୍ନି ଭାରତ ଓ ବ୍ରିଟେନରେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ପରେ ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ପାଠପଢ଼ି ଇତିହାସ ଓ ଇଂଲିଶ୍ ଭାଷାରେ ଡିଗ୍ରୀ ହାସଲ କରିଥିଲେ। ଆମେରିକା ଓ ବ୍ରିଟେନର ବିଭିନ୍ନ ଲେଖକ ଓ ପବ୍ଲିଶିଂ ହାଉସ୍ ସହ ସେ ଯୋଗସୂତ୍ର ରକ୍ଷା କରିଥିଲେ। ୧୯୮୭ରେ ସେ ନ୍ୟୁୟର୍କ ଯାଇ ଆଲ୍‌ଫ୍ରେଡ୍ ଏ. ନୋଫ୍‌ରର ମୁଖ୍ୟ ପଦ ଗ୍ରହଣ କରିଥିଲେ। ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସନ୍ନିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆଓ୍ୱାର୍ଡ ପ୍ରଦାନ କରାଯାଇଥିଲା। ୨୦୧୫ରେ 'ଓ୍ୱିକ୍‌ଲି' ପକ୍ଷରୁ ତାଙ୍କୁ 'ପର୍ସନ ଅଫ୍ ଦ ଇୟର' ଭାବେ ବିବେଚନା କରାଯାଇଥିଲା।

## ଇତିହାସର ଆଇନାରେ

### ଜାନୁୟାରୀ ୧ର ପ୍ରମୁଖ ଘଟଣା

୨୦୦୯ ଜାନୁୟାରୀ ୧ରେ ଥାଇଲାଣ୍ଡର ବ୍ୟାଙ୍କକ୍‌ସ୍ଥିତ ଏକ ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ ଘଟିବାରୁ ପ୍ରାୟ ୬୬ ଜଣ ପ୍ରାଣ ହରାଇଥିଲେ। ଏଥିରେ ୨୨୩ ଲୋକ ଆହତ ହୋଇଥିଲେ।

୨୦୧୭ ଜାନୁୟାରୀ ୧ରେ ତୁର୍କୀର ଇସ୍ତାନବୁଲର ରେଇନା ନାଇଟ୍ କ୍ଲବରେ ନୂଆବର୍ଷ ପାଳନ କରାଯାଉଥିବାବେଳେ ଜଣେ ବନ୍ଧୁକଧାରୀ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ପ୍ରାୟ ୪୦ ଜଣଙ୍କ ମୃତ୍ୟୁ ହୋଇଥିଲା।

## ସିଏଏ ପ୍ରତ୍ୟାହାର ଲାଗି କେରଳ ବିଧାନସଭାରେ ପ୍ରସ୍ତାବ ଗୃହୀତ

**ଥିରୁଭାନନ୍ତପୁରମ୍,୩୧।୧୨(ପି.ଟି.):** ସିଏଏ ପ୍ରତ୍ୟାହାର କରିବା ଲାଗି ମଙ୍ଗଳବାର କେରଳ ବିଧାନସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଛି। କେରଳ ଦେଶର ପ୍ରଥମ ରାଜ୍ୟ ଭାବେ ଏଭଳି ପଦକ୍ଷେପ ଗ୍ରହଣ କରିଛି। କେରଳରେ ସିପିଏମ୍ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର ଓ ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ସ୍ୱତନ୍ତ୍ର ଅଧିବେଶନରେ ଶାସକ-ବିରୋଧୀ ସମ ସ୍ୱର ହୋଇ ଏହାକୁ ବିରୋଧ କରିଛନ୍ତି। ଗୃହରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ପ୍ରସ୍ତାବ ଆଗତ କରିଥିବାବେଳେ ବିରୋଧୀ ଦଳ ନେତା ରମେଶ ଚେନ୍ନିଥାଲା ଏହାକୁ ସମର୍ଥନ କରିଥିଲେ। ଭାଜପାର ଏକମାତ୍ର ସଦସ୍ୟ ରାଜଗୋପାଳ ଏହା ବେଆଇନ ଓ ଅସାମ୍ବିଧାନିକ ବୋଲି କହି ଏହାକୁ ବିରୋଧ କରିଥିଲେ। ଅଯଥାରେ ଅପପ୍ରଚାର କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଅନ୍ତର୍ଜାତୀୟସ୍ତରରେ ଭାରତ ବଦ୍‌ନାମ ହେବାକୁ ଯାଉଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୪୦୦୦ (ରହିବା ସୁବିଧା ଅଛି)
Ph : 6370950484
(Call Timing : 12.00-6.00 ମଧ୍ୟରେ)

ଆବଶ୍ୟକ
BHAI BHAI SWEETS & TIFIN CENTRE
Near BJB College, Lewis Road, Bhubaneswar
ଦୋସା ମିସ୍ତ୍ରୀ, ମିଠା କାରିଗର, ମ୍ୟାନେଜର, ହେଲପର ସପ୍ଲାଏ ବୟ, ବାସନ ସଫାସଫିଲୋକ
✲ ରହିବା ଖାଇବା ସୁବିଧା ଅଛି।
✲ ଦରମା Rs.6,000/- To Rs.15,000/-
Contact : 6371316767 9861941304

Officially Staff
For BBSR, CTC, Puri, Berhampur
Qualification 10th above.
Salary upto 25,000/-
M-9938699963

AT BHUBANESWAR
REQUIRED :
* Driver Cum Office Boy
* Driver Cum Residence Work Boy
* Office Boy / Residence Work Boy
Contact : 9777251369

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGER
- Graduates, having good communication & leadership skills with 2 years+ sales experience in print media will be given preference.
- Proficiency in MS Office will be an added advantage.
RECOVERY MANAGER
- Candidates should have good communication skills & atleast 3 years of experience in the field of recovery.
- Good performance will be rewarded with extra incentive.
Apply immediately to :
recruitment@dharitri.com
Attractive salary commensurate with experience

ଧରିତ୍ରୀ DHARITRI LIVE
Web Channel
WANTED
Director/ Script Writer
- Candidates having experience in direction, script writing, storyboarding and coordination in documentaries / shortfilms / series and digital content.
- Responsibilities would include ideating and executing shows from start to finish.
- Male candidates having good communication & organizational skills, creative abilities and technical expertise will be preferred.
Apply immediately to :
recruitment@dharitri.com
Pay & perks will be the best in the industry for deserving candidates.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ପ୍ରଦୀପ, ମୋନାଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟା

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ):** ଓଡ଼ିଶା ପ୍ରଶାସନରେ କାର୍ଯ୍ୟରତ ୨ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏହି ଦୁଇ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଫିସର ହେଉଛନ୍ତି ୧୯୮୯ ବ୍ୟାଚ୍‌ର ପ୍ରଦୀପ କୁମାର ଜେନା ଏବଂ ଡକ୍ଟର ମୋନା ଶର୍ମା। ପ୍ରଦୀପ ବର୍ତ୍ତମାନ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ସହ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା(ଓସ୍‌ଡମା)ର ଏମ୍‌ଡି ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ସେହିଭଳି ଡକ୍ଟର ଶର୍ମା ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ଅଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଉଥିଲେ। ପ୍ରଦୀପ ଏବଂ ମୋନା ବର୍ତ୍ତମାନ ନିଜ ନିଜ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀ ରୂପେ ଦାୟିତ୍ୱ ତୁଲାଇବେ। ୧୯୮୮ ବ୍ୟାଚ୍‌ର ପରାଗ ଗୁପ୍ତାଙ୍କୁ ଆପେକ୍ସ ସ୍କେଲ୍‌କୁ ପ୍ରୋଫର୍ମା ପଦୋନ୍ନତି ପ୍ରଦାନ କରାଯାଇଛି। ପରାଗ ବର୍ତ୍ତମାନ ନୀତି ଆୟୋଗର ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି।

# ରକ୍ତରଞ୍ଜିତ ହେଲା ଶୁଲିଆ ପୀଠ

**ବଲାଙ୍ଗୀର ଅଫିସ/ଦେଓଗାଁ, ୩୧।୧୨ (ଡି.ଏନ.ଏ.)**

ପ୍ରସିଦ୍ଧ ଶୁଲିଆ ଯାତ୍ରାରେ ମଙ୍ଗଳବାର ସହସ୍ରାଧିକ ପଶୁପକ୍ଷୀଙ୍କ ବଳି ପଡିଛି। ରକ୍ତରଞ୍ଜିତ ହୋଇଛି ଖଇରଗୁରା ଓ କୁମୁରିଆର ପ୍ରସିଦ୍ଧ ଶୁଲିଆ ପୀଠ। ସହସ୍ରାଧିକ ଶ୍ରଦ୍ଧାଳୁ ଶୁଲିଆ ଯାତ୍ରା ଅବସରରେ ପୀଠକୁ ଆସି ପୂଜାର୍ଚ୍ଚନା କରିବା ସହ ପଶୁପକ୍ଷୀ ବଳି ଚଢ଼ାଇଛନ୍ତି। ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରାର ମୁଖ୍ୟପୀଠ ବଡଖଳା ଓ ସାନଖଳାରେ ମଙ୍ଗଳବାର ପାରମ୍ପରିକ ବିଧି ଅନୁଯାୟୀ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଛି। ମଙ୍ଗଳବାର ଭୋର ସମୟରେ ପୂଜକ ସୋମନାଥ ଦେହେରିଆ ଏବଂ ଅନ୍ୟ ଦେହେରୀମାନେ ଆଦ୍ୟ ପୀଠରେ ପୂଜାରମ୍ଭ କରିଥିଲେ। ପରେ ଶତାଧିକ ଆଦିବାସୀ ଓ ଶ୍ରଦ୍ଧାଳୁ ପାରମ୍ପରିକ ବାଦ୍ୟର ତାଳେ ତାଳେ ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ପୀଠସ୍ଥଳୀରେ ପହଞ୍ଚିଥିଲେ। ସେଠାରେ ପ୍ରଥମେ ପାଟବୁକା (ବୋଦା) ବଳି ପ୍ରଦାନ କରାଯାଇଥିଲା। ପରେ ମାନସିକଧାରୀମାନେ ନିଜ ମନସ୍କାମନା ପୂର୍ଣ୍ଣ ହୋଇଥିବାରୁ ଆଣିଥିବା ପୋଢ଼, ବୁକା, ମେଣ୍ଢା, ବତକ, କୁକୁଡାକୁ ଅର୍ପଣ କରିଥିଲେ। ବଳିରେ ସମ୍ପୂର୍ଣ୍ଣ ଭାବେ ରକ୍ତରଞ୍ଜିତ ହୋଇପଡିଥିଲା ଶୁଲିଆ ପୀଠ। ପୂର୍ବବର୍ଷ ପରି ଚଳିତ ବର୍ଷ ବଳିପ୍ରଥା ବନ୍ଦ କରିବା ନେଇ କୌଣସି ବାଧା ଉପୁଜି ନ ଥିଲା। ଫଳରେ ମାନସିକଧାରୀମାନେ କୁକୁଡା, ଛେଳିମେଣ୍ଢା, ବତକ, ପାରା ଓ ପୋଢ ଧରି ପୀଠରେ ବଳି ଦେଇଛନ୍ତି। ଧାର୍ମିକ ଆସ୍ଥା ଓ ବିଶ୍ୱାସକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶନାମା ପରେ ଏହି ପୀଠରେ ବଳି ବନ୍ଦ ନେଇ ପ୍ରଶାସନ ଆଉ ହସ୍ତକ୍ଷେପ କରୁନଥିବା ଦେଖାଯାଇଛି। ଶୁଲିଆ ଯାତ୍ରା ଅବସରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ପୀଠକୁ ରାଜ୍ୟର ବିଭିନ୍ନ ସ୍ଥାନ ତଥା ରାଜ୍ୟ ବାହାରୁ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଆସି ଦର୍ଶନ କରିଥିଲେ। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୯ ପଞ୍ଚାୟତର ୧୮ ପ୍ରଗଣାର ଆଦିବାସୀ ସଭାପତିମାନେ ଯାତ୍ରାରେ ଯୋଗଦାନ କରିଥିଲେ। ଏହା ସହ ଗତ ୨୯ ତାରିଖରୁ ଆରମ୍ଭ ହୋଇଥିବା ଶୁଲିଆ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି।



ଶୁଲିଆ ଯାତ୍ରା ଅବସରରେ ଶ୍ରଦ୍ଧାଳୁମାନେ ବଳି ଦେବା ପାଇଁ ଏକ ପୋଢ଼ ନେଉଛନ୍ତି।

**ସହସ୍ରାଧିକ କୁକୁଡା, ଛେଳିମେଣ୍ଢା, ପୋଢ଼ ବଳି**

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଅଭିଷେକ ବିଶ୍ୱାଳ



ଦେବୀରଶ୍ମି ଦାଶ



ସୁଶାନ୍ତ କୁମାର ପଟ୍ଟନାୟକ



ସାବିତ୍ରୀ ସେଠୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଆଇଏଏସ୍ ଅଫିସର ବିଜୟଙ୍କ ଜାମିନ ଆବେଦନ ଖାରଜ

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)**

- ୬ ଦିନିଆ ରିମାଣ୍ଡରେ ନେଲା ଭିଜିଲାନ୍ସ
- ବରିଷ୍ଠ ଅଧିକାରୀ ଫସାଇ ଦେଇଥିବା କହିଲେ ବିଜୟ

ବିଲ୍ ପାସ୍ କରିବାକୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିବା ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟଙ୍କୁ ମଙ୍ଗଳବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଉଭୟ ପକ୍ଷରୁ ଯୁକ୍ତି ଶୁଣିବା ପରେ ବିଚାରପତି ବିଜୟଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଆସନ୍ତା ୨ରୁ ୬ ତାରିଖ ପର୍ଯ୍ୟନ୍ତ ବିଜୟଙ୍କୁ ରିମାଣ୍ଡରେ ନେବାକୁ ଭିଜିଲାନ୍ସ ପକ୍ଷରୁ ଆବେଦନ କରାଯାଇଥିଲା। କୋର୍ଟ ମଙ୍ଗଳବାରଠାରୁ ୬ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ପ୍ରଦାନ କରିଛନ୍ତି। ତେଣୁ ଆସନ୍ତା ୫ ତାରିଖରେ ତାଙ୍କୁ ପୁନର୍ବାର କୋର୍ଟରେ ହାଜର କରାଯିବ। ତେବେ ବିଜୟଙ୍କୁ ରିମାଣ୍ଡରେ ନେଇଥିବା ଭିଜିଲାନ୍ସ ତାଙ୍କଠାରୁ ପରେ ଲାଞ୍ଚ କାରବାର ଓ ଅନ୍ୟ ଅଧିକାରୀଙ୍କ ସମ୍ପୃକ୍ତି ନେଇ ଅଧିକ ଖୋଳତାଡ଼ କରିବ। ଏଥିସହ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଆଶା ରଖିଛି ଭିଜିଲାନ୍ସ।

ଅନ୍ୟପକ୍ଷରେ ଭିଜିଲାନ୍ସ କୋର୍ଟରେ ହାଜର ହେବାକୁ ଯାଉଥିବାବେଳେ ବିଜୟ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ କହିଛନ୍ତି, ମୁଁ କୌଣସି ଲାଞ୍ଚ ଗ୍ରହଣ କରିନାହିଁ। ମୋ କାର୍ଯ୍ୟାଳୟର କେତେଜଣ କର୍ମଚାରୀ ଆକ୍ରୋଶ ରଖି ଯୋଜନାବଦ୍ଧ ଭାବେ ମୋତେ ଫସାଇ ଦେଇଛନ୍ତି। ଏହା ପଛରେ କେତେଜଣ ବରିଷ୍ଠ ଅଧିକାରୀଙ୍କ ହାତ ରହିଥିବା ସେ କହିଛନ୍ତି।

୨୦୦୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଜୟ ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ଥିଲେ। ସୋମବାର ଏକ ବିଲ୍ ପାସ କରିବା ନିମନ୍ତେ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିବା ସହ ତାଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରିଥିଲା। ଏଥିସହ ଭିଜିଲାନ୍ସର ୧୦ ଜଣିଆ ଟିମ ବିଜୟଙ୍କ ଅଫିସ ସମେତ ବାସଗୃହ ଓ ଅନ୍ୟକେତେକ ସ୍ଥାନରେ ଚଢାଉ କରିଥିଲା। ତେବେ ଧରାପଡିବା ପରେ ରାଜ୍ୟ ସରକାର ତାଙ୍କୁ ତୁରନ୍ତ ନିଲମ୍ବନ କରିଥିଲେ।

# ବରଗଡ଼ ଧନୁଯାତ୍ରା ଉଦ୍‌ଘାଟିତ



ଅତିଥିମାନେ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଉଦଘାଟନ କରୁଛନ୍ତି।

**ମଥୁରାନଗରୀ,୩୧।୧୨**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, କାର୍ଯ୍ୟକାରୀ ସଭାପତି ତଥା ଏସପି ପଦ୍ମିନୀ ସାହୁ, ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ସାଂସ୍କୃତିକ କମିଟି ଆବାହକ ଗୋପାଳକୃଷ୍ଣ ଦାଶ, କଳାକାର ଉପଦେଷ୍ଟା ସମନ୍ୱୟ ସମିତି ସହ ଆବାହକ ଅଶୋକ ବେହେରା, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ଚୈତନ୍ୟ ପାଇକ, ପୂର୍ବତନ ପୌର ଉପାଧ୍ୟକ୍ଷା କଳ୍ପନା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ବରଗଡ଼ ସହର ମଥୁରାନଗରୀ ପାଲଟି ଯାଇଥିବାବେଳେ କଂସଙ୍କ ରାଜୁତି ଆରମ୍ଭ ହୋଇଛି।

**କଂସ ରାଜୁତି ଆରମ୍ଭ**

ମହୋତ୍ସବ ଉଦ୍‌ଘାଟିତ ହେବା ପରେ ନାଟ୍ୟାଭିନୟରେ ମହାରାଜା ଉଗ୍ରସେନଙ୍କ ଉପସ୍ଥିତିରେ ରାମଜୀ ମନ୍ଦିରରେ ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ପରେ ଯୁବରାଜ କଂସ ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରିବା ସହିତ ମଥୁରା ଶାସନ ନିଜ ହାତକୁ ନେଇଥିଲେ। ଦେବକୀଙ୍କ ଅଷ୍ଟମ ସନ୍ତାନ ତାଙ୍କ ମୃତ୍ୟୁର କାରଣ ହେବ ବୋଲି ଶୂନ୍ୟବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ ଏବଂ ଦେବକୀ ଓ ବସୁଦେବଙ୍କୁ କାରାଗାର (ସମଲେଶ୍ୱରୀ ମଣ୍ଡପ)କୁ ପଠାଇ ଦେଇଥିଲେ। କଂସଙ୍କ ଏଭଳି ରାଜୁତିପରେ ସମଗ୍ର ମଥୁରାନଗରୀ ଅଶାନ୍ତ ହୋଇପଡ଼ିଛି। ସେହିପରି ଶୂନ୍ୟବାଣୀ ପରଠାରୁ ମହାରାଜ କଂସ ମଧ୍ୟ ବିଚଳିତ ହୋଇ ପଡ଼ିଛନ୍ତି। ମନକୁ ଶାନ୍ତ କରିବା ପାଇଁ କଂସଙ୍କ ନିର୍ଦ୍ଦେଶରେ ରାଜ ଦରବାରରେ ନୃତ୍ୟ ପରିବେଷିତ ହୋଇଥିଲା।

**ଭାଜପା ରାଜ୍ୟ ସଭାପତି ଚୟନ ପ୍ରସଙ୍ଗ**

# ଗୋଟିଏ ନାମରେ ମୋହର ଲାଗି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ପ୍ରଚେଷ୍ଟା

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)**

ଭାଜପାର ସାଙ୍ଗଠନିକ ନିର୍ବାଚନ ବୃତାନ୍ତ ପର୍ଯ୍ୟାୟରେ ପହଞ୍ଚିସାରିଛି। ମଣ୍ଡଳ ସଭାପତି ଚୟନଠାରୁ ଆରମ୍ଭ କରି ଜିଲା ସଭାପତି ପର୍ଯ୍ୟନ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବାକୁ ବସିଛି। ଏହାସହ ରାଜ୍ୟ ପରିଷଦ ସଦସ୍ୟ ମଧ୍ୟ ଚୟନ ସରିଛି। ଜିଲା ସଭାପତି ଏବଂ ରାଜ୍ୟ ପରିଷଦ ତାଲିକା ଗତ ରବିବାର କେନ୍ଦ୍ରକୁ ପଠାଯିବା ପରେ ୭ଦିନ ମଧ୍ୟରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଟିମ୍ ଓଡିଶା ଆସିବାର କାର୍ଯ୍ୟକ୍ରମ ଥିଲା। ଦଳର କିଏ ରାଜ୍ୟ ମଙ୍ଗ ଧରିବ ସେନେଇ ପର୍ଯ୍ୟବେକ୍ଷକ ମତାମତ ସଂଗ୍ରହ ସକାଶେ ଆସିଥିଲେ। ଏଥିପାଇଁ କେନ୍ଦ୍ରରୁ ରାଜ୍ୟ ସଭା ଏମ୍‌ପି ବୀନୟ ସହସ୍ରବୁଦ୍ଧେ ଏବଂ ଭାଜପା ସର୍ବଭାରତୀୟ ସମ୍ପାଦକ ଆର୍‌ପି ସିଂ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ଦୁଇ ପର୍ଯ୍ୟବେକ୍ଷକ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ବହୁ ବରିଷ୍ଠ ନେତା, ପଦାଧିକାରୀ ଏବଂ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହ ଆଲୋଚନା କରି ଫେରିଛନ୍ତି। ତେବେ ଦଳର ସଭାପତି ପଦ ପାଇଁ କାହା ନାଁରେ ମୋହର ବାଜିବ ତାକୁ ନେଇ ଜୋର୍‌ଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ମୁଖ୍ୟତଃ ସଭାପତି ପଦ ପାଇଁ ଗୋଟିଏ ନାଁ ଉପରେ ସମସ୍ତ ନେତାଙ୍କ ସହମତି କିପରି ପ୍ରକାଶ ପାଇବ ସେଦିଗରେ ଦୁଇ ପର୍ଯ୍ୟବେକ୍ଷକ ଗୁରୁତ୍ୱ ଦେଇଥିବା ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ହେଲେ ବୈଠକରେ ୩ ନେତାଙ୍କ ନାଁକୁ ନେଇ ବିଶେଷ ମତ ପ୍ରକାଶ ପାଇଛି। ଗୋଟିଏ ନାଁ ଉପରେ ସମସ୍ତଙ୍କ ସହମତି ଯୋଗାଡ଼ କରିବାରେ ଦୁଇ ପର୍ଯ୍ୟବେକ୍ଷକ ବିଫଳ ହୋଇ ଫେରିଛନ୍ତି। ହେଲେ ଜଣେ ବରିଷ୍ଠ ନେତାଙ୍କ କହିବାନୁଯାୟୀ, ଦିଲ୍ଲୀରେ ପହଞ୍ଚିବାପରେ କାହା ଚାପରେ ନିର୍ଦ୍ଦିଷ୍ଟ ଗୋଟିଏ ଗୋଷ୍ଠୀର ଜଣେ ସମର୍ଥକଙ୍କୁ ସଭାପତି ଆସନରେ ବସାଯିବ ନା ମତ ପ୍ରକାଶ ପାଇଥିବା ୩ ନାଁ ଉପରେ ପୁନର୍ବାର ବିଚାର କରାଯିବ ସେନେଇ କିଛି ଜଣାପଡୁନାହିଁ। ଯଦି ପ୍ରକୃତରେ କେନ୍ଦ୍ରୀୟ ନେତୃତ୍ୱ କାହା ଚାପରେ ବଶିଭୂତ ନ ହୋଇ ସବୁ ଆଶାୟୀଙ୍କୁ ବିଚାରକୁ ନିଅନ୍ତି ତେବେ ଆଉଥରେ ପର୍ଯ୍ୟବେକ୍ଷକମାନେ ରାଜ୍ୟ ଗସ୍ତରେ ଆସିବା ନିଶ୍ଚିତ। ଅନ୍ୟପକ୍ଷରେ ରାଜ୍ୟରେ ଦଳର କେତେ ଅସନ୍ତୋଷ ଗୋଷ୍ଠୀ ରହିଛନ୍ତି ତାର ମଧ୍ୟ ତାଲିକା ସଂଗ୍ରହ କରାଯାଇଛି। ଶେଷରେ ଉତ୍କଳ ବିପନ୍ନ ସହାୟତା ସମିତି କେନ୍ଦ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିବା ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ଏଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତାମାନଙ୍କ ମତାମତ ଲୋଡାଯାଇଛି ବୋଲି ମଧ୍ୟ ଆଲୋଚନା ହେଉଛି। ଦଳର ରାଜ୍ୟ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ କହିଛନ୍ତି, ସହମତି ଭିତ୍ତିରେ ରାଜ୍ୟ ସଭାପତି ଚୟନର ପରମ୍ପରା ରହିଆସିଛି। ଯୋଗ୍ୟତା, ଦକ୍ଷତା, ପାରଦର୍ଶିତା, ଗ୍ରହଣିୟତା ରାଜ୍ୟ ସଭାପତି ଚୟନର ମୁଖ୍ୟ ମାପକାଠି ହେବ ବୋଲି ଷଡଙ୍ଗୀ କହିଛନ୍ତି।

# ପ୍ରତି ବ୍ଲକରେ ପ୍ରତିଷ୍ଠା ହେବ କମ୍ୟୁନିଟି ରେଡିଓ

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)**

ଓଡ଼ିଶାର ପ୍ରତି ବ୍ଲକରେ କମ୍ୟୁନିଟି ରେଡିଓ ସ୍ଥାପନ କରିବା ଲକ୍ଷ୍ୟରେ ମଙ୍ଗଳବାର ଆରମ୍ଭ ହୋଇଛି ମିଶନ୍ ସି.ଆର୍. ୩୧୪। ଆକ୍ସନଏଡ୍ ସହଯୋଗରେ ୟଙ୍ଗ ଇଣ୍ଡିଆ, ନମସ୍କାର କମ୍ୟୁନିଟି ମିଡିଆ ନେଟ୍‌ୱର୍କ ଓ ଓଡ଼ିଶା ଗୋଷ୍ଠୀ ବେତାର ମହାସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଇମେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନକୁ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲା ତଥା ରାଜ୍ୟ ବାହାରୁ ବିଭିନ୍ନ ଓଡ଼ିଆ ସଙ୍ଗଠନର ୧୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କ ଅଞ୍ଚଳରେ ଗୋଷ୍ଠୀ ବେତାର କେନ୍ଦ୍ର ବା କମ୍ୟୁନିଟି ରେଡିଓ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ଦିଲ୍ଲୀ, ସୁରଟ୍, ବେଙ୍ଗାଲୁରୁ ଓ ଚେନ୍ନାଇରେ ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟରତ ଓଡ଼ିଆ ସଙ୍ଗଠନର ପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳରେ ଓଡ଼ିଆ କମ୍ୟୁନିଟି ରେଡିଓ ସ୍ଥାପନ କରିବେ ବୋଲି ଘୋଷଣା କରିଥିଲେ। ଭାରତୀୟ ଗୋଷ୍ଠୀ ବେତାର ମହାସଂଘର ଜାତୀୟ ସଭାପତି ଏନ୍.ଏ. ଶାହ ଅନ୍‌ସାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରେଡିଓ ସ୍ୱରାଜର ଅଧ୍ୟକ୍ଷ ଗାନ୍ଧିବାଦୀ ପ୍ରବକ୍ତା ଏସ୍.ଏ. ସଫିକ୍ ଅଧ୍ୟକ୍ଷତା କରିଥିଲେ।

## ଜିଲା ଚିଠି



### ଢେଙ୍କାନାଳ

## ଆବାସ ହଡ଼ପ

ଢେଙ୍କାନାଳ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ଚେର ଗହୀରକୁ ଲମ୍ବିଛି। ଏହା ବାଟରେ ପଡ଼ି ହାଟରେ ଗଡ଼ିବା ପରେ ପ୍ରଶାସନିକସ୍ତରରେ ଯଦିଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ହେଲେ ତାହା ସମୁଦ୍ରକୁ ଶଙ୍ଖେ ପରି। ପ୍ରଥମେ ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତରୁ ମିଳିଥିଲା ଆବାସ ଦୁର୍ନୀତିର ଖିଅ। ବିଭାଗୀୟ ଅଧିକାରୀମାନେ ଲକ୍ଷାଧିକ ଟଙ୍କାର ଲାଞ୍ଚ ନେଇ ହଟଚମଟ କରିଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ସେହିପରି କଙ୍କଡ଼ାହାଡ଼ ବ୍ଲକ, ସଦର ବ୍ଲକର କେତେକ ପଞ୍ଚାୟତରେ ସମାନ ଅଭିଯୋଗ ଆସିଛି। ଭାଲିଆବୋଲକାଟେଣୀ ପଞ୍ଚାୟତରେ ୨ଜଣ ହିତାଧିକାରୀଙ୍କ ଘର କାମ ଆରମ୍ଭ ପୂର୍ବରୁ ଚଞ୍ଚକତା କରି ପିଇଓ ୧ଲକ୍ଷ ୮୦ ହଜାର ଟଙ୍କା ହଡ଼ପକରି ନେଇଥିବା ଚର୍ଚ୍ଚା ହେଉଛି। ସୋସିଆଲ ମିଡିଆ ଏବଂ ଗଣମାଧ୍ୟମରେ ଏହା ଚର୍ଚ୍ଚିତ ବିଷୟ ପାଲଟିବା ପରେ ବ୍ଲକ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ବଢ଼ିବାର ପ୍ରମୁଖ କାରଣ ବ୍ଲକସ୍ତରରେ ଉପଯୁକ୍ତ ସମୀକ୍ଷା କରା ନ ଯିବା ବୋଲି କୁହାଯାଉଛି। ଜିଲାସ୍ତରୀୟ ବୈଠକରେ କେବଳ କାଗଜ କଲମରେ ସବୁ ଠିକ୍ ଚାଲିଥିବା କହି ବ୍ଲକ ପ୍ରଶାସନ ସାବାସୀ ନେଉଛନ୍ତି। ହେଲେ ପ୍ରକୃତ ସମସ୍ୟା ଆଡ଼କୁ କେହି ନଜର ଦେଉନାହାନ୍ତି। ଦୁର୍ନୀତିରେ ସମ୍ପୃକ୍ତ ଥିବା ପ୍ରମାଣ ମିଳିବା ସତ୍ତ୍ୱେ ଅଦ୍ୟାବଧି ମାତ୍ର ୪/୫ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ତଦନ୍ତ ପ୍ରକ୍ରିୟାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କେବଳ ଏତିକି ନୁହେଁ, '୫-ଟି' ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ଜିଲାକୁ ମନ୍ତ୍ରୀ, ସଚିବମାନେ ଘନ ଘନ ପରିଦର୍ଶନ କରି ସମୀକ୍ଷା କରୁଛନ୍ତି। ହେଲେ ଢୋଲ ଭିତରେ ମୂଷା ଭଳି ପଞ୍ଚାୟତସ୍ତରରେ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଯୋଜନା ବାଟବଣା ହେଉଥିବା କଥାକୁ ପ୍ରଶାସନିକସ୍ତରରେ ଯଥାସମ୍ଭବ ଚପାଇ ରଖିବାକୁ ଚେଷ୍ଟା କରାଯାଉଛି। ଫଳରେ ସମୀକ୍ଷା ବେଳେ ପ୍ରକୃତ ତଥ୍ୟ ପଦାକୁ ଆସୁନାହିଁ। ପୂର୍ବରୁ ଇନ୍ଦିରା ଆବାସ, ବିଜୁ ପକ୍କାଘର ଦୁର୍ନୀତିରେ ପଞ୍ଚାୟତ ପ୍ରତିନିଧିମାନଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବାରୁ ସେମାନଙ୍କ ଉପରେ ଅଙ୍ଗୁଳି ଉଠୁଥିଲା। ଏବେ ଅଧିକାଂଶ କ୍ଷେତ୍ରରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏହି ଦୁର୍ନୀତିର ମୁଖ୍ୟ କାର୍ପଟଦାର ସାଜୁଥିବା ତଦନ୍ତ ପରେ ସ୍ପଷ୍ଟ ହେଉଛି। ଉଚ୍ଚସ୍ତରୀୟ ତଦନ୍ତ ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ହିଁ ଏହାକୁ ରୋକିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

– ରତନ ନାୟାର

# ହାତୀ ଆକ୍ରମଣରେ ମହିଳା ମୃତ

**ବନ୍ତଲା,୩୧।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ରେଞ୍ଜ ଅଧୀନ ଗୋପାଳପୁର ଗ୍ରାମରେ ମଙ୍ଗଳବାର ଭୋର ୩ଟା ୧୫ ରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜୟନ୍ତୀ ବୀର (୪୨)। ପରିବାର ଲୋକଙ୍କ କହିବା କଥା, ଜୟନ୍ତୀ ଘରେ ଶୋଇଥିଲେ। ଭୋର ସମୟରେ କୁକୁର ଭୁକିବାରୁ ଷଣ୍ଢ ପଶି ଆସିଥିବା ଭାବି ବାହାରକୁ ଆସିଥିଲେ। ଏହି ସମୟରେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ରେଞ୍ଜର ଗଜେନ୍ଦ୍ର ବେହେରା ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି। ଥାନା ଅଧିକାରୀ ବିକ୍ରମ ବିହାରୀ ଜୟପୁରିଆ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଥିଲେ।

**ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ଦୋକାନ ଖୋଲାକୁ ବିରୋଧ**

# ମନ୍ତ୍ରୀଙ୍କ ଘର ଆଗରେ ଛାତ୍ର କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

- ବିରୋଧ କଲା ମିଳିତ ନିଶା ନିବାରଣ ଅଭିଯାନ
- ସରକାରଙ୍କର ଡବଲ୍ ପଲିସି ଜୀବନ ନେଉଛି

ଜିରୋ ଆୱାର ସେଲିବ୍ରେଶନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ରାତି ୧ଟା ପର୍ଯ୍ୟନ୍ତ ମଦ ଦୋକାନ ଖୋଲା ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କଟକ, ଭୁବନେଶ୍ୱର ଓ ପୁରୀ ପୌରାଞ୍ଚଳ ପାଇଁ ଏହି ନିର୍ଦ୍ଦେଶ ରହିଥିଲା। ଏହାକୁ ଛାତ୍ର କଂଗ୍ରେସ ତୀବ୍ର ବିରୋଧ କରିବା ସହ ରାଜରାସ୍ତାକୁ ଓହ୍ଲାଇଛି। କଂଗ୍ରେସ ଭବନରୁ ଶୋଭାଯାତ୍ରାରେ ବାହାରି ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଘର ନିକଟରେ ପହଞ୍ଚିଥିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଗାନ୍ଧୀଙ୍କ ଫଟୋଧରି ଧାରଣାରେ ବସିଥିଲେ। ନେତା, କର୍ମୀ, ଛାତ୍ର, ଯୁବକମାନେ ମନ୍ତ୍ରୀ ଓ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ପରେ ସେମାନଙ୍କୁ ପୋଲିସ ଉଠାଇ ନେଇ ଛାଡ଼ି ଦେଇଥିଲା। ଏନେଇ ଛାତ୍ର କଂଗ୍ରେସ ନେତା ଦୁର୍ଗାମାଧବ ମହଲା କହିଛନ୍ତି, ସରକାର ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ଦୋକାନ ଖୋଲି ଅପରାଧୀଙ୍କୁ ଅପରାଧ ଘଟାଇବାକୁ ପ୍ରଶ୍ରୟ ଦେଉଛନ୍ତି। ଜିରୋ ନାଇଟ୍‌ରେ ବାଙ୍ଗାଲୋର, ମୁମ୍ବାଇ ପରି ବଡ଼ ବଡ଼ ଅପରାଧ ଭୁବନେଶ୍ୱରରେ ଘଟିବାର ଆଶଙ୍କା ରହିଛି। ସରକାର ରାଜସ୍ୱ ଲୋଭରେ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉନାହାନ୍ତି।

ଅନ୍ୟପକ୍ଷରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ମଧ୍ୟ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ କରାଯାଇଥିଲା। ସେମାନେ ସରକାରଙ୍କ ଏଭଳି ନିଷ୍ପତ୍ତିର ନିନ୍ଦା କରିବା ସହ ସରକାର ମହିଳା ବିରୋଧୀ ବୋଲି ନାରାବାଜି ଦେଇଥିଲେ। କଂଗ୍ରେସ ବିଧାୟକ ସାନ୍ତୋଷ ସିଂ ସାଲୁଜା କହିଛନ୍ତି, ସରକାରଙ୍କର ଏହା ହେଉଛି ଡବଲ ପଲିସି। ଗୋଟିଏ ପଟେ କହୁଛନ୍ତି ମଦ ପିଇ ଗାଡି ଚଲାଇଲେ ସିଧା ଜେଲ, ଏପଟେ ନୂଆବର୍ଷ ପାଇଁ ରାତି ଅଧ ପର୍ଯ୍ୟନ୍ତ ମଦ ଦୋକାନ ଖୋଲୁଛନ୍ତି। ଏଥିଯୋଗୁ ଯେଉଁ ଅପରାଧ, ଦୁର୍ଘଟଣା ଘଟିବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ରାଜ୍ୟ ସରକାରଙ୍କର ଏହା ଏକ ଭୁଲ୍ ନିଷ୍ପତ୍ତି। ରାଜ୍ୟରେ ବେଆଇନ ମଦ ଦୋକାନ ବନ୍ଦ କରିବା ବଦଳରେ ସରକାର କିପରି ଏଭଳି ନିଷ୍ପତ୍ତି ନେଲେ ବୋଲି ପ୍ରଶ୍ନ ଉଠାଇ ଏହାକୁ ବିରୋଧ କରିଛନ୍ତି। ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି,ଏହା ଜିରୋନାଇଟ୍ ପାଇଁ ଗୋଟିଏ ଦିନ ଖୋଲା ରହିବ, ସବୁ ଦିନ ନୁହେଁ।

# ଏ ମାସର କୃଷି ସୂଚନା

**ଆଖୁ ବିହନ:** – ୬ ରୁ ୮ ମାସ ହୋଇଥିବା ଆଖୁକୁ ବିହନ ରୂପେ ବ୍ୟବହାର କରନ୍ତୁ । ଆଖୁଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ହେକ୍ଟର ପିଛା ୭୫ ରୁ ୧୦୦ କ୍ୱିଣ୍ଟାଲ ଆଖୁ ବିହନ ଆବଶ୍ୟକ ।

– ମୂଳି ଫସଲରୁ ବିହନ ବ୍ୟବହାର କରନ୍ତୁ ନାହିଁ ।

– ଲଗାଇବା ପୂର୍ବରୁ ଆଖୁଗୁଳାକୁ ୦.୧% କାର୍ବେଣ୍ଡାଜିମ୍ ୧୨ ରୁ ୨୪ ଘଣ୍ଟା ବୁଡ଼ାଇଲେ ଭଲ ଗଜା ବାହାରେ ।

– ଧାଡ଼ିକୁ ଧାଡ଼ି ସଅଳ କିସମ ୬୦ ସେ.ମି., ମଧ୍ୟମ କିସମ ୭୫ ସେ.ମି., ବିଳମ୍ବ କିସମ ୯୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

– ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।

**ଶାଗ :** ଶୀତଦିନଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ ।

**କୋବି :**– କୋବି ଜାତୀୟ ଫସଲରେ ବିନ୍ଧାପୋକ, ଠିକିରିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ବିଳମ୍ବ କିସମ କୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ। କିସମ – ସ୍ନୋବଲ୍, ସ୍ନୋବଲ୍–୧୬ ।**ଆମ୍ବ :**– ଆମ୍ବ ବଉଳ ଆସିବାର ୭ ଦିନ ପରେ ୨ ମି.ଲି. ଫସ୍‌ଫୋଡିନ୍‌କୁ ୧ ଲିଟର ପାଣିରେ ଗଛ, ପତ୍ର ଓ ଡାଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ଜଳସେଚନ କରନ୍ତୁ ।

– କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ।



**ତରଭୁଜ :**– ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ ଘୋଡ଼ାଇ ଦିଅନ୍ତୁ।

ଉନ୍ନତ କିସମ – ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା

ସଙ୍କର କିସମ – ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍, ଆଣ୍ଡାମାନ୍ ।



**ଡାଲିଜାତୀୟ ଫସଲରେ ପାଉଁଶିଆ ରୋଗ ଦେଖାଦେଲେ...**

– ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବୁଣନ୍ତୁ ।

– ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇବୋଜିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ ।

– ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ।

– ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ।

– ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।

– ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୫୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

– ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨୦ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ।

**ତୈଳବୀଜ:ଚିନାବାଦାମ** – ଚିନାବାଦମ ବୁଣିବାର ଦୁଇ ତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ହଳ ସମୟରେ ଦିଆ ଯାଇ ନ ଥାଏ, ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ। ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ। ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ। ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ସିଞ୍ଚନ କରନ୍ତୁ। ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ହେକ୍ସାକୋନାଜଲ୍ କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍/ଲିଟର ପାଣି ସିଞ୍ଚନ କରନ୍ତୁ।

**ସୋରିଷ:** ଆବଶ୍ୟକତା ଅନୁଯାୟୀ ଜଳସେଚନ କରନ୍ତୁ। ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ମେଟାସିଟକ୍ସ ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ସିଞ୍ଚନ କରନ୍ତୁ ।

**ସୂର୍ଯ୍ୟମୁଖୀ:**–ରୋଗ ଓ ପୋକ ନିରାକରଣ ଲାଗି ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ ।

**ଲିଚୁ ଓ ସପେଟା:**–ଗଛରେ ଫୁଲ ଓ ଫଳ ଧରି ଆସିବାର ଦେଖିଲେ ଜଳସେଚନ ବନ୍ଦ କରନ୍ତୁ । ନଚେତ୍ ଫୁଲ ଓ କଷି ଝଡ଼ି ଯାଇପାରେ । **ଗୋପାଳନ :**– ଗାଈଙ୍କଠାରେ ପ୍ରସୂତି ସମସ୍ୟା ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ପାଇଁ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**ଛେଳି ପାଳନ :**– ଥଣ୍ଡାଜନିତ ଅସୁବିଧାରୁ ରକ୍ଷା କରିବା ଲାଗି ଯଥାସାଧ୍ୟ ପଦକ୍ଷେପ ଗ୍ରହଣ କରନ୍ତୁ ।

– ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**କୁକ୍କୁଡ଼ା ପାଳନ:**– ଥଣ୍ଡାଜନିତ ଅସୁବିଧାରୁ ରକ୍ଷାପାଇବା ସକାଶେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରନ୍ତୁ।

– ଭୂତାଣୁଜନିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

**ଖରାଟିଆ ଫୁଲଚାଷ:**– ଖରାଟିଆ ଫୁଲଚାଷ ଲାଗି ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।



**ମତ୍ସ୍ୟଚାଷ :**– ୧ ହେକ୍ଟର ବିଶିଷ୍ଟ ପୋଖରୀରେ ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା. ୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ ।

**– କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**

## ଧାନ

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩–୪ ଦିନ ଟାଣଖରାରେ ଶୁଖାନ୍ତୁ। ସାଇତିବା ପୂର୍ବରୁ ଅମାର ଘର ସଫା କରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ଧାନ ରଖିବା ପୂର୍ବରୁ ପୁରୁଣା ବସ୍ତାଗୁଡ଼ିକୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଆବଶ୍ୟକ।



## ଡାଲୁଅ ଧାନତଳି ପ୍ରସ୍ତୁତି

ତଳି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲ ଜମିରେ ତଳି ପଡ଼ିଥାଏ) କିଆରିକୁ କାଦୁଅ କରି ଶେଷଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ନ୍ତୁ। ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

– ବିହନରୁ କଣ୍ଢା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ ।

– ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ ।

– ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ ।

– ବିହନ କିସମ: ସହଳ– ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ।

ମଧ୍ୟମ: ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ।

– କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ। ଏହାଦ୍ୱାରା ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।



## ଆଳୁ ଚାଷ ସମ୍ପର୍କରେ

ମାଟିର ଆବଶ୍ୟକତାକୁ ଚାହିଁ ୮–୧୦ ଦିନ ଅନ୍ତରରେ ଆଳୁ ଚାଷ ହୋଇଥିବା ସ୍ଥାନରେ ପାଣି ମଡାନ୍ତୁ। ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଆବଶ୍ୟକ। ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ। ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୨ କି.ଗ୍ରା. ଇଣ୍ଡୋଫିଲ୍ ଏମ୍–୪୫ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍‌ସିଲ୍ କିମ୍ବା ମାନ୍‌କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ । ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ାଟେକା ଶୀଘ୍ର ସାରି ଦିଅନ୍ତୁ ।



# ନବବଧୂ ଭଳି ସଜେଇ ହୋଇଛି ସିଂହଦ୍ୱାର

## ଭକ୍ତ, ପର୍ଯ୍ୟଟକଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତ ପୁରୀ

ପୁରୀ ଅଫିସ, ୩୧।୧୨:

ବିଦାୟ ନେଇଛି ବର୍ଷ ୨୦୧୯। ସୁଖଦୁଃଖ, ସ୍ମୃତି ଓ ଅନୁଭୂତି ଭରା ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ ପାଇଁ ପୁରୀରେ ଜମିଛି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼। ବଡ଼ଦାଣ୍ଡ, ବଡ଼ଦେଉଳ ଆଉ ବେଳାଭୂମି ସବୁଠି ଦେଖିବାକୁ ମିଳିଛି ଗହଳିଚହଳି। ଚଳଚଞ୍ଚଳ ହୋଇଉଠିଛି ଧାର୍ମିକ ସହର ପୁରୀ। ସମସ୍ତଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତ ରହିଛି ଶ୍ରୀକ୍ଷେତ୍ର। ନୂଆବର୍ଷ ପାଇଁ ନବବଧୂ ଭଳି ସଜେଇ ହୋଇଛି ସିଂହଦ୍ୱାର। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ କାକୁଡ଼ିଖାଇ ମନ୍ଦିର ପର୍ଯ୍ୟନ୍ତ ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡ ପାଇଛି ନୂଆରୂପ। ଆଖି ଝଲସାଇ ଦେବା ଭଳି ସାଜସଜ୍ଜାରେ ଚମକୁଛି ସିଂହଦ୍ୱାର ଅଞ୍ଚଳ।

ବିଦାୟୀ ବର୍ଷର ଶେଷ ଦିନ ଅର୍ଥାତ୍ ମଙ୍ଗଳବାର ହଜାର ହଜାର ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏଥିସହ ନୂଆବର୍ଷ ଲାଗି ପରିବାର ଓ ବନ୍ଧୁ ପରିଜନଙ୍କ ସୁଖ ସମୃଦ୍ଧି କାମନା ମଧ୍ୟ କରିଛନ୍ତି। ପୁଣି ନୂଆବର୍ଷର ପ୍ରଥମ ଦିନରେ ଦାରୁଦିଅଁଙ୍କ ଆଶୀର୍ବାଦ କାମନା ଲାଗି ଶ୍ରୀକ୍ଷେତ୍ରରେ ଡେରା ପକାଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

ପ୍ରାୟ ୪ ମାସ ପୂର୍ବରୁ ସିଂହଦ୍ୱାର ସମ୍ମୁଖ ଚିତ୍ର ବେଶ୍ ଭିନ୍ନ ଥିଲା। ସମ୍ମୁଖରେ ଉଠାଦୋକାନୀ, ବ୍ୟବସାୟ ପ୍ରତିଷ୍ଠାନ, ଭିକାରିଙ୍କ ଗହଳି ଲାଗୁଥିଲା। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡ ଦେଇ ଯା’ ଆସ କରିବାରେ ମଧ୍ୟ ସମସ୍ୟା ହେଉଥିଲା। ହେଲେ ଆଜି ବଦଳିଯାଇଛି ଚିତ୍ର। ସେବର ସିଂହଦ୍ୱାର ଏବଂ ଏବର ସିଂହଦ୍ୱାର ମଧ୍ୟରେ ବେଶ୍ ଫରକ ବାରି ହୋଇପଡୁଛି। ସିଂହଦ୍ୱାର କି ମନ୍ଦିର ଚତୁଃପାର୍ଶ୍ୱରେ ଆଉ ପୂର୍ବଭଳି ଗହଳି ନାହିଁ। ସ୍ୱାଭାବିକ ଭାବେ ଚଳଚପ୍ରଚଳ କରୁଛନ୍ତି ଶ୍ରଦ୍ଧାଳୁ। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ବସି ନୀଳଚକ୍ରରେ ପ୍ରତ୍ୟହ ପତିତପାବନ ବାନା ବନ୍ଧାର ଦୃଶ୍ୟ ଉପଭୋଗ କରୁଛନ୍ତି। ସେହିପରି ସନ୍ଧ୍ୟାରେ ଠାଏ ଠାଏ ବସି ମହାପ୍ରଭୁଙ୍କୁ ସ୍ମରଣ କରୁଛନ୍ତି।

### ସୃଷ୍ଟି ହୋଇଛି ସବୁଜ ବଳୟ

ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ନୂଆବର୍ଷରେ ନୂଆ ଅନୁଭୂତି ଦେବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛି ପ୍ରଶାସନ। ଏଥିମଧ୍ୟରେ ସବୁଜ ବଳୟ ଅନ୍ୟତମ। ସିଂହଦ୍ୱାର ଦୁଇପାର୍ଶ୍ୱ, ମେଘନାଦ ପାଚେରି କଡ଼, ୪ଟି ମଠ (ଏମାର, ଲଙ୍ଗୁଳି, ମଙ୍ଗୁ ଓ ବଡ଼ ଆଖଡ଼ା)ର ଉଚ୍ଛେଦ ସ୍ଥଳ, ନୂତନ ବ୍ୟାରିକେଡର ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରକାର ଫୁଲ ଗଛ ଏବଂ ଅନ୍ୟାନ୍ୟ ଗଛକୁ ସଜାଇ ସବୁଜ ବଳୟ ସୃଷ୍ଟି କରାଯାଇଛି। ରାତିରେ ମେଘନାଦ ପାଚେରି କଡ଼ରେ ଲାଇଟ୍ ଦିଆଯିବା ପରେ ଗଛ ପାଖରୁ ଠାଏ ଠାଏ ଉଜ୍ଜଳ ଆଲୋକ ଦେଖି ଶ୍ରଦ୍ଧାଳୁମାନେ ବେଶ୍ ଖୁସି ହେଉଛନ୍ତି।

### ଆକର୍ଷଣୀୟ ନୂତନ ବ୍ୟାରିକେଡ

ପୂର୍ବରୁ ସିଂହଦ୍ୱାର ନିକଟରେ ଥିବା ବ୍ୟାରିକେଡକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯାଇଛି। ତାହାର ପୂର୍ବକୁ ତିଆରି ହୋଇଛି ନୂଆ ବ୍ୟାରିକେଡ। ଏହା ଉପରେ ଆକର୍ଷଣୀୟ ଶେଡ୍ କରାଯାଇଛି। ଶେଡ୍ ଉପରି ଭାଗକୁ ବିଭିନ୍ନ ପ୍ରକାର ଫୁଲରେ ସଜା ଯାଇଥିବାବେଳେ ତଳେ ରଙ୍ଗିନ ସିଲିଂ କରାଯାଇଛି। ସେହିପରି ବ୍ୟାରିକେଡ ଚତୁଃପାର୍ଶ୍ୱ ଫୁଲ ମାଳରେ ଶୋଭା ବର୍ଦ୍ଧନ କରୁଛି। ପ୍ରାୟ ୨୭୦ ଫୁଟ୍ ଲମ୍ବର ଏହି ବ୍ୟାରିକେଡରେ ୧୦ଟି ଧାଡ଼ି ରହିଛି। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ମନ୍ଦିର ପାର୍ଶ୍ୱକୁ ଥିବା ଶେଷ ଧାଡ଼ିରେ ବସିବା ବ୍ୟବସ୍ଥା ହୋଇଛି। ଅର୍ଥାତ୍ ବରିଷ୍ଠ ନାଗରିକ କିମ୍ବା ଦିବ୍ୟାଙ୍ଗ ଭକ୍ତ ଚାହିଁଲେ ସେଠାରେ ବସିପାରିବେ। ବ୍ୟାରିକେଡରେ ସିସିଟିଭି ଲଗାଯାଇଥିବାବେଳେ ସାଉଣ୍ଡ ବକ୍ସ ରହିଛି। ପ୍ରବେଶ ପଥରେ ମେଟାଲ ଡିଟେକ୍ଟର ଖଞ୍ଜାଯାଇଛି। ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ଭକ୍ତଙ୍କୁ ଯାଞ୍ଚ କରି ଛାଡୁଛନ୍ତି। ମଙ୍ଗଳବାରଠାରୁ ନୂତନ ବ୍ୟାରିକେଡ ଦେଇ ଶ୍ରଦ୍ଧାଳୁଙ୍କୁ ଛଡ଼ାଯାଇଛି।

### ଚମକୁଛି ପାରମ୍ପରିକ ଝୋଟି ଚିତା

ନୂତନ ବ୍ୟାରିକେଡ କଡ଼ରୁ ମନ୍ଦିର ପଟକୁ ଅଙ୍କାଯାଇଛି ପାରମ୍ପରିକ ଝୋଟି ଚିତା। ୪୫ ଫୁଟ ଚଉଡ଼ା ଓ ପ୍ରାୟ ୨୭୦ ଫୁଟ ଲମ୍ବରେ ବଡ଼ଦାଣ୍ଡ ଉପରେ ବକୁଳ ଫାଉଣ୍ଡେଶନ ପକ୍ଷରୁ ଏହା କରାଯାଇଛି। ପ୍ରଥମେ ଧଳା ରଙ୍ଗ ଶୁଖିଗଲା ପରେ ଏଥିରେ ଟେରାକୋଟା ରଙ୍ଗ ଦିଆଯାଇଛି। ସେଥିରେ ଧଳା ରଙ୍ଗର ଫୁଲର ଚିତ୍ର ରହିଛି। ଏହି ୪୫ ଫୁଟ ଚଉଡ଼ା ମଝିରେ ୮ ଫୁଟ ଗୋଲେଇର ୪ଟି ଫୁଲ ଅଙ୍କାଯାଇଛି ଏବଂ ଦୁଇପାର୍ଶ୍ୱରେ ବର୍ଡର ପକାଯାଇଛି। ସ୍ମୃତିକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ୧୫ ଜଣ ଚିତ୍ରଶିଳ୍ପୀ ଏବଂ ୫ ଜଣ ଶ୍ରମିକ ୫ ଦିନ ଧରି ଏହାକୁ ପ୍ରସ୍ତୁତ କରିଛନ୍ତି। ଏହି ପାରମ୍ପରିକ ଝୋଟି ଚିତାକୁ ବି ଦର୍ଶନାର୍ଥୀ ପ୍ରଶଂସା କରୁଛନ୍ତି।



### ଝଲସୁଛି ସିଂହଦ୍ୱାର ଅଞ୍ଚଳ

ଉଜ୍ଜ୍ୱଳ ଆଲୋକମାଳାରେ ଝଲସୁଛି ସିଂହଦ୍ୱାର ଅଞ୍ଚଳ। ମେଘନାଦ ପାଚେରି କଡ଼ରେ ବି ଲାଇଟ୍ ଲଗାଯାଇଛି। ଏତଦ୍‌ବ୍ୟତୀତ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟଜଳ, ଶୌଚାଳୟ, ଜୋତା ଓ ମୋବାଇଲ ଷ୍ଟାଣ୍ଡ ଆଦିର ସୁବିଧା କରାଯାଇଛି।







## ସଂକ୍ଷେପରେ

### ଜାନୁୟାରୀରେ ୧୦ ଦିନ ବ୍ୟାଙ୍କ ଛୁଟି




ନୂଆଦିଲ୍ଲୀ,୩୧-୧୨
୨୦୨୦ ଜାନୁୟାରୀରେ ବ୍ୟାଙ୍କ ବିଭିନ୍ନ ରାଜ୍ୟରେ ୧୦ ଦିନ ବନ୍ଦ ରହିବ। ରିଜର୍ଭ ବ୍ୟାଙ୍କର ଛୁଟି ତାଲିକା ମୁତାବକ ୨୦୨୦ ପ୍ରଥମ ମାସରେ ବିଭିନ୍ନ ପର୍ବପର୍ବାଣି ଯୋଗୁ ବ୍ୟାଙ୍କ ବନ୍ଦ ରହିବ ବୋଲି ଉଲ୍ଲେଖ ରହିଛି। ପହିଲା ଦିନ ସାରା ଦେଶରେ ବ୍ୟାଙ୍କ ଛୁଟି ରହିବ। ୧୧ ଜାନୁୟାରୀ ଶନିବାର ମିଶନାରୀ ଡେ ଥିବା ବେଳେ ମିଜୋରାମରେ ବ୍ୟାଙ୍କ ଛୁଟି ରହିବ। ୧୫ ଜାନୁୟାରୀରେ ଭୋଗି, ପୋଙ୍ଗଲ, ଭୋଗଲୀ, ମକର ସଂକ୍ରାନ୍ତି,ବିହୁ ଏବଂ ଲୋହଡି ପର୍ବ ଯୋଗୁ ଆନ୍ଧ୍ର ପ୍ରଦେଶ, କର୍ନାଟକ, ତେଲେଙ୍ଗାନା, ପଞ୍ଜାବ, ଆସାମ ଏବଂ ମହାରାଷ୍ଟ୍ରରେ ବ୍ୟାଙ୍କ ବନ୍ଦ ରହିବ। ୧୬ ଜାନୁୟାରୀରେ ତିରୁବଲ୍ଲୁବର ଦିବସ ଯୋଗୁ ଆନ୍ଧ୍ର ପ୍ରଦେଶ, ପୁଡୁଚେରୀ, ତାମିଲନାଡୁ, ୧୭ ଜାନୁୟାରୀରେ ଉଜାବୁର ଥିରୁନଲ ପାଇଁ ପୁଡୁଚେରୀ,ଥିରୁନଲ, ୧୮ ଜାନୁୟାରୀରେ ଦ୍ୱିତୀୟ ଶନିବାର ଲାଗି ସାରା ଦେଶରେ ଛୁଟି, ୨୩ ଜାନୁୟାରୀରେ ନେତାଜୀ ଜୟନ୍ତୀ ଯୋଗୁ ପଶ୍ଚିମବଙ୍ଗ, ତ୍ରିପୁରା, ଆସାମ ଏବଂ ଓଡିଶାରେ ବ୍ୟାଙ୍କ ଛୁଟି ରହିବ।

> ଘରୋଇକରଣ ହେବା ଯାଏ ଏୟାର ଇଣ୍ଡିଆକୁ ବନ୍ଦ ହେବାକୁ ଦିଆଯିବ ନାହିଁ।
> –ହରଦୀପ ସିଂ ପୁରୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ



> ଇ-ଇଭଏସିଂ ବିଲ୍ ଉପରେ ଥିବା ୟୁନିକ ଇନଭଏସିଂ ରେଫରେନ୍ସ ନମ୍ବର ଦ୍ୱାରା ଟିକସ ଚୋରି ଉପରେ ରୋକ ଲାଗିବ।
> – ପ୍ରକାଶ କୁମାର, ଜିଏସ୍‌ଟିଏନ୍ ସିଇଓ



### ପ୍ରମୁଖ ଉଦ୍ୟୋଗ କ୍ଷେତ୍ରରେ ମାନ୍ଦାବସ୍ଥା ଜାରି

# କୋର୍ ସେକ୍ଟର ଅଭିବୃଦ୍ଧି ୧.୫% କମିଲା

ନୂଆଦିଲ୍ଲୀ,୩୧-୧୨

ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଲଗାତାର ଭାବେ ଶିଳ୍ପ କ୍ଷେତ୍ର ଅଭିବୃଦ୍ଧି ଖସୁଛି। ନଭେମ୍ବରରେ ୮ କୋର୍ ସେକ୍ଟର ଭିତ୍ତିଭୂମି ଶିଳ୍ପଉଦ୍ୟୋଗ ର ଅଭିବୃଦ୍ଧି ନଭେମ୍ବରରେ ୧.୫% ଖସିଛି। ୮ କୋର୍ ସେକ୍ଟର ମଧ୍ୟରୁ ୫ଟିର ଅଭିବୃଦ୍ଧି ନକାରାତ୍ମକ ରହିଥିବା ସୋମବାର ସରକାର ମଙ୍ଗଳବାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ୨୦୧୮ ନଭେମ୍ବରରେ ୮ କୋର ସେକ୍ଟର ଅଭିବୃଦ୍ଧି ୩.୩% ରହିଥିଲା। କୋଇଲା,ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ଇସ୍ପାତ, ବିଦ୍ୟୁତ ଭଳି କ୍ଷେତ୍ରର ଉତ୍ପାଦନ ନିମ୍ନଗାମୀ



ହୋଇଥିବା ରିପୋର୍ଟରୁ ସାମ୍ନାକୁ ଆସିଛି। ସିମେଣ୍ଟ କ୍ଷେତ୍ରର ଉତ୍ପାଦନ ହ୍ରାସ ହେବା ଯୋଗୁ ଏହାର ଅଭିବୃଦ୍ଧି ୪.୧%କୁ ଖସିଛି। ଏହା ଗତ ବର୍ଷ ନଭେମ୍ବରରେ ୮.୮% ରହିଥିଲା। ଏହାବାଦ ରିଫାଇନେରୀ ପ୍ରଡକ୍ଟ ଏବଂ ସାର ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି ଚଳିତ ବର୍ଷ ଉନ୍ନତ ରହିବା ସହ ଯଥାକ୍ରମେ ୩.୧% ଏବଂ ୧୩.୬% ରହିଛି। ଚଳିତ ବର୍ଷ ଏପ୍ରିଲ-ନଭେମ୍ବର ସମୟରେ କୋର ସେକ୍ଟରରେ ଅଭିବୃଦ୍ଧି ସାଧନ ହୋଇ ନାହିଁ। ଯାହା ଗତ ବର୍ଷ ସମାନ ସମୟରେ ୫.୧% ରହିଥିଲା। ଚଳିତ ବର୍ଷ ଅଗଷ୍ଟ ପରଠାରୁ କୋର ସେକ୍ଟରରେ ଉତ୍ପାଦନ ଅଭିବୃଦ୍ଧି ଲଗାତାର ନକାରାତ୍ମକ ରହିଛି।

ଦେଶର ମାନ୍ଦାବସ୍ଥା ସ୍ଥିତି ଯୋଗୁ ଉଦ୍ୟୋଗଗୁଡିକର ଉତ୍ପାଦନରେ ଲାଗାତାର ଭାବେ ହ୍ରାସ ହେଉଛି। ଚଳିତ ଆର୍ଥିକ ବର୍ଷ ଜୁଲାଇ-ସେପ୍ଟେମ୍ବର ସମୟରେ ଦେଶର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଚାହିଦା ଏବଂ ନିବେଶ ପ୍ରଭାବିତ ହେବାକୁ ଯୋଗୁ ଶିଳ୍ପ କ୍ଷେତ୍ର ଉପରେ ଏହାର ପ୍ରଭାବ ପଡିଛି। ସମଗ୍ର ଅର୍ଥ ବ୍ୟବସ୍ଥାର ସ୍ଥିତି ଏବେ ବେହାଲ ରହିଛି। ସରକାର ସ୍ଥିତିରେ ସୁଧାର ଆଣିବାକୁ ପ୍ରୟାସ କରୁଥିଲେ ମଧ୍ୟ ଏହା ଯଥେଷ୍ଟ ହେଉନାହିଁ। ଅଟୋମୋବାଇଲ, ରିୟଲ ଇଷ୍ଟେଟ, ମାଇନିଂ, ଏଫ୍‌ଏମ୍‌ସିଜି ସହ ଶିଳ୍ପ କ୍ଷେତ୍ରର ଉତ୍ପାଦନ ଲଗାତାର ଭାବେ କମୁଥିବାରୁ ଏହାକୁ ନେଇ ବଜାର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରୁଛନ୍ତି। ଏପଟେ ନୂଆ ବର୍ଷକୁ ନେଇ ଇଣ୍ଡିଆ ଇଙ୍କ ଆଶାବାଦି ରହିଥିବା କୁହାଯାଉଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୫୭.୩%

ଭୁବନେଶ୍ୱର,୩୧-୧୨(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଅକ୍ଟୋବରରେ ୩୨୫ ପଏଣ୍ଟ ଥିଲା। ନଭେମ୍ବରରେ ଏଥିରେ ୩ ପଏଣ୍ଟ ବଢି ଏହା ୩୨୮ ପଏଣ୍ଟ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୪୦ ପଏଣ୍ଟ ଥିଲା। ଏଥିରେ ୬ ପଏଣ୍ଟ ବୃଦ୍ଧି ପାଇ ୩୪୬ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୨୩ ପଏଣ୍ଟ ଥିବାବେଳେ ଏଥିରେ ୧୪ ପଏଣ୍ଟ ବୃଦ୍ଧି ଘଟିଛି।

ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୫୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫.୩ % ବୃଦ୍ଧି ଘଟି ୧୫୭.୩% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜାନୁଆରୀ ପହିଲାରୁ ପାଇବେ। ଓଡ଼ିଶା ବ୍ୟତୀତ ସାରା ଦେଶର ଅବସରପ୍ରାପ୍ତ ଓ କାର୍ଯ୍ୟରତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କର୍ମଚାରୀମାନେ ବର୍ତ୍ତମାନ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୪% ବୃଦ୍ଧି ଘଟି ୨୧% ହୋଇଛି। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ। ଓଡ଼ିଶାର ୮ ଲକ୍ଷ ଅବସର ପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀ ବର୍ତ୍ତମାନ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତାରେ ୯% ବଢ଼ିଛି। ଏମାନେ ପିଛିଲା ଭାବେ ୫% ଜୁଲାଇ ପହିଲାରୁ ଏବଂ ଅବଶିଷ୍ଟ ୪% ଜାନୁୟାରୀ ପହିଲାରୁ ପାଇବେ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତା ୪% ବଢ଼ିଛି। ସେମାନେ ୨୧% ମହଙ୍ଗା ଭତ୍ତା ଜାନୁୟାରୀ ପହିଲାରୁ ପାଇବେ। ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୭୧.୮% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୮% ବୃଦ୍ଧି ଘଟି ୭୫.୬% ହୋଇଛି। ଏହା ଫେବୃୟାରୀ ପହିଲାରୁ ଲାଗୁ ହେବ। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନଶନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ସେମାନେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଜାନୁୟାରୀ ୨୧ରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବୀମା କର୍ମଚାରୀମାନେ ବର୍ତ୍ତମାନ ୬୫.୧% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୩.୮% ବୃଦ୍ଧି ଘଟି ୬୮.୯ % ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଫେବୃୟାରୀ ପହିଲାରୁ ପାଇବେ। ମଙ୍ଗଳବାର ଅନେକ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନଶନ ଏବଂ ପେନଶନ ସଂଶୋଧନ ପାଇଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି।

# ନୂଆ ବର୍ଷରୁ ଲାଗୁ ହେବ ଏସବୁ ନୂଆ ନିୟମ

**ନୂଆଦିଲ୍ଲୀ,୩୧-୧୨:** ମଙ୍ଗଳବାର ୨୦୧୯ ବର୍ଷ ଲାଗି ଶେଷ ଦିନ। ଏହି ଦିନ ବିଭିନ୍ନ ନିୟମ ଲାଗି ମଧ୍ୟ ଅନ୍ତିମ ଦିନ ହେବ। ୨୦୨୦ ପହିଲା ବୁଧବାର ପଡୁଥିବା ବେଳେ ଉକ୍ତ ଦିନଠାରୁ କିଛି ନୂଆ ନିୟମ ଲାଗୁ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ପହିଲା ଦିନଠାରୁ ଟିକସ ନିୟମ ସମେତ ଅନ୍ୟ କିଛି ବିତ୍ତୀୟ ନିୟମ ଲାଗୁ ହେବାକୁ ଯାଉଛି। ଏହାର ପ୍ରଭାବ ସାଧାରଣ ଲୋକଙ୍କଠାରୁ ଶିଳ୍ପ ଉପରେ କ'ଣ ରହିବ ତାହା ଦେଖିବାକୁ ରହିଲା। ପରିବର୍ତ୍ତନ ହେବାକୁ ଥିବା ବିଭିନ୍ନ ନିୟମଗୁଡିକ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଗଲା....

### ଇ-ବିଲିଂ ପରୀକ୍ଷଣ ଭିତ୍ତିରେ କାର୍ଯ୍ୟକାରୀ

ଜିଏସ୍‌ଟି କାର୍ଯ୍ୟକାରୀ ହେବାର ଅଢେଇ ବର୍ଷ ପରେ ଶିଳ୍ପ ଜଗତ ପ୍ରଥମ ଥର ଇ-ଇନଭଏସିଂ ସହ ଜଡିତ ହେବ। ୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର କରୁଥିବା କମ୍ପାନୀଗୁଡିକ ଲାଗି ଏହାକୁ ପହିଲାରୁ କାର୍ଯ୍ୟକାରୀ କରାଯାଉଛି। ଏହାକୁ ଏବେ ବାଧ୍ୟତାମୂଳକ କରାଯାଇନାହିଁ। ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର କରୁଥିବା କମ୍ପାନୀଙ୍କ ଲାଗି ଏହା ଏପ୍ରିଲ ପହିଲାରୁ ଲାଗୁ କରାଯିବ।

### ନୂଆ ଜିଏସ୍‌ଟି ହାର

୧୮ ଡିସେମ୍ବରରେ ବସିଥିବା ୩୮ତମ ଜିଏସ୍‌ଟି ପରିଷଦ ବୈଠକରେ ହୋଇଥିବା ୨ ନିଷ୍ପତ୍ତି ଜାନୁୟାରୀ ପହିଲାରୁ କାର୍ଯ୍ୟକାରୀ ହେବ। ପଲିଥିଲେନର ଏବଂ ପଲିପ୍ରପିଲିନରୁ ପ୍ରସ୍ତୁତ ହେଉଥିବା ବ୍ୟାଗ ଉପରେ ଜିଏସ୍‌ଟି ୧୮%କୁ ହ୍ରାସ କରାଯାଇଛି। ଏହା ବାଦ ଇଣ୍ଡଷ୍ଟ୍ରିଆଲ୍ ପ୍ଲଟ ଏବଂ ଦୀର୍ଘକାଳୀନ ଲିଜ୍ ଉପରେ ଜିଏସ୍‌ଟି ଲାଗୁ ନ କରାଇବା ପାଇଁ ନିଷ୍ପତ୍ତି ହୋଇଛି।

### ସହଜ ହେବ ଡିଜିଟାଲ ପେମେଣ୍ଟ

ପହିଲାରୁ ରୂପେ ଏବଂ ୟୁପିଆଇ ପ୍ଲାଟଫର୍ମରେ ପେମେଣ୍ଟ ଉପରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର) ଲାଗୁ ହେବ ନାହିଁ। ସେହିଭଳି ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର କରୁଥିବା ବ୍ୟକ୍ତି ବିଶେଷଙ୍କ ଲାଗି ଡିଜିଟାଲ ପେମେଣ୍ଟ ହେବ। ସେହିଭଳି ପହିଲାରୁ ନ୍ୟାଶନାଲ ଇଲେକଟ୍ରୋନିକ୍ସ ଫଣ୍ଡ ଟ୍ରାନ୍ସଫର(ଏନ୍‌ଇଏଫ୍‌ଟି) ଦ୍ୱାରା ନେଣଦେଣ ଦେୟମୁକ୍ତ ହେବ।

### ଖିଲାପକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ଜିଏସ୍‌ଟି ଲାଗୁ ହେବା ଆଗରୁ ଟିକସ ବକେୟା ରଖିଥିବା ବ୍ୟକ୍ତି ବିଶେଷଙ୍କ ଲାଗି ସରକାର ଆଣିଥିବା ସବ୍‌କା ବିଶ୍ୱାସ ସ୍କିମ ଅବଧି ଜାନୁଆରୀ ୧୫ ଯାଏ ବଢ଼ାଯାଇଛି। ଯେଉଁ ବ୍ୟକ୍ତି ବିଶେଷ ଏହି ସ୍କିମର ଲାଭ ନ ନେଇ ଏହାକୁ ଅଣଦେଖା କରିବା ସହ ଟିକସ ଚୋରୀରେ ସମ୍ପୃକ୍ତ ରହିଛନ୍ତି, ଏହାପରେ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବ।

### ଓଟିପି ଆଧାରିତ ଟଙ୍କା ଉଠାଣ

ଏସ୍‌ବିଆଇ ଗ୍ରାହକଙ୍କ ଲାଗି ଜାନୁୟାରୀ ପହିଲାରୁ ଏହି ନିୟମ ଅନେକ ଗୁରୁତ୍ୱ ବହନ କରିଥାଏ। ବ୍ୟାଙ୍କର ସମସ୍ତ ଏଟିଏମ୍ ଏକ କ୍ୟାଶ ସିଷ୍ଟମରେ ଟ୍ରାଞ୍ଜାକଶନ ଉପରେ ୱାନ ଟାଇମ ପାଶୱାର୍ଡ(ଓଟିପି) ଦ୍ୱାରା କାରବାର ହେବ। ଏହା ଦ୍ୱାରା ଅନଧିକୃତ କ୍ୟାଶ ଉଠାଣ ଏବଂ ଠକେଇରୁ ଗ୍ରାହକଙ୍କ ରକ୍ଷା କରାଯାଇପାରିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ପହିଲାରୁ ଏସ୍‌ବିଆଇର ମ୍ୟାଗ୍ନେଟିକ ଷ୍ଟ୍ରିପ ଭିତ୍ତିକ କାର୍ଡ କାମ କରିବା ବନ୍ଦ କରିଦେବ। ଚିପ୍ ଭିତ୍ତିକ କାର୍ଡ ଏଟିଏମରେ କାମ କରିବ।

### ଆଇଟି ରିଟର୍ନ ବିଳମ୍ବରେ ଅଧିକ ଜରିମାନା

୨୦୧୮-୧୯ ଆର୍ଥିକ ବର୍ଷ ଲାଗି ଟାକ୍ସ ରିଟର୍ନର ଚୂଡାନ୍ତ ତାରିଖ ୩୧ ଅଗଷ୍ଟ ରହିଥିଲା। ଏହାକୁ ୨୦୨୦ ମାର୍ଚ୍ଚ ୩୧ ଯାଏ ସର୍ତ୍ତମୂଳକ ଭାବେ ପ୍ରଦାନ କରିବା ନେଇ ନିୟମ ରହିଛି। ଚଳିତ ବର୍ଷ ଡିସେମ୍ବର ଯାଏ ଏହା ଉପରେ ୫ ହଜାର ଜରିମାନା ରହିଥିଲା। ୨୦୨୦ ଜାନୁୟାରୀ ପହିଲାଠାରୁ ଏହା ବଢି ୧୦ ହଜାର ହୋଇଯିବ।

### ପରିବହନ କ୍ଷେତ୍ର

ମୋଟର ଯାନ ଆଇନରେ ହୋଇଥିବା ସଂଶୋଧନ ଆଧାରରେ ବିଭିନ୍ନ ରାଜ୍ୟ ଜାନୁୟାରୀ ପହିଲାରୁ ନୂଆ ନିୟମ ଲାଗୁ କରିବେ। ୧ ଜାନୁୟାରୀ ୨୦୧୯ ପରଠାରୁ ପଞ୍ଜୀକରଣ ହୋଇଥିବା ସମସ୍ତ ଯାନରେ ଭେଇକିଲ ଲୋକେଶନ ଟ୍ରାକିଂ(ଭିଏଲ୍‌ଟି) ବ୍ୟବସ୍ଥା ରହିବ। ଏହା ଦ୍ୱାରା ଧାର୍ଯ୍ୟ ସୀମା ମୁତାମକ ଓଭରଲୋଡି କ୍ଷେତ୍ରରେ ପରିବହନକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।


**PARADIP PORT TRUST**

**CORRIGENDUM TO E-TENDER CALL NOTICE NO. EM/MM/P/PAINTS/07/2019/798 DT. 28/11/2019. FOR SUPPLY OF PAINTS**

The tender is here by extended & amended as below: **(1) Last Date of submission of tender up to 5.00 PM of Dt. 08.01.2020. (2) Opening of EMD Bid at 3.30 PM of Dt. 10.01.2020.** Further, the item at Sl. No. 03. (Synthetic Enamel Signal Red) under Annexure-II is hereby deleted. All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.

**Sr. Dy. Materials Manager**
**PPT/PR/583/19-20 Date : 31.12.19**

**PARADIP PORT TRUST**

**E-TENDER CALL NOTICE**

**Name of the work : "Temporary Repair to Backfill side of slipway Return Arm & back up space for DSTB".** EMD cost : **Rs.1,00,008/-.** Last date & time of submission of Bid : **08.01.2020** upto **17:15 Hrs.** For details please refer our Website : **eprocure.gov.in/eprocure/app.**

**Executive Engineer**
**Harbour Works Division-III**
**PPT/PR/587/2019-20, Dt. 31.12.2019**

**PARADIP PORT TRUST**

**e-TENDER CALL NOTICE**

Name of the work : **"Installation of Variable Refrigerant Flow(VRF) type Air Conditioning system and Air Curtains in Multipurpose Hall".** Estimated cost : **Rs.50,30,516/-.** Last Date & time of submission of bid: **dt. 05/01/2020 upto 17.00 Hrs.** Refer our Website for details https://eprocure.gov.in/eprocure/app

**Executive Engineer(PED-III)**
**PPT/PR/576/19-20, Dt.31/12/2019**

**ପୌର ପରିଷଦ, ବେଲପାହାଡ଼**

**ନବବର୍ଷ, ୨୦୨୦ ଅବସରରେ ବେଲପାହାଡ଼ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।**

**ପୌର ପରିଷଦର ପରିକଳ୍ପିତ ଯୋଜନାର କାର୍ଯ୍ୟକାରିତା-** ୧. ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ। ୨. କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ପ୍ରଗତି ପଥେ। ୩. ଗୁାମାଡ଼େରା ବଡ଼ କଣ୍ଟାର ପୁନରୁଦ୍ଧାର କାର୍ଯ୍ୟର ସମାପନ। ୪. ପୌରବାସୀଙ୍କୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟାରମ୍ଭ। ୫. ନୂତନ ଶ୍ମଶାନ ଘାଟର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ। ୬. ବର୍ଜ୍ୟବସ୍ତୁ ସୁପରିଚାଳନା ନିମନ୍ତେ ମାଇକ୍ରୋ କମ୍ପୋଷ୍ଟିଙ୍ଗ କେନ୍ଦ୍ର ର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ। ୭. ଭେଣ୍ଡିଂ ଜୋନର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ।

**ପୌରବାସୀଙ୍କୁ ନିବେଦନ-** • ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ନାମଫଳକଗୁଡିକୁ ଓଡ଼ିଆ ଭାଷାରେ ଲେଖନ୍ତୁ। • ପୌର ପରିଷଦ ଦେୟ ଯଥା ସମୟରେ ପୈଠ କରନ୍ତୁ। • ସର୍ବସାଧାରଣ ରାସ୍ତା ଏବଂ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା: ଇଟା, ବାଲି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ। • ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ। • ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ପୌର ପରିଷଦକୁ ସହଯୋଗ କରନ୍ତୁ। • ପଲିଥିନର ବ୍ୟବହାର ବର୍ଜନ କରନ୍ତୁ। • ପୌରପରିଷଦର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି, ଏଣୁ ଏହାର ସୁରକ୍ଷା କରନ୍ତୁ।

**ଶ୍ରୀ ଲୋକନାଥ କୁମାର ତିୱାରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ବେଲପାହାଡ଼**
**ଶ୍ରୀମତୀ ଅନୁପମା ଭଏଁସା, ଉପାଧକ୍ଷା ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ**
**ଶ୍ରୀ ପର୍ଶୁରାମ ସାହୁ ଅଧକ୍ଷ, ପୌର ପରିଷଦ, ବେଲପାହାଡ଼**

**ORMAS**

**Odisha Rural Development & Marketing Society, Sundargarh**
**Panchayati Raj & Drinking Water Department, Govt. of Odisha**

Sealed tender from the firm/ Agencies/ Organizations are invited for tentage & Allied works/ Light & Sound in Stage/ Videography & Still Photography for JATRA-2020, Sundargarh going to be organised from 27th to 31st January 2020.

The Tender Paper / Quotations call notice along with detail specification and eligibility criteria of the work are available at ORMAS Office, DRDA Building, Sundargarh and official website http://sundargarh.nic.in from 31st December' 2019 to 6th January' 2020 till 5.00 PM.

**Sd./- Project Director,**
**DRDA, Sundargarh**

**OFFICE OF THE REGULATED MARKET COMMITTEE, JAGATSINGHPUR**
**Email : rmcjspur@gmail.com, Ph. No.- 06724-220142**
**AT-GOPAL SAGAR, P.O/DIST.- JAGATSINGHPUR-754103**
**No.95** **ବିଜ୍ଞାପନ** **Date: 30.12.2019**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିୟନ୍ତ୍ରିତ ବଜାର କମିଟି, ଜଗତ୍‌ସିଂହପୁରର ମୁଖ୍ୟ ବଜାର ପ୍ରାଙ୍ଗଣରେ ଉପର ମହଲାରେ ନୂତନ ଭାବେ ନିର୍ମିତ ହୋଇଥିବା ୧୪ଗୋଟି ଦୋକାନ ଗୃହ ଯାହାକି ସାମନା ପଟେ ୭ ଗୋଟି ଏବଂ ପଛପଟେ ୭ଗୋଟି (୧୨ ଫୁଟରେ ୧୦ଫୁଟ)କୁ ମାସିକ ଭଡ଼ା ସୂତ୍ରରେ ପ୍ରଦାନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଅଛି। ଏଣୁ ଇଚ୍ଛୁକ ବ୍ୟକ୍ତିବିଶେଷମାନେ ନିମ୍ନପ୍ରକାର ନିୟମକୁ ଆଧାର କରି ସାଧା କାଗଜରେ ତାଙ୍କର ଦରଖାସ୍ତ ନିୟନ୍ତ୍ରିତ ବଜାର କମିଟି, ଜଗତ୍‌ସିଂହପୁରଙ୍କ କାର୍ଯ୍ୟାଳୟରେ କେବଳ ପୋଷ୍ଟାଲ୍ ବା କୋରିୟର ଦ୍ୱାରା ଦାଖଲ କରିପାରିବେ। ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ ହେଉଛି ୧୦।୦୧।୨୦୨୦ରିଖ ଅପରାହ୍ନ ୫ ଘଟିକା। ଦାଖଲ ହୋଇଥିବା ଦରଖାସ୍ତଗୁଡିକ ତା୧୩।୦୧।୨୦୨୦ରିଖ ଅପରାହ୍ନ ୪ଘଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, ଜଗତ୍‌ସିଂହପୁରଙ୍କ କାର୍ଯ୍ୟାଳୟରେ ଖୋଲାଯିବ।

| | ସର୍ବନିମ୍ନ ମାସିକ ଭଡ଼ା | ଅମାନତ ଜମା |
|---|---|---|
| ସାମ୍‌ନା ପଟ ଦୋକାନ ଗୃହ- | ଟ.୧,୨୦୦.୦୦ଙ୍କା | ଟ.୧,୦୦,୦୦୦.୦୦ଙ୍କା |
| ପଛପଟ ଦୋକାନ ଗୃହ- | ଟ.୮୦୦.୦୦ଙ୍କା | ଟ.୫୦,୦୦୦.୦୦ଙ୍କା |

ସର୍ତ୍ତାବଳୀ- ୧. ସର୍ବୋଚ୍ଚ ମାସିକ ଭଡ଼ା ପ୍ରଦାନକାରୀଙ୍କୁ ଦୋକାନ ଗୃହ ଭଡ଼ାସୂତ୍ରରେ ପ୍ରଦାନ କରାଯିବ। ୨. ଯଦି ସାମାନ ମୂଲ୍ୟଦାତା ଏକରୁ ଅଧିକ ହୁଅନ୍ତି ତେବେ ସେ କ୍ଷେତ୍ରରେ ଲଟେରୀ ମାଧ୍ୟମରେ ଦୋକାନ ଗୃହ ଭଡ଼ା ସୂତ୍ରରେ ପ୍ରଦାନ କରାଯିବ। ୩. ଆପଣ ଦରଖାସ୍ତ ଦାଖଲ କରିବା ସମୟରେ ଦରଖାସ୍ତରେ ଇଚ୍ଛୁକ ଥିବା ଦୋକାନ ନମ୍ବର ଏବଂ କି ପ୍ରକାର ବ୍ୟବସାୟ କରିବେ ତାହା ଉଲ୍ଲେଖ କରିବେ। ୪. ଏହି ଦୋକାନ ଗୃହଗୁଡ଼ିକୁ ସାର, ଲୁଣ, ମାଦକ ଦ୍ରବ୍ୟ ଅଥବା କୌଣସି ଅଫିସ୍ କରିବା ନିମନ୍ତେ ପ୍ରଦାନ କରାଯିବ ନାହିଁ। ଯଦି ଦୋକାନ ଗୃହ ପ୍ରଦାନ ପରେ ଉପରୋକ୍ତ ଜିନିଷାଦି ବ୍ୟବସାୟ କରୁଥିବା ଆମ୍ଭ ନଜରକୁ ଆସେ ତେବେ ସେହି ଗୃହର ଚୁକ୍ତିନାମାକୁ ସଙ୍ଗେ ସଙ୍ଗେ ରଦ୍ଦ କରାଯିବ। ୫. ଯେଉଁ ବ୍ୟକ୍ତିମାନଙ୍କ ନାମରେ ଦୋକାନ ଗୃହଗୁଡିକ ଚୁକ୍ତିନାମା ଦ୍ୱାରା ପ୍ରଦାନ କରାଯିବା ପରେ ସେହି ଦୋକାନ ଗୃହ ୧ ମାସରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ରହିବାର ଆମ୍ଭ ନଜରକୁ ଆସେ ତେବେ ଉକ୍ତ ଦୋକାନ ଗୃହର ଚୁକ୍ତିନାମାକୁ ଅବିଳମ୍ବେ ବାତିଲ୍ କରାଯିବ। ୬. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ସହିତ ହେବାକୁ ଥିବା ଚୁକ୍ତିନାମାର କୌଣସି ବି ଏକ ସର୍ତ୍ତକୁ ଯଦି କୌଣସି ବ୍ୟକ୍ତିବିଶେଷ ଖିଲାପ କରନ୍ତି ତେବେ ତାଙ୍କର ଅମାନତ ଜମାକୁ ବାଜ୍ୟାପ୍ତ କରାଯିବ। ୭. କର୍ତ୍ତୃପକ୍ଷ ଯଦି ଚାହିଁବେ ତେବେ କୌଣସି ଏକ ବା ସମସ୍ତ ଦରଖାସ୍ତଗୁଡ଼ିକୁ କୌଣସି କାରଣ ନ ଦାର୍ଶାଇ ଅଗ୍ରାହ୍ୟ କରିପାରିବେ।

**ସ୍ୱା./- ଉପ-ଜିଲ୍ଲାପାଳ-ତଥା-ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଗତ୍‌ସିଂହପୁର**

**GOVERNMENT OF ODISHA**
**ODIA LANGUAGE, LITERATURE & CULTURE DEPARTMENT**
**"e" PROCUREMENT NOTICE**
**Bid Identification No. MG-28/2019-9065/OLLC, Dated: 30.12.2019**

No. 37-RR: The Director, Odia Language, Literature & Culture Department, Govt. of Odisha, Bhubaneswar invites item rate tender in single cover system in ONLINE MODE only from eligible Sculptors/Firms having work experience for construction of **High Relic Mural Sculptor (Bronze)**. The tender will be published on 31.12.2019 at 10 A.M. in the e-Procurement Portal of the Govt. of Odisha i.e. **www.tendersodisha.gov.in**. The tenders document in online mode will be received upto 5.00 P.M. of 10.01.2020 starting from the date of publication of the same.
Technical bids of the quotation will be opened on 13.01.2020 at 11.30 A.M. and financial bid of qualified technical bidders on the same day in presence of the Committee Members and also the participating Bidder/or his authorized representative. Details of tender can be downloaded from the e-Procurement website **(www.tendersodisha.gov.in)**. The rate must be quoted in the BoQ format available in the above portal only on or before the scheduled date.
Any addendum/corrigendum/cancellation of the above tender can also be informed in the above website only.

**Sd./- Director**
**Odia Language, Literature & Culture Department, Sanskruti Bhawan, Bhubaneswar - 14**
03001/11/0026/1920

**OFFICE OF THE EXECUTIVE ENGINEER**
**DEOGARH (R&B) DIVISION, DEOGARH**
**INVITATIONS FOR BIDS (IFB)** **B-491**
E-mail ID : eepwddeogarh@gmail.com

Lr. No.- 2189 Dtd.27.12.2019

Invitation for Bids

Bid Identification No. EE PWD DGR No. 06 of 2019-20

| | | | |
|---|---|---|---|
| 1. | The Executive Engineer, Deogarh (R&B) Division, Deogarh, on behalf of Governor of Odisha, invites percentage rate bids in single/ double cover system in ONLINE MODE only, for Special Repair of Road works as detailed below. | | |
| 2. | Nature of work | : | Building & Road works |
| 3. | No. of work | : | Building 02 Nos & Road 1 No. |
| 4. | Bid Cost. | : | Rs.6000/ and Rs.10,000/- |
| 5. | Class of Contractor | : | "A", "B", "C"&"D" Class |
| 6. | Availability of Bid Documents in the website | : | From dt. 03.01.2020 to 17:00 hours of dt.17.01.2020 |
| 7. | Date of Opening of Technical Bid | : | Dt . 20.01.2020 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd/-
Executive Engineer
Deogarh (R&B) Division
34061/11/0004/1920

**ODISHA TOURISM DEVELOPMENT CORPORATION LIMITED**
**(A GOVT. OF ODISHA UNDERTAKING**
**PANTHANIVAS (OLD BLOCK): LEWIS ROAD: BHUBANESWAR-14**
**INVITATIONS FOR BIDS (IFB)** **CAD-754**
Letter No.- 7955 Date:31.12.2019

**NOTICE INVITATION FOR BIDS (NIFB)**
**E-Procurement Notice No. BP –I/22/2019-20 dt. 31.12.2019**

1. Nature of Work : Lift, Cruise Boats , STP & Modular Kitchen etc.
2. Total No.of Works : 4 Nos.
3. Value of Works : Rs. 12.00 lakhs to 360.00 lakhs
4. Bid Security : As per NIT
5. Class of Contractor: As Per NIT
6. Period of Completion: 3 (Three) months to 6 (Six) months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of opening of Tender |
|---|---|---|---|---|
| Superintending Engineer, OTDC Ltd. | BP-I/22/2019-20 dt. 31.12.2019 | From 04.01.2020 | To 13.01.2020 | 11.30 Hours of dt.14.01.2020 in the office of the Superintending Engineer, OTDC Ltd, Bhubaneswar |

*Further details can be seen from the Govt. Website* ***www.etenderodisha.gov.in***

*Sd/-*
***Superintending Engineer***
***O.T.D.C. L.td., BBSR***
37002/11/0023/1920

**OFFICE OF THE EXECUTIVE ENGINEER, P.H. DIVISION, ANGUL** No. C-415
Ph. (06764) 230431, Email-eephangul@yahoo.in
**GOVERNMENT OF ODISHA**
**e-Procurement Notice for PH Works.**
***Bid Identification No. EE PH Division Angul- 16/ 2019-20 dt. 27.12.2019***

| | | | |
|---|---|---|---|
| 1. | Name of the work | : | P.H Works. |
| 2. | Nos of work | | 1 (one) no of work = 1 (one) no of double cover |
| 3. | Estimated Cost put to tender | : | **Rs. 85.81 lakhs** |
| 4. | Period of completion | : | 4 (four) Calendar Months |
| 5. | Date & time of availability of bid document | : | From 11.00AM of 04.01.2020 to 5.00 PM of 13.01.2020 |
| 6. | Last date / time of receipt of bids in the portal | : | 5.00 PM of 13.01.2020 |
| 7. | Date & time of opening of bid | : | 11.00 AM of 14.01.2020 |
| 8. | Name & address of the Officer Inviting Bid. | : | **Executive Engineer, P.H. Division, Angul** |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

SD/- ( Er. Mrutyunjaya Pany)
**Executive Engineer P.H. Division, Angul.**
13056/11/0006/1920

**GOVERNMENT OF ODISHA** No. O-721
**OFFICE OF THE EXECUTIVE ENGINEER**
**RURAL WORKS DIVISON-I MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 08/MKG/2019-20**

1. Name of the work : Road&Bridgeworks (Detailed in Annexure)
2. Total Number of Works : 02 (Two) Number
3. Tender Cost : Rs. 53.05 Lakhs to Rs. 55.70 Lakhs
4. Class of Contractor : 'B' &'A' Class contractors
5. Period of Completion : (As Per Detailed in Annexure)
6. Other Details:-

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 7 |
| Executive Engineer, Rural Works Division-I, Malkangiri | Online Tender /08 / RWD-I, MKG/ 2019-20 | 02(Two) Nos of Road & Bridge works | 08.01.2020 from 11.00 AM | 17.01.2020 upto 5.00 PM | 16.01.2020 upto 5.00 P.M. | 18.01.2020 at 11.30 AM | 21.01.2020 at 11.00 AM |

Further details can be seen from the Website www.tenderorissa.gov.in
Executive Engineer R.W. Division-I, Malkangiri
25058/11/0010/1920

No. C-418
**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR,**
**Near Rajiv Bhawan, Unit-V, Bhubaneswar-751001, Odisha, India**
**Telefax: - +91-674-2390322 E-mail – gmdivtwowatco@gmail.com**
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
**Dtd.27.12.2019**

| | | | |
|---|---|---|---|
| 01 | Name of the work | : | SUPPLY OF ISI MARKED CENTRIFUGALLY CAST (SPUN) DUCTILE IRON (K-7) SOCKET & SPIGOT PRESSURE PIPES CONFORMING TO IS:8329 AND ITS SUSBSEQUENT AMENDMENTS AND ISI MARKED RUBBER GASKETS(IS:5382) FOR PUSH-ON TYPE FLEXIBLE JOINTS OF DI PIPES OF DIFFERENT DIAMETERS REQUIRED FOR THE WORK :- IMPLEMENTATION OF 24 X 7 WATER SUPPLY IN SAHID NAGAR – UNDER DRINK FROM TAP MISSION WITH 24 X 7 WATER SUPPLY |
| 02 | Estimate cost | : | Rs.295.73 lakhs |
| 03 | Period of completion | : | 2 (Two Months) |
| 04 | Class of contractor | : | Manufacturers |
| 05 | Date & Time of availability of bid document In the portal | : | From 11.00 AM of Dt.01.01.2020 to 5.00 PM of 13.01.20 |
| 06 | Last date / time of receipt of bids in the portal | : | 5.00 PM of 13.01.2020 |
| 07 | Last date & time of seeking clarification | : | 5.00 PM of 04.01.2020 |
| 08 | Date & Time of opening of bids | : | At 12.30 PM of 14.01.2020 |
| 09 | Name and Address of the Officer Inviting Bid | : | General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"

**GENERAL MANAGER,**
**WATCO DIVISION-II, BHUBANESWAR**
13089/11/0008/1920

ଆସିଛି ନୂଆବର୍ଷ। ଏ ବର୍ଷ କ୍ରୀଡ଼ା ଜଗତରେ ଆୟୋଜିତ ହେବ ଅନେକ ମେଗା ଇଭେଣ୍ଟ। ଏହା ମଧ୍ୟରେ ସବୁଠୁ ଆକର୍ଷଣରେ ରହିବ କ୍ରୀଡ଼ା ମହାକୁମ୍ଭ ଟୋକିଓ ଅଲିମ୍ପିକ୍ସ। ଏଥିସହିତ ଆୟୋଜିତ ହେବ ପାରାଅଲିମ୍ପିକ୍ ଗେମ୍ସ, ଆଇସିସି ଟି୨୦ ବିଶ୍ୱକପ(ମହିଳା ଓ ପୁରୁଷ) ୟୁରୋ କପ୍ ଫୁଟବଲ, କୋପା ଆମେରିକା ଫୁଟବଲ, ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍, ବିଶ୍ୱ ରୋଇଂ ଚାମ୍ପିୟନଶିପ୍, ଗ୍ରାଣ୍ଡସ୍ଲାମ ଟେନିସ, ଗଲ୍ଫ ଆଦି ଅନେକ ବଡ଼ ଇଭେଣ୍ଟ । ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗୁ ଭୁବନେଶ୍ୱରରେ ମଧ୍ୟ ଏ ବର୍ଷ ଆୟୋଜିତ ହେବ ଅନେକ ବଡ଼ ପ୍ରତିଯୋଗିତା। ଏହା ମଧ୍ୟରେ ରହିଛି ହକି ପ୍ରୋ ଲିଗ୍, ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ, ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ, ଇଣ୍ଡିଆନ ସୁପରଲିଗ୍, ଆଇ-ଲିଗ୍ ଫୁଟବଲ ଆଦି ଅନେକ ମେଗା ପ୍ରତିଯୋଗିତା।



# ଅଲିମ୍ପିକ୍ସର ବର୍ଷ

## ଟୋକିଓ ୨୦୨୦

କ୍ରୀଡ଼ା ଜଗତର ସବୁଠାରୁ ବଡ଼ ପ୍ରତିଯୋଗିତା ଅଲିମ୍ପିକ୍ସର ୩୨ତମ ସଂସ୍କରଣ ଜାପାନର ଟୋକିଓରେ ଅନୁଷ୍ଠିତ ହେବ। ଏହାର ଉଦ୍‌ଘାଟନୀ ଜୁଲାଇ ୨୪ ଓ ଉଦ୍‌ଯାପନୀ ସମାରୋହ ଅଗଷ୍ଟ ୯ରେ ଅନୁଷ୍ଠିତ ହେବ। କେତେକ କ୍ରୀଡ଼ାର ପ୍ରାରମ୍ଭିକ ପର୍ଯ୍ୟାୟ କିନ୍ତୁ ଜୁଲାଇ ୨୨ରୁ ଆରମ୍ଭ ହୋଇଯିବ। ୨୦୧୩ ସେପ୍ଟେମ୍ବର ୭ରେ ଆର୍ଜେଣ୍ଟିନାର ବୁଏନସ ଏୟାର୍ସଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ୧୨୫ତମ ସେସନରେ ଟୋକିଓକୁ ଦ୍ୱିତୀୟ ଥରପାଇଁ ଅଲିମ୍ପିକ୍ସ ଆୟୋଜନ ଅଧିକାର ମିଳିଥିଲା। ପୂର୍ବରୁ ୧୯୬୪ରେ ଟୋକିଓରେ ଅଲିମ୍ପିକ୍ସ ଆୟୋଜିତ ହୋଇଥିଲା। ଏସିଆର ପ୍ରଥମ ସହରଭାବେ ଟୋକିଓରେ ୨ ଥର ଅଲିମ୍ପିକ୍ସ ହେବାକୁ ଯାଉଛି। ଆଗାମୀ ଅଲିମ୍ପିକ୍ସରେ କେତେକ ନୂଆ ଗେମ୍‌କୁ ସାମିଲ କରାଯାଇଥିବାବେଳେ ଅନ୍ୟ କେତେକ ଗେମ୍ ପ୍ରତ୍ୟାବର୍ତ୍ତନ କରିଛି। ନୂଆ ଇଭେଣ୍ଟଗୁଡ଼ିକ ହେଲା ୩ x ୩ ବାସ୍କେଟବଲ, ଫ୍ରିଷ୍ଟାଇଲ ବିଏମଏକ୍ସ ଓ ମାଡିସନ ସାଇକ୍ଲିଂ। ସେହିପରି କରାଟେ, ସ୍ପୋର୍ଟ୍ସ କ୍ଲାଇମ୍ବିଂ, ସର୍ଫିଙ୍ଗ୍ ଓ ସ୍କେଟବୋର୍ଡିଂ ଏଥର ଅଲିମ୍ପିକ୍ସ ପଦାର୍ପଣ କରିବ। ୨୦୦୮ରୁ ଅଲିମ୍ପିକ୍ସ ପ୍ରୋଗ୍ରାମରୁ ବାଦ୍ ପଡ଼ିଥିବା ବେସ୍ ବଲ୍ ଓ ସଫ୍ଟ ବଲ୍ ଏଥର ପ୍ରତ୍ୟାବର୍ତ୍ତନ କରିବ। ପ୍ରତିଯୋଗିତାରେ ୨୦୬ ଦେଶରୁ ୧୧,୦୯୧ ପ୍ରତିଯୋଗୀ ଅଂଶଗ୍ରହଣ କରିବା ସମ୍ଭାବନା ରହିଛି। ୩୩ କ୍ରୀଡ଼ା ୫୦ ଶୃଙ୍ଖଳାର ମୋଟ ୩୩୯ଟି ଇଭେଣ୍ଟ ଏଥିରେ ଆୟୋଜିତ ହେବ। ନ୍ୟୁ ନ୍ୟାଶନାଲ ଷ୍ଟାଡିୟମ ମୁଖ୍ୟ ଭେନ୍ୟୁ ରହିବ।

## ପାରା ଅଲିମ୍ପିକ୍ସ

ପାରା ଅଲିମ୍ପିକ୍ସ ଗେମ୍ସର ୧୬ତମ ସଂସ୍କରଣ ଜାପାନର ଟୋକିଓରେ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୯୬୪ପରେ ଦ୍ୱିତୀୟଥରପାଇଁ ଟୋକିଓରେ ପାରା ଅଲିମ୍ପିକ୍ସ ଆୟୋଜିତ ହେବ। ସେଲିଂ ଓ ସେଭେନ-ଏ-ସାଇଡ୍ ଫୁଟବଲ ସ୍ଥାନରେ ଏଥର ବ୍ୟାଡ୍‌ମିଣ୍ଟନ ଓ ଟାଏକୋଣ୍ଡୋ ଇଭେଣ୍ଟ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ୨୨ଟି କ୍ରୀଡ଼ାର ୫୪୦ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୪୪୦୦ ପ୍ରତିଯୋଗୀ ଭାଗନେବା ସମ୍ଭାବନା ରହିଛି।



## ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ

ପ୍ରତି ୨ ବର୍ଷରେ ହେଉଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ଫୁଟବଲ ବିଶ୍ୱକପର ୭ମ ସଂସ୍କରଣ ଭାରତର ୪ଟି ଭେନ୍ୟୁରେ ନଭେମ୍ବର ୨ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଭାରତ କୌଣସି ଏକ ମହିଳା ଫୁଟବଲ ବିଶ୍ୱକପ ଆୟୋଜନ କରିବାକୁ ଯାଉଥିବାରୁ ପ୍ରସ୍ତୁତି ଜୋର୍ ଧରିଛି। ୨୦୦୮ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଯଥାକ୍ରମେ ନ୍ୟୁଜିଲାଣ୍ଡ, ତ୍ରିନିଦାଦ ଆଣ୍ଡ ଟବାଗୋ, ଆଜରବୈଜାନ, କୋଷ୍ଟାରିକା, ଜୋର୍ଡାନ ଓ ଉରୁଗୁଏରେ ଆୟୋଜିତ ହୋଇଛ। ଏଥିରେ ଏପର୍ଯ୍ୟନ୍ତ ଉତ୍ତର କୋରିଆ(୨୦୦୮), ଦକ୍ଷିଣ କୋରିଆ(୨୦୧୦), ଫ୍ରାନ୍ସ(୨୦୧୨), ଜାପାନ(୨୦୧୪), ଉତ୍ତର କୋରିଆ(୨୦୧୬) ଓ ସ୍ପେନ(୨୦୧୮) ଚାମ୍ପିୟନ ହୋଇଛନ୍ତି। ପ୍ରତିଯୋଗିତାରେ ଉତ୍ତର କୋରିଆ ସର୍ବାଧିକ ସଫଳ ଦଳ ସାବ୍ୟସ୍ତ ହୋଇଥିବାବେଳେ ସ୍ପେନ ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳିବ। ୨୦୧୮ ଜୁଲାଇ ୨୫ରେ ଫିଫା ପକ୍ଷରୁ ବିଡିଂ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଫ୍ରାନ୍ସ ଓ ଭାରତ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଶେଷରେ ୨୦୧୯ ମାର୍ଚ୍ଚ ୧୫ରେ ମାୟାମିଠାରେ ଅନୁଷ୍ଠିତ ଫିଫା କାଉନସିଲ ବୈଠକରେ ଭାରତକୁ ଆୟୋଜକ ରାଷ୍ଟ୍ର ଘୋଷଣା କରାଯାଇଥିଲା। ପ୍ରତିଯୋଗିତା ଭାରତର ୪ଟି ସହର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମ, ଗୁଆହାଟୀର ଇନ୍ଦିରା ଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମ ଓ ଅହମ୍ମଦାବାଦର ଇକା ଆରେନାରେ କରାଯିବାକୁ ଆପାତତଃ ନିଷ୍ପତ୍ତି ହୋଇଛି। ୨୦୧୯ ଅଗଷ୍ଟ ୨୭ରେ କଳିଙ୍ଗ ଷ୍ଟାଡିୟମକୁ ଭେନ୍ୟୁ ଭାବେ ପ୍ରାରମ୍ଭିକ କ୍ଲିୟରାନ୍ସ ମିଳିଥିଲା। ଗତ ନଭେମ୍ବରରେ ଫିଫାର ସ୍ଥାନୀୟ ଆୟୋଜକ କମିଟି ଦ୍ୱିତୀୟ ଅନୁଧ୍ୟାନ କରିବାପରେ ଷ୍ଟାଡିୟମ ପଡ଼ିଆର ପ୍ରସ୍ତୁତିକୁ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି। ପ୍ରତିଯୋଗିତାରେ ୧୬ଟିଦଳ ଅଂଶଗ୍ରହଣ କରିବେ।

## ୟୁରୋ ୨୦୨୦

ୟୁଏଫା ୟୁରୋ ଫୁଟବଲ ଚାମ୍ପିୟନଶିପ୍ (ୟୁରୋ ୨୦୨୦)ର ୧୬ତମ ସଂସ୍କରଣ ଜୁନ ୧୨ରୁ ଜୁଲାଇ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ୟୁରୋପର ୧୨ଟି ଦେଶରେ ଆୟୋଜିତ ହେବ। ଏଥିରେ ୨୪ଟି ଦଳ ଅଂଶଗ୍ରହଣ କରିବେ। ୨୦୧୬ରେ ଟାଇଟଲ ବିଜୟୀ ପର୍ତ୍ତୁଗାଲ ହେଉଛି ଡିଫେଣ୍ଡିଂ ଚାମ୍ପିୟନ। ପ୍ରଥମଥରପାଇଁ ୟୁରୋ ଚାମ୍ପିୟନଶିପ୍‌ରେ ଭିଡିଓ ଆସିଷ୍ଟାଣ୍ଟ ରେଫରି(ଭିଏଆର) ଲାଗୁ ହେବ। ରୋମର ଅଲିମ୍ପିକ୍ ଷ୍ଟାଡିୟମରେ ତୁର୍କୀ ଓ ଇଟାଲି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ସେମିଫାଇନାଲ ଓ ଫାଇନାଲ ଲଣ୍ଡନର ୱେମ୍ବଲି ଷ୍ଟାଡିୟମରେ ଆୟୋଜିତ ହେବ। ଗ୍ରୁପ 'ଏ'ରେ ତୁର୍କୀ, ଇଟାଲି(ଆୟୋଜକ), ୱେଲ୍ସ, ସୁଇଜରଲାଣ୍ଡ, ଗ୍ରୁପ'ବି'ରେ ଡେନମାର୍କ (ଆୟୋଜକ), ଫିନଲାଣ୍ଡ, ବେଲଜିୟମ, ରୁଷିଆ (ଆୟୋଜକ), ଗ୍ରୁପ 'ସି'ରେ ନେଦରଲାଣ୍ଡ୍ସ (ଆୟୋଜକ), ୟୁକ୍ରେନ, ଅଷ୍ଟ୍ରିଆ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ 'ଡି'ରେ ଇଂଲଣ୍ଡ (ଆୟୋଜକ), କ୍ରୋଏସିଆ, ଚେକ୍ ରିପବ୍ଲିକ, ଗ୍ରୁପ 'ଇ'ରେ ସ୍ପେନ (ଆୟୋଜକ), ସ୍ୱିଡେନ, ପୋଲାଣ୍ଡ ଏବଂ ଗ୍ରୁପ 'ଏଫ'ରେ ପର୍ତ୍ତୁଗାଲ, ଫ୍ରାନ୍ସ ଓ ଜର୍ମାନୀ (ଆୟୋଜକ) ସ୍ଥାନ ପାଇଛନ୍ତି। ଯୋଗ୍ୟତା ପର୍ଯ୍ୟାୟ ଦେଇ ଆଉ ୪ଟି ଦଳ ଶେଷ ୪ଟି ଗ୍ରୁପରେ ସ୍ଥାନ ପାଇବେ।




## କୋପା ଆମେରିକା

କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟର ୪୭ତମ ସଂସ୍କରଣ କଲମ୍ବିଆ ଓ ଆର୍ଜେଣ୍ଟିନାରେ ଜୁନ ୧୨ରୁ ଜୁଲାଇ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୯୮୩ ପରେ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତା ଏକାଧିକ ଦେଶରେ ଆୟୋଜନ ହେବାକୁ ଯାଉଛି। ବ୍ରାଜିଲ ଡିଫେଣ୍ଡିଂ ଚାମ୍ପିୟନଭାବେ ପ୍ରତିଯୋଗିତା ଖେଳିବ। ମୋଟ ୯ଟି ଭେନ୍ୟୁରେ ମ୍ୟାଚ ଗୁଡ଼ିକ ଆୟୋଜିତ ହେବ। ସାଉଥ୍ ଜୋନ ଗ୍ରୁପ 'ଏ'ରେ ଆର୍ଜେଣ୍ଟିନା (ଆୟୋଜକ), ଅଷ୍ଟ୍ରେଲିଆ, ବଲିଭିଆ, ଉରୁଗୁଏ, ଚିଲି ଓ ପାରାଗୁଏ ସ୍ଥାନ ପାଇଛନ୍ତି। ସେହିପରି ନର୍ଥ ଜୋନ ଗ୍ରୁପ 'ବି'ରେ କଲମ୍ବିଆ (ଆୟୋଜକ), ବ୍ରାଜିଲ, କାତାର, ଭେନଜୁଏଲା, ଇକ୍ୱେଡର ଓ ପେରୁ ରହିଛନ୍ତି। ଅଷ୍ଟ୍ରେଲିଆ ଓ କାତାର ଆମନ୍ତ୍ରଣୀୟ ଦଳଭାବେ ଏଥିରେ ଖେଳିବେ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଭାରତର କାର୍ଯ୍ୟସୂଚୀ

| ତାରିଖ | ଘରୋଇଦଳ | ବିପକ୍ଷ ଦଳ | ଭେନ୍ୟୁ | ସମୟ |
|---|---|---|---|---|
| ୧୮।୧ | ଭାରତ | ନେଦରଲାଣ୍ଡ୍ସ | ଭୁବନେଶ୍ୱର | ରାତି ୭ଟା |
| ୧୯।୧ | ଭାରତ | ନେଦରଲାଣ୍ଡ୍ସ | ଭୁବନେଶ୍ୱର | ଅପରାହ୍ନ ୫ଟା |
| ୮।୨ | ଭାରତ | ବେଲଜିୟମ | ଭୁବନେଶ୍ୱର | ଅପରାହ୍ନ ୫ଟା |
| ୯।୨ | ଭାରତ | ବେଲଜିୟମ | ଭୁବନେଶ୍ୱର | ଅପରାହ୍ନ ୫ଟା |
| ୨୧।୨ | ଭାରତ | ଅଷ୍ଟ୍ରେଲିଆ | ଭୁବନେଶ୍ୱର | ରାତି ୭ଟା |
| ୨୨।୨ | ଭାରତ | ଅଷ୍ଟ୍ରେଲିଆ | ଭୁବନେଶ୍ୱର | ରାତି ୭ଟା |
| ୨୫।୪ | ଜର୍ମାନୀ | ଭାରତ | ବର୍ଲିନ | ରାତି ୯ଟା |
| ୨୬।୪ | ଜର୍ମାନୀ | ଭାରତ | ବର୍ଲିନ | ରାତି ୭ଟା |
| ୨।୫ | ଗ୍ରେଟବ୍ରିଟେନ | ଭାରତ | ଲଣ୍ଡନ | ସନ୍ଧ୍ୟା ୬ଟା ୩୦ |
| ୩।୫ | ଗ୍ରେଟବ୍ରିଟେନ | ଭାରତ | ଲଣ୍ଡନ | ସନ୍ଧ୍ୟା ୬ଟା ୩୦ |
| ୨୩।୫ | ଭାରତ | ନ୍ୟୁଜିଲାଣ୍ଡ | ଭୁବନେଶ୍ୱର | ରାତି ୭ଟା |
| ୨୪।୫ | ଭାରତ | ନ୍ୟୁଜିଲାଣ୍ଡ | ଭୁବନେଶ୍ୱର | ରାତି ୭ଟା |
| ୫।୬ | ଆର୍ଜେଣ୍ଟିନା | ଭାରତ | ଟୁକୁମାନ | ରାତି ୧ଟା ୩୦ |
| ୬।୬ | ଆର୍ଜେଣ୍ଟିନା | ଭାରତ | ଟୁକୁମାନ | ରାତି ୧ଟା ୩୦ |
| ୧୩।୬ | ସ୍ପେନ | ଭାରତ | ଭାଲେନ୍ସିଆ | ଅପରାହ୍ନ ୪ଟା ୩୦ |
| ୧୪।୬ | ସ୍ପେନ | ଭାରତ | ଭାଲେନ୍ସିଆ | ଅପରାହ୍ନ ୪ଟା ୩୦ |

## ଆଇସିସି ଟି୨୦ ବିଶ୍ୱକପ




ଆଇସିସି ଟି୨୦ ବିଶ୍ୱକପ ଅଷ୍ଟ୍ରେଲିଆରେ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ଆୟୋଜିତ ହେବ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଫାଇନାଲ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଆୟୋଜକ ଦଳଭାବେ ଅଷ୍ଟ୍ରେଲିଆ ଏବଂ ର୍‍ୟାଙ୍କିଙ୍ଗ୍ ଦୃଷ୍ଟିରୁ ଭାରତ, ପାକିସ୍ତାନ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଆଫଗାନିସ୍ତାନ, ଶ୍ରୀଲଙ୍କା ଓ ବାଂଲାଦେଶ ଆପେ ଯୋଗ୍ୟତା ପାଇଛନ୍ତି। ଯୋଗ୍ୟତା ପର୍ଯ୍ୟାୟ ଦେଇ ଆସିଥିବା ଦଳଗୁଡ଼ିକ ହେଲେ ନେଦରଲାଣ୍ଡ୍ସ, ପାପୁଆ ନ୍ୟୁ ଗିନି, ଆୟର୍ଲାଣ୍ଡ, ନାମ୍ବିଆ, ସ୍କଟଲାଣ୍ଡ ଓ ଓମାନ। ୭ଟି ଭେନ୍ୟୁରେ ମୋଟ ୪୦ଟି ମ୍ୟାଚ ଅନୁଷ୍ଠିତ ହେବ।

## ଆଇସିସି ମହିଳା ଟି୨୦

ଆଇସିସି ମହିଳା ଟି୨୦ ବିଶ୍ୱକପ ମଧ୍ୟ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ। ଏହା ପୁରୁଷ ବିଶ୍ୱକପର ପୂର୍ବରୁ ଅର୍ଥାତ୍ ଫେବୃୟାରୀ ୨୧ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ୧୦ଟି ଦଳ ମୋଟ ୨୩ଟି ମ୍ୟାଚ ଖେଳିବେ। ର୍‍ୟାଙ୍କିଙ୍ଗ୍ ଭିତ୍ତିରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ଆପେ ଯୋଗ୍ୟତା ପାଇଥିବାବେଳେ ବାଂଲାଦେଶ ଓ ଥାଇଲାଣ୍ଡ ଯୋଗ୍ୟତା ପର୍ଯ୍ୟାୟ ଦେଇ ଆସିଛନ୍ତି। ୬ଟି ଭେନ୍ୟୁରେ ମ୍ୟାଚଗୁଡ଼ିକ ଖେଳାଯିବ।

## ୨୦୨୦ର ଅନ୍ୟ ବଡ଼ ଇଭେଣ୍ଟ

- ଜାନୁୟାରୀ ୯-୨୨: ୱିଣ୍ଟର ୟୁଥ୍ ଅଲିମ୍ପିକ୍ସ, ଲାଉସାନେ, ସୁଇଜରଲାଣ୍ଡ
- ଜାନୁୟାରୀ ୨୦-ଫେବୃୟାରୀ ୨: ଅଷ୍ଟ୍ରେଲିଆନ ଓପନ ଟେନିସ: ମେଲବୋର୍ନ
- ଫେବୃୟାରୀ ୧ରୁ ମାର୍ଚ୍ଚ ୧୪: ଷଡ଼ ରାଷ୍ଟ୍ରୀୟ ରଗ୍‌ବୀ, ୟୁକେ, ଆୟର୍ଲାଣ୍ଡ, ଫ୍ରାନ୍ସ, ଇଟାଲୀ
- ଫେବୃୟାରୀ ୨୬-ମାର୍ଚ୍ଚ ୧: ୱାର୍ଲ୍ଡ ଟ୍ରାକ୍ ସାଇକ୍ଲିଂ, ବର୍ଲିନ, ଜର୍ମାନୀ
- ମାର୍ଚ୍ଚ ୧୩-୧୫: ୱାର୍ଲ୍ଡ ଇନ୍‌ଡୋର ଆଥଲେଟିକ୍ସ, ନାନ୍‌ଜିଙ୍ଗ, ଚାଇନା
- ଏପ୍ରିଲ ୯-୧୨: ମାଷ୍ଟର୍ସ ଗଲ୍ଫ, ଅଗଷ୍ଟା, ୟୁଏସଏ
- ଏପ୍ରିଲ ୧୮-ମେ ୪: ୱାର୍ଲ୍ଡ ସ୍ନୁକର ଚାମ୍ପିୟନଶିପ୍, ଶେଫିଲ୍ଡ, ଇଂଲଣ୍ଡ
- ମେ ୧-୧୭: ଆଇସ୍‌ହକି ୱାର୍ଲ୍ଡ ଚାମ୍ପିୟନଶିପ୍, ଜୁରିଚ୍, ଲାଉସାନେ, ସୁଇଜରଲାଣ୍ଡ
- ମେ ୧୧-୧୭: ୟୁଏସ୍ ପିଜିଏ ଗଲ୍ଫ, ସାନ୍ ଫ୍ରାନ୍ସିସ୍କୋ, କାଲିଫର୍ନିଆ
- ମେ ୨୫-ଜୁନ-୧: ଫ୍ରେଞ୍ଚ୍ ଓପନ ଟେନିସ, ପ୍ୟାରିସ, ଫ୍ରାନ୍ସ
- ମେ ୨୩: ଏଫ୍‌ଏ କପ୍ ଫୁଟବଲ ଫାଇନାଲ, ଲଣ୍ଡନ
- ଜୁନ ୧୮-୨୧: ୟୁଏସ୍ ଓପନ ଗଲ୍ଫ, ନ୍ୟୁୟର୍କ
- ଜୁନ ୨୭-ଜୁଲାଇ ୧୯: ଟୁର ଡି ଫ୍ରାନ୍ସ ସାଇକ୍ଲିଂ, ଫ୍ରାନ୍ସ
- ଜୁନ ୨୯-ଜୁଲାଇ ୬: ୱିମ୍ବେଲଡନ ଓପନ ଟେନିସ, ଲଣ୍ଡନ
- ଜୁଲାଇ ୧୬-୧୯: ବ୍ରିଟିଶ୍ ଓପନ ଗଲ୍ଫ, କେଣ୍ଟ, ଇଂଲଣ୍ଡ
- ଅଗଷ୍ଟ ୧୬-୨୩: ୱାର୍ଲ୍ଡ ରୋଇଂ ଚାମ୍ପିୟନଶିପ୍, ବ୍ଲେଡ୍, ସ୍ଲୋଭେନିଆ
- ଅଗଷ୍ଟ ୩୧-ସେପ୍ଟେମ୍ବର ୧୩: ୟୁଏସ୍ ଓପନ ଟେନିସ: ନ୍ୟୁୟର୍କ
- ସେପ୍ଟେମ୍ବର ୨୫-୨୭: ରାଇଡର କପ୍ ଗଲ୍ଫ, ହାଭେନ, ୱିସକନ୍ସିନ, ୟୁଏସ୍
- ନଭେମ୍ବର ୩: ମେଲବୋର୍ନ କପ୍ ହର୍ଷ ରେସିଂ, ଭିକ୍ଟୋରିଆ, ଅଷ୍ଟ୍ରେଲିଆ



## ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ

ଜାନୁୟାରୀ ୧୭ରୁ ଫେବୃୟାରୀ ୯ ପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେବ। ୫୦ ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ମୋଟ ୪୮ଟି ମ୍ୟାଚ ଖେଳିବେ। ଭାରତ ଡିଫେଣ୍ଡିଂ ଚାମ୍ପିୟନଭାବେ ଏହି ପ୍ରତିଯୋଗିତା ଖେଳିବ। ଏଥିରେ ଭାଗ ନେବାକୁ ଯାଉଥିବା ଅନ୍ୟ ଦଳ ଗୁଡ଼ିକ ହେଲେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ଜିମ୍ବାୱେ, ନାଇଜେରିଆ, କାନାଡ଼ା, ୟୁଏଇ, ଜାପାନ ଓ ସ୍କଟଲାଣ୍ଡ।

ICC UNDER19
CRICKET WORLD CUP
SOUTH AFRICA 2020



## କଳିଙ୍ଗରେ ହକି ପ୍ରୋ ଲିଗ୍

୨୦୨୦ ଜାନୁୟାରୀ ୧୧ରୁ ଜୁନ୍ ୨୮ ପର୍ଯ୍ୟନ୍ତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ବିଶ୍ୱର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ। ଏଥିରେ ମୋଟ୍ ୧୪୪ଟି ମ୍ୟାଚ୍ ଖେଳାଯିବ। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ପ୍ରକାଶିତ ଭେନ୍ୟୁ ତାଲିକା ଅନୁସାରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ଭାରତ ଏହାର ଘରୋଇ ଗ୍ରାଉଣ୍ଡ ଭାବେ ବ୍ୟବହାର କରିବ। ଅର୍ଥାତ୍ ଭାରତ ଖେଳିବାକୁଥିବା ସମସ୍ତ ଘରୋଇ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ନେଦରଲାଣ୍ଡ୍ସ, ବେଲ୍‌ଜିୟମ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ଗୁଡ଼ିକ ଭାରତ ଘରୋଇ ଗ୍ରାଉଣ୍ଡରେ ଖେଳିବ। ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ଆର୍ଜେଣ୍ଟିନା ଓ ସ୍ପେନ୍ ବିପକ୍ଷ ମ୍ୟାଚ୍‌ଗୁଡ଼ିକ ବାହାର ପରିବେଶରେ ଖେଳିବାକୁ ଯିବ। ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଏଥିରେ ଭାରତ ଅଂଶଗ୍ରହଣ କରି ନ ଥିଲା।

**ସଂକ୍ଷେପରେ**

## ସ୍ମୃତିରଞ୍ଜନଙ୍କୁ ସ୍ୱର୍ଣ୍ଣିମ ସଫଳତା



**ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି):** କେରଳରେ ଗତ ୨୭ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ବଧିର କ୍ରୀଡ଼ାରେ ଓଡ଼ିଶାର ସ୍ମୃତି ରଞ୍ଜନ ବାରିକ ୨ଟି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସେ ପ୍ରତିଯୋଗିତାର ୧୬ ବର୍ଷରୁ କମ୍ ହାଇଜମ୍ପ ଓ ଡିସକସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଜମପଡ଼ା ଗ୍ରାମର ହରେକୃଷ୍ଣ ବାରିକଙ୍କ ପୁତ୍ର ସ୍ମୃତି ଭୁବନେଶ୍ୱରସ୍ଥିତ ନର୍ସରୀ ବଧିର ବିଦ୍ୟାଳୟ ପଳାସପଲ୍ଲୀ ନବମଶ୍ରେଣୀ ଛାତ୍ର ଅଟନ୍ତି। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ମଲିକ ଓ ପ୍ରଧାନ ଶିକ୍ଷକ ରାଜ କିଶୋର ରାୟଙ୍କ ତତ୍ତ୍ୱାବଧାନରେ ସ୍ମୃତି କେରଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ସ୍ମୃତିଙ୍କୁ ଓଡ଼ିଶା ବଧିର ସଂଘର ସମ୍ପାଦକ ଆଲୋକ କୁମାର ଜେନା, ଓଡ଼ିଶା ସ୍ପୋର୍ଟ୍ସ କାଉନସିଲ ଅଫ ଦି ଡିଫ୍‌ର ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି। ଏହା ବ୍ୟତୀତ ପ୍ରହଲ୍ଲାଦ ଚନ୍ଦ୍ର ପରିଡ଼ା, ଯଦୁମଣି ବାରିକ ଓ ପରିବାରର ସମସ୍ତ ସଦସ୍ୟ ତାଙ୍କୁ ଶୁଭକାମନା ଜଣାଇଛନ୍ତି।

## ଓଡ଼ିଶା ମାଷ୍ଟର୍ସ ଆଥଲେଟ୍‌ଙ୍କ ପାଇଁ ସୁଯୋଗ

**ଭୁବନେଶ୍ୱର, ୩୧।୧୨ (କ୍ରୀଡ଼ା ପ୍ରତିନିଧି):** ଜାତୀୟ ମାଷ୍ଟର୍ସ ଆଥଲେଟିକ୍ ମିଟ୍‌ର ୪୧ତମ ସଂସ୍କରଣ ମଣିପୁରର ଇମ୍ଫାଲଠାରେ ଫେବୃୟାରୀ ୯ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୩୫ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଆଥଲେଟ୍‌ଙ୍କ ପାଇଁ ଏଥିରେ ଭାଗ ନେବାର ସୁଯୋଗ ରହିବ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆଗ୍ରହୀ ଓଡ଼ିଶା ମାର୍ଷ୍ଟର୍ସ ଆଥଲେଟ୍‌ମାନେ ଫେବୃୟାରୀ ୫ ସୁଦ୍ଧା ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ ବୋଲି ଓଡ଼ିଶା ମାଷ୍ଟର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ଦାସ ପ୍ରକାଶ କରିଛନ୍ତି।

## ଫେରିବେ ଶାରାପୋଭା

**ସିଡ୍‌ନୀ,୩୧।୧୨:** ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ମହିଳା ଟେନିସ ଖେଳାଳି ମାରିଆ ଶାରାପୋଭା କୋର୍ଟକୁ ଫେରିବାକୁ ଯାଉଛନ୍ତି। ଆସନ୍ତା ମାସରେ ବ୍ରିସବେନ ଇଣ୍ଟରନ୍ୟାଶନାଲ ଇଭେଣ୍ଟରେ ଖେଳିବେ। ତାଙ୍କୁ ୨୦୨୦ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନରେ ଖେଳିବା ପାଇଁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୫ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଅନ୍ତିମ ଥର ଅଗଷ୍ଟରେ ୟୁଏସ୍ ଓପନର ପ୍ରଥମ ରାଉଣ୍ଡରେ ଖେଳିଥିଲେ। ଗତ ୪ ମାସ ହେଲା ନ ଖେଳିବାରୁ ତାଙ୍କ ର୍‍ୟାଙ୍କ ୧୩୩କୁ ଖସି ଯାଇଛି। ୩୨ ବର୍ଷୀୟା ରୁଷିଆ ସୁନ୍ଦରୀ ବିଶ୍ୱର ନମ୍ବର ୱାନ ଖେଳାଳି ଆଶ୍‌ଲେ ବାର୍ଟି, ନାଓମି ଓସାକା ଓ କାରୋଲିନା ପ୍ଲିସ୍କୋଭାଙ୍କ ସମ୍ମୁଖୀନ ହେବ। କୁଇନ୍‌ସଲାଣ୍ଡ ଟେନିସ ସେଣ୍ଟରଠାରେ ଜାନୁୟାରୀ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ଇଭେଣ୍ଟ ଅନୁଷ୍ଠିତ ହେବ।

## 'କ୍ରିଜ୍‌ରୁ ବାହାରିଲେ ମଙ୍କଡ୍ ଆଉଟ୍ କରିବି'

**ନୂଆଦିଲ୍ଲୀ,୩୧।୧୨:** ଆସନ୍ତା ଆଇପିଏଲରେ କ୍ରିଜରୁ ବାହାରିଲେ କାହାରିକୁ ବି ମଙ୍କଡ ଆଉଟ୍ କରିପାରେ ବୋଲି ସିନିୟର ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଟୁଇଟରରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ କହିଛନ୍ତି। ଉକ୍ତ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଜଣେ ପ୍ରଶଂସକ ପ୍ରଶ୍ନ କରିଥିଲେ, ଆଗାମୀ ଆଇପିଏଲରେ କେଉଁ ବ୍ୟାଟ୍ସମ୍ୟାନଙ୍କୁ ମଙ୍କଡ ଆଉଟ୍ କରାଯାଇପାରେ? ଏହାର ଉତ୍ତରରେ କ୍ରିଜ ବାହାରକୁ ଯେ କୌଣସି ବ୍ୟାଟ୍ସମ୍ୟାନ ଗଲେ ଆଉଟ୍ କରିବି ବୋଲି ଅଶ୍ୱିନ ଲେଖିଛନ୍ତି। ଉଲ୍ଲେଖଥାଉ, ଗତ ସିଜନରେ କିଙ୍ଗ୍ସ ଏକାଦଶ ପଞ୍ଜାବ ଅଧିନାୟକ ଥିବା ଅଶ୍ୱିନ ରାଜସ୍ଥାନ ରୟାଲର ଉଇକେଟ କିପର ବ୍ୟାଟ୍ସମ୍ୟାନ ଜୋସ ବଟଲରଙ୍କୁ ମଙ୍କଡ ଆଉଟ୍ କରିଥିଲେ। ବହୁ ପୂର୍ବତନ ଖେଳାଳି ଅଶ୍ୱିନଙ୍କ ଖେଳୁଆଡ଼ ମନୋଭାବ ଉପରେ ପ୍ରଶ୍ନ ଉଠାଇଥିଲେ।

# ଓଡ଼ିଶା ମହିଳା ଥ୍ରୋ ବଲ୍ ଦଳକୁ ରୌପ୍ୟ

**ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି)**

ବର୍ଦ୍ଧମାନଠାରେ ମଙ୍ଗଳବାର ଶେଷ ହୋଇଥିବା ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଦଳ ରନର୍ସଅପ୍ ହୋଇ ଐତିହାସିକ ସଫଳତା ଲାଭ କରିଛି। ସେମିଫାଇନାଲରେ ୪ ଥର ଚାମ୍ପିୟନ ତାମିଲନାଡୁକୁ ୧୫-୧୨ ଓ ୧୫-୯ ପଏଣ୍ଟରେ ହରାଇ ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ଦଳ ଦିଲ୍ଲୀଠାରୁ ୧୦-୧୫, ୧୨-୧୫ ପଏଣ୍ଟରେ ହାରି ଯାଇଥିଲା। ତେଣୁ ଦୀର୍ଘ ୧୮ବର୍ଷ ପରେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଓଡ଼ିଶା ରୌପ୍ୟ ପଦକ ହାସଲ କରିଥିଲା। ସବିତା ସାହୁ ଚମତ୍କାର ପ୍ରଦର୍ଶନ କରି ଓଡ଼ିଶା ପାଇଁ ଅଧିକ ପଏଣ୍ଟ ହାସଲ କରିଥିଲେ। ଇତିହାସ ରଚିଥିବା ଓଡ଼ିଶା ମହିଳା ଦଳକୁ ଏବେ କ୍ରୀଡ଼ା ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶା ପୁରୁଷ ଦଳ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ଦଳ ଆୟୋଜକ ପଶ୍ଚିମବଙ୍ଗ ନିକଟରୁ ୮-୧୫, ୧୨-୧୫ ପଏଣ୍ଟରେ ପରାସ୍ତ ହୋଇଥିଲା।




ରୌପ୍ୟ ପଦକ ବିଜୟୀ ଓଡ଼ିଶା ମହିଳା ଦଳ ଅତିଥିଙ୍କ ସହ।

**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀଯୁକ୍ତ ଅଦ୍ୱୈତ ଚରଣ ବିଶ୍ୱାଳ**
ବମିଖାଲ, ଭୁବନେଶ୍ୱର
ଆଜି ଆପଣଙ୍କ ଅଣାଅଶୀ (୭୯)ବର୍ଷରେ ପଦାର୍ପଣ କରିବା ଅବସରରେ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଆପଣଙ୍କର ଦୀର୍ଘ, ନିରାମୟ ଓ ସୁଖମୟ ଭବିଷ୍ୟତ ପାଇଁ ଜଗତରନାଥ ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୁଭେଚ୍ଛା ସହ:-
ସୁଶୀଳ କୁମାର ନନ୍ଦ, ଭକ୍ତବନ୍ଧୁ ଦାସ ଓ ଅନ୍ୟ ପ୍ରାତଃ ଭ୍ରମଣକାରୀ ବନ୍ଧୁଗଣ।
ଧ-୬୭୪୦୨

**ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ଅମ୍ରିତାଂଶୁ (ଗୁଡ୍‌ଲୁ)**
କୁନିନ୍ଦା, ଭୁବନ, ଢେଙ୍କାନାଳ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:**
ସାହୁ ପରିବାର, ବନ୍ଧୁ ଓ ପରିଜନବର୍ଗ।
ଧ-୯୬୮୩୭

## ଜାତୀୟ ସିନିୟର ଭଲିବଲ
# କ୍ୱାର୍ଟର ଫାଇନାଲ ଶେଷ

**ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ହଲ୍‌ରେ ଚାଲିଥିବା ୬୮ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲ ମ୍ୟାଚ ଶେଷ ହୋଇଛି। ମହିଳା ବିଭାଗ କ୍ୱାର୍ଟର ଫାଇନାଲ ଗୁଡ଼ିକରେ କେରଳ ୩-୦ରେ ହିମାଚଳ ପ୍ରଦେଶ, ମହାରାଷ୍ଟ୍ର ୩-୦ରେ ଦିଲ୍ଲୀ, ପଶ୍ଚିମବଙ୍ଗ ୩-୨ରେ ତାମିଲନାଡୁ, ରେଲ୍‌ୱେ ୩-୦ ସେଟ୍‌ରେ ହରିୟାଣାକୁ ପରାସ୍ତ କରିଛି। ସେହିପରି ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲରେ ଆସାମ ୩-୨ରେ କର୍ଣ୍ଣାଟକ, ତାମିଲନାଡୁ ୩-୦ରେ ହରିୟାଣା, ରେଲୱେ ୩-୧ରେ ସର୍ଭିସେସ, କେରଳ ୩-୧ ସେଟ୍‌ରେ ରାଜସ୍ଥାନକୁ ହରାଇ ଦେଇଛି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ମହାସଚିବ ରାମଅବତାର ସିଂ ଜାଖର ଉପସ୍ଥିତ ଥିଲେ।

# ଧୋନୀ, କଟ୍ରେଲଙ୍କ ପରେ ପେରେରା

**ଆର୍ମିରେ କ୍ରିକେଟର**



**କଲମ୍ବୋ, ୩୧।୧୨:** ଶ୍ରୀଲଙ୍କା କ୍ରିକେଟ୍ ଦଳର ବରିଷ୍ଠ ଅଲ୍‌ରାଉଣ୍ଡର ଥିସାରା ପେରେରା ଜଣେ 'ମେଜର' ଭାବେ ଶ୍ରୀଲଙ୍କା ଆର୍ମିରେ ଯୋଗ ଦେଇଛନ୍ତି। ୩୦ ବର୍ଷୀୟ ପେରେରା ନିଜ ଟୁଇଟର୍ ଆକାଉଣ୍ଟ ଜରିଆରେ ଏହା ସ୍ପଷ୍ଟ କରିଛନ୍ତି। ଆର୍ମି କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଶଭେନ୍ଦ୍ର ସିଲ୍‌ଭାଙ୍କ ନିମନ୍ତ୍ରଣକୁ ସେ ଗ୍ରହଣ କରିନେଇଥିବା ପେରେରା କହିଛନ୍ତି। ଫଳରେ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଶେଲଡନ୍ କୋଟ୍ରେଲଙ୍କ ପରେ ଆଉ ଜଣେ କ୍ରିକେଟର୍ ଭାବେ ପେରେରା ନିଜ ଦେଶ ପକ୍ଷରୁ ଆର୍ମିରେ ଯୋଗ ଦେଇଛନ୍ତି।

କଲମ୍ବୋ ଗାଜେଟ୍‌ର ରିପୋର୍ଟ ଅନୁଯାୟୀ, ପେରେରାଙ୍କୁ ଗାଜାବା ରେଜିମେଣ୍ଟରେ ଜଣେ ମେଜର ଭାବେ ଭଲ୍ୟୁଣ୍ଟର ଫୋର୍ସରେ ଭର୍ତ୍ତି କରାଯାଇଛି। ପେରେରାଙ୍କ ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ଦୀନେଶ ଚାଣ୍ଡିମଲ ମଧ୍ୟ ଶ୍ରୀଲଙ୍କା ଆର୍ମିରେ ଯୋଗ ଦେଇସାରିଛନ୍ତି। ପେରେରା ଶ୍ରୀଲଙ୍କା ପକ୍ଷରୁ ୬ ଟେଷ୍ଟ, ୧୬୧ ଦିନିକିଆ ଓ ୭୯ ଟି୨୦ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ଯଥାକ୍ରମେ ୨୦୩ ରନ, ୨୨୧୦ ଓ ୧୧୬୯ ରନ ଏବଂ ୧୧, ୧୭୧ ଓ ଟି୨୦ରେ ୫୧ ଉଇକେଟ୍ ନେଇଛନ୍ତି।

## ମାର୍ଚ୍ଚ ୨୯ରୁ ହୋଇପାରେ ଆଇପିଏଲ୍

**ମୁମ୍ବାଇ,୩୧।୧୨:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୦ ସଂସ୍କରଣ ମାର୍ଚ୍ଚ ୨୯ରୁ ୱାଙ୍ଖେଡେ ଷ୍ଟାଡିୟମରୁ ଆରମ୍ଭ ହୋଇପାରେ। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ସିଜନର ଉଦ୍‌ଘାଟନୀ ମ୍ୟାଚ୍‌ରେ ଖେଳିବ। ଏ ନେଇ ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜର ଜଣେ ଅଫିସିଆଲ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଯଦି ତାଙ୍କ ମତାମତକୁ ସତ ବୋଲି ଗ୍ରହଣ କରାଯାଏ, ତେବେ କିଛି ଫ୍ରାଞ୍ଚାଇଜଙ୍କୁ ପ୍ରାରମ୍ଭିକ ମ୍ୟାଚ୍ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଦଳର ଖେଳାଳିଙ୍କ ବିନା ଖେଳିବାକୁ ପଡ଼ିପାରେ। ଏହାର କାରଣ ହେଉଛି ସେତେବେଳେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟି୨୦ ସିରିଜ୍ ଖେଳାଯିବାର ରହିଛି।

# ଜାତୀୟ ଫୁଟବଲ ଶିବିରରେ ୩ ଓଡ଼ିଆ

**କଟକ ଅଫିସ,୩୧।୧୨**

ଗୋଆର ମାରଗାଓ ସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆସନ୍ତା ଜାନୁୟାରୀ ୨ରୁ ୧୫ ତାରିଖ ପର୍ଯ୍ୟନ୍ତ ୧୭ବର୍ଷରୁ କମ୍ ଜାତୀୟ ମହିଳା ଫୁଟବଲ ଦଳର ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେବ। ଏଥିରେ ୩ଜଣ ଓଡ଼ିଆ ଖେଳାଳିଙ୍କୁ ସ୍ଥାନ ମିଳିଛି। ଏମାନେ ହେଲେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲର ମଞ୍ଜୁ ଗଞ୍ଜୁ, ମନୀଷା ନାୟକ ଏବଂ କଟକ ସାଇକେନ୍ଦ୍ରର ଜ୍ୟୋତି କୁମାରୀ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ)ର ସମ୍ପାଦକ (ଇନଚାର୍ଜ) ଅଭିଜିତ ପାଲ ଏହି ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ରଣଜୀ ଟ୍ରଫି କ୍ରିକେଟ ଦଳକୁ ସମ୍ବର୍ଦ୍ଧିତ କରାଯାଉଛି। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଓସିଏ କର୍ମକର୍ତ୍ତା ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଅଛନ୍ତି।

## ବ୍ଲିଜ୍ ପ୍ରତିଯୋଗିତା: ହମ୍ପିଙ୍କୁ ଦ୍ୱାଦଶ ସ୍ଥାନ

**ମସ୍କୋ, ୩୧।୧୨ (ପି.ଟି.):** ଗତ ତିନୋଟି ରାଉଣ୍ଡରେ ହ୍ୟାଟ୍ରିକ୍ ପରାଜୟ ଦ୍ୱାରା ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଏଠାରେ ଚାଲିଥିବା ମହିଳା ୱାର୍ଲ୍ଡ ରାପିଡ୍ ଏବଂ ବ୍ଲିଜ୍ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ଟାଇଟଲ ଜିତିବାରେ ସଫଳ ହୋଇପାରି ନାହାନ୍ତି। ଦୁଇ ଦିନିଆ ବ୍ଲିଜ୍ ପ୍ରତିଯୋଗିତାରେ ତାଙ୍କୁ ୧୨ତମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ରୁଷିଆର କାଟରିନା ଲାଗ୍ନୋ ଏବଂ ନରୱେର ମାଗ୍ନସ କାର୍ଲସେନ ଯଥାକ୍ରମେ ମହିଳା ଓ ପୁରୁଷ ବ୍ଲିଜ୍ ପ୍ରତିଯୋଗିତା ଟାଇଟଲ ଜିତିଛନ୍ତି। ଶନିବାର ଚାଇନାର ଲି ଟିଙ୍ଗଜୀଙ୍କ ବିପକ୍ଷ ଆର୍ମାଗେଡନ ଗେମ୍ ଡ୍ର' ରଖି ହମ୍ପି ବିଶ୍ୱ ମହିଳା ରାପିଡ ଚେସ୍ ଚାମ୍ପିୟନ ହୋଇଥିଲେ। ବ୍ଲିଜ ପ୍ରତିଯୋଗିତାର ପ୍ରଥମ ଦିବସରେ ତାଙ୍କର ପ୍ରଦର୍ଶନ ଉତ୍ସାହଜନକ ଥିଲା। ୯ ରାଉଣ୍ଡ ଖେଳ ପରେ ସେ ୭ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ୩୨ ବର୍ଷୀୟ ଭାରତୀୟ ଖେଳାଳି ତାଙ୍କ ଭଲ ପ୍ରଦର୍ଶନ ବଜାୟ ରଖିବାରେ ବିଫଳ ହୋଇଥିଲେ। ୧୭ଟି ଗେମ୍‌ରୁ ସେ ୧୦.୫ ପଏଣ୍ଟ ଅର୍ଜନ କରି ଟୁର୍ନାମେଣ୍ଟରେ ତାଙ୍କ ଅଭିଯାନ ଶେଷ କରିଥିଲେ।

## ଜାତୀୟ ବିଦ୍ୟାଳୟ ସ୍ତରୀୟ ଥ୍ରୋ ବଲ: ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୩୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ନୂଆଦିଲ୍ଲୀଠାରେ ଆସନ୍ତା ୩ରୁ ୯ ତାରିଖ ପର୍ଯ୍ୟନ୍ତ ୬୫ତମ ଜାତୀୟ ବିଦ୍ୟାଳୟ ସ୍ତରୀୟ ଥ୍ରୋ ବଲ (୧୪ ବର୍ଷରୁ କମ୍) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ତାଲିମ ଶିବିର ୨୮ରୁ ଡିସେମ୍ବର ୩୦ ପର୍ଯ୍ୟନ୍ତ ସ୍ଥାନୀୟ ମମତାଜ ଅଲୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜନ କରାଯାଇଥିଲା। ଏଥିରୁ ବିଭିନ୍ନ ଜିଲାର ୨୪ଜଣ ବାଳିକା ଓ ବାଳକଙ୍କୁ ଚୟନ କରାଯାଇଛି। ଉଭୟ ଦଳ ସହ ପରିଚାଳକ ସ୍ୱରାଜ କେଶରୀ ମହାନ୍ତି, କୋଚ୍ ପୂରବୀ ପରିଡ଼ା ଓ ବିଭାଶିଷ ଦେ ଦିଲ୍ଲୀ ଗସ୍ତ କରିଛନ୍ତି। ମମତାଜ ଅଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ଦାସ ଦଳକୁ ଶୁଭ କାମନା ଜଣାଇଛନ୍ତି।

**୧୪ ବର୍ଷରୁ କମ୍ ଓଡ଼ିଶା ଦଳ**

**ବାଳିକା ଦଳ:** ତନ୍ମୟୀ ନାୟକ, ଲୀସା ପଣ୍ଡା, ସ୍ନେହ ଶର୍ମା, ଖୁସି ମହାରାଜ, ରୀମା ସ, ଶୁବାଷିନୀ ମଲ୍ଲିକ, ଅଣ୍ଣିତି ବାଗ, ଉପମା ମଲିକ, ସୁନ୍ଦରୀ ସାଉନ୍ତା, ଶସ୍ମିତା ମଲିକ ଓ ସଦଶୀ ନାଗ।

**ବାଳକ ଦଳ:** ଦୁର୍ଯ୍ୟ ସାନ୍ତା, ଗଣେଶ ଭଦ୍ରା, ରାଜେଶ ଦିବାକା, ରାଜୀବ ଭଦ୍ରା, ଶକ୍ତି ପ୍ରସାଦ ଭୋଇ, ଶୁଭମ ସାହୁ, ଗରିକିନା ସେବୁ, ବେନିଗ ଷ୍ଟିଭେନ, ଆୟୁଷ ଝା, ଆକାଶ ଶର୍ମା।

# ବିହାର ରଣ୍‌ଜୀ ଦଳରେ ଆଦିତ୍ୟ ବର୍ମାଙ୍କ ପୁଅ

**ନୂଆଦିଲ୍ଲୀ, ୩୧।୧୨ (ପି.ଟି.):** ଆଇପିଏଲ ସ୍ପଟ୍‌ଫିକ୍ସିଂ ମାମଲାର ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତି ଆଦିତ୍ୟ ବର୍ମାଙ୍କ ପୁଅ ବିହାର ରଣଜୀ ଦଳରେ ସ୍ଥାନ ପାଇଛନ୍ତି। ୨୦୧୩ରେ ବର୍ମା ବିହାରର ଅନଧିକୃତ କ୍ରିକେଟ ଆସୋସିଏଶନ ଅଫ୍ ବିହାର (ସିଏବି)ର ସମ୍ପାଦକ ଥିବାବେଳେ ସେ ସ୍ପଟ ଫିକ୍ସିଂ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିରୋଧରେ ପିଟିଶନ ଦାଖଲ କରିଥିଲେ। ଯଦ୍ୱାରା ସେ ସମୟରେ କ୍ରିକେଟର ସବୁଠାରୁ କ୍ଷମତାଶାଳୀ ବ୍ୟକ୍ତି ବିବେଚନା କରାଯାଉଥିବା ଏନ. ଶ୍ରୀନିବାସନଙ୍କୁ କୋର୍ଟକୁ ଟାଣି ଆଣିଥିଲେ। ବର୍ମାଙ୍କୁ ଏବେ ଆତ୍ମତୃପ୍ତି ମିଳିଛି। ତାଙ୍କ ପୁଅ ଲଖନ ରାଜା ଯିଏକି ଜଣେ ବାମହାତୀ ଓପନିଂ ବ୍ୟାଟ୍ସମ୍ୟାନ ସେ ବିହାର ରଣ୍‌ଜୀ ଦଳରେ ସ୍ଥାନ ପାଇଛନ୍ତି। ବିହାର ଏହାର ପରବର୍ତ୍ତୀ ଗେମ୍ ପାଟନାଠାରେ ମିଜୋରାମ ବିପକ୍ଷରେ ଖେଳିବ। କ୍ରିକେଟରେ ଦୁର୍ନୀତି ଯୋଗୁ ତାଙ୍କ ପ୍ରତିଭାସମ୍ପନ୍ନ ପୁଅ ଉଚ୍ଚ ସ୍ତରରେ ଖେଳିବା ଲାଗି ସୁଯୋଗ ପାଇ ନ ପାରେ ବୋଲି ତାଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା। ତାହା ଏବେ ଦୂର ହୋଇଛି। କୌତୂହଳର କଥା ଏହିକି ଯେ, ତାଙ୍କ ପୁଅ ଏବେ ଶ୍ରୀନିବାସନଙ୍କ କମ୍ପାନୀ ଇଣ୍ଡିଆ ସିମେଣ୍ଟ୍ସରେ ଚାକିରି କରିଛନ୍ତି। ବର୍ମା ଏବେ ୩୬୦ ଡିଗ୍ରୀ ୟୁଟର୍ନ କରିଛନ୍ତି। ଭାରତୀୟ କ୍ରିକେଟକୁ ଶ୍ରୀନିବାସନଙ୍କ ଭଳି ଜଣେ ପ୍ରଶାସକ ଆବଶ୍ୟକ ବୋଲି କହିଛନ୍ତି। ଶ୍ରୀନିବାସନ ବିସିସିଆଇ ମୁଖ୍ୟ ଥିବାବେଳେ ତାଙ୍କ ବିରୋଧରେ ସ୍ପଟ ଫିକ୍ସିଂ ମାମଲାରେ ତାଙ୍କ ବିରୋଧରେ ପିଟିଶନ ଦାଖଲ କରିଥିବାରୁ ଆପଣ ଏବେ ଅନୁତପ୍ତ କି ବୋଲି ପଚରାଯିବାରେ ସେ ସମୟକୁ ଚାହିଁ ତାଙ୍କ ନିଷ୍ପତ୍ତି ଠିକ୍ ଥିଲା ବୋଲି ବର୍ମା ସଫେଇ ଦେଇଛନ୍ତି।

# ପ୍ରଗତି ଜିତିଲା ଓସ୍କାର କପ୍

**ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି)**

ନିରୋଜ ମେମୋରିଆଲ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟର ୧୧ତମ ସଂସ୍କରଣ ମଙ୍ଗଳବାର ଶେଷ ହୋଇଛି। ଫାଇନାଲରେ ସହିଦ ସ୍ପୋର୍ଟିଂକୁ ୧୩ ରନରେ ହରାଇ ପ୍ରଗତି ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ୮୦ ବଲ୍‌ରୁ ୯୧ ରନ କରିବା ସହ ଗୋଟିଏ ଉଇକେଟ ନେଇଥିବା ଅସୀମ ବରାଦ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସୌମ୍ୟରଞ୍ଜନ ମହାରଣା ମ୍ୟାନ ଅଫ ଦି ସିରିଜ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଦେବଜ୍ୟୋତି ଦାସ ପଟ୍ଟନାୟକ ଶ୍ରେଷ୍ଠ ବୋଲର, କୁବେର ସାହୁ ଶ୍ରେଷ୍ଠ ଫିଲ୍ଡର, ଅମନ ଦାସ ଶ୍ରେଷ୍ଠ ଉଇକେଟ କିପର ବିବେଚିତ ହୋଇଥିଲେ। ନରେଶ ଭୂଷଣ ମଲିକ ଧାରାବିବରଣୀ ପ୍ରଦାନ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ସରୋଜ ସାମଲ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ଟ୍ରଫି ସହ ଅତିଥିଙ୍କ ଗହଣରେ ପ୍ରଗତି ସ୍ପୋର୍ଟିଂର ଖେଳାଳିମାନେ।

**ମନେ ପଡ଼ନ୍ତି**

ତୃତୀୟ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଆପଣଙ୍କ ଆତ୍ମା ଚିର ଶାନ୍ତି ଲାଭକରୁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ବିନୀତ ପ୍ରାର୍ଥନା



**୰ଗୋପାଳ ଚନ୍ଦ୍ର ମହାନ୍ତି**
ପୂର୍ବତନ ପ୍ରମୁଖ ଶାସନ ସଚିବ, ଆଇନ୍ ବିଭାଗ, ଓଡ଼ିଶା ସରକାର
ପୂର୍ବତନ ଅଧ୍ୟକ୍ଷ ରାଜ୍ୟ ଆଇନ ସଂଶୋଧନ କମିଟି
ଶୋକ ସନ୍ତପ୍ତ
କନକ ମହାନ୍ତି
ମନୋଜ ଓ ଭାରତୀ,
ସରୋଜ ଓ ଆମ୍ରପାଲ୍ଲୀ,
ସଂଜୀବ ଓ ଅଶ୍ରୁ
ସମୀକ୍ଷା, ସମ୍ୟନ୍ତକ, ଅନ୍ୱେଷା
ଧ-୧୬୦୦୨

**ଏକାଦଶ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ଅକ୍ଷୟ କୁମାର ଦାଶ (ବୁବୁ)**
କନେଷ୍ଟବଳ, ମାଲକାନଗିରି ଜିଲ୍ଲା ପୋଲିସ
ସିଂହପୁର, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ: ୨୧।୦୩।୧୯୮୨
ତିରୋଧାନ: ୦୧।୦୧।୨୦୦୯
ତୁମର ଅମର ଆତ୍ମାର ସଦ୍‌ଗତି କାମନା କରି ଶ୍ରୀମା' ଶ୍ରୀଅରବିନ୍ଦଙ୍କ ନିକଟରେ ପ୍ରାର୍ଥନା କରୁକି ତୁମେ ଯେଉଁଠି ଥା, ଭଲରେ ଥିବ।
**ଶୋକସନ୍ତପ୍ତ ପରିବାରବର୍ଗ:**
ଜେଜେ, ଜେଜେମା', ବାପା, ବୋଉ, ସାନବାପା, ସାନବୋଉ, ପିଉସା, ପିଉସୀ, ମଉସା, ମାଉସୀ, ମାମୁ, ମାଇଁ, ଭଣଜା: ଚନ୍ଦନ, ପୁପୁଲ, ସିପୁଲ, ଗୁଡୁ ଓ ଦାଶ ପରିବାର
ଧ-୧୬୦୦୦

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ତ୍ରିଲୋଚନ ମହାପାତ୍ର**
ଆବିର୍ଭାବ: ୦୩।୦୧।୧୯୩୪
ତିରୋଧାନ: ୨୧।୧୨।୨୦୧୯
ତୁମେ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲ। ତୁମର ଭଲପାଇବା, ତୁମର ତ୍ୟାଗ ଆମ୍ଭପାଇଁ ଅଭୁଲା ସ୍ମୃତି। ତୁମର ଆଶୀର୍ବାଦଭରା ହାତ ଆମ ଉପରେ ସର୍ବଦା ରହିଥାଉ, ହେ ମହାନ୍ ଆତ୍ମା ଈଶ୍ୱରଙ୍କ ନିକଟରେ ଆପଣ ଶାନ୍ତିରେ ଥାଆନ୍ତୁ।
**ଶୋକସନ୍ତପ୍ତ:**
ପୁତ୍ର- ସଞ୍ଜୟ କୁମାର ମହାପାତ୍ର, ପୁତ୍ରବଧୂ- ସୁଭାଗିନୀ କର, ଝିଅ- କବିତା, ସବିତା, ରଞ୍ଜିତା, ଜ୍ୱାଇଁ- ଲଳିତ, ଚନ୍ଦ୍ରଶେଖର, ତୀର୍ଥ ଚରଣ, ନାତି- ସିଲୁ, ବବ୍‌ଲୁ, ଟିକୁଲୁ, ନାତୁଣୀ- ସିଲା, ଟ୍ୱିଙ୍କିଲ୍, ରୁଚି, ଇମ୍‌ଲି, ଖୁସି, ବନ୍ଧୁ ଓ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୯୯୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଜାନୁୟାରୀ ୧/୨୦୨୦ Balasore, Wednesday, January 1/2020

# ମା' ତାରିଣୀ ପୀଠରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

**ଘଟଗାଁ, ୩୧।୧୨**

ମା' ତାରିଣୀଙ୍କୁ ୨୦୧୯ ବର୍ଷ ଶେଷଦିନରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଓ ତାଙ୍କ ପୁତ୍ର ଚୈତନ୍ୟ ବାଘେଲ ମଙ୍ଗଳବାର ଆସି ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ବାଘେଲ ଘଟଗାଁ ମିନି ଷ୍ଟାଡିୟମଠାରେ ଦିନ ୧୨ଟା ୪୦ରେ ହେଲିକପ୍ଟର ଯୋଗେ ଆସି ଅବତରଣ କରିଥିଲେ। ସେଠାରୁ ସିଧାସଳଖ କାର୍‌ରେ ଆସି ମନ୍ଦିର ଅତିଥି ନିବାସଠାରେ ପହଞ୍ଚିଥିଲେ। ମା' ତାରିଣୀ ମନ୍ଦିରକୁ ଚାଲି ଚାଲି ଯାଇ ମୁଖଶାଳା ଦେଇ ପ୍ରବେଶ କରି ନିଜର ମନସ୍କାମନା ପୂରଣ ପାଇଁ ନଡ଼ିଆ, ଫୁଲ ଓ ଶାଢ଼ି ଅର୍ପଣ କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ତାଙ୍କୁ ସ୍ୱାଗତ ଓ ଉପଢୌକନ ପ୍ରଦାନ କରାଯିବା ସହିତ ମା'ଙ୍କ ଧାନମୂର୍ତ୍ତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସେ ମା'ଙ୍କ କିମ୍ବଦନ୍ତୀ ସମ୍ପର୍କରେ ଓ ପୂଜାନୀତି ବିଷୟରେ ସମସ୍ତ ତଥ୍ୟ ପଚାରି



ମା' ତାରିଣୀଙ୍କ ମନ୍ଦିରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ।

ବୁଝିଥିଲେ। ଗସ୍ତ କାର୍ଯ୍ୟକ୍ରମରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ, ଏସ୍‌ପି କେନ୍ଦୁଝର ମିତ୍ରଭାନୁ ମହାପାତ୍ର ତାଙ୍କୁ ସ୍ୱାଗତ କରିଥିଲେ। ଟ୍ରଷ୍ଟବୋର୍ଡ ପକ୍ଷରୁ ମନ୍ଦିର ପରିଚାଳନା ବୋର୍ଡ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଦସ୍ୟ ଆନନ୍ଦ ଚନ୍ଦ୍ର ସିଂହ, ଦୟାନିଧି ମହାନ୍ତ, ନିର୍ମଳ ମହାନ୍ତି, ଆକାଉଣ୍ଟାଣ୍ଟ ଅକ୍ଷୟ ବେହେରାଙ୍କ ସମେତ ମନ୍ଦିର କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ସେହିପରି କେନ୍ଦୁଝର ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ଆଲୋକ ରାଉତ, ରତିକାନ୍ତ ବରାଳ, ବଲ୍ଲଭ ମିଶ୍ର, ଚତୁର୍ଭୁଜ ରାଉତ, ପ୍ରଭାକର ନାୟକ, ଦିଲ୍ଲୀପ ବଳ, ପ୍ରଶାନ୍ତ ଦଳେଇ, ମୋହନ ହେମ୍ବ୍ରମ, ସଦାନନ୍ଦ ନାୟକ ସମେତ ଜିଲା କଂଗ୍ରେସ କମିଟିର ସମସ୍ତ ସଦସ୍ୟ ମୁଖ୍ୟମନ୍ତ୍ରୀ ବାଘେଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମା'ଙ୍କ ନିକଟରେ ପୂଜା ଓ ଦର୍ଶନ ବ୍ୟବସ୍ଥା ପାଇଁ ମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ବାଘେଲ ଦର୍ଶନ ସାରି ମା'ଙ୍କ ପ୍ରସାଦ ସେବନ କରିଥିଲେ। ପରେ ସ୍ଥାନୀୟ ଡାକବଙ୍ଗଳାଠାରେ କଂଗ୍ରେସର ବରିଷ୍ଠ ନେତୃତ୍ୱ ଓ ସଦସ୍ୟଙ୍କ ସହିତ ଆଲୋଚନା କରି ୨ଟା ୪୦ରେ ପ୍ରତ୍ୟାବର୍ତ୍ତନ କରିଥିଲେ।





## ବାଙ୍ଗାଲୋରରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**ସୋର, ୩୧।୧୨(ଡି.ଏନ.ଏ.):** ସୋର ବ୍ଲକ ନଟାପଡ଼ା ଗ୍ରାମର ଶଙ୍କର୍ଷଣ ବେହେରା(୨୩) ନାମକ ଯୁବକ ବାଙ୍ଗାଲୋରରେ କାମ କରୁଥିବା ବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ସେ କିଛି ବର୍ଷ ହେଲା ବାଙ୍ଗାଲୋରର ଏକ ଟେଣ୍ଟ କମ୍ପାନୀରେ ଜଣେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଏକ ଟେଣ୍ଟ କାମବେଳେ ଉପରୁ ତଳକୁ ଖସିପଡ଼ିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକ ସେଠାକୁ ଯାଇଛନ୍ତି।

## ■ ଲକ୍ଷ୍ମୀଧରଙ୍କ ନିଷ୍ଠା ଆଣିଛି ସଫଳତା

# ଶୋଷ ମେଣ୍ଟାଉଛି କାଠ ନଳକୂଅ ପାଣି

**ରାଇସୁଆଁ, ୩୧।୧୨ (ଡି.ଏନ.ଏ.)**

କଥାରେ ଅଛି ନିଷ୍ଠା ଏବଂ ଅକ୍ଲାନ୍ତ ପରିଶ୍ରମ ଆଗରେ ସବୁ ବାଧାବିଘ୍ନ ହାର ମାନିଥାଏ। ଏହି ଘଟଣାକୁ ସତ୍ୟରେ ପରିଣତ କରି ଦେଖାଇଛନ୍ତି କେନ୍ଦୁଝର

**ଲୋକଙ୍କ କଷ୍ଟ ହୋଇଛି ଲାଘବ**

ଜିଲା ସଦର ଅଞ୍ଚଳର କାଉଁରିକଳା ପଞ୍ଚାୟତର ବନେଇକଳା ଗ୍ରାମର ପ୍ରଧାନସାହିର ଲକ୍ଷ୍ମୀଧର ମୁଣ୍ଡା। ସେ ଅକ୍ଲାନ୍ତ ପରିଶ୍ରମ କରି ନିଜ ବୁଦ୍ଧି ବଳରେ ଗାଁରେ ଏକ କାଠ ନଳକୂପ ବସାଇଛନ୍ତି। ସେଥିରୁ ପାଣି ଆସୁଥିବାରୁ ଲୋକଙ୍କ କଷ୍ଟ ବହୁ ମାତ୍ରାରେ ଦୂର ହୋଇପାରିଛି।

ଲକ୍ଷ୍ମୀଧରଙ୍କର ୨ସନ୍ତାନ ଏବଂ ସ୍ତ୍ରୀଙ୍କୁ ନେଇ ତାଙ୍କ ପରିବାର। ଦିନମଜୁରି କରି ସେ ପରିବାରର ଗୁଜୁରାଣ ମେଣ୍ଟାଇ



ଲକ୍ଷ୍ମୀଧରଙ୍କ ନଳକୂପରୁ ଲୋକେ ପାଣି ନେଉଛନ୍ତି।

ଥାନ୍ତି। ତାଙ୍କ ସାହିରେ ନଳକୂପଟିଏ ନ ଥିବା ବେଳେ ଲୋକ ମାନେ ୧ କି.ମି. ଦୂରରୁ ପାନୀୟ ଜଳ ଆଣିଥାନ୍ତି। ଏହାକୁ ଦେଖିବା ପରେ ସାହିର ଲୋକଙ୍କ ପାଇଁ କିପରି ପାନୀୟଜଳ ଗ୍ରାମରେ ପହଞ୍ଚି ପାରିବ ତାହା ତାଙ୍କ ମୁଣ୍ଡକୁ ଘାରିଥିଲା। ଏଥିପାଇଁ ସେ ବହୁ ଚିନ୍ତା କରି କିଛି ଇଲେକ୍ଟ୍ରି ୱେରିଂ ପାଇପ ଏବଂ କିଛି କାଠ ଏବଂ କିଛି ଲୁହା ରଡର ବ୍ୟବହାର କରି ୧କି.ମି. ଦୂରରେ ଥିବା ଜଳ ଉତ୍ସରୁ ଗାଁକୁ ପାଣି ଆଣି ପାରିଛନ୍ତି। ପାଇପଗୁଡ଼ିକୁ ମାଟି ତଳେ ପୋତି ଗାଁ ମୁଣ୍ଡରେ ଏକ ୨ଇଞ୍ଚ ପାଇପକୁ ସଂଯୋଗ କରି ଏକ ଲୁହାରଡକୁ ୨ଖଣ୍ଡ କାଠ ସାହାଯ୍ୟରେ ନଳକୂପ ହ୍ୟାଣ୍ଡେଲ ପରି ଲଗାଇଛନ୍ତି। ନଳକୂପ ହ୍ୟାଣ୍ଡେଲକୁ ଉପର ତଳ କରିବା ପରି ଏହି କାଠ ହ୍ୟାଣ୍ଡେଲକୁ ଉପରତଳ କଲେ ଏଥିରୁ ପାଣି ବାହାରୁଛି। ପାଣିକୁ ପରିଷ୍କାର କରିବା ପାଇଁ ଏଥିରେ ଏକ ଫିଲଟର ଲଗାଇଛନ୍ତି। ଲକ୍ଷ୍ମୀଧର ଜଣେ ଗରିବ ଆଦିବାସୀ ହୋଇଥିଲେ ମଧ୍ୟ ବହୁ କଷ୍ଟରେ ଯୁକ୍ତ୨ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ମାତ୍ର ଦାରିଦ୍ର୍ୟ କାରଣରୁ ଯୁକ୍ତ୨ ପରେ ପଢ଼ାରେ ତାଙ୍କର ଡୋରି ପଡ଼ିଥିଲା। ମାତ୍ର ତାଙ୍କ ମନରେ ସମାଜ ପାଇଁ କିଛି କରି ଦେଖାଇବାର ଆଗ୍ରହ ଯୋଗୁ ବହୁ କଷ୍ଟ ଏବଂ ଅକ୍ଲାନ୍ତ ପରିଶ୍ରମ ଏବଂ ବୁଦ୍ଧି ବଳରେ ୧ କି.ମି. ଦୂର ଏକ ଜଳଉତ୍ସରୁ ଗାଁକୁ ପାଣି ଆଣି ପାରିଛନ୍ତି। ଏହି କାଠ ନଳକୂଅ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇଛି। ଏହି ଘଟଣା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ସ୍ଥାନୀୟ ସାହିର ବହୁ ଜନସାଧାରଣ କହିଛନ୍ତି କି ଆଗରୁ ବହୁ ଦୂରରୁ ପାଣି ବୋହି ଗାଁକୁ ଆଣୁଥିବା ବେଳେ ଲକ୍ଷ୍ମୀଧରଙ୍କ ଯୋଗୁ ହାତ ପାହାନ୍ତାରେ ପାନୀୟଜଳ ପାଇପାରୁଛୁ। ପ୍ରଶାସନ ତରଫରୁ ତାଙ୍କୁ ପ୍ରୋତ୍ସାହନ ମିଳିଲେ ସେ ଆହୁରି ଆଗକୁ ବଢ଼ିପାରନ୍ତେ ବୋଲି କହିଛନ୍ତି।

## ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ

**ରୂପ୍‌ସା/ବସ୍ତା, ୩୧।୧୨(ଡି.ଏନ.ଏ./ସ୍ୱ.ପ୍ର.)**

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ବରୁଣଗଡ଼ିଆ ଛକ ନିକଟରେ ସୋମବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଭ୍ୟାନ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଓଡ଼ିଆ ଶାସନ ଗ୍ରାମର ସନ୍ତୋଷ କୁମାର ପ୍ରଧାନ (୪୫)।

ସେ ଅମର୍ଦ୍ଦାରୋଡ଼ସ୍ଥିତ ନଟାକଟା ସେବା ସମବାୟ ସମିତିର ଧାନକ୍ରୟ କେନ୍ଦ୍ରକୁ ଯାଇ ଅନ୍ୟ ଶ୍ରମିକଙ୍କ ସହ ଧାନବସ୍ତା ସବୁ ମିଲରଙ୍କ ଟ୍ରକ୍‌ରେ ଲୋଡ଼ିଂ କରୁଥିଲେ। କାମ ସାରି ରାତିରେ ଘରକୁ ଆସିବା ପାଇଁ ବରୁଣଗଡ଼ିଆ ଛକଠାରେ ଅପେକ୍ଷା କରିଥିଲେ। ଦ୍ରୁତଗାମୀ ଭ୍ୟାନ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଆହତ ଶ୍ରମିକଙ୍କୁ ଚିକିତ୍ସା ପାଇଁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବାଲେଶ୍ୱର ନେବା ବାଟରେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏନେଇ ବସ୍ତା ଥାନାରେ ମଙ୍ଗଳବାର ପୋଲିସ ଏକ ମାମଲା (ନଂ. ୪୪୯/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।









## ଟ୍ରେନ୍‌ରେ ଯାତ୍ରୀଙ୍କଠାରୁ ୨୧ହଜାର ଲୁଟ୍

**ସୋର, ୩୧।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁହିରାପଦା ଗ୍ରାମର ଜଣେ ଯୁବକ ମୁମ୍ବାଇରୁ କୋଣାର୍କ ଏକ୍ସପ୍ରେସରେ ଓଡ଼ିଶା ଫେରୁଥିବା ବେଳେ ବିଜିଫୋଡ଼ ଷ୍ଟେଶନ ନିକଟରେ ଜଣେ ଦୁର୍ବୃତ୍ତ ତାଙ୍କ ବ୍ୟାଗ୍ ସହିତ ୨୧, ୫୦୦ଟଙ୍କା ଏବଂ ଲୁଗାପଟା ଛଡ଼ାଇ ପଳାଇ ନେଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ସନାତନ ପ୍ରଧାନ ଗତ ୨୯ ତାରିଖରେ ମୁମ୍ବାଇରୁ ଭୁବନେଶ୍ୱରକୁ କୋଣାର୍କ ଏକ୍ସପ୍ରେସରେ ଟଙ୍କା ଏବଂ ଜିନିଷପତ୍ର ଧରି ଦ୍ୱିତୀୟ ଶ୍ରେଣୀ ବଗିରେ ଆସୁଥିଲେ। ରାସ୍ତାରେ ଜଣେ ଦୁର୍ବୃତ୍ତ ସହଯାତ୍ରୀ ଭାବେ ନିଜକୁ ପରିଚୟ ଦେଇ ତାଙ୍କ ପାଖରେ ବସିବା ସହିତ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ। ଏ ସମ୍ପର୍କରେ ସନାତନ ଟ୍ରେନ ଟିଟିଇଙ୍କୁ ଜଣାଇଥିଲେ ସୁଦ୍ଧା କିଛି ଫଳ ହୋଇ ନ ଥିଲା। ବିଜିଫୋଡ଼ ଷ୍ଟେଶନ୍ ନିକଟରେ ଯୁବକଜଣକ ସୁଯୋଗ ଦେଖି ତାଙ୍କ ପାଖରେ ଥିବା ଟଙ୍କା ସହ ଲୁଗା ଭର୍ତ୍ତି ବ୍ୟାଗକୁ ଛଡ଼ାଇ ନେଇ ଟ୍ରେନ୍‌ରୁ ଡେଇଁ ପଳାଇଯାଇଥିଲେ। ସନାତନ ଅନ୍ୟ ଉପାୟ ନ ପାଇ ଭୁବନେଶ୍ୱର ଷ୍ଟେସନ ଜିଆର୍‌ପିରେ ଅଭିଯୋଗ କରିଛନ୍ତି।

## ଗୋରୁ ବୋଝେଇ ଗାଡ଼ି ଜବତ

**ଧାମନଗର,୩୧।୧୨(ଡି.ଏନ.ଏ.):** ଯାଜପୁର ଜିଲାରୁ ଧାମନଗର ଅଞ୍ଚଳକୁ ଯାଉଥିବା ଏକ ଗୋରୁ ବୋଝେଇ ଅଟୋକୁ ସ୍ଥାନୀୟ ଆନନ୍ଦପୁର ଅଞ୍ଚଳର ଲୋକେ ଅଟକାଇ ଧାମନଗର ପୋଲିସ ଜିମା ଦେଇଛନ୍ତି। ଓଡ଼ି୦୪ଏ-୧୧୫୬ ନଂ. ବିଶିଷ୍ଟ ଏକ ଅଟୋରେ ୫ଟି ଗୋରୁ ଏବଂ ଗୋଟିଏ ଛୋଟ ଷଣ୍ଢ ବୋଝେଇ ହୋଇ ଯାଉଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଅଟୋ ମଧ୍ୟରୁ ଅମାନୁଷିକ ଭାବେ ନିଆଯାଉଥିବା ଗୋରୁଙ୍କୁ ସ୍ଥାନୀୟ ଲୋକେ ଓହ୍ଲାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋ ସହିତ ଡ୍ରାଇଭରଙ୍କୁ ଥାନାକୁ ନେଇ ଅଟକ ରଖିଛି।

## ଅସହ୍ୟ ଥଣ୍ଡାରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଧାମନଗର,୩୧।୧୨(ଡି.ଏନ.ଏ.): ଅସହ୍ୟ ଥଣ୍ଡା ଯୋଗୁ ଭଦ୍ରକ ଜିଲା ଧାମନଗର ଥାନା ଆନନ୍ଦପୁର ପଞ୍ଚାୟତ ଉତେଇପୁର ଗ୍ରାମର ଜଣେ ଅସହାୟ ବୃଦ୍ଧଙ୍କ ମଙ୍ଗଳବାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅଚ୍ୟୁତାନନ୍ଦ ପରିଡ଼ା (୬୧)। ସେ ଏକାକୀ ଏକ ଝାଟିମାଟି ଘରେ ରହୁଥିଲେ। ପ୍ରବଳ ଥଣ୍ଡା ଯୋଗୁ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ମୃତ୍ୟୁ ଖବରପାଇ ଆରଆଇ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

## ■ ନାମ ପଞ୍ଜୀକରଣରେ ଅନିୟମିତତା

# ପ୍ରତିବାଦରେ ଧାରଣା ଦେଲେ ଚାଷୀ

**ସଜନାଗଡ଼,୩୧।୧୨(ଡି.ଏନ.ଏ.)**

ନାମ ପଞ୍ଜୀକରଣରେ ଅନିୟମିତତା ପ୍ରତିବାଦରେ ମଙ୍ଗଳବାର ବାଲେଶ୍ୱର ଜିଲା ନୀଳଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି। ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଚନ୍ଦନ ରାଉତ, ସରୋଜ ବେହେରା, ନାଗେନ୍ଦ୍ର ବେହେରା, ପତିତପାବନ ମହାନ୍ତି, ଯଶୋଦାନନ୍ଦନ ସିଂହ, ଉଗ୍ରସେନ ଦାସ, ପୁରୁଷୋତ୍ତମ ସାହୁ, ଅନାଦି ରାଉତ ଓ ଭୋଳାନାଥ ବେହେରା ପ୍ରମୁଖ ଯୋଗଦେଇଛନ୍ତି। ଅପରାହ୍ନ ୨ଟା ବେଳେ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା ଧାରଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ନୀଳଗିରିର ବିଡ଼ିଓ ରାମଦାସ ଟୁଡୁ, ଏସ୍‌ଡ଼ିପିଓ ଅମୂଲ୍ୟ କୁମାର ଧର ଉପସ୍ଥିତ ଥିଲେ। ଉପଜିଲାପାଳ ୭ ଦିନ ମଧ୍ୟରେ ଦାବି ପୂରଣ ଲାଗି ପ୍ରତିଶ୍ରୁତି ଦେଇଥିଲେ। ବାଦ୍ ପଡ଼ିଥିବା ଚାଷୀଙ୍କ ନାମ ପଞ୍ଜୀକରଣ ପାଇଁ ଜିଲାପାଳଙ୍କ ସହିତ ଯୋଗାଯୋଗ





ଚାଷୀମାନେ ଧାରଣାରେ ବସିଛନ୍ତି।

କରିବେ ବୋଲି କହିଥିଲେ।

ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଗତ ଖରିଫ ଋତୁରେ ବର୍ଷାଭାବ ସାଙ୍ଗକୁ 'ବୁଲ୍‌ବୁଲ୍' ବାତ୍ୟା, ଧାନରେ ପୋକ ଉପଦ୍ରବ, ହାତୀପଲଙ୍କ ଉପଦ୍ରବ କାରଣରୁ ବହୁ ଫସଲ ନଷ୍ଟ ହୋଇଛି। ଏହା ସତ୍ତ୍ୱେ ଚାଷୀ ଯାହା କିଛି ଧାନ ଅମଳ କରିଥିଲେ ତାକୁ ମଣ୍ଡିରେ ବିକ୍ରି ଲାଗି ନାମ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ହେଲେ ୨୯୯ ଚାଷୀ ପଞ୍ଜୀକରଣ ତାଲିକାରୁ ବାଦ୍ ପଡ଼ିଥିବାରୁ ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି। ମାତ୍ର ଏହି ସମୟ ମଧ୍ୟରେ ପଞ୍ଜୀକରଣ କରାଯାଇ ନ ଥିବାରୁ ପ୍ରତିବାଦରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛନ୍ତି।

## ଟ୍ୟାଙ୍କର ଚାଳକଙ୍କୁ ମାଡ଼ ମାରି ଟଙ୍କା ଲୁଟ୍

**ରେମୁଣା, ୩୧।୧୨(ଡି.ଏନ.ଏ.):** ଗଣେଶ୍ୱରପୁର-ବାଲଗୋପାଳପୁର ବାଇପାସ ରାସ୍ତାରେ ଟ୍ରକ୍, ଟ୍ୟାଙ୍କର ଚାଳକଙ୍କ ଉପରେ ବେଆଇନ ଚାନ୍ଦା ଆଦାୟକାରୀଙ୍କ ଜୁଲମ ଦିନକୁ ଦିନ ବଢ଼ିବାରେ ଲାଗିଛି। ସୋମବାର ରାତିରେ ଏଭଳି ଏକ ଘଟଣାରେ ରେମୁଣା ପୋଲିସ ଜଣକୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ରେମୁଣା ଥାନା ଗଡ଼ପୁରର ବିଦ୍ୟାଧର ଚୌଧୁରୀ ଇମାମୀ ପେପର ମିଲ୍‌ସରୁ ଟ୍ୟାଙ୍କରରେ କେମିକାଲ ବୋଝେଇ କରି କୋଲକତା ଯାଉଥିଲେ। ବେଗମପୁର ଗାଁର ଜଗନ୍ନାଥ ନାୟକ ଏବଂ ଗୌରପୁର ଗାଁର ଫକ ମହାରଣା ତାଙ୍କୁ ଅଟକାଇ ୧୪ ହଜାର ଟଙ୍କା ଏବଂ ମୋବାଇଲ ଲୁଟି ନେବା ସହ ଟ୍ୟାଙ୍କର ଆଗ କାଚକୁ ପିଟି ଭାଙ୍ଗି ଦେଇଥିଲେ। ପୋଲିସ ଅଭିଯୋଗ ହେବା ପରେ ପୋଲିସ ଜଗନ୍ନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଫକ ଫେରାର ଅଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ